# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅଗଷ୍ଟ ୨୫/୨୦୧୮ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, August 25/ 2018 (Career & Appointment) ★★

୧୪ଶ ଭାଗ ୨୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ମିଡିଆ ଗୁଜବକୁ ଭୟ କରେନାହିଁ: ଆଲିଆ**

ରଣବୀରଙ୍କ ସହ ସମ୍ପର୍କକୁ ନେଇ ଯେଉଁଭଳି ଗୁଜବ ପ୍ରଚାର କରାଯାଉଛି ସେଥିପାଇଁ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଆଦୌ ବିଚଳିତ ନ ଥିବା ପ୍ରକାଶ କରିଛନ୍ତି। ୦୯

୧୫ **ଦେବାଶିଷ ଜାତୀୟ ଜୁନିୟର ଚୟନକର୍ତ୍ତା**

ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଓଡ଼ିଶାର ଦେବାଶିଷ ମହାନ୍ତି ଜାତୀୟ ଜୁନିୟର କ୍ରିକେଟ ଦଳର ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି।




DSPL-134



ପୁଞ୍ଜିନିବେଶ ପାଇଁ ଦେଶର ଏକ ପ୍ରମୁଖ ସ୍ଥାନ ରୂପେ ଓଡ଼ିଶା କ୍ରମାଗତ ଭାବେ ରହିଆସିଛି। କେବଳ ପୁଞ୍ଜିନିବେଶ କାହିଁକି, ଓଡ଼ିଶା ଏବେ ସଂଖ୍ୟାଧିକ ଗୌରବର ଅଧିକାରୀ। ଓଡ଼ିଶା ଏବଂ ଓଡ଼ିଶାବାସୀ ହାସଲ କରିଥିବା କୃତିତ୍ୱର ଏହି ସଫଳ କାହାଣୀଗୁଡ଼ିକୁ ମୁଁ ଆପଣଙ୍କ ସମ୍ମୁଖରେ ସଗର୍ବେ ଉପସ୍ଥାପନ କରୁଛି। ଆସନ୍ତୁ, ଓଡ଼ିଶାର ଏହି ବିଜୟ ଯାତ୍ରାରେ ସାମିଲ୍ ହେବା।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କର ଉପଲବ୍ଧି ଓ ସଫଳତାକୁ ମାନ୍ୟତା ଦେବାପାଇଁ ଏକ ନୂତନ ଅଭିଯାନ

www.iamodisha.info କିମ୍ବା WhatsApp No.7978927908 ଜରିଆରେ ନିଜର ଏବଂ ନିକଟତମ ଲୋକଙ୍କର ଏହି ଅଭିଯାନ ସମ୍ପର୍କିତ ଆଲେଖ୍ୟ ସେୟାର୍ କରି ଏହି ଅଭିଯାନରେ ସାମିଲ ହୁଅନ୍ତୁ। ମେକ୍ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୧୮ ଅବସରରେ ସବୁଠାରୁ ପ୍ରେରଣାଦାୟୀ ଏବଂ ପ୍ରଭାବଶାଳୀ ଆଲେଖ୍ୟକୁ ସମ୍ମାନିତ କରାଯିବ।

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

Download Mobile App 'MakeInOdisha' from Follow us on

14005/13/0025/1819


# ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

ଭୁବନେଶ୍ୱର, ୨୪।୮(ବ୍ୟୁରୋ):- ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ ଆସନ୍ତା ଶିକ୍ଷାବର୍ଷରୁ ଅର୍ଥାତ୍ ୨୦୧୯ରୁ ସୁପର ସ୍ପେଶିଆଲିଷ୍ଟ ଡାକ୍ତରୀ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ। ମାଷ୍ଟର ଡିଗ୍ରୀ ଆଣ୍ଡ୍ ମାଷ୍ଟର ଅଫ୍ ସର୍ଜରି(ଏମ୍‌ଡି ଆଣ୍ଡ୍ ଏମ୍‌ଏସ୍)ରେ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବେ। ଏଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଛି ବୋଲି ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶିକା ବି. ଗୀତାଞ୍ଜଳି କହିଛନ୍ତି।ଶନିବାର ଏମ୍ସ



ପ୍ରଥମ ସମାବର୍ତ୍ତନ ଉତ୍ସବ ପାଳନ କରିବ। ଏ ନେଇ ଶୁକ୍ରବାର ଏମ୍ସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶିକା ବି. ଗୀତାଞ୍ଜଳି କହିଥିଲେ, ଉତ୍ସବରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଯୋଗଦେବେ। ଏହି ଅବସରରେ ୫ ଛାତ୍ରୀଛାତ୍ରଙ୍କୁ ୨୪ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏମ୍‌ବିବିଏସ୍‌ରେ ୩ ଛାତ୍ରୀଛାତ୍ର ଥିବାବେଳେ ବି.ଏସ୍ ନର୍ସିଂରେ ୨ ଛାତ୍ରୀଛାତ୍ରଙ୍କୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପାର୍ଶ୍ୱପ୍ରବେଶକୁ ବିରୋଧ**

**ଆଜିର ମନ୍ତବ୍ୟ**

" ମୁଁ ହୃଦୟର କଥା କୁହେ, କାରଣ ମନ କଥା କହିବା ଢାଞ୍ଚା ଅନ୍ୟ କାହା ପାଖରେ ଅଛି।

-ଶତ୍ରୁଘ୍ନ ସିହ୍ନା, ଭାଜପା ଏମ୍‌ପି


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 30,500/- 10gm.
Gold 22 CT - ₹ 29,500/- 10gm.
Silver Rate - ₹ 380/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 24.08.2018 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers




ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଭୁବନେଶ୍ୱରଠାରେ ଆୟୋଜିତ ସର୍ବଦଳୀୟ ପ୍ରାର୍ଥନା ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନାରତ। (ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା-୨)

# ବିଧାନ ପରିଷଦ ପ୍ରସ୍ତାବକୁ ମୋହର

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ରାଜ୍ୟ ସରକାର ବିଧାନ ପରିଷଦ ଗଠନ ପାଇଁ ଆଉ ଦୁଇପାଦ ଆଗେଇଛନ୍ତି। ଉଚ୍ଚସଦନର ରୂପରେଖ କିପରି ହେବ ସେ ନେଇ ମଧ୍ୟ ଶେଷ ସ୍ପର୍ଶ ଦିଆଯାଇଛି। ବିଧାନ ପରିଷଦ ଗଠନ ପାଇଁ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଅନୁମୋଦନ ପରେ ଆସନ୍ତା ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ଏ ନେଇ ଏକ ସଂକଳ୍ପ ପାରିତ କରାଯିବ। ପରେ ଭାରତୀୟ ସମ୍ବିଧାନର ଧାରା ୧୬୯ ଅନୁଯାୟୀ ପାର୍ଲାମେଣ୍ଟର ଅନୁମୋଦନ ପାଇଁ ଏହାକୁ ପଠାଯିବ। ପାର୍ଲାମେଣ୍ଟରେ ଏ ନେଇ ଏକ ବିଲ୍ ଆଗତ ହେବ। ପାର୍ଲାମେଣ୍ଟର ଅନୁମୋଦନ ପରେ ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଯିବ। ରାଷ୍ଟ୍ରପତି ଏହା ଉପରେ ମୋହର ମାରିବା ପରେ ବିଧାନ ପରିଷଦ ଗଠନ ପ୍ରକ୍ରିୟା ରାଜ୍ୟ ସରକାର ଆରମ୍ଭ କରିବେ। ଏହା ଏକ ଲମ୍ବା ପ୍ରକ୍ରିୟା ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପରିଷଦ ଗଠନ କରିବା ପାଇଁ ଲକ୍ଷ୍ୟ ରଖିଥିବା କୁହାଯାଉଛି। ଆସନ୍ତା ବିଧାନସଭାରେ ପରିଷଦ ଗଠନ ନେଇ ସର୍ବସମ୍ମତ ସଂକଳ୍ପ ଗୃହୀତ କରାଇ କେନ୍ଦ୍ର ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିବାକୁ ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି।

**କ୍ୟାବିନେଟ ନିଷ୍ପତ୍ତି**

- ଆସନ୍ତା ବିଧାନସଭା ଅଧିବେଶନରେ ଆସିବ ସଂକଳ୍ପ
- ୬ ବର୍ଷ କାର୍ଯ୍ୟକାଳ,୪୯ ସଭ୍ୟ ରହିବେ
- ଏହା ଏକ ଥଇଥାନ ସଂସ୍ଥା ହେବ: କଂଗ୍ରେସ

କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ରାଜ୍ୟରେ ବିଧାନ ପରିଷଦ ଗଠନ ପାଇଁ ରାଜ୍ୟ ସରକାର ବିଧାୟକ ନୃସିଂହ ସାହୁଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ଟିମ୍ ଗଠନ କରିଥିଲେ। ଏହି ଟିମ୍‌ରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ମନୋହର ରନ୍ଧାରୀ, କଂଗ୍ରେସ ବିଧାୟକ ଭୁଜବଳ ମାଝି ଏବଂ ଭାଜପା ବିଧାୟକ ନୀତିଶ ଗଙ୍ଗଦେବ ସଦସ୍ୟ ରହିଛନ୍ତି। ସେମାନେ ୪ଟି ରାଜ୍ୟ କର୍ଣ୍ଣାଟକ, ବିହାର, ମହାରାଷ୍ଟ୍ର ଓ ତେଲେଙ୍ଗାନା ଗସ୍ତ କରି ସେଠାରେ ଥିବା ବିଧାନ ☞ପୃଷ୍ଠା-୪

■ଜୀବନ ବଞ୍ଚାଇବାକୁ ଯାଇ ଜୀବନ ଗଲା

# ଟ୍ରେନ୍ ଧକ୍କାରେ ମାଈଁ, ଭଣଜା ମୃତ

ବେଲପାହାଡ଼,୨୪।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ନୂଆପଡ଼ା ବସ୍ତିରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ଟ୍ରେନ୍ ଧକ୍କାରେ ଜଣେ ମହିଳା ଓ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେବୀ ଗୁପ୍ତା (୪୫) ଓ ତାଙ୍କ ଭଣଜା ନିଖିଲ ଗୁପ୍ତା (୫)। ଟ୍ରେନ୍ ଦେଖିବା ପାଇଁ ଶୁକ୍ରବାର ସକାଳେ ନିଖିଲ ଘର ନିକଟ ରେଳ ଧାରଣା ଆଡ଼କୁ ଧାଇଁ ପଳାଇଥିଲେ। ଏହି ସମୟରେ ଦ୍ରୁତଗତିରେ ଅହମ୍ମଦାବାଦ ଏକ୍ସପ୍ରେସ୍ ଟ୍ରେନ ମାଡ଼ି ଆସୁଥିଲା। ଟ୍ରେନ ହର୍ନ ଶୁଣି ଦେବୀ ନିଖିଲଙ୍କୁ ବଞ୍ଚାଇବା ପାଇଁ ରେଳ ଧାରଣା ଉପରକୁ ଦୌଡ଼ିଥିଲେ। ହେଲେ ଉଭୟଙ୍କ ପାଇଁ ମୃତ୍ୟୁ ଖୁବ୍ ନିକଟତର ହୋଇପଡିଥିଲା। ଟ୍ରେନ୍ ଧକ୍କାରେ ଦୁହେଁ କିଛିଦୂର ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଦେବୀଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ନିଖିଲଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଟିଆର୍‌ଏଲ୍ ହସ୍ପିଟାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଏ ସଂକ୍ରାନ୍ତରେ ବ୍ରଜରାଜନଗର ଜିଆର୍‌ପି ଥାନାରେ ଏକ ମାମଲା (ନଂ ୩୪/୨୦୧୮) ରୁଜୁ ହୋଇଛି। ଜିଆର୍‌ପି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ପଠାଇଛି। ଏହି ଘଟଣା ନୂଆପଡ଼ା ବସ୍ତି ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ବେବୀଙ୍କ ଜଣେ ସମ୍ପର୍କୀୟଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ବେଲପାହାଡ଼ ନୂଆପଡ଼ାରେ ରହୁଥିବା ଲାଲ୍‌ଜୀ ଗୁପ୍ତାଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଏକ ଏକୋଇଶିଆ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେବା ପାଇଁ ଲାଲଜୀଙ୍କ ଭିଣୋଇ ଧନଞ୍ଜୟ ଗୁପ୍ତା ଓ ତାଙ୍କ ପରିବାର ବ୍ରଜରାଜନଗର ଲମଟିବାହାଲରୁ ଏଠାକୁ ଆସିଥିଲେ। ଭୋଜି ସରିବା ପରେ ଧନଞ୍ଜୟ ବ୍ରଜରାଜନଗର ଫେରିଯାଇଥିଲେ। ରବିବାର ରକ୍ଷାବନ୍ଧନ ଥିବାରୁ ଧନଞ୍ଜୟଙ୍କ ସ୍ତ୍ରୀ (ଲାଲଜୀଙ୍କ ଭଉଣୀ) ଓ ପୁଅ ନିଖିଲ ଲାଲଜୀଙ୍କ ଘରେ ରହିଯାଇଥିଲେ।

■ ମହିଳାଙ୍କ ଉପରକୁ ମାଡ଼ିଲା ଭାଜପା ଏମ୍‌ପିଙ୍କ ଗାଡ଼ି

# ଜଣେ ମୃତ, ଜଣେ ଗୁରୁତର

ଗୁଣ୍ଟୁର,୨୪।୮

ଦୁଇଜଣ ମହିଳାଙ୍କ ଉପରକୁ ମାଡ଼ିଗଲା ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ଜି.ଭି.ଏଲ୍. ନରସିଂହ ରାଓଙ୍କ ଗାଡ଼ି। ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲା ଅନ୍ତର୍ଗତ ତାଡେପଲ୍ଲୀ ନିକଟବର୍ତ୍ତୀ କୋଲାନୁକୋଣ୍ଡା ଗ୍ରାମରେ ଶୁକ୍ରବାର ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଜଣେ ମହିଳା ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପ୍ରାଥମିକ ରିପୋର୍ଟ ମୁତାବକ, ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାବେଳେ ଡ୍ରାଇଭର ଜଣକ ଭାରସାମ୍ୟ ହରାଇ ପଥଚାରୀଙ୍କ ଉପରକୁ ଚଢ଼ାଇ ଦେଇଥିଲେ। ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଦୁର୍ଘଟଣା ସମୟରେ ଏମ୍‌ପି ନରସିଂହ ମଧ୍ୟ ଗାଡ଼ିରେ ବସିଥିଲେ। ଦୁର୍ଘଟଣା ପରେ ଅନ୍ୟ ଏକ ଗାଡ଼ିରେ ସେ ତୁରନ୍ତ ସେଠାରୁ ଚାଲିଯାଇଥିବା ଜଣାପଡ଼ିଛି।



**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ସପ୍ତାହ ମଧ୍ୟରେ ୩୩.୨ ନିୟୁତ ଡଲାର ହ୍ରାସ ଘଟି ୪୦୦.୮୪୭ ବିଲିୟନ ଡଲାରକୁ ଖସିଛି। ଏହାର ପୂର୍ବବର୍ତ୍ତି ସପ୍ତାହରେ ଏଥିରେ ୧.୮୨୨ ବିଲିୟନ ଡଲାର ହ୍ରାସ ଘଟି ୪୦୦.୮୮୧ ବିଲିୟନ ଡଲାର ରହିଥିଲା। **- ଆର୍‌ବିଆଇ ତଥ୍ୟ**






ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବନାବିରା ଗୁଳିକାଣ୍ଡ ୨ ଜଣଙ୍କୁ ହାଇକୋର୍ଟରୁ ଜାମିନ

କଟକ ଅଫିସ, ୨୪।୮: ବନାବିରା ଗୁଳିକାଣ୍ଡ ମାମଲାରେ ଗିରଫ ଜୟପ୍ରକାଶ ଅଗ୍ରୱାଲ ଓ ନାରାୟଣ ପ୍ରଧାନଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ ଉକ୍ତ ମାମଲାରେ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଓ ବବୁଲ ନାୟକଙ୍କୁ ହାଇକୋର୍ଟ ଜାମିନ ଦେଇଥିଲେ। ସୂଚନାଥାଉ କି, ବିଜେପୁର ଉପନିର୍ବାଚନ ସମୟରେ ଉକ୍ତ ଘଟଣାଟି ଘଟିଥିଲା।
ନିର୍ବାଚନ ପୂର୍ବ ରାତିରେ ବନାବିରା ନିକଟରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇ ସୁବ୍ରତ ସିଂଙ୍କ ଗାଡ଼ିର ଡ୍ରାଇଭର ଦିଲେଶ୍ୱର ସାହୁଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ଭାଜପା ନେତା ଜୟନାରାୟଣଙ୍କ ସମେତ ଅନ୍ୟ କେତେଜଣଙ୍କୁ ଗିରଫ କରିଥିଲା।

### ଗଣେଶ ପୂଜା ଚାନ୍ଦା ଆଦାୟ କରି ୨ ଗିରଫ

ସମ୍ବଲପୁର, ୨୪।୮ (ବ୍ୟୁରୋ): ଗଣେଶ ପୂଜା ନିମନ୍ତେ ଚାନ୍ଦା ମାଗୁଥିବା ବେଳେ ବୁର୍ଲା ପୋଲିସ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବୁର୍ଲା ଥାନା ଅନ୍ତର୍ଗତ ମହତାବ ନଗରର କାଳିଆ ଓରଫ୍ ଅମିତ କୁମ୍ଭାର (୨୩) ଓ ଅର୍ଜୁନ ଛତରିଆ (୨୩) । ତାଙ୍କଠାରୁ ଗଣେଷ ପୂଜା ଚାନ୍ଦା ରସିଦ ବହି ସହ ୧୫୦ ଟଙ୍କା ଜବତ କରାଯାଇଥିବା ବୁର୍ଲା ପୋଲିସ ସୂଚନା ଦେଇଛି ।

# ‘ରାଜନୈତିକ ସହନଶୀଳତାର ଅନନ୍ୟ ପ୍ରତୀକ ବାଜପେୟୀ’

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଆୟୋଜିତ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭାରେ ଶୁକ୍ରବାର ଦଳମତ ନିର୍ବିଶେଷରେ ବହୁ ନେତାଙ୍କୁ ଏକାଠି ଦେଖିବାକୁ ମିଳିଛି। ଗୋଟିଏ ସ୍ଥାନରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଧର୍ମେନ୍ଦ୍ର ପ୍ରଧାନ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଏକତ୍ର ଦେଖିବାକୁ ମିଳିଥିଲା। ଏମାନଙ୍କ ସମେତ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଶାସକ ଦଳର ବହୁ ମନ୍ତ୍ରୀ ଓ ବିଧାୟକ, ବାମପନ୍ଥୀନେତାମାନେ ଉପସ୍ଥିତ ଥିଲେ। ସ୍ମୃତିଚାରଣ ଅବସରରେ ବାଜପେୟୀଙ୍କ ବିଷୟରେ ନେତାମାନଙ୍କଠାରୁ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ବାଜପେୟୀଙ୍କ ବିୟୋଗ ଦେଶ ଏବଂ ବ୍ୟକ୍ତିଗତ ଭାବେ ମୋ ପାଇଁ ଏକ ବିରାଟ କ୍ଷତି। ମୋ ରାଜନୀତି ଜୀବନର ପ୍ରାରମ୍ଭିକ ସମୟରେ ବାଜପେୟୀଙ୍କ ସହ ସମ୍ପର୍କ ସବୁଦିନ ପାଇଁ ମନେ ରହିବ। ରାଜନୀତିରେ ଆଦର୍ଶ ଓ ସହନଶୀଳତାର ସେ ଥିଲେ ଅନନ୍ୟ ପ୍ରତୀକ। ମେଣ୍ଟ ସରକାର ପରିଚାଳନାର କଳା ତାଙ୍କୁ ଭଲରେ ଜଣା ଥିଲା। ଓଡିଶା ପାଇଁ ତାଙ୍କର ବିଶାଳ ହୃଦୟ ରହିଥିଲା। ଓଡିଶାର ଲୋକମାନେ ମଧ୍ୟ ତାଙ୍କୁ ବହୁତ ଭଲ ପାଉଥିଲେ। ଆମେ ସମସ୍ତେ ତାଙ୍କୁ ହରାଇ ମ୍ରିୟମାଣ। ଆମେ ସମସ୍ତେ ବାଜପେୟୀଙ୍କୁ ସବୁବେଳେ ମନେପକାଇବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ବାଜପେୟୀଙ୍କ ଅସ୍ଥିକଳସ ଦିଲ୍ଲୀରୁ ଆଣି ଆସିବା ପରେ ଗୁରୁବାର ଏକ ବିଶାଳ ଶୋଭାଯାତ୍ରାରେ ନିଆଯାଇ ପୁରୀ ମହୋଦଧିରେ ବିସର୍ଜନ କରାଯାଇଥିଲା। ଶୁକ୍ରବାର ଅପରାହ୍ଣ ୫ଟାରେ ଦଳ ପକ୍ଷରୁ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ସାର୍ବଜନୀନ ଓ ସର୍ବଦଳୀୟ ସ୍ମୃତିଚାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ କହିଥିଲେ ଯେ, ତାଙ୍କ ସହ ମୋର ଦୀର୍ଘଦିନର ସମ୍ପର୍କ। ୧୯୯୯ ମହାବାତ୍ୟା ସମୟରେ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁ ଘଟିଥିଲା, ଲୋକମାନଙ୍କ ଘରଦ୍ୱାର ଭାଙ୍ଗିଗଲା, ୧୪ ଜିଲା ବହୁମାତ୍ରାରେ ପ୍ରଭାବିତ ହୋଇଥିବା କଥା ବାଜପେୟୀ ଜାଣିବା ପରେ ଓଡିଶାକୁ ନବନିର୍ମାଣ କରାଯିବ ବୋଲି କହିଥିଲେ। ରାଜ୍ୟକୁ ୭ଲକ୍ଷ ଇନ୍ଦିରାଆବାସ ଦେବା ସହ ସ୍ୱତନ୍ତ୍ର ସହାୟତା ଯୋଗାଇ ଦେଇଥିଲେ। ଗୁପ୍ତଭାବେ ପରମାଣୁ ବୋମା ବିସ୍ଫୋରଣ କରି ସେ ଦେଶର ଶକ୍ତି ସମ୍ପର୍କରେ ବିଶ୍ୱରେ ପ୍ରମାଣିତ କରିଥିଲେ। ଏହାପର ଠାରୁ ଆମେରିକା ଏବଂ ଅନ୍ୟ ଦେଶଗୁଡିକ ଭାରତକୁ ଅଧିକ ସମ୍ମାନ ଦେବା ଆରମ୍ଭ କରିଥିଲେ ବୋଲି ସେ କହିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ବାଜପେୟୀ ଥିଲେ ଭାରତର ରାଜନୈତିକ ଆକାଶର ଦ୍ୱିତୀୟ ଧ୍ରୁବତାରା। ଧ୍ରୁବତାରା ଦେଖି ଯେପରି ଦିଗ ଜାଣି ହୁଏ ସେପରି ବାଜପେୟୀଙ୍କୁ ଅନୁସରଣ କରି ଦଳମତ ନିର୍ବିଶେଷରେ ଆମେ ସମସ୍ତେ ରାଜନୈତିକ ଶିଷ୍ଟାଚାର, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ରାଷ୍ଟ୍ରୀୟବାଦ ଜାଣୁଥିଲୁ। କ୍ଷମତାରେ ରହି ମଧ୍ୟ ସେ କ୍ଷମତାରୁ ନିଜକୁ ଦୂରେଇ ରଖିବାରେ ନିପୁଣ ଥିଲେ। ଭଲ ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କୁ କ୍ଷମତାଶାଳୀ ହେବା ଦରକାର ପଡି ନ ଥିଲା। ସେ ଥିଲେ ଜଣେ ଅଜାତଶତ୍ରୁ। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେବା ବାଜପେୟୀଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ନିରଞ୍ଜନ କହିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଥିଲେ, ୩ଟି ଘଟଣା ମୋର ସବୁବେଳ ପାଇଁ ମନେରହିବ। ମଧୁସୂଦନ ଲ କଲେଜରେ ଛାତ୍ର ଥିଲାବେଳେ ବାଜପେୟୀ ସେଠାକୁ ଆସିଥିଲେ। ସେଠାରେ ତାଙ୍କ ଭାଷଣ ଶୁଣିବାକୁ ସୁଯୋଗ ମିଳିଥିଲା। ଏହାପରେ ଜାଣିବାକୁ ମିଳିଥିଲା, ତାଙ୍କର ଏବଂ ମୋର ଚିନ୍ତାଧାରା ସମ୍ପୂର୍ଣ୍ଣ ଭିନ୍ନ। ମାତ୍ର ତାଙ୍କ ଭାଷଣ ମୋ ଉପରେ ବହୁ ପ୍ରଭାବ ପକାଇଥିଲା। ପଶ୍ଚିମ ଓଡିଶାରେ ମରୁଡି ଭୟଙ୍କର ସ୍ଥିତି ସୃଷ୍ଟି କରିଥିଲା। ସେତେବେଳେ ବିଧାନସଭା ସଦସ୍ୟ ଥିବାରୁ ତାଙ୍କୁ ଭେଟିବାର ସୁଯୋଗ ପାଇଥିଲି। ସେ କିନ୍ତୁ ସରକାରୀ ରିପୋର୍ଟ ଅନୁଯାୟୀ ଓଡିଶାକୁ ମରୁଡି ସହାୟତା ଦେବାର ଆବଶ୍ୟକତା ନ ଥିବା କହିଲେ। ଫଳରେ ତାଙ୍କୁ ମୁଁ ବହୁ କଟୁ କଥା ଶୁଣାଇଥିଲି। ମାତ୍ର ସେ ରାଗି ନ ଥିଲେ ବରଂ ଆମ ଦାବି ଅନୁଯାୟୀ ସ୍ୱତନ୍ତ୍ର ସାହାଯ୍ୟ ଯୋଗାଇବାକୁ ପଦକ୍ଷେପ ନେଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ବାଜପେୟୀ ଜଣେ ବିଶ୍ୱସ୍ତରୀୟ ନେତା ଥିଲେ। ମହାବାତ୍ୟା ପରେ ଓଡିଶା ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ସେ କ୍ରାନ୍ତିକାରୀ ମନ୍ତବ୍ୟ ଦେଇଥିଲେ। ଓଡିଶାର ପୁନର୍ନିର୍ମାଣ ଲାଗି ଅର୍ଥର ଅଭାବ ରଖି ନ ଥିଲେ। ସ୍ୱାଧୀନତା ପରେ ରାଜ୍ୟରେ ମାତ୍ର ୧୬୦୦ କିମି ଜାତୀୟ ରାଜପଥ ହୋଇଥିବା ବେଳେ ବାଜପେୟୀଙ୍କ ସମୟରେ ଆଉ ୧୬ଶହ କିମି ଜାତୀୟ ରାଜପଥ ହୋଇଥିଲା। ତତ୍କାଳୀନ ପିଡବ୍ଲ୍ୟୁଡି ମନ୍ତ୍ରୀ ସ୍ୱର୍ଗତ ନଳିନୀ ମହାନ୍ତି ସେତେବେଳେ କହିଥିଲେ ଓଡିଶା ପାଇଁ କୌଣସି ପ୍ରଧାନମନ୍ତ୍ରୀ ଏପରି କାମ କରିନାହାନ୍ତି। କଳାହାଣ୍ଡିରେ ମରୁଡି ହୋଇଥିବା ବେଳେ ସେ ଆସି ପରିଦର୍ଶନ କରିଥିଲେ। ପଣ୍ଡିତ ଜବାହରଲାଲ ନେହେରୁଙ୍କ ପରେ ବାଜପେୟୀ ବିଶ୍ୱସ୍ତରୀୟ ନେତାଭାବେ ପରିଗଣିତ। ସ୍ୱାଧୀନତା ପରେ ଦେଶର ସବୁଠାରୁ ବଡ ସମସ୍ୟା କଶ୍ମୀର। କଶ୍ମୀରକୁ ଯଦି କେହି ଭଲରେ ବୁଝିଛନ୍ତି ସେ ହେଉଛନ୍ତି ବାଜପେୟୀ। ପୂର୍ବରୁ ସର୍ବଦଳୀୟ ସ୍ମୃତିସଭାରେ ୩ଜଣ ବ୍ୟକ୍ତିତ୍ୱ ଗୁଲାମନବୀ ଆଜାଦ, ଫାରୁକ୍ ଅବଦୁଲା, ମେହେବୁବା ମୁଫ୍ତି ସମାନ କଥା କହି ଏହାର ପ୍ରମାଣ ଦେଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଦେଶର ମାନ ମର୍ଯ୍ୟାଦା ବୃଦ୍ଧି କରିବାରେ ସେ ମୁଖ୍ୟ ଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଏମ୍ପି ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।



ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭାରେ ଉପସ୍ଥିତ ବିଭିନ୍ନ ଦଳର ନେତା ଓ ଅନ୍ୟମାନେ।

# ମହିଳାମାନେ ଦଳର ମୂଳଭିତ୍ତି

### ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ମହିଳାମାନେ ଦଳର ମୂଳଭିତ୍ତି। ସେମାନଙ୍କ ଉଦ୍ୟମ ଯୋଗୁ ହିଁ ବିଜୁ ଜନତା ଦଳର ଆଦର୍ଶ ଏବଂ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚିପାରିଛି। ମହିଳାଙ୍କ ବିକାଶ ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି।
ବିଜୁ ମହିଳା ଜନତା ଦଳ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକାରିଣୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନାରୀ ସଶକ୍ତୀକରଣ ହିଁ ବିକାଶକୁ ତ୍ୱରାନ୍ୱିତ କରିଛି। ମିଶନ୍ ଶକ୍ତି ଯୋଜନା ମାଧ୍ୟମରେ ୧ ପ୍ରତିଶତ ସୁଧରେ ଋଣ ଦିଆଯାଉଛି। ଏହି ଯୋଜନା ସଫଳତାର ସହ ମହିଳାଙ୍କୁ ସଶକ୍ତ କରିଛି। ଅଗଷ୍ଟ ୧୫ରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରାଯାଇଛି। ମହିଳାଙ୍କ ସୁବିଧା ପାଇଁ ବାର୍ଷିକ ସ୍ୱାସ୍ଥ୍ୟ ସହାୟତା ରାଶି ୫ ଲକ୍ଷରୁ ୭ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ଲାଗୁ କରିବାକୁ ଯାଉଛନ୍ତି। ସେପ୍ଟେମ୍ବର ୨୪ରୁ ୩୦ ମଧ୍ୟରେ ସବୁ ନିର୍ବାଚନମଣ୍ଡଳୀରେ ମହିଳା ସମାବେଶ ଆୟୋଜନ କରାଯିବ। ଦଳ ପକ୍ଷରୁ ପ୍ରତିବର୍ଷ ହେଉଥିବା ପଦଯାତ୍ରାରେ ଗୋଟିଏ ଦିନ ସ୍ୱତନ୍ତ୍ର ଭାବେ କେବଳ ମହିଳାଙ୍କୁ ନେଇ ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ବକ୍ତବ୍ୟ ଶେଷରେ ନବୀନ କାର୍ଯ୍ୟକାରିଣୀରେ ଉପସ୍ଥିତ ଥିବା ସମସ୍ତ ମନ୍ତ୍ରୀ , ବିଧାୟିକା ଏବଂ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।
ସାଧାରଣ ନିର୍ବାଚନକୁ ୮ ମାସରୁ କମ୍ ସମୟ ଥିବାବେଳେ ମହିଳା ସଙ୍ଗଠନକୁ ସୁଦୃଢ କରିବା ପାଇଁ ଦଳ କାର୍ଯ୍ୟକାରିଣୀ ଆୟୋଜନ କରିଥିବା ଜଣାପଡିଛି। ବିଜୁ ମହିଳା ବିଜେଡିର କର୍ମକର୍ତ୍ତା ଏବଂ ଅନ୍ୟ ନେତୃବୃନ୍ଦ ଉଭୟ କଂଗ୍ରେସ ଓ ଭାଜପା ବିରୋଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ମିଶନ୍ ଶକ୍ତି ହେଉ ମମତା ଯୋଜନା ରାଜ୍ୟର ଲକ୍ଷ ଲକ୍ଷ ମହିଳାଙ୍କ ଉନ୍ନତିରେ ସହାୟକ ହୋଇଛି। ଗ୍ରାମାଞ୍ଚଳର ନାରୀଟିଏ ଆଜି ଅର୍ଥନୈତିକ ସ୍ୱାଧୀନତା ଉପଭୋଗ କରିପାରୁଛି। ଆଇନଶୃଙ୍ଖଳା ସ୍ଥିତିରେ ପରିବର୍ତ୍ତନ ଆସିଛି। କେନ୍ଦ୍ର ସରକାର ବଡ ବଡ କଥା କହୁଥିଲେ ମଧ୍ୟ ଦେଶରେ ମହିଳାମାନେ ଅସୁରକ୍ଷିତ ବୋଲି ରିପୋର୍ଟ ଆସିଛି। ତେଣୁ ରାଜ୍ୟରେ ମହିଳାଙ୍କ ବିକାଶର ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ନବୀନବାବୁଙ୍କୁ ପୁନଃ ନିର୍ବାଚିତ କରିବା ଆବଶ୍ୟକ ବୋଲି ପ୍ରମିଳା କହିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଗତ ଦିନର କଂଗ୍ରେସ ଶାସନ ଏବଂ ବର୍ତ୍ତମାନର ବିଜେଡି ଶାସନ ମଧ୍ୟରେ ତୁଳନାତ୍ମକ ଚିତ୍ର ରଖିଥିଲେ। ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ରାଜଶ୍ରୀ ମଲିକ ପ୍ରମୁଖ କେନ୍ଦ୍ର ଅବହେଳା ସମ୍ପର୍କରେ ମତ ରଖିଥିଲେ। ପୂର୍ବାହ୍ଣରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଅଞ୍ଚଳର କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ। ଆଲୋଚନା ପରେ ୬ଟି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବଗୁଡିକ ହେଉଛି– ତୃଣମୂଳ ସ୍ତରରେ ଦଳୀୟ ବାର୍ତ୍ତାର ପ୍ରଚାର, ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ଉପରେ ଗୁରୁତ୍ୱ, କୃଷି କ୍ଷେତ୍ରରେ ମହିଳା ଚାଷୀଙ୍କୁ ଗୁରୁତ୍ୱ, ରାଜନୈତିକ ସଶକ୍ତୀକରଣ, ଦଳୀୟ ସଭ୍ୟ ସଂଖ୍ୟା ବୃଦ୍ଧି ଏବଂ ମହାନଦୀ ଆନ୍ଦୋଳନକୁ ତୀବ୍ରତର କରିବା।





ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଦଳର ମହିଳା କର୍ମୀମାନେ ପୁଷ୍ପମାଲ୍ୟ ପ୍ରଦାନ କରୁଛନ୍ତି।

**ଫୋକସ୍‌ରେ ସାଧାରଣ ନିର୍ବାଚନ**

- ସେପ୍ଟେମ୍ବର ୨୪ରୁ ୩୦ ପ୍ରତି ନିର୍ବାଚନମଣ୍ଡଳୀରେ ମହିଳା ସମାବେଶ
- ମହିଳାଙ୍କୁ ନେଇ ଗୋଟିଏ ଦିନ ସ୍ୱତନ୍ତ୍ର ପଦଯାତ୍ରା
- ମିଶନ୍ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ମମତା ଯୋଜନା ଆଣିଛି ସଫଳତା

### କଳଙ୍କିତ ହେଲା ପବିତ୍ର ସମ୍ପର୍କ

## ଝିଅାରୀଙ୍କୁ ବଳାତ୍କାର କରି ପୋଲିସ ଏଏସ୍ଆଇ ଗିରଫ

ଭାପୁର,୨୪।୮(ଡି.ଏନ୍.ଏ.)

ଦାଦା ଝିଅାରୀ ଭଳି ପବିତ୍ର ସମ୍ପର୍କରେ ଲାଗିଛି କଳଙ୍କର ଛିଟା। ଏଭଳି ଲଜ୍ଜାଜନକ ଘଟଣା ଘଟିଛି ନୟାଗଡ଼ ଜିଲା ଫତେଗଡ ଥାନା ଅଞ୍ଚଳରେ। ଜଣେ ପୋଲିସ ଅଫିସର ତାଙ୍କ ଝିଅାରୀଙ୍କୁ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଶୁକ୍ରବାର ଅଭିଯୁକ୍ତ ଦାଦାଙ୍କୁ ଗିରଫ କରିଛି।
ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲା ବାଣିଗୋଛା ଥାନାରେ ଏଏସ୍ଆଇ ଭାବେ କାର୍ଯ୍ୟରତ ଅଛନ୍ତି ବ୍ରଜବନ୍ଧୁ ମଲ୍ଲିକ (୫୦)। ସେ ଫତେଗଡ ଥାନା ବନମାଳୀପୁର ପଞ୍ଚାୟତ ଅଞ୍ଚଳର ତାଙ୍କ ବଡଭାଇଙ୍କ ନାବାଳିକା ଝିଅଙ୍କୁ ବିଭିନ୍ନ ସମୟରେ ବଳାତ୍କାର କରିଆସୁଥିଲେ। ଫଳସ୍ୱରୂପ ନାବାଳିକା ଜଣକ ଏବେ ୬ ମାସର ଗର୍ଭବତୀ। ଦାଦାଙ୍କ ଏହି ଅନୈତିକ ସମ୍ପର୍କ ନେଇ ନାବାଳିକା ଗୁରୁବାର ନୟାଗଡ ଶିଶୁ ମଙ୍ଗଳ ସମିତିରେ ଅଭିଯୋଗ କରିଥିଲେ। ଶିଶୁ ମଙ୍ଗଳ ସମିତି ସଦସ୍ୟମାନେ ଏ ସମ୍ପର୍କରେ ଏସ୍ପିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏସ୍ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଫତେଗଡ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଫତେଗଡ ଥାନା ଅଧିକାରୀ ଆଶୁତୋଷ ମିଶ୍ର ଶୁକ୍ରବାର ଏ ନେଇ ୧୬୨/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତ ଏଏସ୍ଆଇ ବ୍ରଜବନ୍ଧୁଙ୍କୁ ଗିରଫ କରିଛନ୍ତି। ଉଭୟ ଦାଦା ଓ ଝିଅାରୀଙ୍କ ଡାକ୍ତରୀମାଇନା କରାଇ ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ବ୍ରଜବନ୍ଧୁଙ୍କ ସ୍ତ୍ରୀ ଫତେଗଡ ଥାନାରେ ପହଞ୍ଚି ତାଙ୍କ ସ୍ୱାମୀ ନିର୍ଦ୍ଦୋଷ ଓ ତାଙ୍କୁ ଘରୋଇ କଳି, ଜମିବାଡି ଭାଗବଣ୍ଟାକୁ ନେଇ ମିଥ୍ୟା ମାମଲାରେ ଫସାଯାଇଛି। ତାଙ୍କ ଝିଅାରୀଙ୍କୁ ଯେଉଁ ଅଭିଯୁକ୍ତ ଗର୍ଭବତୀ କରିଛନ୍ତି ତାଙ୍କ ନାମ ଲୁଚାଯାଇଛି ବୋଲି କହିଛନ୍ତି।

## ଏମ୍ସର ବାଲେଶ୍ୱର ସାଟେଲାଇଟ୍ ହସ୍ପିଟାଲ ଶିଳାନ୍ୟାସ ଆଜି

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ଭୁବନେଶ୍ୱର ଏମ୍ସ ପକ୍ଷରୁ ବାଲେଶ୍ୱରରେ ହେବାକୁ ଥିବା ସାଟେଲାଇଟ୍ ହସ୍ପିଟାଲର ଶନିବାର ଶିଳାନ୍ୟାସ ହେବ। ମୁଖ୍ୟଅତିଥି ଭାବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଯୋଗଦେଇ ଏହାର ଶିଳାନ୍ୟାସ କରିବେ। ସମ୍ମାନିତ ଅତିଥିଭାବେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଲେଶ୍ୱର ଏମ୍ପି ରବୀନ୍ଦ୍ର କୁମାର ଜେନା ଏବଂ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହିବେ।
ସୂଚନାଯୋଗ୍ୟ, ବାଲେଶ୍ୱରସ୍ଥିତ ୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବାମପଦାଠାରେ ଏହି ସାଟେଲାଇଟ୍ ହସ୍ପିଟାଲ ନିର୍ମାଣ ହେବ। ଏଥିପାଇଁ କେନ୍ଦ୍ର ସରକାର ୩୪ କୋଟି ଟଙ୍କା ବ୍ୟୟ କରିବେ। ଉକ୍ତ ହସ୍ପିଟାଲ ୩୦୦ ଶଯ୍ୟା ବିଶିଷ୍ଟ ହେବ। ୨୦୧୬ରେ ଏମ୍ସ ଭୁବନେଶ୍ୱରର ପ୍ରଥମ ଗଭର୍ନିଂ ବଡି ବୈଠକରେ ବାଲେଶ୍ୱରରେ ଗୋଟିଏ ସାଟେଲାଇଟ୍ ହସ୍ପିଟାଲ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଆବଶ୍ୟକ ୨୪ ଏକର ଜମି ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ଉକ୍ତ ଜମିରେ ନିର୍ମାଣ ହେବାକୁ ଥିବା ସାଟଲାଇଟ୍ ହସ୍ପିଟାଲ ପାଇଁ ୨୦୧୭ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ୧.୭୯ କୋଟି ଟଙ୍କା ପ୍ରାଥମିକ ଭାବେ ମଞ୍ଜୁର କରାଯାଇଥିଲା। ଅପରପକ୍ଷରେ ସାଟେଲାଇଟ୍ ହସ୍ପିଟାଲ ବିଲଡିଂ ନିର୍ମାଣ ହୋଇ ନ ଥିଲେ ମଧ୍ୟ ସେଠାରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଓପିଡିରେ ରୋଗୀ ସେବା ଉପଲବ୍ଧ ହୋଇଛି। ଆଇଡିଆରର ଏକ କୋଠାରୀରେ ଓପିଡି ଚାଲିଛି। ସପ୍ତାହର ପ୍ରତି ଶନିବାର ଏମ୍ସ ଭୁବନେଶ୍ୱରରୁ ୩ ଜଣ ଡାକ୍ତର ଯାଇ ସେଠାରେ ରୋଗୀ ଦେଖୁଛନ୍ତି।

### ଦଶମ ମହାନଦୀ ଅବବାହିକା ସବ୍ କମିଟି ବୈଠକ

# ଏକାଠି ହେଲେ ଓଡ଼ିଶା-ଛତିଶଗଡ ଯନ୍ତ୍ରୀ

ସମ୍ବଲପୁର/ବୁର୍ଲା,୨୪।୮(ବ୍ୟୁରୋ/ଡି.ଏନ.ଏ.)

- ନଦୀରେ ପଟୁମାଟି ସମସ୍ୟା,ତାର ପ୍ରତିକାର ଉପରେ ଗୁରୁତ୍ୱ
- ନଦୀବନ୍ଧର ସ୍ଥିତି, ଉଭୟ ରାଜ୍ୟର ରୁଲ୍ କର୍ଭ ପରିଚାଳନା ପଦ୍ଧତି ଉପରେ ଆଲୋଚନା

ଜାତୀୟ ବନ୍ଧ ନିରାପତ୍ତା କମିଟି ଗାଇଡଲାଇନ୍ ଅନୁଯାୟୀ ଦଶମ ମହାନଦୀ ଅବବାହିକା ସବ୍ କମିଟିର ବୈଠକ ଶୁକ୍ରବାର ବୁର୍ଲାସ୍ଥିତ ଅଶୋକ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି । ନଦୀରେ ପଟୁମାଟି ସମସ୍ୟା ଓ ଏହାର ପ୍ରତିକାର ଉପରେ ମତ ବିନିମୟ ହୋଇଥିଲା। ଉଭୟ ରାଜ୍ୟ ନଦୀବନ୍ଧର ରୁଲ୍ କର୍ଭ ପରିଚାଳନା ପଦ୍ଧତି ଓ ହୀରାକୁଦ ନଦୀବନ୍ଧର ଉପର ମୁଣ୍ଡରେ ଥିବା ମୁଖ୍ୟ ଓ ମଧ୍ୟମ ନଦୀବନ୍ଧର ସ୍ଥିତି, ଛତିଶଗଡ଼ ରବିଶଙ୍କର ଓ ବେଙ୍ଗୋ ନଦୀବନ୍ଧର ଇଏଟି, ଛତିଶଗଡ଼ ବଡ଼ ନଦୀବନ୍ଧଗୁଡ଼ିକର ସ୍ଥିତି, ଛତିଶଗଡ଼ର ବର୍ଷା, ନଦୀବନ୍ଧ ଗୁଡ଼ିକର ଜଳ ପ୍ରବେଶ, ନିଷ୍କାସନ ସହିତ ଜଳସ୍ତର, ବନ୍ୟା ପୂର୍ବାନୁମାନ, ବର୍ତ୍ତମାନ ଓ ଆଗରୁ ଥିବା ନଦୀବନ୍ଧଗୁଡ଼ିକର ସମନ୍ୱିତ ମାଷ୍ଟର ପ୍ଲାନ ଆଦାନପ୍ରଦାନ, ବ୍ୟାପକ ମୃତ୍ତିକା କ୍ଷୟକୁ ଦୃଷ୍ଟିରେ ରଖି ଛତିଶଗଡ଼ରେ ମୃତ୍ତିକା ସଂରକ୍ଷଣ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଏଥିସହ ନଦୀବନ୍ଧ ସୁରକ୍ଷା ଜନିତ ସମସ୍ତ ପ୍ରସଙ୍ଗ ଉପରେ ସହମତି ପ୍ରକାଶ ପାଇଥିଲା । ଓଡିଶା ଜଳ ସମ୍ପଦ ବିଭାଗ ଯୋଜନା ଓ ନକ୍ସା ସବୋର୍ଚ୍ଚ ଯନ୍ତ୍ରୀ ଗୁଣଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳ ପରିଚାଳନାକୁ ନେଇ ଆଲୋଚନା ହୋଇଥିଲା । ଏଥିରେ ଛତିଶଗଡ ଓ ଓଡିଶାର ଯନ୍ତ୍ରୀମାନେ ଯୋଗ ଦେଇଥିଲେ ।
ଦୁଇ ରାଜ୍ୟ ମହାନଦୀ ଅବବାହିକାରେ ଅବସ୍ଥିତ। ସମସ୍ତ ନଦୀ ବନ୍ଧ ଗୁଡିକର ଅବସ୍ଥା, ଜଳଭଣ୍ଡାରର ରକ୍ଷଣାବେକ୍ଷଣ, ଜଳ ସୁପରିଚାଳନା ଓ ବିଭିନ୍ନ ବିଷୟରେ ତଥ୍ୟ ସୁବିନିଯୋଗ ବିଷୟରେ ଆଲୋଚନା ହୋଇଥିଲା । ହୀରାକୁଦ ନଦୀ ବନ୍ଧର ଉପରମୁଣ୍ଡରେ ଛତିଶଗଡ ରାଜ୍ୟ ଅବସ୍ଥିତ । ସମସ୍ତ ଜଳ ଭଣ୍ଡାରରୁ ନିର୍ଗତ ହେଉଥିବା ଜଳରାଶିର ପରିମାଣ ଓ ଏହାର ସମୟ ହୀରାକୁଦ ବନ୍ଧ ଅଧିକାରୀଙ୍କୁ ସୂଚନା ଦେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଛତିଶଗଡ ରାଜ୍ୟ ମହାନଦୀ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ସଞ୍ଜୟ ଭାଗବତ, ରବିଶଙ୍କର ନଦୀବନ୍ଧର ଅଧୀକ୍ଷଣ ଯନ୍ତ୍ରୀ କିଶାନ ସିଂ ଧ୍ରୁବ, ମିନିମତା ବେଙ୍ଗୋ ନଦୀବନ୍ଧ ଅଧୀକ୍ଷଣ ଯନ୍ତ୍ରୀ ଲିଲାଶଙ୍କର ଚନ୍ଦ୍ରାକର, ନିର୍ବାହୀ ଯନ୍ତ୍ରୀ ଅରୁଣ ତ୍ରିପାଠୀ, ଏଇଇ ଅଭିଷେକ ମିଶ୍ର, ରାଜୀବ ଭାବେ, ତପନ ପାଢ଼ୀ, ପ୍ରତୀକ ଦୀକ୍ଷିତ, ସୁରଜ ଯାଜୋଡ଼ିଆ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଓଡିଶା ପକ୍ଷରୁ ବନ୍ଧ ନିରାପତ୍ତା ମୁଖ୍ୟଯନ୍ତ୍ରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଉପର ମହାନଦୀ ଅବବାହିକା ପରିଚାଳକ ଜ୍ୟୋତିର୍ମୟ ରଥ, ବନ୍ଧ ନିରାପତ୍ତା ନିର୍ଦ୍ଦେଶକ ଅକ୍ଷୟ କୁମାର ଦାଶଙ୍କ ସମେତ ବିଭାଗୀୟ ଅଧିକାରୀମାନେ ବୈଠକରେ ସାମିଲ ଥିଲେ । ଏତଦ୍‌ବ୍ୟତୀତ ହୀରାକୁଦ ଓ ବନ୍ଧ ନିରାପତ୍ତା ସମୀକ୍ଷା ପେନାଲ ସଭ୍ୟ ତଥା ପୂର୍ବତନ ମୁଖ୍ୟଯନ୍ତ୍ରୀ ସୁଧାକର ପତ୍ରି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ହୀରାକୁଦ ମୁଖ୍ୟ ଡ୍ୟାମ୍ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ରାଉତ, ଅଧୀକ୍ଷଣ ଯନ୍ତ୍ରୀ ରାମନାରାୟଣ ମହାନ୍ତି, ନିର୍ବାହୀ ଯନ୍ତ୍ରୀ ବସନ୍ତ ରାଉତ, ଅଧୀକ୍ଷଣ ଯନ୍ତ୍ରୀଙ୍କ ପିଏ ତ୍ରିଲୋଚନ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ସେଠ, କନସଲଟାଣ୍ଟ ଏ.କେ. ଚୌଧୁରୀ ଉପସ୍ଥିତ ଥିଲେ ।



ବୁର୍ଲା ଅଶୋକ ନିବାସରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ଅଧିକାରୀ ।



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିପିବ, କିନ୍ତୁ ସେଠାରେ ସେ ବହୁ କାଳ ପର୍ଯ୍ୟନ୍ତ ନରହିପାରେ।

- ଜର୍ଜ ବର୍ଣ୍ଣାଡ ଶ






# ଝାରସୁଗୁଡ଼ା ଟ୍ରେଜେରିରେ ଭିଜିଲାନ୍ସ ଚଢ଼ାଉ: ବରିଷ୍ଠ କିରାଣି ଗିରଫ

ଝାରସୁଗୁଡ଼ା ଅଫିସ,୨୪।୮

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଝାରସୁଗୁଡ଼ା ଜିଲା ଟ୍ରେଜେରି କାର୍ଯ୍ୟାଳୟର ବରିଷ୍ଠ କିରାଣି ସଚ୍ଚିଦାନନ୍ଦ ପାତ୍ର। ଝାରସୁଗୁଡ଼ା ଭିଜିଲାନ୍ସ ଅଧିକାରୀ ସଚ୍ଚିଦାନନ୍ଦଙ୍କୁ ଗିରଫ କରିବା ସହ ତାଙ୍କ ବାସଭବନ ଓ ଭଡ଼ାଘରେ ଚଢ଼ାଉ କରି ଯାଞ୍ଚ ଚଳାଇଛନ୍ତି। ଝାରସୁଗୁଡ଼ା ଓଏମ୍‌ପି ଅଞ୍ଚଳରେ ରହୁଥିବା ରବିନ କୁମାର ପୁନ୍‌ଙ୍କ ବାପା ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ସିପାହି ଭାବେ କାମ କରୁଥିଲେ। ତାଙ୍କର ମୃତ୍ୟୁ ପରେ ଗ୍ରାଚ୍ୟୁଟି ବିଲ ପାସ୍ କରିବା ପାଇଁ ରବିନ ବାରମ୍ବାର ଟ୍ରେଜେରିକୁ ଦୌଡ଼ୁଥିଲେ। ତେବେ ଏହି କାମ କରିଦେବା ପାଇଁ ପାତ୍ର ରବିନଙ୍କଠାରୁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏ ବାବଦରେ ରବିନ ଗୁରୁବାର ଝାରସୁଗୁଡ଼ା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଶୁକ୍ରବାର କେମିକାଲ ମିଶା ଟଙ୍କା ନେଇ ରବିନ୍ ଟ୍ରେଜେରି ଅଫିସ ଯାଇଥିଲେ। ପାତ୍ରଙ୍କୁ ଟଙ୍କା ଦେଇ ରବିନ୍ ଫେରିବା ମାତ୍ରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଅପରାହ୍ନରେ ପାତ୍ରଙ୍କ ବାସଭବନ, ଭଡ଼ାଘର, କ୍ୱାର୍ଟର୍ସରେ ଭିଜିଲାନ୍ସ ଚଢ଼ାଉ କରି ଛାନ୍‌ଭିନ ଜାରି ରଖିଛି। ଏ ବାବଦରେ ସମ୍ବଲପୁର ଭିଜିଲାନ୍ସରେ ଏକ ମାମଲା (ନଂ. ୫୮/୨୦୧୮) ରୁଜୁ ହୋଇଛି। ଭିଜିଲାନ୍ସ ଝାରସୁଗୁଡ଼ା ଡିଏସ୍‌ପି ଦାଶରଥି ସେଠୀ, ଇନ୍ସପେକ୍ଟର ପ୍ରଦୀପ କୁମାର ଆଇନ୍ଦ, କନଷ୍ଟେବଳ ଗୌରୀଶଙ୍କର ମେହେରଙ୍କ ସମେତ ବରଗଡ଼ ଡିଏସ୍‌ପି ବୀରେନ୍ଦ୍ର କୁମାର ନାଏକ, ଇନ୍ସପେକ୍ଟର ଅଭୟ କୁମାର ପ୍ରଧାନ, ପୁନିତା ପ୍ରଭା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।


ସଚ୍ଚିଦାନନ୍ଦ ପାତ୍ର




# ଶୋଇବା ଘରୁ ମିଳିଲା ଭଉଣୀଭାଇଙ୍କ ମୃତଦେହ

ଅତାବିରା/ସରଣ୍ଡା,୨୪।୮(ଡି.ଏନ୍‌.ଏ.)

ବରଗଡ଼ ଜିଲା ଅତାବିରା ଥାନା ସିଂହପାଲି ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ପ୍ରତିଦିନ ଭଳି ଗୁରୁବାର ରାତିରେ ଖାଇପିଇ ଶୋଇବାକୁ ଯାଇଥିବା ସିଂହପାଲି ଗ୍ରାମର ଦାଶରଥି ମେହେରଙ୍କ ପୁଅ ବିକାଶ(୨୪) ଏବଂ ଝିଅ ମିନତି(୨୧)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ରାତି ସୁଦ୍ଧା ଉଭୟଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ । ପୋଲିସ ତଦନ୍ତ ଆରମ୍ଭ କରିଛି । ପ୍ରାଥମିକ ରିପୋର୍ଟ ଅନୁଯାୟୀ ଉଭୟେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । ମିଳିଥିବା ସୂଚନା ଅନୁଯାୟୀ,ଗୁରୁବାର ରାତ୍ରିଭୋଜନ ସାରି ଦାଶରଥିଙ୍କ ପରିବାର ଲୋକେ ଶୋଇବାକୁ ଯାଇଥିଲେ । ବିକାଶ ଓ ମିନତି ତାଙ୍କ ସାନଭଉଣି ଅଙ୍କିତାଙ୍କ ସହିତ ଗୋଟିଏ କୋଠରିରେ ଶୋଇଥିବାବେଳେ ମା' ବାପା ଅନ୍ୟ ଏକ କୋଠରିରେ ଶୋଇଥିଲେ । ଶୁକ୍ରବାର ସକାଳେ ସାନ ଭଉଣୀ ଅଙ୍କିତା ଉଠିଥିଲେ । ହେଲେ ବିକାଶ ଓ ମିନତି ଆଉ ଉଠି ନ ଥିଲେ। ଏ ନେଇ ସେ ମା'ବାପାଙ୍କୁ ଜଣାଇବା ପରେ ସେମାନେ ସେଠାକୁ ଆସି ଉଭୟଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ । ଖବର ପାଇ ଅତାବିରା ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ଅନ୍ୟପକ୍ଷେ ତାଙ୍କ ଝିଅପୁଅଙ୍କୁ କେହି ମାରି ଦେଇଥିବା ଅତାବିରା ଥାନାରେ ଦାଶରଥି ଅଭିଯୋଗ କରିଛନ୍ତି । ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ଉଭୟଙ୍କ ଶରୀରରେ କୌଣସି କ୍ଷତଚିହ୍ନ ନାହିଁ। ସେମାନେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି । ଏ ନେଇ ଅତାବିରା ଥାନାରେ ୨ ଅପମୃତ୍ୟୁ ମାମଲା (ନଂ.୧୭/୧୮ ଓ ନଂ. ୧୮/୧୮) ରୁଜୁ ହୋଇଛି ।






For Institutional and Bulk Sales please write to Kolkata@heromotocorp.com



ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଓମ୍
ପରିବାରବର୍ଗ



ରୋଜି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### real estate

**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Bhubaneswar low cost plot Pitapalli NH side, investment Barakuda 110/-. 7437853535. D-63591

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

ପାହାଳ NH-5 ଠାରୁ ୬୦୦ ମିଟର ଦୂରତାରେ ୮୦ଫୁଟ ରୋଡକୁ ଲାଗି ଓ ୩୦ଫୁଟ ଇଣ୍ଟରନାଲ୍ ରୋଡଥାଇ ଜାଗା ବିକ୍ରି ହେଉଛି। 9438361586, 9439914523. D-8025

Booking duplex 4BHK 1500 sqft. Tankapani road Sai Temple 38,19,000/- simplex 2BHK 1200 sqft. 26,19,000/-. 7735738102. D-8027

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 Lakhs Contact: 9937059891, 8908312315, 8908292617.** D-8063

Yellowzone ଘରବାରି plot ଝାରପଡ଼ା back side ମହାଦେବ ନଗରରେ ମିଳୁଛି। 8480447967. D-63076

Gharabari plot available near Kateni chhak adjacent Chandaka- Pitapalli highway, 5km from SUM Hospital Rs 550/- Psqft. Contact: 8339076535. D-63479

**ଭୁବନେଶ୍ୱରର ଅରଗୁଳ IIT** ନିକଟରେ ଘରଉପଯୋଗି ଜାଗା **sqft.- 180/-ରେ** ମିଳୁଛି। **Indramani Parida: 9938737955.** D-63586

### construction

Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-8062

### GENERAL

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-63593

### healthcare

All type of massage and good therapy full body massage Sai herbal spa. 7609005923. D-64201

BBSR opening newly ayurvedic full body massage ladies & gents. 7438851534, 7609923705. D-38524

### LOST

ମୁଁ ଶ୍ରୀ ସୁଶାନ୍ତ କୁମାର ସାହୁ, ପିତା- ଗୋପାଳ ଚନ୍ଦ୍ର ସାହୁ, ରୂପା ଆପାର୍ଟମେଣ୍ଟ, ସତ୍ୟନଗର ଭୁବନେଶ୍ୱର। ମୁଁ କିଣିଥିବା ପୁରୀଘର କବଲା ନଂ- ୩୯୧୬, ୩୯୧୭, ତା୨୯।୦୮।୨୦୦୬ ଏବଂ LIC ବଣ୍ଡ ଏବଂ ମୋ ସ୍ୱାକ୍ଷର ଥିବା ସାଦା କାଗଜ ହଜିଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଏହି ନମ୍ବରରେ 9776170960 ଯୋଗାଯୋଗ କରନ୍ତୁ। ଯଦି କୌଣସି ବ୍ୟକ୍ତି ଉପର ଲିଖିତ ଡକ୍ୟୁମେଣ୍ଟସ୍‌କୁ ଅପବ୍ୟବହାର କରନ୍ତି ତେବେ ମୁଁ ଏଥିପାଇଁ କୌଣସି ପ୍ରକାରର ଦାୟୀ ରହିବି ନାହିଁ। ଧ-୮୦୨୬

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୧୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT

By virtue of an affidavit before the Notary Bhubaneswar Dated 23.08.18. I Saubhagyalaxmi Dei, Resident of Gangotri Nagar, Sisupalgarh, Bhubaneswar have changed my name from Saubhagyalaxmi Dei to Saubhagyalaxmi Dutta for all future purposes. D-8056

### ନିରୁଦ୍ଦିଷ୍ଟ



**ସୁବ୍ରତ କୁମାର ଗଜେନ୍ଦ୍ର** (୨୧), ସା- କାଳିକାବାଡି, ବ୍ରହ୍ମଗିରି, ପୁରୀ, ଉତ୍ତମ ସ୍ୱାସ୍ଥ୍ୟ, ଶ୍ୟାମଳ ରଙ୍ଗ, ଉଚ୍ଚତା- ୫.୬ଇଞ୍ଚ, କଳା ହାପ୍‌ପ୍ୟାଣ୍ଟ, ଧଳା ଗଞ୍ଜି କେଉଁଆଡେ ଚାଲିଯାଇଛନ୍ତି। ଯଦି କିଏ ଏହାଙ୍କର ସନ୍ଧାନ ପାଆନ୍ତି ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ। ଆଇ.ଆଇ.ସି, ବ୍ରହ୍ମଗିରି ଥାନା, ପୁରୀ, ଫୋ: 06752235530, 9937919886. D-8061

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଡାକ୍ତର ହରିଶଙ୍କର ତରାସିଆ**

ତିରୋଧାନ: ୨୫।୦୮।୧୯୭୭

ଆପଣଙ୍କ ମଧୁମୟ ସ୍ମୃତି ଆମ ପ୍ରାଣରେ ଚିରକାଳ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ। ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀମାନେ। ଧ-୬୨୭୮୧

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶ୍ରୀଧର ଦାସ**

ତିରୋଧାନ: ତା ୦୬।୦୮।୨୦୧୭ (ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ)

ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀ ସାଇନାଥଙ୍କ ଚରଣରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ: ବଳରାମ ପ୍ରସାଦ (ବସଲା ସାହି) କାଣ୍ଡସର (ସାଇ ନଗର) ଅନୁଗୋଳ। ଧ-୮୦୩୩

### ଶ୍ରଦ୍ଧାଞ୍ଜଳି

ଏକାଦଶତମ ଶ୍ରାଦ୍ଧବାର୍ଷିକୀ



**√ ଦେବେନ୍ଦ୍ରନାଥ ଦାସ**

(ପୂର୍ବତନ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, ଓୟୁଏଟି)
ଏମ୍-୨୦, ଭୀମଟାଙ୍ଗୀ, ହାଉସିଂବୋର୍ଡ କଲୋନୀ,ଭୁବନେଶ୍ୱର

ଆବିର୍ଭାବ : ନୃସିଂହ ଚତୁର୍ଦ୍ଦଶୀ ୧୯୨୫
ତିରୋଧାନ : ଶିବ ପବିତ୍ରାରୋପଣ ଚତୁର୍ଦ୍ଦଶୀ ୨୦୦୭

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୮୦୩୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପାର୍ବତି ନାୟକ**

ଖଣ୍ଡଗିରି, କୋଳଥିଆ
ଆବିର୍ଭାବ: ୨୦ ଜୁନ, ୧୯୬୪
ତିରୋଧାନ: ୧୫ ଅଗଷ୍ଟ, ୨୦୧୮

ତୁମର ସ୍ନେହ, ସତ୍ୟନିଷ୍ଠତା, ପରୋପକାରିତା, ନ୍ୟାୟ ପରାୟଣତା ଓ ଧାର୍ମିକ ଉପଦେଶ ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ତୁମେ ସ୍ୱର୍ଗରେ ଥାଇ ଆମ୍ଭମାନଙ୍କୁ ସେହି ପ୍ରେରଣା ଦେଉଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୮୦୩୪

### 6th Birthday Wish



(Anshu)

**Aaryan Anshuman**

Ratilo, Nimapada, Puri
Wish you a very very Happy Birthday from: Grand Father, Grand Mother and Family.
D-64103

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁହାଳ ସୁତୁରା ଦେଖିଲେ**
**ଗାଇ ହମାଳି ପଶେ ।**

ଯେଉଁଠି ସ୍ନେହ ଆଦର ଭାବ ଭରି ରହିଥାଏ ସେଇଠି ମନ ଅକ୍ଳେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ। ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୁପ୍ତ ଦାନର ଗୁଣ ବେଶୀ,**
**ଗୁପ୍ତ ପାପର ଖୁଣ ବେଶୀ ।**

ଗୁପ୍ତ ଦାନର ପ୍ରତିଫଳରେ ଅଶେଷ ପୁଣ୍ୟ ଅର୍ଜନ ହୋଇଥାଏ। ସେହିପରି ଗୁପ୍ତ ବା ଅବୈଧ ପ୍ରେମ ଯେ କେବଳ ଅନୈତିକ ତାହା ନୁହେଁ, ବରଂ ପାପ କହିଲେ ଭୁଲ୍ ହୋଇ ନ ଥାଏ। ଆଉ ଏପରି ପାପ କାର୍ଯ୍ୟକଳାପର ଅନ୍ତ ସର୍ବଦା କରୁଣ ଓ ଭୟଙ୍କର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ଶିବଶମ୍ଭୁ



@ ସୌରଭ



@ ଉମାକାନ୍ତ



@ ପ୍ରଶାନ୍ତ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ପ୍ରଥମ ପୃଷ୍ଠାରୁ...

### ଆଜି ଆସୁଛନ୍ତି...

ସ୍ୱର୍ଣ୍ଣପଦକ ମିଳିବ। ଏମ୍‌ବିବିଏସ୍‌ରେ ଅନଘା ମେନୋନ ଶ୍ରେଷ୍ଠ ଡାକ୍ତର ପୁରସ୍କାର ଏବଂ ବି.ଏସ୍ ନର୍ସିଂରେ ଶିବାନୀ ଓ ସିମରାଟ କୌର ଶ୍ରେଷ୍ଠ ନର୍ସ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ପ୍ରତିଦିନ ଏମ୍‌ସ ବହିର୍ବିଭାଗକୁ ୩୦୦୦ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ସେଥିରୁ ୮୦% ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବାବେଳେ ୨୦% ବାହାର ରାଜ୍ୟରୁ ଆସୁଛନ୍ତି। ହସ୍ପିଟାଲରେ ମୋଟ ଶଯ୍ୟା ୯୭୨ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୫୨୨ ଶଯ୍ୟା ଚିକିତ୍ସା ପାଇଁ କାର୍ଯ୍ୟକ୍ଷମ ହୋଇପାରିଛି। ଅବଶିଷ୍ଟ ଶଯ୍ୟା ଚଳିତବର୍ଷ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହୋଇଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ସେହିପରି ଆଗକୁ ୨୫ ମଡ୍ୟୁଲାର ଅସ୍ତ୍ରୋପଚାରାଗାର ହସ୍ପିଟାଲରେ ଉଦ୍‌ଘାଟନ ହେବ। ଏଗୁଡିକର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇସିୟୁରେ ମଧ୍ୟ ଶଯ୍ୟା ବୃଦ୍ଧି କରାଯାଇ ୧୧୨ କରାଯିବ।ନ୍‌ଏହାବ୍ୟତୀତ ନାଲ୍‌କୋ ପକ୍ଷରୁ ରୋଗୀଙ୍କ ସମ୍ପର୍କୀୟ ରହିବା ପାଇଁ ୫୬୦ ଶଯ୍ୟା ବିଶିଷ୍ଟ ଏକ ଧର୍ମଶାଳା କୋଠା ନିର୍ମାଣ ହେବ। ଏଥିପାଇଁ ୨୬ କୋଟି ଟଙ୍କା ନାଲ୍‌କୋ ବ୍ୟୟ କରିବ। ଧର୍ମଶାଳା ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଶନିବାର ସମାବର୍ତ୍ତନ ଉତ୍ସବରେ ଏହାର ଶିଳାନ୍ୟାସ କରାଯିବ। ଏନ୍‌ଟିପିସି ପକ୍ଷରୁ ଏମ୍‌ସରେ ବର୍ନ ଟ୍ରିଟ୍‌ମେଣ୍ଟ ୟୁନିଟ୍(ବିଟିୟୁ) ଖୋଲାଯିବ। ଏଥିପାଇଁ ଏନ୍‌ଟିପିସି ୧୪ କୋଟି ଟଙ୍କା ଖର୍ଚ୍ଚ କରିବ। ବିଟିୟୁ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ୧୦ କୋଟି ଟଙ୍କା ବ୍ୟୟରେ ଏମ୍‌ସରେ ଏକ ଟ୍ରମା କେୟାର ବିଲ୍‌ଡିଂ ନିର୍ମାଣ କରିବ। ଉକ୍ତ ଟ୍ରମା କେୟାର ବର୍ତ୍ତମାନ ଟ୍ରମା କେୟାରଠାରୁ ବଡ ହେବ। ଏଥିପାଇଁ ପେଟ୍ରୋନେଟ୍ ଏଲଏନଜି ଏବଂ ଏମ୍‌ସ ମଧ୍ୟରେ ବୁଝାମଣା ପ୍ରକ୍ରିୟା ଚାଲିଛି ବୋଲି ନିର୍ଦ୍ଦେଶିକା କହିଛନ୍ତି।ଅନ୍ୟପଟେ ଭୁବନେଶ୍ୱର ଏମ୍‌ସରେ ଡାକ୍ତର କମ୍ ଥିବା ନେଇ ସିଏଜି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ରିପୋର୍ଟ ଦେଇଛନ୍ତି। ଏହାକୁ ନେଇ ନିର୍ଦ୍ଦେଶିକା କୁହନ୍ତି, ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ୩୫୦ ପଦବୀ ପୂରଣ ପାଇଁ ରହିଛି। ତେବେ ୨୦୧୪ରୁ ୨୦୧୮ ମଧ୍ୟରେ ୧୮୦ ପଦବୀ ପୂରଣ କରାଯାଇଛି। ଆଗକୁ ମଧ୍ୟ ନିଯୁକ୍ତି ଦିଆଯିବ। ମୋଟ ପଦବୀରୁ ୬୧% ପୂରଣ କରାଯାଇଛି। ସମ୍ମିଳନୀରେ ଏମ୍‌ସର ଅଧ୍ୟକ୍ଷ ଏମ୍‌ସର ଅଧ୍ୟକ୍ଷ ଡ. ସଚ୍ଚି ମହାନ୍ତି, ଡିନ୍ ବିକାଶ ଭାଟିଆ ଏବଂ ରେଜିଷ୍ଟ୍ରାର ବି.ବି. ମିଶ୍ର ଉପସ୍ଥିତ ଥିଲେ।

### ବିଧାନ ପରିଷଦ...

ପରିଷଦର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସଭ୍ୟ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହିତ ନୂତନ ବିଧାନ ପରିଷଦ ଗଠନ, ସଭ୍ୟ ଚୟନ, ସମାଜର ବିଭିନ୍ନ ବର୍ଗରୁ ସଭ୍ୟମାନଙ୍କର ସ୍ଥାନ ସଂରକ୍ଷଣ ଓ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରିଥିଲେ। ଏହି କମିଟି ସେମାନଙ୍କର ସୁପାରିସ ଓ ମତାମତ ଗତ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ। ରାଜ୍ୟ ସରକାର ଉକ୍ତ ତାକୁ ଗ୍ରହଣ କରିବା ସହ ବିଧାନ ପରିଷଦ ଗଠନ ପାଇଁ କ୍ୟାବିନେଟ ମୋହର ମାରି ସବୁଜ ସଙ୍କେତ ଦେଇଛନ୍ତି। ବିଧାନସଭା ସଭ୍ୟ ସଂଖ୍ୟାର ଏକ ତୃତୀୟାଂଶ ସଦସ୍ୟ ବିଧାନ ପରିଷଦରେ ରହିବେ। ଅର୍ଥାତ୍ ଓଡିଶା ବିଧାନସଭାର ସଭ୍ୟ ସଂଖ୍ୟା ୧୪୭ ହୋଇଥିବାରୁ ବିଧାନ ପରିଷଦ ସଦସ୍ୟ ସଂଖ୍ୟା ୪୯ ହେବ। ସେମାନଙ୍କ ମଧ୍ୟରୁ ୧୬ ଜଣ ବିଧାନସଭାର ସଦସ୍ୟମାନଙ୍କ ଦ୍ୱାରା ଏବଂ ୧୬ ଜଣ ଜିଲା ପରିଷଦ ସଭ୍ୟ ଓ ପଞ୍ଚାୟତ ସମିତି ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହେବେ। ସେହିପରି ୯ ଜଣ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହେବାକୁ ଥିବାବେଳେ ୪ଜଣ ଶିକ୍ଷକ ଓ ୪ ଜଣ ଗ୍ରାଜୁଏଟ ବିଧାନ ପରିଷଦକୁ ନିର୍ବାଚିତ ହେବେ। ଏହାର କାର୍ଯ୍ୟକାଳ ରାଜ୍ୟ ସଭା ଭଳି ୬ବର୍ଷ ରହିବ। ବିଧାନସଭା ସଦସ୍ୟଙ୍କ ଭଳି ପରିଷଦର ସଦସ୍ୟମାନେ ସମାନ ସୁବିଧା ଓ ସୁଯୋଗ ଉପଭୋଗ କରିବେ। ବିଧାନ ପରିଷଦ ଗଠନ ହେଲେ କର୍ଣ୍ଣାଟକ, ମହାରାଷ୍ଟ୍ର, ବିହାର, ଜମ୍ମୁ-କଶ୍ମୀର, ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା ସହ ଓଡିଶା ଦୁଇ ସଦନ ବିଶିଷ୍ଟ ରାଜ୍ୟରେ ପରିଣତ ହେବ। ବିଧାନ ପରିଷଦ ପରିଚାଳନା ପାଇଁ ବାର୍ଷିକ ୩୫ କୋଟି ଟଙ୍କା ଖର୍ଚ୍ଚ ହେବ। ବିଧାନ ପରିଷଦର ଅଧିବେଶନ ପୁରୁଣା ବିଧାନ ସୌଧ କୋଠାରେ ଅନୁଷ୍ଠିତ ହେବ । ତେବେ ରାଜ୍ୟ ସରକାରଙ୍କ ବିଧାନ ପରିଷଦ ଗଠନକୁ ବିରୋଧୀ ଦଳ କଡା ବିରୋଧ କରିଛି। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ କଂଗ୍ରେସ ମୂଳରୁ ବିଧାନ ପରିଷଦ ପରିକଳ୍ପନାକୁ ବିରୋଧ କରି ଆସିଛି। ଏବେ ବି ତାହା ଅବ୍ୟାହତ ରହିଛି। ରାଜ୍ୟ ସରକାର ବିଧାନସଭା ଠିକ୍ ଭାବେ ଚଳାଇପାରୁ ନାହାନ୍ତି। ବିଧାନସଭାରେ ଉପସ୍ଥାପନ କମ ରହୁଛି। ପ୍ରୋସିଡିଂ ଦେଇପାରୁ ନାହାନ୍ତି। ଏହା ଏକ ଥଇଥାନ ସଂସ୍ଥା ହେବ। ଗ୍ରାମାଞ୍ଚଳରେ ପିଇବା ପାଣି ମିଳୁନି, ଡାକ୍ତରଖାନାରେ ଡାକ୍ତର ଓ ସ୍କୁଲରେ ଶିକ୍ଷକ ନାହାନ୍ତି । ରାଜ୍ୟ ଉପରେ ଆର୍ଥିକ ବୋଝ ଲଦି ବିଧାନ ପରିଷଦ ଗଠନ କରିବାରେ କିଛି ମାନେ ନାହିଁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟରେ ୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ତୃତୀୟାଧିପତି ଚତୁର୍ଥଭାବସ୍ଥ ହେତୁ ବନ୍ଧୁମିଳନରୁ ଖୁସି ହେବେ କିନ୍ତୁ ଶେଷ ପର୍ଯ୍ୟାୟରେ ମତପାର୍ଥକ୍ୟର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ସାମାନ୍ୟ କାରଣରୁ ବିତର୍କ ଲାଗି ମାନସିକ ଅବସ୍ଥା ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟା ଥିଲେ ମଧ୍ୟ ସମାଧାନର ରାସ୍ତା ମଧ୍ୟ ଖୋଜିବାରେ ଲାଗି ପଡିବେ।

**ବୃଷ** ଚନ୍ଦ୍ରକ୍ଷେତ୍ରସ୍ଥ ତୃତୀୟରେ ବୁଧ ପ୍ରଭାବରୁ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ବନ୍ଧୁସମ୍ପର୍କରେ ଫାଟ ସୃଷ୍ଟିର ଆଶଙ୍କା ରହିଛି। ଯେତେ ଭଲକାମ କଲେ ମଧ୍ୟ ଅନ୍ୟମାନେ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି। ଅସୁବିଧାକୁ ଜଣାଇଲେ ମଧ୍ୟ ଉପରିସ୍ଥ କର୍ମଚାରୀମାନେ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ।

**ମିଥୁନ** କର୍ମଭାବ ଶୁକ୍ରଙ୍କ ଦୃଷ୍ଟିରେ ରହିଥିବାରୁ ଆନୁଷଙ୍ଗିକ ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ। କଳେବଳେ କୌଶଳେ ପ୍ରାପ୍ୟ ଅର୍ଥ ପାଇବା ସକାଶେ ଚେଷ୍ଟାକରି ସଫଳତା ହାସଲ କରିବେ। ଅଫିସରେ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** ଷଷ୍ଠାଧିପ ବୃହସ୍ପତି ଚତୁର୍ଥଭାବରେ ରହି ପାରିବାରିକ ସମସ୍ୟାରେ ହନ୍ତସନ୍ତ କରିପାରନ୍ତି। କର୍ମକ୍ଷେତ୍ରର କେତେକ ଅସଜଡା କାମକୁ ନେଇ ମାନସିକ ସ୍ଥିତି କ୍ରମଶଃ ଜଟିଳ ହୋଇପଡିବ। ଆଦୌ ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ସିଂହ** ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭକରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନୂତନ କର୍ମାରମ୍ଭ କ୍ଷେତ୍ରରେ ସଫଳତା ମିଳିବ। ଅସ୍ଥିରତା ଦୂର କରିବା ବିଷୟରେ ପ୍ରିୟବନ୍ଧୁଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପରିସ୍ଥିତିବଶତଃ ମନ ନ ଥିଲେ ମଧ୍ୟ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କନ୍ୟା** ବହୁତ ଦିନରୁ ରହିଯାଇଥିବା କାମଗୁଡିକ ସହଜରେ ସମ୍ପନ୍ନ ହୋଇଯିବ। ଅତି ନିକଟରେ ରହୁଥିବା ଲୋକଟି ଆପଣଙ୍କ ସକାଶେ ବହୁତ ଉପକାରରେ ଆସିବେ। ବାଣିଜ୍ୟ, ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ ଓ ଜମାରାଶି ବୃଦ୍ଧି ପାଇବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ।

**ତୁଳା** ଧୈର୍ଯ୍ୟ ଓ ସ୍ଥିରତା ବଳରେ ଅସାଧ୍ୟ ସାଧନ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ଆକସ୍ମିକ ଭାବରେ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ସକାଳୁଆ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ମନସ୍ତାପ କରିବାକୁ ପଡିପାରେ। ଆଶା କରୁଥିବା ସ୍ଥାନରୁ ବନ୍ଧୁମାନଙ୍କ ସାହାଯ୍ୟରୁ ଦ୍ରବ୍ୟଲାଭ ହେତୁ ଖୁସି ହେବେ।

**ବିଛା** ପାରସ୍ପରିକ ଆଲୋଚନା ମାଧ୍ୟମରେ ପ୍ରତ୍ୟେକ କାମକୁ ସହଜରେ ସମ୍ପନ୍ନ କରିପାରିବେ। ବନ୍ଧୁମାନେ ସହଯୋଗର ହାତ ବଢାଇବେ, ଫଳରେ କାର୍ଯ୍ୟ ସାଧିତ ହେବା ସହଜହେବ। ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେବ। କଚେରି ମାମଲା, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଅଷ୍ଟମସ୍ଥ ବୁଧ ସହ ରାହୁଙ୍କ ସଂଯୋଗ କାରଣରୁ ବିଭିନ୍ନ ପ୍ରକାର ସମସ୍ୟା ଭିତର ଦେଇ ଗତି କରୁଥିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ନିଜ ଲୋକମାନେ ଈର୍ଷା ପରାୟଣତା କାରଣରୁ ଦାଉ ସାଧିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ତଥା ଅସହଯୋଗରୁ ଚିନ୍ତିତ ରହିବେ।

**ମକର** ଆଜି ପରିସ୍ଥିତିର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ । ମାତ୍ର ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** ମଙ୍ଗଳ ଦ୍ୱାଦଶସ୍ଥ ହେତୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଜନିତ ଅଶାନ୍ତ ପରିସ୍ଥିତି ଉପୁଜିପାରେ। ଜମିଜମା, ବାଦବିବାଦ, ଧନହାନି ଓ ବିଭିନ୍ନ ପ୍ରକାର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଶତଭିଷା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ନିର୍ମାଣ, ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ନୂତନ କର୍ମାରମ୍ଭ ସାଙ୍ଗକୁ ଅର୍ଥଲାଭ ଯୋଗୁ ମନ ପ୍ରଫୁଲ୍ଲ ରହିବ। ସାଙ୍ଗଠନିକ ସ୍ତରରେ ସହକର୍ମୀଙ୍କ ସାହାଯ୍ୟ ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ନିଜ ଇଚ୍ଛା ଅନୁଯାୟୀ କାମ ହାସଲ କରି ଦିନଟିକୁ ଆନନ୍ଦର ସହ ବିତାଇବେ।

ଆଜି ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ଶନିବାର, ପୂର୍ଣ୍ଣିମା ବିହିତ ଚନ୍ଦ୍ରପୂଜା ଓ ଉପବାସ, ଚକ୍ଷୁଦାନପକ୍ଷ ଆରମ୍ଭ (ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮) ରାଶି ନକ୍ଷତ୍ର ମଘା-ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଶରଣଂ, ଦିବା ଘ୧୧।୪୬ମି. ଗତେ ଘ୧।୨୭ମି. ମଧ୍ୟେ, ଘ୨।୫୯ମି. ଗତେ ଘ୪।୩୬ମି. ମଧ୍ୟେ ଅମୃତବେଳା । ସକାଳ ଘ୬।୫୧ମି. ଗତେ ଘ୮।୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୧ମି. ଗତେ ଘ୧୦।୧୫ମି. ମଧ୍ୟେ ରାହୁକାଳ।



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।
-ଶ୍ରୀ ରାମକୃଷ୍ଣ ପରମହଂସ






ଆଠବର୍ଷର ଶ୍ରେଷ୍ଠ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି।

# ଲୋକଙ୍କୁ ଭଲ ପାଇଲେ ନେତୃତ୍ୱ ନେଇପାରିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ):** ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନ ପ୍ରତିନିଧିମାନେ ଲୋକଙ୍କ ସହ ଅଧିକ ସମୟ ବିତାଇବା ଦରକାର। ସେମାନଙ୍କ ବହୁବିଧ ସମସ୍ୟାର ସମାଧାନ ପାଇଁ ଆଶା ଓ ବିଶ୍ୱାସରେ ନାଗରିକମାନେ ଭୋଟ ଦେଇଛନ୍ତି। ଏହି ବିଶ୍ୱାସ ପ୍ରତି ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଉତ୍ତରଦାୟୀ ରହିବାକୁ ପଡ଼ିବ। ବିଧାନସଭାର ସଦସ୍ୟମାନେ ପ୍ରଚଳିତ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେଇ ବିନା ଭୟ ଓ ପକ୍ଷପାତିତାରେ ଦାୟିତ୍ୱ ସମ୍ପାଦନ କରିବା ଉଚିତ। ବିଧାୟକମାନଙ୍କୁ ଏଭଳି ଗୁରୁବାଣୀ ଶୁଣାଇଛନ୍ତି ବିଧାନସଭାର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବିଧାନସଭା ପରିସରରେ ଶୁକ୍ରବାର ଅନୁଷ୍ଠିତ ଶ୍ରେଷ୍ଠ ବିଧାୟକ ସମ୍ମାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ତୁମେ ଲୋକମାନଙ୍କୁ ଭଲ ନ ପାଇଲେ ନେତୃତ୍ୱ ନେଇପାରିବ ନାହିଁ। ରାଜନୀତିରେ ଅଧିକରୁ ଅଧିକ ଯୁବ ଓ ଉତ୍ତମ ବ୍ୟକ୍ତି ଯୋଗ ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ସମ୍ମାନିତ ହୋଇଥିବା ବିଧାୟକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସମ୍ମାନିତ ହେଲେ ୨୪ ବିଧାୟକ

ସଂସଦୀୟ ବ୍ୟବସ୍ଥାରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୪ଜଣ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ପଣ୍ଡିତ ନୀଳକଣ୍ଠ ସମ୍ମାନ, ଉତ୍କଳ ଗୌରବ ମଧୁସୂଦନ ସମ୍ମାନ ଓ ଉତ୍କଳମଣି ଗୋପବନ୍ଧୁ ସମ୍ମାନ ପ୍ରଦାନ କରିଛନ୍ତି।

୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଦିଆଯାଇ ନ ଥିବା ୩ଟି ବର୍ଗର ଶ୍ରେଷ୍ଠ ବିଧାୟକମାନଙ୍କୁ ସମ୍ମାନିତ କରାଯାଇଛି। ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ବିଧାନସଭା ଚୟନ କମିଟି ଦ୍ୱାରା ଚୟନ ହୋଇଥିବା ୨୦୦୯ ପାଇଁ ଶ୍ରେଷ୍ଠ ବିଧାୟକ ବିଷ୍ଣୁ ଚରଣ ଦାସ, ୨୦୧୦ ଅରୁଣ କୁମାର ସାହୁ, ୨୦୧୧ ପ୍ରଭାତ କୁମାର ବିଶ୍ୱାଳ, ୨୦୧୨ ପ୍ରଫୁଲ୍ଲ ମାଝି, ୨୦୧୩ ଅମର ପ୍ରସାଦ ଶତପଥୀ, ୨୦୧୪ ପ୍ରମିଳା ମଲ୍ଲିକ, ୨୦୧୫ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ୨୦୧୬ ପାଇଁ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପଣ୍ଡିତ ନୀଳକଣ୍ଠ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ୨୦୦୯ ପାଇଁ ସୁରେନ୍ଦ୍ର ନାଥ ନାଏକ, ୨୦୧୦ ବିଦ୍ୟାଧର କୁଅଁର, ୨୦୧୧ ନିତ୍ୟାନନ୍ଦ ପ୍ରଧାନ, ୨୦୧୨ ଉମେଶ ଚନ୍ଦ୍ର ସ୍ୱାଇଁ, ୨୦୧୩ ବିକ୍ରମ କେଶରୀ ବର୍ମା, ୨୦୧୪ ରାଜେନ୍ଦ୍ର ଢୋଲକିଆ, ୨୦୧୫ ସୁରେନ୍ଦ୍ର ପରମାଣିକ ଏବଂ ୨୦୧୬ ପାଇଁ ଚକ୍ରଧର ପାଇକଙ୍କୁ ଉତ୍କଳ ଗୌରବ ମଧୁସୂଦନ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ୨୦୦୯ ପାଇଁ ସଞ୍ଜୟ ଦାସବର୍ମା, ୨୦୧୦ ପ୍ରୀତିରଞ୍ଜନ ଘଡାଇ, ୨୦୧୧ ସମୀର ରଞ୍ଜନ ଦାଶ, ୨୦୧୨ ପ୍ରଶାନ୍ତ କୁମାର ମୁଦୁଲି, ୨୦୧୩ ବିଜୟ କୁମାର ମହାନ୍ତି, ୨୦୧୪ ରାସେଶ୍ୱରୀ ପାଣିଗ୍ରାହୀ, ୨୦୧୫ ଦିବ୍ୟ ଶଙ୍କର ମିଶ୍ର ଏବଂ ୨୦୧୬ ପାଇଁ ପ୍ରଦୀପ ପୁରୋହିତଙ୍କୁ ଉତ୍କଳମଣି ଗୋପବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ସର୍ବକାଳୀନ ଶ୍ରେଷ୍ଠ ବିଧାୟକମାନଙ୍କୁ ୧ ଲକ୍ଷ, ପୂର୍ବତନ ବିଧାୟକଙ୍କୁ ୭୫ ହଜାର ଓ ପ୍ରଥମ ଥର ନିର୍ବାଚିତ ହୋଇଥିବା ଶ୍ରେଷ୍ଠ ବିଧାୟକମାନଙ୍କୁ ୫୦ ହଜାର ଟଙ୍କା ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଛି।

■ ଆରମ୍ଭ ହେଲା ଓଡ଼ିଶା ବିକାଶ ସମାବେଶ-୨୦୧୮

# 'ପ୍ରାକୃତିକ ସମ୍ବଳ ଭରପୂର ଥାଇ ବି ଓଡ଼ିଶା ପଛୁଆ'

**ଭୁବନେଶ୍ୱର,୨୪।୮(ବ୍ୟୁରୋ)**

ସାମାଜିକ ଅସମାନତା, ଅପପୁଷ୍ଟି ଓ ଶିକ୍ଷାଦାନ ବ୍ୟବସ୍ଥାରେ ଗୁଣାତ୍ମକ ମାନ ହ୍ରାସ ବିକାଶ ମାର୍ଗର ମୁଖ୍ୟ ପ୍ରତିବନ୍ଧକ। ପ୍ରାକୃତିକ ସମ୍ବଳରେ ଭରପୂର ତଥା ସଂସ୍କୃତି ଓ ପରମ୍ପରା ସମୃଦ୍ଧ ଓଡ଼ିଶା ଆଜି ବି ପଛୁଆ ରାଜ୍ୟ ଭାବେ ପରିଗଣିତ। ରାଜ୍ୟରେ ପ୍ରତି ୧୦ଜଣ ଶିଶୁରେ ୪ଜଣ ଅପପୁଷ୍ଟି ଅଥବା ବୟସାନୁପାତିକ ମାନସିକ ଅନଗ୍ରସରର ଶିକାର ଅଛନ୍ତି। ଏହା ନିଶ୍ଚିତ ଭାବେ ଏକ ସତର୍କ ଘଣ୍ଟି ବୋଲି ଭାରତ ସରକାରଙ୍କ ନୀତି ଆୟୋଗ ଉପାଧ୍ୟକ୍ଷ ଡ. ରାଜୀବ କୁମାର କହିଛନ୍ତି। ଶୁକ୍ରବାର ରେଳୱେ ଅଡିଟୋରିୟମ୍‌ରେ ଆୟୋଜିତ ଓଡ଼ିଶା ବିକାଶ ସମାବେଶର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ସେ ଏହା କହିଥିଲେ।

ଓଡ଼ିଶା ବିକାଶ ସମାବେଶରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ସାମାଜିକ ଅନୁଷ୍ଠାନ, ନୀତି ନିର୍ଦ୍ଧାରକ, ସରକାରୀ ଅଧିକାରୀ, ଗୋଷ୍ଠୀ ସଙ୍ଗଠନ, ବିଶ୍ୱବିଦ୍ୟାଳୟ ଆଦି ସମାଜର ପ୍ରତ୍ୟେକ ବର୍ଗ ପ୍ରତିନିଧିଙ୍କ ପାଇଁ ଏହି ସମାବେଶ ସ୍ୱତନ୍ତ୍ର ସୁଯୋଗ ସୃଷ୍ଟି କରିଛି। ଆଲୋଚନା, ସମାଲୋଚନା ଓ ସ୍ଥିତିର ତର୍ଜମା ମାଧ୍ୟମରେ ହିଁ ପ୍ରକୃତ ବିକାଶର ବାଟ ବାହାରିପାରିବ। ସେ ଆହୁରି କହିଥିଲେ ଯେ, ରାଜ୍ୟରେ ବିଏଡ୍ କଲେଜ କିମ୍ବା ଶିକ୍ଷକ ତାଲିମ ନେଇ କଲେଜ ଖୋଲୁନାହିଁ। ତେଣୁ ବିଏଡ୍ କରୁଥିବା ଆମ ରାଜ୍ୟର ପିଲାମାନଙ୍କର ଖର୍ଚ୍ଚ କର୍ଣାଟକ ଓ ଅନ୍ୟ ରାଜ୍ୟରେ ହେଉଛି। ଓଡ଼ିଶାର ଏକ ତୃତୀୟାଂଶ ଲୋକ ଘର ଛାଡ଼ି ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ଯଦି ଓଡ଼ିଶାରେ ଶିଳ୍ପାୟନର ଉପକରଣ ବଢ଼ିଛି, ତେବେ ରାଜ୍ୟରେ ଓଡ଼ିଆ ଲୋକଙ୍କୁ କାହିଁକି କାମ ମିଳୁନି, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ରାଜ୍ୟରେ ଥିବା ୪୦ ପ୍ରତିଶତ ଆଦିବାସୀ ସମାଜର ଉନ୍ନତି ପାଇଁ ଏକ କଂକ୍ରିଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବା ଆବଶ୍ୟକ। ୨୦୨୨କୁ ଦେଶ ସ୍ୱାଧୀନ ହେବାର ୭୫ବର୍ଷ ପୂରିବ। ସେହିଭଳି ୨୦୩୬ ବେଳକୁ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ହେବାର ୧୦୦ବର୍ଷ ପୂରଣ କରିବ। ତେଣୁ ୨୦୨୨ରୁ ୨୦୩୬ ହେଉଛି ଓଡ଼ିଶାର ସମ୍ଭାବନା ଓ ଆହ୍ୱାନର ସମୟ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଅନ୍ୟତମ ଅତିଥି ଗୋଷ୍ଠୀସ୍ତରୀୟ ଗବେଷଣା ଏବଂ ସାମାଜିକ ଦାୟିତ୍ୱ ଓ ୟୁନେସ୍କୋର ସହ ଅଧ୍ୟକ୍ଷ ଡ. ରାଜେଶ ଟଣ୍ଡନ କହିଲେ, ବର୍ତ୍ତମାନ ବିଶ୍ୱରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ସରକାରଙ୍କ ସହ ସାମାଜିକ ଅନୁଷ୍ଠାନ ଏବଂ ଗୋଷ୍ଠୀସ୍ତରର ସଙ୍ଗଠନଗୁଡ଼ିକ ମିଳିତ ପ୍ରୟାସ କରିବା ଜରୁରୀ। ସମାଜ ସଂସ୍କାରକ ପଦ୍ମଶ୍ରୀ ତୁଳସୀ ମୁଣ୍ଡା କହିଲେ, ସ୍ୱାଧୀନତାର ସାତ ଦଶନ୍ଧି ପରେ ରାଜ୍ୟର ଅପହଞ୍ଚ ଜିଲାଗୁଡ଼ିକ ଏବେ ବି ବିକାଶର ବହୁ ଦୂରରେ। ଏହି ଅଞ୍ଚଳଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକ୍ରମ କେବଳ ସଶକ୍ତୀକରଣ, ସଚେତନ ଓ ଲୋକମାନଙ୍କ ସହଭାଗିତାରେ ସମ୍ଭବ ହୋଇପାରିବ। ଉତ୍ସବ ଅବସରରେ ବିଭିନ୍ନ କ୍ଷେତ୍ରର ବାସ୍ତବ ସ୍ଥିତି ସମ୍ବଳିତ ଏକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାମ କରୁଥିବା ସଙ୍ଗଠନର ତୃଣମୂଳ ସ୍ତରର ସମସ୍ୟାକୁ ଶୁଣିବା ଏହି ସମାବେଶର ମୂଳ ଲକ୍ଷ୍ୟ। ଚଳିତବର୍ଷ ପ୍ଲାଷ୍ଟିକ୍‌ମୁକ୍ତ ଏବଂ ଭିନ୍ନକ୍ଷମମାନଙ୍କ ସହଜଲଭ୍ୟତାକୁ ନିଶ୍ଚିତ କରିବା ପାଇଁ ପ୍ରଚେଷ୍ଟା କରାଯାଇଛି ବୋଲି ସମାବେଶର ଆବାହକ ତଥା ସିଓ୍ୱାଇଏସ୍‌ଡିର ସହପ୍ରତିଷ୍ଠାତା ଜଗଦାନନ୍ଦ ସୂଚନା ଦେଇଥିଲେ। ସ୍ୱାଭିମାନର ସାଧାରଣ ସମ୍ପାଦକ ଡ. ଶ୍ରୁତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ADMISSION OPEN 2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream) BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

# କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

## ଭୁବନେଶ୍ୱରରୁ ସୁରଟ ବିମାନ ସେବା

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ)**

ଭୁବନେଶ୍ୱରରୁ ସୁରଟ ସିଧାସଳଖ ବିମାନ ସେବା ପ୍ରଦାନ କରିବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭାକର ପ୍ରଭୁଙ୍କୁ ଚିଠି ଲେଖିଛନ୍ତି। ଲକ୍ଷାଧିକ ଓଡ଼ିଆ ପରିବାର ସୁରଟରେ ବସବାସ କରୁଛନ୍ତି। ସେମାନେ ବୟନ ଶିଳ୍ପ କ୍ଷେତ୍ରରେ କାମ କରୁଛନ୍ତି। ବର୍ତ୍ତମାନ ଭୁବନେଶ୍ୱରରୁ ସୁରଟକୁ ସିଧାସଳଖ ବିମାନସେବା ନାହିଁ। ଦୁଇଟି ସହର ମଧ୍ୟରେ ଯାତ୍ରା କରିବା ପାଇଁ ଅନେକ ସମୟ ଲାଗୁଛି। ଜରୁରିକାଳୀନ ପରିସ୍ଥିତି ସମୟରେ ସୁରଟରେ ରହୁଥିବା ଓଡ଼ିଆ ଲୋକମାନେ ଓଡ଼ିଶାରେ ଠିକ୍ ସମୟରେ ପହଞ୍ଚିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି। ଏହାଛଡ଼ା ପ୍ରତିବର୍ଷ ଦୁଇଟି ସହରର ଲୋକମାନେ ଏହାର ପର୍ଯ୍ୟଟନ ସ୍ଥଳୀକୁ ମଧ ଯାତ୍ରା କରିଥାନ୍ତି। ଭୁବନେଶ୍ୱର ଓ ସୁରଟ ମଧ୍ୟରେ ବିମାନ ସେବା ଆରମ୍ଭ ହେଲେ ଦୁଇଟି ସହରରେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ ବୃଦ୍ଧି ପାଇବ। ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ଏୟାର ଇଣ୍ଡିଆ ଓ ଅନ୍ୟାନ୍ୟ ଘରୋଇ ବିମାନ ସେବା ପ୍ରଦାନକାରୀ ସଂସ୍ଥା ସହିତ ଆଲୋଚନା କରି ଯଥାଶୀଘ୍ର ଏହି ଦୁଇଟି ସହର ମଧ୍ୟରେ ବିମାନ ସେବା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାସହ ଆଗାମୀ ୨୦୨୧ ସୁଦ୍ଧା ବିଦେଶର ୧୦ଟି ସ୍ଥାନକୁ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସୁବିଧା ଉପଲବ୍ଧ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନିତିନ ଭାନୁଦାସ ଜାୱଲେ କହିଛନ୍ତି।

# ୨ ଯନ୍ତ୍ରୀ, ଠିକାଦାରଙ୍କୁ ଜେରା

**କେନ୍ଦ୍ରାପଡ଼ା ଅଫିସ, ୨୪।୮**

ଗ୍ୟାଙ୍ଗଷ୍ଟର ଟିଟୋ ଓରଫ୍ ସୟଦ ଉସମାନ ଅଲ୍ଲୀ ଗିରଫ ମାମଲାରେ କେନ୍ଦ୍ରାପଡ଼ା ଜିଲାର ଉଠା ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ୨ ନିର୍ବାହୀ ଯନ୍ତ୍ରୀ ଏବଂ ଜଣେ ଠିକାଦାରଙ୍କୁ ଶୁକ୍ରବାର ଜେରା କରିଛି କ୍ରାଇମ୍‌ବ୍ରାଞ୍ଚ। ଏଥିସହ ଏସ୍‌ଟିଏଫ କେସ ନଂ. ୧୦/୧୮ର ଅଭିଯୋଗକାରିଣୀ ଜଗତସିଂହପୁର ଜିଲା କୁଜଙ୍ଗ ଥାନା କୁଜଙ୍ଗର ସରୋଜିନୀ ମିଶ୍ରଙ୍କ ଅଭିଯୋଗ ଶୁଣାଣି କରିଛି। ଏ ନେଇ ତଦନ୍ତ ଆରମ୍ଭ ହୋଇଛି। ପୂର୍ବାହ୍ନରେ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ବିଳାସିନୀ ରାଉତଙ୍କ ୨ ଜଣିଆ ଟିମ୍ କେନ୍ଦ୍ରାପଡ଼ା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ସେନାପତି ଓ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଦ୍ୟାଭୂଷଣ ନାୟକଙ୍କୁ ପଚରାଉଚୁରା କରିଥିଲେ। ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପର ଟେଣ୍ଡର ଓ ଟେଣ୍ଡର ପେପର କିଣାରେ ଟିଟୋ ଓ ତାଙ୍କ ସମ୍ପର୍କୀୟଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ କରିଥିଲେ। ସେହିପରି ସଦର ଥାନା ଅଧୀନ ପୁରୁଷୋତ୍ତମପୁର ଗ୍ରାମର ଠିକାଦାର ରଞ୍ଜନ ସାମଲଙ୍କୁ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପଚାରି ଛାଡି ଦେଇଥିଲେ। ଏଥିସହ ଏହି ଟିମ ପୁରୁଷୋତ୍ତମପୁର ଗ୍ରାମରେ କୁଜଙ୍ଗର ସରୋଜିନୀଙ୍କ ଜମି ଜବରଦଖଲ ସମ୍ପର୍କରେ ତାଙ୍କଠାରୁ ପଚାରି ବୁଝିଥିଲେ। ଏ ସମ୍ପର୍କରେ ସରୋଜିନୀ କହିଥିଲେ ଯେ,

## ଟିଟୋ ଗିରଫ ମାମଲା

୨୦୧୪ରେ ସେ ପୁରୁଷୋତ୍ତମପୁର ଗ୍ରାମରେ ୩୬ ଗୁଣ୍ଠ ଜମି କିଣିଥିଲେ। ତେବେ ଏହି ଗ୍ରାମର କମଳାକାନ୍ତ ଚଇନି(ଟିଟୋଙ୍କ ସହଯୋଗୀ) ସେହି ଜମି ଉପରେ ବାଲି, ଗୋଡ଼ି ଆଦି ଜମାଇ ରଖିଛନ୍ତି। ଏହି ଜବରଦଖଲ ଉଚ୍ଛେଦ ପାଇଁ ସେ ଜିଲା ପୋଲିସର ସହାୟତା ନେଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏପରି କି ଉକ୍ତ ଜମି ବିକ୍ରି ନ କରିବା ପାଇଁ ତାଙ୍କୁ ଧମକ ଦିଆ ଯାଇଥିବା ସେ ମାସକ ପୂର୍ବେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଟିମ୍‌କୁ ସବିଶେଷ ତଥ୍ୟ ଯୋଗାଇ ଦିଆ ଯାଇଥିବା ସରୋଜିନୀ ପ୍ରକାଶ କରିଛନ୍ତି।






ଧରିତ୍ରୀ
DHARITRI
ଶନିବାର, ୨୫ ଅଗଷ୍ଟ, ୨୦୧୮

ପ୍ରତ୍ୟେକ ଲୋକର ନିଜବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା



# ପାର୍ଶ୍ୱପ୍ରବେଶକୁ ବିରୋଧ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାରଙ୍କ ଯୁଗ୍ମସଚିବ-ସ୍ତରୀୟ ପଦପଦବୀରେ ନିଯୁକ୍ତି କ୍ଷେତ୍ରରେ ପାର୍ଶ୍ୱପ୍ରବେଶକୁ ଅନୁମତି ଦେବା ଲାଗି କେନ୍ଦ୍ରର ନିଷ୍ପତ୍ତିକୁ ନେଇ ନିଶ୍ଚୟ ସମସ୍ତେ ଉତ୍ସାହିତ ନାହାନ୍ତି। ଏ ପ୍ରସ୍ତାବରେ ତ ବାବୁମାନେ ଆଦୌ ଆନନ୍ଦିତ ନୁହନ୍ତି। ଏବେ ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଏ ନିଷ୍ପତ୍ତି ବିରୋଧରେ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏ ନିଷ୍ପତ୍ତିକୁ ମନମୁଖି ବୋଲି ଅଭିଯୋଗ କରି ଆବେଦନକାରୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ପୂର୍ବତନ ସଚିବ ଚନ୍ଦ୍ରପାଲ କହିଛନ୍ତି ଯେ, ଏହାଦ୍ୱାରା ଅମଲାତନ୍ତ୍ରରେ ବିଶୃଙ୍ଖଳା ସୃଷ୍ଟି ହେବ। କାରଣ ଅମଲାମାନେ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ମେଧା ଭିତ୍ତିରେ ମନୋନୀତ ହୋଇଥାନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଘରୋଇ କ୍ଷେତ୍ରରୁ ପ୍ରଶାସନ ପାଇଁ ବାବୁମାନଙ୍କୁ ମନୋନୟନ କରାଗଲେ, ତାହା ରାଜନୈତିକ ବିଚାର ଦ୍ୱାରା ପ୍ରଭାବିତ ହେବ ଏବଂ ଏଥିରେ 'ସ୍ୱାର୍ଥ-ଦ୍ୱନ୍ଦ୍ୱ' ସୃଷ୍ଟି ହେବ। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ ଘରୋଇ କ୍ଷେତ୍ରର ପ୍ରାର୍ଥୀମାନଙ୍କଠାରୁ ଯେଉଁ ଦରଖାସ୍ତ ଆହ୍ୱାନ କରାଯାଇଛି, ସେଥିରେ ଯୁଗ୍ମ ସଚିବ ପଦ ପାଇଁ କୌଣସି ମାନଦଣ୍ଡ ନିର୍ଦ୍ଦିଷ୍ଟ କରାଯାଇ ନାହିଁ ବୋଲି ଚନ୍ଦ୍ରପାଲ ଅଭିଯୋଗ କରିଛନ୍ତି। ତେବେ ଚନ୍ଦ୍ରପାଲଙ୍କ ଏହି ପଦକ୍ଷେପ କ'ଣ ସରକାରଙ୍କ ନୂଆ ନୀତିର କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିବ ? ଏଭଳି ସମ୍ଭାବନାରେ କେନ୍ଦ୍ର ସରକାର କେବେ ବି ଖୁସି ହୋଇ ନ ପାରନ୍ତି।

### ଅସନ୍ତୁଷ୍ଟ ବିହାରୀ ବାବୁ

ବିହାରରେ ଏକ ନୂଆ ନୀତିକୁ ନେଇ ଆଇଏଏସ୍ ଓ ଆଇପିଏସ୍ ମହଲ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ବିହାର କ୍ୟାଡର ଅଫିସରମାନଙ୍କୁ ନିଜର ବ୍ୟକ୍ତିଗତ ମାମଲାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ ସହ ଯୋଗାଯୋଗ ନ କରିବାକୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁ ଅଫିସର ସେପରି କରିବେ, ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଥିରେ ତାଗିଦ କରାଯାଇଛି। ଅତିରିକ୍ତ ସଚିବ ଦୟାନିଧାନ ପାଣ୍ଡେଙ୍କ ଦ୍ୱାରା ଇସ୍ୟୁ କରାଯାଇଥିବା ଉକ୍ତ ଚିଠିରେ କୁହାଯାଇଛି ଯେ, ବାବୁମାନଙ୍କର କୌଣସି ତ୍ରୁଟିପୂର୍ଣ୍ଣ ଆଚରଣ ସ୍ପୃହଣୀୟ ନୁହେଁ। ଏହି ଆଦେଶନାମା ରାଜ୍ୟ କ୍ୟାଡରର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଓଏସ୍ ବାବୁ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଜରୁରୀ ବ୍ୟକ୍ତିଗତ ଓ ଚାକିରି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟର ଦ୍ୱାରସ୍ଥ ହେବାକୁ ବାରଣ କରାଯିବା ଦ୍ୱାରା ବିଭିନ୍ନ ସମୟରେ ବାବୁମାନଙ୍କ ଲାଗି ସମସ୍ୟା ସୃଷ୍ଟି ହେବ। ତେବେ ସଚିବାଳୟ ତରଫରୁ କୁହାଯାଇଛି ଯେ, ବ୍ୟକ୍ତିଗତ ମାମଲାର କୌଣସି ଫାଇଲ ସମ୍ବନ୍ଧରେ ସଚିବାଳୟରୁ କିଛି ସୂଚନା ଚାହିଁବା ବାସ୍ତବିକ ତ୍ରୁଟିପୂର୍ଣ୍ଣ ଆଚରଣ। ଏ ପରମ୍ପରା ବନ୍ଦ କରିବାକୁ ରାଜ୍ୟ ସରକାର ଚାହାନ୍ତି। କିନ୍ତୁ ଏଭଳି ସ୍ପଷ୍ଟୀକରଣ ବିହାରୀ ବାବୁମାନଙ୍କୁ ସନ୍ତୁଷ୍ଟ କରିପାରି ନାହିଁ।

### ଡିଜିପି ନିଯୁକ୍ତିର ନୂଆ ନିୟମ

ନିକଟରେ ସୁପ୍ରିମ୍‌କୋର୍ଟ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି, ତାହା ପୋଲିସ ସଂସ୍କାର ପାଇଁ ଦୀର୍ଘଦିନର ଆବଶ୍ୟକତା ଥିଲା। ସର୍ବୋଚ୍ଚ ନ୍ୟାୟାଳୟର ଏହି ଆଦେଶନାମା ଅନୁସାରେ, ରାଜ୍ୟ ସରକାର କୌଣସି ପୋଲିସ ଅଫିସରଙ୍କୁ କାର୍ଯ୍ୟକାରୀ ପୋଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରିପାରିବେ ନାହିଁ। କାର୍ଯ୍ୟରତ ଡିଜିପି ଅବସର ନେବାର ତିନିମାସ ପୂର୍ବରୁ ୟୁପିଏସ୍‌ସି ସମସ୍ତ ଯୋଗ୍ୟତା ଥିବା ତିନିଜଣ ଅଫିସରଙ୍କର ଏକ ନାମତାଲିକା ପଠାଇବ। ରାଜ୍ୟ ସରକାର ସେମାନଙ୍କ ମଧ୍ୟରୁ ଜଣଙ୍କୁ ସର୍ବନିମ୍ନ ଦୁଇବର୍ଷ ପାଇଁ ନିଯୁକ୍ତି ଦେବେ। ପର୍ଯ୍ୟବେକ୍ଷକମାନଙ୍କ ମତରେ ଏହାଦ୍ୱାରା ଡିଜିପି ପଦର ଅମର୍ଯ୍ୟାଦା ହେବ ନାହିଁ ଏବଂ ପୋଲିସ ପ୍ରଶାସନ ଉପରେ ରାଜନୈତିକ ନିୟନ୍ତ୍ରଣକୁ ରୋକାଯାଇପାରିବ। ଅନେକ ଘଟଣାରେ ଦେଖାଯାଇଛି ଯେ, ଅବସରର ଶେଷ ଦିନରେ ରାଜ୍ୟ ସରକାର ଏପରି ନିଯୁକ୍ତିକୁ ନିୟମିତ କରିଦିଅନ୍ତି ଏବଂ ସେ ପୂରା ଦୁଇବର୍ଷ କାର୍ଯ୍ୟ କରନ୍ତି। ପୁଣି କେତେକ ରାଜ୍ୟରେ ଏକାଧିକ ଡିଜିପି ଓ ଅତିରିକ୍ତ ଡିଜିପି ଅଛନ୍ତି, ଯାହା ଅନେକ ବିଶୃଙ୍ଖଳାର କାରଣ ହୋଇଥାଏ। ଉଦାହରଣସ୍ୱରୂପ ପଞ୍ଜାବରେ ୧୧ ଜଣ ଡିଜିପି ଓ ୨୦ ଜଣ ଅତିରିକ୍ତ ଡିଜିପି ପାହ୍ୟାର ଅଫିସର ଅଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଉକ୍ତ ଆଦେଶନାମା ପରେ କର୍ନାଟକରେ ଡିଜିପିଙ୍କ ସମ୍ଭାବ୍ୟ ପରିବର୍ତ୍ତନ ନ ହୋଇପାରେ। ବର୍ତ୍ତମାନର ଡିଜି ଓ ଆଇଜିପି ନୀଳମଣି ଏନ୍. ରାଜୁ କେବଳ ବରିଷ୍ଠତମ ପୋଲିସ ଅଫିସର ନୁହନ୍ତି, ସେ ମଧ୍ୟ ଦୁଇବର୍ଷର କାର୍ଯ୍ୟକାଳ ଉପଭୋଗ କରିବେ। ଅନୁମାନ କରାଯାଉଥିଲା ଯେ, ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ରାଜୁଙ୍କୁ ହଟାଇ ତାଙ୍କ ସ୍ଥାନରେ ଦ୍ୱିତୀୟ ବରିଷ୍ଠତମ ଆଇପିଏସ୍ ଅଫିସର ତଥା କର୍ନାଟକ ରାଜ୍ୟ ପୋଲିସ ହାଉସିଂ କର୍ପୋରେଶନ୍‌ର ଡିଜିପି ଏଚ୍.ସି. କିଶୋର ଚନ୍ଦ୍ରଙ୍କୁ ନିଯୁକ୍ତି ଦେଇପାରନ୍ତି, ଯିଏ ମୁଖ୍ୟମନ୍ତ୍ରୀଙ୍କ ପାଖଲୋକ ଭାବେ ଜଣାଶୁଣା। କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ ଉପରୋକ୍ତ ଆଦେଶନାମା ସେଥିରେ ପ୍ରତିବନ୍ଧକ ସୃଷ୍ଟି କରିବ।

Email: dilipcherian@gmail.com

# ଗଧରୁ ମଣିଷ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

୧୯୯୪ ମସିହାର ଘଟଣା। ଭାରତର ତତ୍କାଳୀନ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ଓମାନ୍ ଗସ୍ତରେ ଯାଇଥାନ୍ତି। ସେତେବେଳେ ଓମାନ୍‌ର ସୁଲତାନ ଥାନ୍ତି ଓ୍ୱାବସ୍ ବିନ୍ ସୟିଦ୍ ଅଲ ସୟିଦ୍। ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ଓମାନ୍ ସୁଲତାନ ସ୍ୱୟଂ ବିମାନବନ୍ଦରରେ ଉପସ୍ଥିତ ଥାନ୍ତି। ରାଷ୍ଟ୍ରପତି ଯଥାସମୟରେ ପହଞ୍ଚିଲେ ଓ ଓମାନ୍ ସୁଲତାନ୍ ତାଙ୍କୁ ଭାବପୂର୍ଣ୍ଣ ସ୍ୱାଗତ ଜଣାଇ ପାଛୋଟି ଆଣିଲେ। ରାଷ୍ଟ୍ରପତି ବସିଥିବା କାରକୁ ନିଜେ ଚଳାଇ ତାଙ୍କୁ ଅତିଥିଶାଳାକୁ ଘେନିଆସିଲେ। ସେତେବେଳେ ଏହି ଘଟଣା ଓମାନ୍‌ବାସୀଙ୍କୁ ଚକିତ କରିଥିଲା। କାରଣ କୌଣସି ବାହ୍ୟରାଷ୍ଟ୍ରର ମୁଖ୍ୟଙ୍କୁ ସ୍ୱାଗତ କରିବା ପାଇଁ ଓମାନ୍ ସୁଲତାନ ନିଜେ ବିମାନବନ୍ଦରକୁ ଯିବା ସେହି ଦେଶର ପରମ୍ପରାବିରୁଦ୍ଧ ଥିଲା। ଜଣେ ଖବରଦାତା ସୁଲତାନଙ୍କୁ ପଚାରିଲେ- ''ମହାରାଜ! ଆପଣ ନିଜେ ବିମାନବନ୍ଦରକୁ ଯାଇ ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରି ଆମ ଦେଶର ପରମ୍ପରାକୁ ଭାଙ୍ଗିଲେ କାହିଁକି ?'' ଉତ୍ତରରେ ସୁଲତାନ କହିଥିଲେ, ''ମୁଁ ଭାରତରେ ପାଠ ପଢିଥିଲି। ପୁଣେରେ ପଢୁଥିବା ବେଳେ ଶଙ୍କର ଦୟାଲ ଶର୍ମା ଥିଲେ ମୋର ଶିକ୍ଷକ। ଏଣୁ ମୁଁ ଭାରତର ରାଷ୍ଟ୍ରପତିଙ୍କୁ ନୁହେଁ ମୋର ଶିକ୍ଷକ ଶଙ୍କର ଦୟାଲ ଶର୍ମାଙ୍କୁ ସ୍ୱାଗତ ଜଣାଇବା ପାଇଁ ବିମାନବନ୍ଦରକୁ ଯାଇଥିଲି। ସୁଲତାନ ହୋଇ ବି ସେ ଜଣେ ଛାତ୍ରର କର୍ତ୍ତବ୍ୟ ଭୁଲି ନ ଥିଲେ। ସିଂହାସନରୁ ଓହ୍ଲାଇ ଆସିଥିଲେ ନିଜ ଶିକ୍ଷକଙ୍କୁ ସମ୍ମାନ ଜଣାଇବା ପାଇଁ।

ବିଡ଼ମ୍ବନାର ବିଷୟ ଯେ ଯେଉଁ ଭାରତଭୂମିରେ ଏହିଭଳି ପରମ୍ପରାର ଜନ୍ମ ହୋଇଥିଲା ଆଜି ସେଠି ଲୋକେ ତାକୁ ହତାଦର କରୁଥିବା ବେଳେ ବିଦେଶରେ ସେହି ପରମ୍ପରା ଅନୁସୃତ ହେଉଛି। ୨୦୦୮ ମସିହାରେ ଜିଗ୍‌ମେ କେଶର ନମ୍ୟାଲ୍ ଓ୍ୱାଙ୍ଗଚକ୍ ଭୁଟାନର ରାଜା ଭାବରେ ଅଭିଷିକ୍ତ ହେବା ପରେ ରାଷ୍ଟ୍ରର ଉନ୍ନତି ନିମିତ୍ତ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭବ କରିଥିଲେ। ଶିକ୍ଷକମାନଙ୍କ ସମ୍ମୁଖରେ ସେ ରାଜସିଂହାସନରେ ନ ବସି ଏକ ସାଧାରଣ ଚୌକିରେ ବସୁଥିଲେ। ପ୍ରାଚୀନ ଭାରତରେ ମଧ୍ୟ ରାଜଦରବାରରେ ଗୁରୁଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଥିଲା। ଗୁରୁ ରାଜଦରବାରରେ ପ୍ରବେଶ କଲେ ରାଜା ସିଂହାସନରୁ ଉଠିପଡି ସମ୍ମାନ ଜଣାଉଥିଲେ। ଆଜି ସବୁକିଛି ବଦଳିଯାଇଛି। ମନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀମାନଙ୍କ କୋଠରିକୁ ସେମାନଙ୍କ ଶିକ୍ଷକ ପ୍ରବେଶ କଲେ ତାଙ୍କ ପାଇଁ ଏଭଳି ସମ୍ମାନ ଆଶା କରିବା ଆକାଶକୁସୁମ ସଦୃଶ।

ଆଜି ଆମମାନଙ୍କ ମଧ୍ୟରେ ଅଛନ୍ତି ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ, ଡାକ୍ତର, ଇଞ୍ଜିନିୟର, ବିଚାରକ, ଅଧ୍ୟାପକ ଇତ୍ୟାଦି। ଆମକୁ ଦିନେ ପାଠ ପଢାଇ ମଣିଷ କରିଥିଲେ ଶିକ୍ଷକମାନେ। ମାତ୍ର ଶିକ୍ଷିତ ହୋଇ ଉଚ୍ଚାସନରେ ଅଧିଷ୍ଠିତ ହୋଇଗଲେ ଆମକୁ ମଣିଷ କରିଥିବା ସେହି ଶିକ୍ଷକମାନଙ୍କ କଥା ଆମେ ଭୁଲିଯାଉ। ପଦ ଓ କ୍ଷମତାଜନିତ ଅହଂ-କବଳିତ ହୋଇ ଆମେ ଭୁଲିଯାଉ ସେହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ଯିଏ ଆମକୁ 'ଅ, ଆ, କ, ଖ'ରୁ ଶିକ୍ଷା ଆରମ୍ଭ କରି ଆମକୁ ମଣିଷ ଭାବେ ଗଢିତୋଳିବାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଭଳି ବି ହୁଏ ଆମେ ଭୋଗବିଳାସରେ ବୁଡି ରହିଥିବାବେଳେ ଆମକୁ ମଣିଷ କରିଥିବା ସେହି ଶିକ୍ଷକ ଦୁଃଖ ଓ ଦୈନ୍ୟ ମଧ୍ୟରେ ଜୀବନ ଅତିବାହିତ କରୁଥାନ୍ତି। ମାତ୍ର ଉଚ୍ଚଶିକ୍ଷିତ ପଦାଧିକାରୀ ମଣିଷ ସେହି ମଣିଷ-ନିର୍ମାତା ଶିକ୍ଷକଙ୍କୁ ବିସ୍ମୃତିର ଗର୍ଭକୁ ନିକ୍ଷେପ କରିଦିଅନ୍ତି। ଏହି ପ୍ରସଙ୍ଗରେ ମନେପଡେ କଥାକାର ଗଣେଶ ପ୍ରସାଦ ପରିଜାଙ୍କ ଏକ କ୍ଷୁଦ୍ରଗଳ୍ପ 'ଗଧ ମଣିଷ ହେଲା'।

ଗାଁ ମୁଣ୍ଡରେ ଛିଡା ହୋଇଥାନ୍ତି ଜଣେ ଉଚ୍ଚ ଶିକ୍ଷିତ ଯୁବକ। ଗାଁର ଅବଧାନେ ତାକୁ କହୁଥାନ୍ତି- ''ଆରେ, ତୁ ପାଠ ପଢି ଚାକିରି କଲା ପରେ ଅମଣିଷ ହୋଇଗଲୁ। ତୁ ଥିଲୁ ଏକ ଗଧ ଓ ମୁଁ ତୋତେ ମଣିଷ କରିଛି। କାଳେ ମୋତେ ଦଣ୍ଡବତ କରିବାକୁ ପଡିବ ବୋଲି ତୁ ଲୁଚି ପଳାଉଛୁ। ଗୁରୁଙ୍କୁ ସମ୍ମାନ ଦେଖାଇବା କ'ଣ ମଣିଷର ଧର୍ମ ନୁହେଁ?'' ଏସବୁ ଶୁଣୁଥାଏ ପାଖରେ ଛିଡା ହୋଇଥିବା ଗାଁର ଧୋବା। ତା'ର ଥିଲା ଗୋଟିଏ ଗଧ। କିନ୍ତୁ ତା'ର ପିଲାଛୁଆ କେହି ନ ଥିଲେ। ସେ ଭାବିଲା ଅବଧାନେ ଗୋଟିଏ ଗଧକୁ ଯଦି ମଣିଷ କରିଛନ୍ତି, ତା' ଗଧଟିକୁ ଯଦି ମଣିଷ କରିଦିଅନ୍ତେ ତା'ର ଦୁଃଖ ଦୂର ହୋଇଯାନ୍ତା। ସେ ପୁଅଟିଏ ପାଆନ୍ତା ଓ ସେହି ପୁଅ ପାଠପଢି ସେହି ଯୁବକ ଭଳି ବଡ଼ ମଣିଷ ହୁଅନ୍ତା। ସେ ତା' ପରଦିନ ତା' ଗଧଟିକୁ ଧରି ଅବଧାନଙ୍କ ଘରେ ପହଞ୍ଚିଲା ଓ କହିଲା, ଅବଧାନେ! ଆପଣ ମୋ ଗଧଟିକୁ ମଣିଷ କରିଦିଅନ୍ତୁ। ତାକୁ ମୁଁ ପାଠ ପଢାଇ ବଡ ଲୋକ କରିବି। ଅବଧାନେ କହିଲେ, ଆରେ ଗଧକୁ କ'ଣ କେବେ ମଣିଷ କରିହୁଏ ? ଧୋବା କହିଲା, ଗତକାଲି ଆପଣ ଗାଁ ମୁଣ୍ଡରେ ସେହି ଉଚ୍ଚଶିକ୍ଷିତ ଯୁବକଙ୍କୁ ଗଧରୁ ମଣିଷ କରିଛନ୍ତି ବୋଲି କହିବାର ମୁଁ ଶୁଣିଛି। ଆପଣ ଦୟାକରି ମୋତେ ନିରାଶ କରନ୍ତୁ ନାହିଁ। ଅବଧାନେ ମୂର୍ଖ ବା ନିରକ୍ଷର ଅର୍ଥରେ ଗଧ ଶବ୍ଦ ବ୍ୟବହାର କରିଥିଲେ ବୋଲି ଯେତେ ବୁଝାଇଲେ ମଧ୍ୟ ଧୋବା ବୁଝିଲା ନାହିଁ ଓ ତାଙ୍କ ଘରେ ଗଧଟିକୁ ବାନ୍ଧି ଦେଇ ଚାଲିଆସିଲା। ଅନନ୍ୟୋପାୟ ହୋଇ ଅବଧାନେ ଗଧଟିକୁ ରଖିଲେ। ମଝିରେ ମଝିରେ ଧୋବା ଆସି ପଚାରୁଥାଏ, ଆଜ୍ଞା ମୋ ଗଧ ମଣିଷ ହେଲାଣି ? ଅବଧାନେ କହୁଥାନ୍ତି, 'କାମ ଚାଲିଛି।' ଶେଷରେ ଦିନେ ଅବଧାନେ ଧୋବାକୁ କହିଲେ, ତୋ ଗଧ ମଣିଷ ହୋଇଛି। କିନ୍ତୁ ଗଧ ମଣିଷ ହେଲେ ତା' ପୂର୍ବ କଥା ଭୁଲିଯାଏ। ଏଣୁ ତୋ ଗଧ ମଣିଷ ହେଲାପରେ ତୋତେ କିମ୍ବା ମୋତେ ଚିହ୍ନିପାରିବ ବୋଲି ମୁଁ ଭାବୁନାହିଁ। ଧୋବା ଜୋର ଦେଇ କହିଲା, ନା ଅବଧାନେ ସେ ନିଶ୍ଚୟ ଆମକୁ ଚିହ୍ନିବ।

ଅବଧାନେ ଧୋବାକୁ ନେଇଗଲେ ଏକ ବିଚାରାଳୟକୁ। ବିଚାରକଙ୍କ ପ୍ରତି ଅଙ୍ଗୁଳି ଦେଖାଇ କହିଲେ, ତୋର ଗଧ ଆଜି ବିଚାରକ ହୋଇ ନ୍ୟାୟ ବିଚାର କରୁଛନ୍ତି। ଧୋବା ଖୁସି ହୋଇ ବିଚାରକଙ୍କୁ ଜୋର ପାଟିରେ ଡାକିଲା। ହେଲେ ବିଚାରକ ତା' କଥାକୁ କର୍ଣ୍ଣପାତ କଲେ ନାହିଁ। ଧୋବା ଭାବିଲା ବୋଧହୁଏ, ଅବଧାନେ ଠିକ୍ କହୁଥିଲେ- ଗଧ ମଣିଷ ହେଲେ ତା'ର ପୂର୍ବକଥା ଭୁଲିଯାଏ। ସେ ଚିନ୍ତାକଲା, ସେ ଯେଉଁ ଦଉଡିରେ ଗଧକୁ ବାନ୍ଧୁଥିଲା, ସେହି ଦଉଡି ତାକୁ ଦେଖାଇଲେ ହୁଏତ ସେ ତାକୁ ଚିହ୍ନିପାରିବ। ଘରୁ ଦଉଡିଟି ଆଣି ଦେଖାଇବା ପରେ ମଧ୍ୟ ବିଚାରକ ତାକୁ କିମ୍ବା ଅବଧାନଙ୍କୁ ଚିହ୍ନିପାରିଲେ ନାହିଁ। ଶେଷରେ ଧୋବା ରାଗିଯାଇ କହିଲା, ''ତୋତେ ପରା ମୁଁ ଏଇ ଦଉଡିରେ ବାନ୍ଧୁଥିଲି। ତୋତେ ଏହି ଅବଧାନେ ପାଠ ପଢାଇ ମଣିଷ କରିଛନ୍ତି। ଆଜି ମଣିଷ ହୋଇଗଲୁ ବୋଲି ମୋତେ ଭୁଲିଗଲୁ ଓ ତୋତେ ମଣିଷ କରିଥିବା ଅବଧାନଙ୍କୁ ବି ଭୁଲିଗଲୁ ?''ଏହି କଥାପଦକ ବିଚାରକଙ୍କ ଚେତନାକୁ ଦୋହଲାଇଦେଲା। ବିଚାରକ ଭାବଗମ୍ଭୀର ହୋଇଗଲେ ଓ ଚିନ୍ତା କଲେ, ''ସତେ ତ, ଦିନେ ମୁଁ ବି ଥିଲି ଗଧ ଅର୍ଥାତ୍ ମୂର୍ଖ ବା ନିରକ୍ଷର। ମାତ୍ର ପ୍ରାଥମିକ ବିଦ୍ୟାଳୟରେ ଯେଉଁ ଶିକ୍ଷକ ମୋତେ ଅ, ଆରୁ ପାଠପଢା ଆରମ୍ଭ କରି ମଣିଷ ଭାବରେ ଗଢ଼ି ତୋଳିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ତାଙ୍କ କଥା ତ ଆଜି ମୋର ମନେ ନାହିଁ ? କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ସେ ଧୋବାକୁ କହିଲେ, ''ତୁ ଠିକ୍ କହିଛୁ। ଗଧ ମଣିଷ ହେଲେ ତା' ପୂର୍ବ କଥା ଭୁଲିଯାଏ। ତୋ ଗଧ ମଧ୍ୟ ମଣିଷ ହୋଇ ତା' ପୂର୍ବକଥା ଭୁଲିଯାଇଛି।'' ବିଚାରକ ତାଙ୍କ ପକେଟରୁ କିଛି ଟଙ୍କା କାଢି ଧୋବାକୁ ତାହା ଧରାଇ ଦେଇ କହିଲେ- ନେ, ତୋ ଗଧର ଦାମ୍। ଆଉ ଦିନେ ଏଠାକୁ ଆସିବୁନି। ଧୋବା ଡରିଯାଇ ଟଙ୍କାତକ ଗ୍ରହଣ କରି ଚାଲିଆସିଲା। ଗଲାବେଳେ ମନେ ମନେ ଭାବୁଥିଲା, ଅବଧାନେ ଠିକ୍ କଥା କହୁଥିଲେ। ଗଧ ମଣିଷ ହେଲେ ତା' ପୂର୍ବ କଥା ମନେ ପକାଇପାରେ ନାହିଁ। ଆଜି ମଧ୍ୟ ସମାଜରେ ଏହିଭଳି ଗଧମାନଙ୍କ ସଂଖ୍ୟା ଅନେକ।

ଟିଟିଲାଗଡ଼, ମୋ- ୯୪୩୭୩୨୯୨୬୩

# ସାର୍ଥକ ଜୀବନ

ମମତା ପଣ୍ଡା

କବିଙ୍କ ଭାଷାରେ- ''ମୁହୂର୍ତ୍ତେ ମାତର ଉଜ୍ଜ୍ୱଳି ପ୍ରଖର ଶିଖା ଟେକି ହୁତାଶନ,/ ଜଳି ଯେବେ କରେ ଆଲୋକ ଉତ୍ତାପ ଚଉଦିଗେ ବିତରଣ।/ ଲିଭୁ ସେ କ୍ଷଣକେ ତଥାପି ଏ ଲୋକେ ରହେ ତା' ଆଦର ଯଶ,/ କି ଲୋଡ଼ା ତହିଁରେ ରହେ ଯେ ମହୀରେ କୁହୁଳି ସହସ୍ର ବର୍ଷ ?''

(ଧର୍ମପଦ- ପଣ୍ଡିତ ଗୋପବନ୍ଧୁ)

ମଣିଷ ଜୀବନର ସାର୍ଥକତା ଏଇ ଅଗ୍ନିଶିଖା ପରି ଆଲୋକ ଓ ଉତ୍ତାପ ପ୍ରଦାନ କରିବାରେ। ତାହା ସ୍ୱଳ୍ପକାଳ ପାଇଁ ହେଉ ପଛେ। କିନ୍ତୁ ଶତାୟୁ ହୋଇ ମଧ୍ୟ ଯଦି ଜୀବନ ସମାଜସେବାରେ ଲାଗି ନ ପାରିଲା, ପରର ଉପକାରରେ ଜୀବନର କିଛି ଅଂଶ ବିନିଯୋଗ ହୋଇ ନ ପାରିଲା, ତେବେ ସେ କୁହୁଳୁଥିବା ନିଆଁ ପରି ଆଦର ଯଶ ପାଇପାରେନା। ଏହିପରି ଜଣେ ସାର୍ଥକ ଜୀବନ ଜିଇଁଥିବା ମଣିଷ ଥିଲେ ସ୍ୱାମୀ ବିବେକାନନ୍ଦ, ଯିଏ ମାତ୍ର ୩୯ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଅନେକ ମହତ୍ କାମ କରିଯାଇଛନ୍ତି। ସେ ମାତ୍ର ୩୦ ବର୍ଷ ବୟସରେ ୧୧।୦୯।୧୮୯୩ରେ ସୁଦୂର ଆମେରିକାର ଶିକାଗୋଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ ସମ୍ମିଳନୀରେ ଭାରତ ଓ ହିନ୍ଦୁଧର୍ମର ପ୍ରତିନିଧିତ୍ୱ କରି ହିନ୍ଦୁଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ। ଭାରତ ତଥା ବହିର୍ଭାରତରେ ଶ୍ରୀଶ୍ରୀରାମକୃଷ୍ଣ ପରମହଂସଙ୍କ ଭାବଧାରାର ପ୍ରଚାର ପ୍ରସାର କରିଥିଲେ। ସେହିପରି ଆଦି ଶଙ୍କରାଚାର୍ଯ୍ୟଙ୍କ ପରମାୟୁ ଥିଲା ମାତ୍ର ୩୨ ବର୍ଷ। ସେ କେରଳର କାଲାଡ଼ି ଗ୍ରାମରେ ୭୮୮ ମସିହାରେ ଏକ ନମ୍ବୁଦ୍ରି ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରି ୮୨୦ ଖ୍ରୀଷ୍ଟାବ୍ଦରେ ମହାପ୍ରୟାଣ ଲାଭ କରିଥିଲେ। ଏହି ସ୍ୱଳ୍ପ ଜୀବନକାଳ ଭିତରେ ସେ ଜ୍ଞାନରେ ସାରା ଭାରତ ଜୟ କରି ବୈଦିକ ଧର୍ମର ପୁନଃପ୍ରତିଷ୍ଠା କରିଥିଲେ। ଚାରିଧାମରେ ମଠ ପ୍ରତିଷ୍ଠା କରିଥିଲେ। ଅନେକ ସ୍ତୋତ୍ର, ମୋହମୁଦ୍‌ଗର ଓ ମଣିମାଳା ଆଦି ରଚନା କରିବା ସହ ଅନେକ ଭାଷ୍ୟ ରଚନା କରିଥିଲେ। ତେବେ ଏଠାରେ ମୁଁ ଆଉ ଜଣେ ବିବେକାନନ୍ଦଙ୍କ ବିଷୟରେ ସୂଚନା ଦେବାକୁ ଚାହୁଁଛି, ଯିଏ ଉପରୋକ୍ତ ମହାପୁରୁଷଙ୍କ ସହ ତୁଳନୀୟ ନ ହେଲେ ମଧ୍ୟ ମାନବସେବାକୁ ମାଧବସେବା ଜ୍ଞାନରେ ନିଜ ଜୀବନର ବ୍ରତ କରି ଜୀବନର ସ୍ୱଳ୍ପ ଅବଧି ଭିତରେ ସ୍ମରଣୀୟ ହୋଇ ରହିଯାଇଛନ୍ତି। ସେ ଆରମ୍ଭ କରିଥିବା ସେବାକାର୍ଯ୍ୟ ତାଙ୍କ ପରେ ବି ଅବ୍ୟାହତ ରହିଛି।

ତାଙ୍କର ଜନ୍ମ ହୁଏ ୧୯୬୭ ମସିହା ମାଘ କୃଷ୍ଣ ସପ୍ତମୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥିରେ। ସେଥିପାଇଁ ପିତା ଲକ୍ଷ୍ମୀଧର ଓ ମାତା ହେମାଙ୍ଗିନୀ ତାଙ୍କ ନାଁ ରଖିଥିଲେ ବିବେକାନନ୍ଦ। ବାଲ୍ୟକାଳରୁ ହିଁ ସେ ଥିଲେ ପରଦୁଃଖକାତର। ଦିନେ ସେ ତାଙ୍କୁ କିଛିଦିନ ପାଠ ପଢ଼ାଇଥିବା ତାଙ୍କ ପିତାଙ୍କ ପ୍ରାଥମିକ ଶିକ୍ଷକଙ୍କଠାରୁ ଏକ ଚିଠି ପାଇଲେ। ଏହି ଚିଠି ମାଧ୍ୟମରେ ଗୁରୁଜୀ ତାଙ୍କର ଦେହ ଭଲ ରହୁ ନ ଥିବା ଓ ଅଭାବ ଅସୁବିଧାରେ ଚଳୁଥିବା ବିଷୟ ଦର୍ଶାଇବା ସହ ଏକ ଶୀତ ଚଦର କିଣିବା ପାଇଁ ତାଙ୍କ ପିତାଙ୍କୁ ମାତ୍ର ୧୦ ଟଙ୍କା ମାଗିଥିଲେ। ବିବେକାନନ୍ଦ ତାଙ୍କ ମାଆଙ୍କୁ କହିଲେ: ମାଆ, ଗୁରୁଜୀଙ୍କ ଦେହ ଭଲ ନାହିଁ। ମୁଁ ଏକ ଚଦର ଓ କିଛି ଫଳମୂଳ ନେଇ ତାଙ୍କୁ ଦେଖିବାକୁ ଯିବି। ମାଆ ଅନୁମତି ଦେବାରୁ ମାଉସୀପୁଅ ଭାଇ ବାଲୁଙ୍କେଶ୍ୱରଙ୍କୁ ସାଙ୍ଗରେ ନେଇ ସେ ଗଲେ ଭୁବନେଶ୍ୱରରୁ ଖୋର୍ଦ୍ଧା ଓ ସେଠାରୁ କିଛି କିଲୋମିଟର ଦୂର ଏକ ନିପଟ ମଫସଲ ଗାଁକୁ। ଗାଁରେ ପହଞ୍ଚି ଯାହା ଦେଖିଲେ ସେଥିରେ ତାଙ୍କର ପ୍ରାଣ କାନ୍ଦିଉଠିଲା। କାରଣ ଇତିମଧ୍ୟରେ ଗୁରୁଜୀଙ୍କର ପରଲୋକ ହୋଇଯାଇଥିଲା। ସେଦିନ ତାଙ୍କ ମୃତ୍ୟୁର ସପ୍ତମ ଦିନ। ପରିବାର ଓ ଜ୍ଞାତି ଲୋକମାନେ ତୁଠକୁ ଯାଇଥିଲେ।

ସେଦିନ ଶୋକାତୁର ଭଙ୍ଗା ମନ ନେଇ ଘରକୁ ଫେରିବା ପରେ ୮ ବର୍ଷର ବିବେକାନନ୍ଦ ତାଙ୍କ ମାଆଙ୍କ ଆଗରେ ପ୍ରତିଜ୍ଞା କରିଥିଲେ: ମାଆ ! ମୁଁ ବଡ଼ ହେଲେ ମାଆବାପା, ବୁଢ଼ୀବୁଢ଼ା, ଗରିବ ଓ ଅସହାୟ ଲୋକମାନଙ୍କର ସେବା କରିବି। ସେ ପ୍ରତିଜ୍ଞା ଥିଲା ତାଙ୍କର ଭୀଷ୍ମ ପ୍ରତିଜ୍ଞା। ସେଥିରୁ ସେ କେବେ ବି ଓହରିନାହାନ୍ତି।

ବଡ଼ ହେବା ପରେ ସେ ବାଛିନେଲେ ଆଇନ ବ୍ୟବସାୟକୁ ତାଙ୍କର ଜୀବିକା ରୂପେ। ଘର ଲୋକେ ସମସ୍ତେ ଜାଣନ୍ତି ଯେ ପୁଅ କଚେରିକୁ ଯାଇଛି। କିନ୍ତୁ ସେ କେତେବେଳେ ବସ୍ତି ଅଞ୍ଚଳକୁ ଯାଇ ରୋଗୀ ସେବା କରନ୍ତି, କେତେବେଳେ ସଫେଇ କାର୍ଯ୍ୟ କରନ୍ତି, କେତେବେଳେ ଗରିବ ପିଲାଙ୍କୁ ପାଠ ପଢ଼ାନ୍ତି ଓ କେତେବେଳେ ରକ୍ତଦାନ କରନ୍ତି, ତାହା ତାଙ୍କ ଛଡ଼ା ଓ ତାଙ୍କ ସେବାକାର୍ଯ୍ୟର ସହଯୋଗୀ ସାଥୀ ଓକିଲଙ୍କ ଛଡ଼ା ଆଉ କେହି ଜାଣନ୍ତି ନାହିଁ। ଅନେକ ଗରିବ ମେଧାବୀ ପିଲାଙ୍କ ପାଇଁ ସେ ପଢ଼ାଖର୍ଚ୍ଚ ବହନ କରୁଥିଲେ। କିନ୍ତୁ ସମସ୍ତଙ୍କୁ ତାଙ୍କ ନାଁ ପ୍ରକାଶ ନ କରିବା ପାଇଁ ତାଗିଦ କରୁଥିଲେ। ଏପରି କି ସେ ଏତେ ସେବାକାର୍ଯ୍ୟ କରୁଥିବା ବିଷୟରେ ତାଙ୍କ ମାଆବାପା ବି ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଜାଣି ନ ଥିଲେ। ୧୩।୦୮।୨୦୦୦ ଗହ୍ମା ପୂର୍ଣ୍ଣମୀର ପୂର୍ବଦିନ ମାତ୍ର ୩୩ ବର୍ଷ ବୟସରେ ବିବେକାନନ୍ଦଙ୍କ ପରଲୋକ ଘଟିବା ପରେ ଜମା ହୋଇପଡ଼ିଥିଲେ ତାଙ୍କର ଶୁଭେଚ୍ଛୁ ଓ ତାଙ୍କ ଦ୍ୱାରା ଉପକୃତ ହୋଇଥିବା ମଣିଷମାନେ। ସେମାନେ ତାଙ୍କ ମୁହଁରେ ନିଜେ ପାଇଥିବା ଉପକାର ବିଷୟରେ ସ୍ୱୀକାର କରିବା ପରେ ହିଁ ବିବେକାନନ୍ଦଙ୍କ ସେବାକାର୍ଯ୍ୟ ବିଷୟରେ ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ସେଥିପାଇଁ ତାଙ୍କର ପିତା ଲକ୍ଷ୍ମୀଧର ବାବୁ ଓ ଅନ୍ୟମାନେ ନିଷ୍ପତ୍ତି ନେଲେ ବିବେକାନନ୍ଦଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସେବାକାର୍ଯ୍ୟ ଯେପରି ତାଙ୍କ ମୃତ୍ୟୁ ପରେ ବି ଅନନ୍ତକାଳ ଧରି ଅବ୍ୟାହତ ରହେ ତା'ର ବ୍ୟବସ୍ଥା କରିବାକୁ। ତାଙ୍କ ମୃତ୍ୟୁ ପରେ ମିଳିଥିବା ପ୍ରାୟ ଏକ କୋଟି ଟଙ୍କାର ବୀମା ଅର୍ଥକୁ ତାଙ୍କ ସ୍ମୃତ୍ୟର୍ଥେ ଏକ ଟ୍ରଷ୍ଟ ଗଠନ କରି ଜମା କରିଦିଆଗଲା, ଯାହାର ସୁଧ ଅର୍ଥରେ ଗରିବ ମେଧାବୀ ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ସେବାକାର୍ଯ୍ୟ ଜାରି ରହିଛି। ଧନ୍ୟ ସେହି ନର ଯିଏ ଜୀବନରେ ଓ ମରଣରେ ବି ପରୋପକାର କରିଚାଲିଛନ୍ତି। ଶାସ୍ତ୍ରରେ ଅଛି- ''ପରୋପକାରାୟ ଫଳନ୍ତି ବୃକ୍ଷାଃ ପରୋପକାରାୟ ବହନ୍ତି ନଦ୍ୟଃ। ପରୋପକାରାୟ ଦୁହନ୍ତି ଗାବଃ ପରୋପକାରାର୍ଥମିଦଂ ଶରୀରମ୍।।''

ହାସିମନଗର, ତିରଣ, ଜଗତ୍‌ସିଂହପୁର,
ମୋ-୭୯୭୮୭୩୧୧୪୭

## ଏଇ ଭାରତରେ

'ପର ଦୁଃଖ ଦେଖି କାନ୍ଦେ ଯା' ପରାଣ ମହତ ମଣିଷ ସିଏ।' ଏହି ଆପ୍ତ ବାକ୍ୟର ଯଥାର୍ଥତା ଯୁଗେ ଯୁଗେ ରହିଛି। ନିକଟରେ କେରଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଲକ୍ଷ ଲକ୍ଷ ଲୋକ ନିରନ୍ନ ଓ ବାସହରା ହୋଇଯାଇଛନ୍ତି। ଏହି ଅଞ୍ଚଳର ଲୋକଙ୍କ ଦୁଃଖ ଦେଖି କୋଝିକୋଡର ଜଣେ ତରୁଣୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଅର୍ଥରେ ସ୍ୱର୍ଣ୍ଣାଳଙ୍କାର କିଣାଯାଇଥାଆନ୍ତା। କୋଝିକୋଡ ଜିଲା ଭଟକରା ଅଞ୍ଚଳର ବାସିନ୍ଦା ଅମ୍ରିତା ଏସ୍. ଭେନୁ ସେପ୍ଟେମ୍ବର ୧୫ରେ ବିବାହ କରିଥାଆନ୍ତେ। ସେ ଅଳଙ୍କାର କିଣାକୁ ପଛରେ ପକାଇ ଏ ବାବଦ ଅର୍ଥକୁ ବନ୍ୟାପ୍ଲାବିତ ଲୋକଙ୍କ କଲ୍ୟାଣ ପାଇଁ ଦାନକଲେ। ଟେଲିଭିଜନ୍‌ରେ କେରଳର କରାଳ ଦୃଶ୍ୟ ଏବଂ ବନ୍ୟା ପ୍ରଭାବିତଙ୍କୁ ଦେଖିବା ପରେ କିଛି ଦାନକରିବା ପାଇଁ ଅମ୍ରିତା ସ୍ଥିର କଲେ ଏବଂ ତାଙ୍କ ଭାବୀ ବରଙ୍କୁ ଜଣାଇଦେଲେ, ବାହାଘର ବେଳେ ସେ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧିବେ ନାହିଁ। ଏହି ଅର୍ଥକୁ ସେ ବନ୍ୟାପୀଡ଼ିତଙ୍କ ଉଦ୍ଦେଶ୍ୟରେ ଦାନ କରିଦେଉଛନ୍ତି। ତାଙ୍କର ଏହି ନିଷ୍ପତ୍ତିକୁ ଶାଶୁଘର ଲୋକେ ପୂର୍ଣ୍ଣ ସମର୍ଥନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଅଗଷ୍ଟ ୧୯୯୩

- ସୋମାଲିଆର ଯୁଦ୍ଧଖୋର ଗୋଷ୍ଠୀର ନେତା ମହମ୍ମଦ ଫାରା ଆଦିନଙ୍କୁ ଜୀବନ୍ତ କିମ୍ବା ମୃତ ଅବସ୍ଥାରେ ଧରିବା ଲାଗି ଆମେରିକା ସୋମାଲିଆକୁ ଅଧିକ ୪୦୦ ସୈନ୍ୟ ପଠାଇଲା।
- ରୁଷିଆ ଲିଥୁଆନିଆରୁ ନିଜର ସୈନ୍ୟ ପ୍ରତ୍ୟାହାର ନ କଲେ ଆମେରିକା ରୁଷିଆକୁ ୭୦୦ ମିଲିୟନ ଡଲାର ମୂଲ୍ୟର ବୈଷୟିକ ସାହାଯ୍ୟ ଦେବନାହିଁ ବୋଲି ଘୋଷଣା କରିଛି।



ଜିଲା ଡାଏରୀ

## ବଲାଙ୍ଗୀର

### ବାଇପାସ୍ ରାସ୍ତା ରାଜନୀତି

ସହର ମଧ୍ୟ ଦେଇ ଦୁଇଟି ଜାତୀୟ ରାଜପଥ ଯାଇଛି। ଏ ରାସ୍ତା ଦେଇ ଦିନକୁ ଶହ ଶହ ଟ୍ରକ୍ ଯିବା ଆସିବା କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ତେଣୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନିୟମ କରାଗଲା ଯେ, ଦିନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସହର ମଧ୍ୟଦେଇ ଭାରିଯାନ ଯାତାୟାତ କରିପାରିବ ନାହିଁ। ସହର ବାହାର ଦେଇ ଏକ ବାଇପାସ୍ ରାସ୍ତା ନିର୍ମାଣ କରାଯିବ ଓ ସେଇ ରାସ୍ତାରେ ଭାରିଯାନ ଯାତାୟାତ କରିପାରିବ। ୨୦୦୧ରେ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ୨୦୧୦ ବେଳକୁ ଆନୁଷଙ୍ଗିକ କାର୍ଯ୍ୟ ସମାପ୍ତ କରାଯାଇ କେନ୍ଦ୍ର ସରକାରଙ୍କ ପାଖକୁ ଅର୍ଥ ମଞ୍ଜୁରୀ ପାଇଁ ପଠାଯାଇଥିଲେ ମଧ୍ୟ କେବଳ ଜମି ଅଧିଗ୍ରହଣ ପାଇଁ ୨୦୧୨ରେ ୪୦ କୋଟି ଟଙ୍କା ଆସିଥିଲା। ଜମି ଅଧିଗ୍ରହଣ ପାଇଁ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରାୟ ୨୭୦ କୋଟି ଟଙ୍କାର ଆବଶ୍ୟକତା ଦର୍ଶାଇ ଏକ ଚିଠା ପଠାଯାଇଥିଲା। କିନ୍ତୁ କେନ୍ଦ୍ର ସରକାର ଜମି ମୂଲ୍ୟରେ ଜାଲିଆତି ହୋଇଥିବା ଦର୍ଶାଇ ପୁନଃ ଠିକ୍ ଚିଠା ପଠାଇବାକୁ କହିଥିଲେ। ଇତିମଧ୍ୟରେ ତାକୁ ସଂଶୋଧନ କରାଯାଇ ୨୪୧ କୋଟି ଟଙ୍କାର ଏକ ବ୍ୟୟ ଅଟକଳ କେନ୍ଦ୍ରକୁ ପଠାଯାଇଛି। ଏ ରାସ୍ତାରେ କେତେକ ଜଙ୍ଗଲ ଜମି ଥିବାରୁ ତା'ର ଅନୁମତି ମଧ୍ୟ ଏ ପର୍ଯ୍ୟନ୍ତ ମିଳିପାରି ନାହିଁ। ଏ ସବୁକୁ ଦୃଷ୍ଟି ଦେଲେ ବାଇପାସ୍ ରାସ୍ତା ନିର୍ମାଣ ହେବା ଏକପ୍ରକାର ଅନିଶ୍ଚିତତା ମଧ୍ୟରେ ରହିଛି। କିନ୍ତୁ ସହର ମଧ୍ୟରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇ ଅନେକ ଧନଜୀବନ କ୍ଷତି ହେଉଥିବାରୁ ବର୍ତ୍ତମାନ ଏହା ଉପରେ ରାଜନୀତି ଜୋର୍ ଧରିଛି। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସହରବାସୀଙ୍କ ହିତ ପାଇଁ ସବୁ ନେତା ଏକ ହୋଇ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରିବାକୁ ସାଧାରଣରେ ଦାବି ହେଉଛି।

-ସୁବାସ ଚନ୍ଦ୍ର ପଣ୍ଡା

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ର ପାଇଁ ବିପଦ

ମହାଶୟ,

ଯେଉଁ ଉଦ୍ଦେଶ୍ୟରେ ଗଣତନ୍ତ୍ର ପ୍ରତିଷ୍ଠା କରାଗଲା ତାହା ଏବେ ବିପଦରେ। ଧନୀ ଆହୁରି ଧନୀ ଏବଂ ଗରିବ ଆହୁରି ଗରିବ ହୋଇଯାଉଛନ୍ତି। ଧନୀଙ୍କ ହାତରେ ହିଁ କ୍ଷମତା ରହୁଛି। ଗରିବ ଲୋକେ ଅଳ୍ପକେ ସନ୍ତୁଷ୍ଟ। ତେଣୁ ନିର୍ବାଚନ ସମୟରେ ସେମାନଙ୍କ ପାଇଁ ରୋଚକ ଯୋଜନାମାନ ଘୋଷଣା କରି ସେମାନଙ୍କୁ ଆକୃଷ୍ଟ କରାଯାଏ। କିନ୍ତୁ ନିର୍ବାଚନ ପରେ ନେତାଏ ୫ ବର୍ଷ ମଧ୍ୟରେ ସେ ଅଞ୍ଚଳକୁ ଥରେ ବି ପାଦ ପକାନ୍ତି ନାହିଁ। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ଅକ୍ଷୟ ମହାନ୍ତି, ଜଗତ୍‌ସିଂହପୁର

### ଠକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ଯେଉଁ ସରକାରୀ ଏବଂ ବେସରକାରୀ କର୍ମଚାରୀମାନେ ବିନା ମଞ୍ଜୁରିପ୍ରାପ୍ତ ଛୁଟିରେ ନିୟମିତ ଭାବେ ଘରେ ରହୁଛନ୍ତି ବା ସେମାନଙ୍କ କାର୍ଯ୍ୟସ୍ଥଳୀରେ ଅନୁପସ୍ଥିତ ରହୁଛନ୍ତି ଏବଂ ଅଭ୍ୟାସଗତ ଭାବରେ ଅର୍ଥ ତୋଷରପାତ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯେଉଁ ଦେଶ ବା ରାଜ୍ୟରେ ଦୁର୍ନୀତି ଯେତେ କମ୍ ସେ ଦେଶ ବା ରାଜ୍ୟ ସେତେ ଆଗୁଆ। ତେଣୁ ପ୍ରଗତିର ଅନ୍ତରାୟ ଏହି ଦୁର୍ନୀତିକୁ କ୍ରମଶଃ ଦୂର କରିବା ଓ ସେ ଦିଗରେ ସହଯୋଗ କରିବା ପ୍ରତ୍ୟେକ ସଚ୍ଚୋଟ, ଦୂରଦୃଷ୍ଟିସମ୍ପନ୍ନ ଏବଂ ବିଜ୍ଞ ବ୍ୟକ୍ତିର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ।

ଅଜିତ କୁମାର ବେଉରା, ଶୈଳଶ୍ରୀ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ କିବା ମୋହରି ଆଶେ
ବିରହ-ସାଗରେ ଭାସେ
ମୋର ଲାଗି ଏହି ରୂପେ
ପୀଡ଼ଇ କି ଛାତି ?
ଗୀତେ ତା'ର ପ୍ରାଣ ଉଠେ ମାତି। (ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| 9 | 8 | 2 | | | D | | | 6 | | | | | | 5 | E |
| | B | | C | 9 | | 8 | | A | 4 | | | | | 0 | 6 |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି

ରେଢାଖୋଲ,୨୪।୮(ସ୍ୱ.ପ୍ର.)-ଆଗାମୀ ସାଧାରଣ ନିର୍ବାଚନକୁ ନେଇ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରେଢାଖୋଲ ଉପଜିଲାପାଳ ବିଶି କେଶନ ସାହୁଙ୍କ ଅଧକ୍ଷତାରେ ରେଢାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ରେଢାଖୋଲ, ନାକଟୀଦେଉଳ, ଜୁଜୁମୁରା ଓ ମାନେଶ୍ୱର ଆଦି ତହସିଲଦାରମାନଙ୍କୁ ନେଇ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଢାଖୋଲ ନିର୍ବାଚନ ମଣ୍ଡଳୀର ୨୪୭ଟି ବୁଥ୍‌ରେ ରାସ୍ତାଘାଟ ଆଦି ଉପରେ ଏକ ରୋଡ୍ ମ୍ୟାପ ପ୍ରସ୍ତୁତି କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନ କିପରି ସୂଚାରରୂପେ ହୋଇପାରିବ ଏହା ଉପରେ ଆଲୋଚନା ହୋଇଥିଲା। ୧୮ବର୍ଷରୁ ଉର୍ଦ୍ଧ୍ୱ ନାଗରିକମାନେ ନିଜର ନାମ ପଞ୍ଜୀକରଣ କରିବା ପାଇଁ କୁହାଯାଇଛି।

### ଧାନ ରୁଆ ବେଳେ ସାପ କାମୁଡି ଦେଲା

ପଡିଆବାହାଲ,୨୪।୮(ଡି.ଏନ.ଏ.)- ଯୁଯୁମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତ ହପରିଆବାହାଲ ଗ୍ରାମର ଭାରତ ମୁଣ୍ଡା (୪୨) ଶୁକ୍ରବାର ଜମିରେ ଧାନ ରୁଆ କାମ କରୁଥିଲେ। ହେଲେ ଦିନ ପ୍ରାୟ ୩ଟାରେ ଏକ ବିଷାକ୍ତ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ସାପ କାମୁଡିବା ଜଣା ପଡିବା ସଙ୍ଗେ ସଙ୍ଗେ ତାଙ୍କୁ ସମ୍ବଲପୁର ସଦର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଘରକୁ ମୃତଦେହ ଫେରିଥିଲା। ଖବର ପାଇ ଜୟନ୍ତପୁର ସରପଞ୍ଚ ସୁରେନ୍ଦ୍ର ଭୋଇ, ପୂର୍ବ ସରପଞ୍ଚ ଗଣେଶ ତାଣ୍ଡିଆ, ଦୀପକ ପ୍ରଧାନ, ସୁରଜ ସାହୁ ପ୍ରମୁଖ ତାଙ୍କ ଘରକୁ ଯାଇ ହରିଶ୍ଚନ୍ଦ୍ର ଯୋଜନାରେ ୨୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ତେବେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ଅରୁଣ ମୁଣ୍ଡା ମୁଖାଗ୍ନି ଦେଇଛନ୍ତି।

■ ଖଇରପାଲିରେ ଟ୍ରେନ୍ ଦୁର୍ଘଟଣାକୁ ୬ ବର୍ଷ ପୂରିଲା

# ଶୁଖିନି ଲୁହ, ଯାଇନି କୋହ

ଶୁଭାଶିଷ ପାଢୀ
ସମ୍ବଲପୁର, ୨୪।୮ (ବ୍ୟୁରୋ)

ସେଦିନ ଥିଲା ୨୦୧୨ ଅଗଷ୍ଟ ୨୪ ତାରିଖ ସକାଳ ୮ଟା ୪୦। ଏକ ଡାଲା ଅଟୋରେ ୨୦ ଜଣ ବିଲରେ ଦିନ ମଜୁରିଆ ଭାବେ କାମ କରିବାକୁ ଯାଉଥାନ୍ତି। ସମ୍ବଲପୁର-ତାଳଚେର ରୋଡ୍ ଅଧୀନ ଖଇରପାଲି ନିକଟରେ ହଠାତ୍ ବିପଦ ମାଡି ଆସିଲା। କେହି କିଛି ଭାବିବା ଆଗରୁ ଜଗୁଆଳି ବିହୀନ ରେଳଫାଟକରେ ଅଟୋ ଚାଳକଙ୍କ ସମେତ ୧୩ ଜୀବନ ଛଟପଟ ହୋଇ ଚାଲିଗଲା। ୮ ଜଣ ମରଣ ମୁହଁରୁ ବଞ୍ଚି ଗଲେ। ଲୌହଦାନବ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏହି ଅଟୋକୁ ଧକ୍କା ଦେଇଥିଲା। ଏହି ଘଟଣାକୁ ଆଜି ଠିକ୍ ୬ ବର୍ଷ ପୂରିଛି। ଆଜି ପର୍ଯ୍ୟନ୍ତ କିନ୍ତୁ ମୃତକଙ୍କ ପରିବାର ଲୋକଙ୍କ ଆଖିରୁ ଶୁଖିନି ଲୁହ କି ମନରୁ ଯାଇନି କୋହ। ସବୁ ଏଇ ଯେମିତି କି ଠିକ୍ ଗଲା କାଲି ଭଳି ଲାଗୁଛି।

ଅଏଁଲାପାଲି ଓ ଖଲିଆବନ୍ଧର ମା, ଝିଅ, ଭଉଣୀ ଓ ପାଖ ପଡିଶା ମିଶି ୨୦ ଜଣ ସିନ୍ଦୂରପଙ୍କ ଅଞ୍ଚଳକୁ ଲୋକଙ୍କ ବିଲରୁ ଘାସ ବାଛିବାକୁ ବାହାରିଥିଲେ। ସିନ୍ଦୂରପଙ୍କର ସତ୍ୟରଞ୍ଜନ ନାଥଙ୍କ ଅଟୋରେ ସମସ୍ତେ ଉଠିଥିଲେ। ଚାଳକଙ୍କ ଉଭୟ ପାଖେ ଦୁଇ ଜଣ ବସିଥିଲେ। ଆଉ ୧୮ ଜଣ ଡାଲାରେ ଠିଆ ହୋଇଥିଲେ। ଦୁର୍ଘଟଣା ପରେ ଅଟୋଟି ପ୍ରାୟ ୧ କି.ମି. ପର୍ଯ୍ୟନ୍ତ ଘୋଷାଡି ହୋଇ ଯାଇଥିଲା। ଫଳରେ ଫାଟକଠାରୁ ଦୀର୍ଘ ୧ କି.ମି. ଯାଏ ରେଳ ଧାରଣାରେ ମୃତକଙ୍କ ରକ୍ତ, ମାଂସ, ଅଙ୍ଗପ୍ରତ୍ୟଙ୍ଗ ଆଦି ଖିନ୍‌ଭିନ୍ ହୋଇ ପଡିଥିଲା। ଅଟୋରେ ମୃତକଙ୍କ ଶବ ଲାଗି ଥିବାବେଳେ ଟ୍ରେନ ଇଞ୍ଜିନରେ ମଧ୍ୟ ଏକ ମୃତଦେହ ଲାଗି ରହିଥିଲା। ଏହି ଘଟଣା ସେଦିନ ସମ୍ବଲପୁର ନୁହେଁ ବରଂ ସାରା ରାଜ୍ୟକୁ ଶୋକାକୁଳ କରି ଦେଇଥିଲା। ପ୍ରତିବର୍ଷ ଅଗଷ୍ଟ ୨୪ ତାରିଖ ଆସିଲେ ଅଏଁଲାପାଲି ଓ ଖଲିଆବନ୍ଧର ଗାଁରେ ମୃତକଙ୍କ ପରିବାର ମଧ୍ୟରେ ସେ ଦିନ ମନେ ପଡିଯାଏ। ଆଖି ଆଗରେ ନାଚି ଉଠେ ସେହି ଲୋମହର୍ଷଣକାରୀ ଆଉ ହୃଦୟ ବିଦାରକ ଟ୍ରେନ ଦୁର୍ଘଟଣାର ଦୃଶ୍ୟ। ହେଲେ ଛାତିକୁ ପଥର କରି ସହିବାକୁ ହୁଏ।



ଦୁର୍ଘଟଣାର ପରବର୍ତ୍ତୀ ସମୟରେ ଖଇରପାଲି ଲେଭଲ କ୍ରସିଂଠାରେ ଯାତ୍ରୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଫାଟକ ଲଗା ଯାଇଛି।

### ସେଦିନ ଥିଲା ଶୁକ୍ରବାର

ଅଗଷ୍ଟ ୨୪ ଶୁକ୍ରବାର ସକାଳ ସାଢେ ୮ଟାରେ ଘଟିଥିଲା ସେହି ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣା। ଦୀର୍ଘ ୬ ବର୍ଷ ପରେ ପୁଣି ଅଗଷ୍ଟ ୨୪ ରେ ପଡିଛି ସେହି ଅଶୁଭ ଶୁକ୍ରବାର। ଏହି ଦିନକୁ ଗ୍ରାମରେ ମନେ ପକାଇ ଶୋକର ଛାୟା ଖେଳଛି। ଆଜି ଗ୍ରାମବାସୀ ସେହି ଦୁର୍ଘଟଣା ଦିନକୁ ଭୁଲି ପାରିନାହାନ୍ତି। ଏକା ସାଥିରେ ସମସ୍ତଙ୍କ ଅନ୍ତିମ ସଂସ୍କାର କରିଥିବା ଗ୍ରାମବାସୀ ସେଦିନର କଥାକୁ ମନେ ପକାଇ ଦୁଃଖ ପ୍ରକାଶ କରିଛନ୍ତି।

### ଦୁର୍ଘଟଣା ସ୍ଥାନରେ ଗେଟ୍ ହେଲା

ସାମାନ୍ୟ ଭୁଲ୍ ପାଇଁ ଅକାରଣରେ ୧୩ଜଣଙ୍କ ଜୀବନ ଚାଲିଗଲା। ଏଥିରେ ରେଳ ବିଭାଗର ତ୍ରୁଟି ରହିଥିବା ତଦନ୍ତକାରୀ ଅଧିକାରୀ ଜାଣିବାକୁ ପାଇଥିଲେ। ହର୍ନ ନ ଦେଇ ଟ୍ରେନଟି ଆସିବାରୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ସେଦିନ ଅଭିଯୋଗ କରିଥିଲେ। ପ୍ରାୟ ୮ ଘଣ୍ଟା ଧରି ରେଳରୋକୋ ବି କରିଥିଲେ। ରେଳ ବିଭାଗ ପକ୍ଷରୁ ଫାଟକ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ବିଭାଗୀୟ ପ୍ରତିଶ୍ରୁତି ସ୍ୱରୂପ ଘଟଣାର ୨ ବର୍ଷ ପରେ ଫାଟକ ନିର୍ମାଣ ହୋଇଥିଲା, ଯାହା ଆଜି ସୁରକ୍ଷିତ ଭାବେ ଲୋକେ ସେହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି।

### ବାକି ରହିଯାଇଛି କିଛି ପ୍ରତିଶ୍ରୁତି

ଦୁର୍ଘଟଣା ପରେ ଅନେକ ରାଜନେତା, ପ୍ରଶାସନିକ ଅଧିକାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଏହି ଦୁଇ ଗାଁକୁ ସୁଅ ଛୁଟିଥିଲା। ମୃତକଙ୍କ ପରିବାର ଲୋକଙ୍କୁ ସମବେଦନ ଜଣାଇ ବିଭିନ୍ନ ପ୍ରତିଶ୍ରୁତିରେ ପୋତି ଦେଇଥିଲେ ଏମାନେ। ଘର ମିଳିବ ବୋଲି କହିଥିଲେ। ବିଭିନ୍ନ ସରକାରୀ ଯୋଜନାର ଲାଭ ମିଳିବ ବୋଲି କଥା ଦେଇଥିଲେ। ମାଗଣା ପାଠପଢା ପାଇଁ ପ୍ରତିଶ୍ରୁତି ଦେବାକୁ ସେମାନେ ଭୁଲି ନ ଥିଲେ। ହେଲେ ଏ ସବୁ ସେମିତି ପ୍ରତିଶ୍ରୁତିରେ ହିଁ ରହି ଯାଇଛି। କେବଳ ସରକାର ଘୋଷଣା କରିଥିବା ୫ଲକ୍ଷ କ୍ଷତିପୂରଣ ରାଶି ମୃତକଙ୍କ ପରିବାର ଲୋକକୁ ମିଳିଛି। ଆହତଙ୍କୁ ମାଗଣାରେ ଚିକିତ୍ସା କରାଯାଇଛି।



"ଦୁର୍ଘଟଣାରେ ମୁଁ ମୋ ପରିବାରର ୨ ଜଣଙ୍କୁ ହରାଇଛି। ଆଜି ମଧ୍ୟ ସେହି ଦିନକୁ ଭୁଲି ପାରିନାହିଁ। ଅଗଷ୍ଟ ୨୪ ଆସିଲେ ମୋର ମନେ ପଡିଯାଏ।
-ଦିଲୀପ ଭୋଇ



"୪୦ ଦିନ ଚିକିତ୍ସା ପରେ ଘରକୁ ଫେରିଛି। ହେଲେ ଅଣ୍ଟା ଓ ଗୋଡରେ ଆଘାତ ହେତୁ ଚାଲି ପାରୁନି। ବୟସ ବଢିଛି। ଦୁର୍ଘଟଣା ରୋଜଗାର ଛଡାଇ ନେଇଛି। ଅନ୍ୟ ଉପରେ ନିର୍ଭର କରିଛି।
-ସୁବାସିନୀ କୁମ୍ଭାର



"ଦୁର୍ଘଟଣାରେ ସ୍ତ୍ରୀ ଆରପାରିକୁ ଛାଡି ଚାଲିଯାଇଛନ୍ତି। ଏବେ ଏକୁଟିଆ ରହିବାକୁ ପଡୁଛି। କିନ୍ତୁ ସେହି ଭୟାନକ ଦିନ ଭୁଲି ପାରୁନାହିଁ। ରୋଜଗାର କରିବାକୁ ଯାଇ ମୋ ସ୍ତ୍ରୀ ଜୀବନ ଚାଲିଯାଇଥିଲା।
-ନବୀନ ଭୋଇ



"ପହ୍ଲା ରୁଆ ସମୟ ଆସିଗଲେ ସହକର୍ମୀମାନଙ୍କ ମନେ ପଡିଯାଏ। ଏକା ସାଥିରେ ଆମେ କାମ ପାଇଁ ଯାଉଥିଲୁ। ଏବେ ଭୟରେ ଅନ୍ୟ ଗ୍ରାମକୁ ଆଉ କାମ କରି ଯିବାକୁ ମନ ଲାଗୁନି। ହେଲେ ଏହି ଦିନକୁ ଜୀବନରେ କେବେ ଭୁଲି ହେବ ନାହିଁ।
-ବୃନ୍ଦାବତୀ ଭୋଇ



"ଅଟୋରେ ଏକା ସାଥିରେ କାମ ପାଇଁ ଯାଉଥିଲୁ। ହେଲେ ଆଖି ପିଛୁଳାକେ ଟ୍ରେନଟି ଆସି ଧକ୍କା ଦେଇଥିଲା। ଆମେ ଛିଟିକି ପଡିଥିଲୁ। ମୁଁ ଅଚେତ ହୋଇପଡିଗଲି। ଯେତେବେଳେ ଚେତା ଆସିଲା ସେହି ସମୟରେ ସାଙ୍ଗରେ ଯାଉଥିବା ୧୨ଜଣଙ୍କ ଖଣ୍ଡ ବିଖଣ୍ଡ ଶବ ଦେଖିବାକୁ ପାଇଲି। ମୋତେ ସ୍ଥାନୀୟ ଲୋକେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିଛିଦିନ ଚିକିତ୍ସା ହୋଇ ଘରକୁ ଫେରିଥିଲି।
-ନିରୁପମା ଭୋଇ



"ଦିନକୁ ଦିନ ସମୟ ଗଡୁଛି। ହେଲେ ମନରେ ଭୁଲିବାକୁ ଚେଷ୍ଟା କରୁଛୁ। କିନ୍ତୁ ସେହି ଦୁର୍ଘଟଣା ଦିନ ଭୁଲି ହେଉନି। ଗ୍ରାମର ପ୍ରତ୍ୟେକ ପରିବାରରେ ଯେଭଳି ଶୋକର ଛାୟା ଖେଳିଯାଇଥିଲା, ଭଗବାନ ଆଉ ପୁନରାବୃତ୍ତି ନ କରନ୍ତୁ।
-ସୁକୁମୁନି ସାହୁ



ପଥୁରିଆ ଗାଁରେ ଶୁକ୍ରବାର ବୈଦିକ ଆଶ୍ରମ ପକ୍ଷରୁ ବସ୍ତ୍ର ବଣ୍ଟନ କରାଯାଉଛି।

## ଭାରତମାତା ବୈଦିକ ଆଶ୍ରମ ପକ୍ଷରୁ ବସ୍ତ୍ର ବଣ୍ଟନ

ଜମନକିରା,୨୪।୮ (ଡି.ଏନ୍.ଏ)

ଜମନକିରା ବ୍ଲକ୍ ଉଷାକୋଠୀ ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ସରଡ଼ା ପଞ୍ଚାୟତ ପଥୁରିଆ ଗାଁରେ ଶୁକ୍ରବାର ଡିମିରିମୁଣ୍ଡା ପଞ୍ଚାୟତ ଭାରତ ବୈଦିକ ଆଶ୍ରମ ପକ୍ଷରୁ ବୃଦ୍ଧାବୃଦ୍ଧଙ୍କୁ ଧୋତି, ଶାଢ଼ୀ, ପ୍ୟାଣ୍ଟ ଓ ସାର୍ଟ ବଣ୍ଟନ କରାଯାଇଛି। ଏଥିରେ ବୈଦିକ ଆଶ୍ରମର ପରିଚାଳକ ସ୍ୱାମୀ ଶିବାନନ୍ଦ ମହାରାଜ ଜୀ, ଢୁଡ଼ିଖୋଳ ବାବା ମଠ ପରିଚାଳକ ଅବନୀ ପ୍ରସାଦ ବେହେରା, ପ୍ରମୋଦ ମୁଣ୍ଡା ଏବଂ ଗିରୀଧର ଆର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ବସ୍ତ୍ର ବଣ୍ଟନ କରିଥିଲେ।

## ଟ୍ରେନ ଦୁର୍ଘଟଣାରେ ଜଣେ ମୃତ

ବାମରା, ୨୪।୮(ସ୍ୱ.ପ୍ର.)

ବାମରା ରେଳଷ୍ଟେଶନ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଟ୍ରେନ ଦୁର୍ଘଟଣାରେ ଜଣେ ଅଜଣା ବ୍ୟକ୍ତିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସେ ୩ ନମ୍ବର ପ୍ଲାଟଫର୍ମରୁ ରେଳଲାଇନ ଅତିକ୍ରମ କରି ୧ କିମ୍ବା ୨ ନମ୍ବର ପଟକୁ ଯାଉଥିଲେ। ଡାଉନ ଲାଇନରୁ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତୁରନ୍ତ ବାମରା ଜିଆରପିଏ ଓ ଆରପିଏଫର କର୍ମଚାରୀ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ବାମରା ଜିଆରପି ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିଚୟ ମିଳି ପାରିନି। ଶନିବାର ଦିନ ବାମରା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯିବ।

## ଡା. ଝସକେତନ ସାହୁ କଲେଜରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ସମ୍ବଲପୁର,୨୪।୮ (ବ୍ୟୁରୋ)

ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ପରମାଣପୁର ଡା. ଝସକେତନ ସାହୁ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳର ୩୪୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୭ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ଲାଗି ଚିହ୍ନଟ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ରଙ୍ଗୋଲି ଓ ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ପୂର୍ବାହ୍ନରେ ଚକ୍ଷୁଦାନ ଶୀର୍ଷକ ପଥପ୍ରାନ୍ତ ନାଟକ ଓ ସଚେତନତା ଶୋଭାଯାତ୍ରା ହୋଇଥିଲା। ତ୍ରିଲୋଚନ ନେତ୍ରାଳୟର ଡା. ନମିତା ବରିହା ରୋଗୀଙ୍କ ଚିକିତ୍ସା କରିଥିଲେ। କଲେଜ ଅଧକ୍ଷା ସନ୍ଧ୍ୟା ମିଶ୍ର, ଅଧ୍ୟାପିକା ପ୍ରଜ୍ଞା ପଣ୍ଡା, ଝିଲି ସାହୁ, ଅଧ୍ୟାପକ ଅମର ମିଶ୍ର, ଅରୂପ ମିଶ୍ର, ଅଶୋକ ନାୟକ, ପୂର୍ଣ୍ଣ ସେଠ, ଶୋଭାମୟୀ ସେନାପତି, ଶୁଭ୍ରାଂଶୁ ହୋତା, ପ୍ରମୋଦ ନାୟକ, ଅକ୍ଷୟ ପାଢ଼ୀ, ସୁକାନ୍ତ ଭୁଏ, ରାଜା ପଣ୍ଡା, ବିଶ୍ୱଜିତ ନାଥ, ଉତ୍ତମ, ଆଶିଷ, ଅମିତ, ଶିଶିର, ଇତେଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶୁକ୍ରବାର ସମ୍ବଲପୁର ପରମାଣପୁରସ୍ଥିତ ଡା. ଝସକେତନ ସାହୁ କଲେଜରୁ ଚକ୍ଷୁ ସଚେତନତା ରାଲି ବାହାରୁଛି।

## ବାଇକ୍ ଚୋରି ର୍‍ୟାକେଟ ପର୍ଦ୍ଦାଫାଶ: ୭ ଜଣ ଗିରଫ

ସମ୍ବଲପୁର, ୨୪।୮ (ବ୍ୟୁରୋ)

ବୁର୍ଲା ଥାନା ପୋଲିସ ଶୁକ୍ରବାର ଏକ ବାଇକ ଚୋରି ର୍‍ୟାକେଟ ପର୍ଦ୍ଦାଫାଶ କରିଛି। ଏଥିରେ ଜଡିତ ୭ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରେଙ୍ଗାଲି ଥାନା ଅନ୍ତର୍ଗତ କେଉଁଟଡିହିର ସିରୁ ଓରଫ୍ ଟିଆଁ ଓରାମ (୧୯), ବାବୁଲା ଓରାମ (୧୯), ବଡପଡାର ଶୁକଦେବ ଓରାମ ଓରଫ୍ କେଡା (୨୫), କ୍ରିଷ୍ଣାନଗର ଅଞ୍ଚଳର ବାଇଲୋଚନ ଓରଫ୍ ଚଗଲା ନାଥ (୨୫), ଟାମ୍ପରକେଲାର ଯୋଗେନ୍ଦ୍ର ଓରାମ, ଅଇଁଠାପାଲି ଥାନା ଅନ୍ତର୍ଗତ ରେମେଡର ଦୀକ୍ଷିତ ସାହୁ (୩୦), ବୁର୍ଲା ଥାନା ଇନ୍ଦିରା ଛକର କାକେ ଓରଫ୍ ପପିନ୍ଦର୍ ସିଂ (୪୯)। ଏମାନଙ୍କ ଠାରୁ ୫ଟି ବାଇକ (ଓଡି ୧୫ ସି-୩୩୦୨, ଏଟପି ୧୫ ଏ- ୦୯୯୯, ଓଡି ୧୫-୭୫୦୯, ଓଆର୍ ୧୫ ଏଚ- ୦୨୯୬, ଓଆର୍ ୧୫ ଏଲ- ୨୨୩୭) ଜବତ ହୋଇଛି। ଏ ନେଇ ବୁର୍ଲା ଥାନାରେ କେଶ ନଂ. ୩୧୬/୧୮, ଠେଲକୋଲି ଥାନାରେ ୧୦୮/୧୮ରେ ମାମଲା ରୁଜୁ ହୋଇଛି। ପୂର୍ବରୁ ଏ ନେଇ ବୁର୍ଲା ଥାନାରେ ୨୫୩, ୨୫୪/୩ ଜୁଲାଇ, ୨୦୧୮ରେ ମାମଲା ରୁଜୁ ହୋଇଥିଲା। ସୂଚନାଯୋଗ୍ୟ ଯେ, ଶୁକ୍ରବାର ପପିନ୍ଦର, ଚଗଲା ଏକ ବାଇକରେ ବୁର୍ଲା ଶାସ୍ତ୍ରୀଛକ ଦେଇ ଯାଉଥିଲେ। ଏହି ସମୟରେ ଯାନବାହାନ ଯାଞ୍ଚ ଚାଲିଥିଲା। ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଗାଡିର କୌଣସି ପ୍ରକାର କାଗଜପତ୍ର ଦେଇପାରି ନ ଥିଲେ। ଏହା ପରେ ସେମାନଙ୍କୁ ପଚରାଉଚରା କରାଯାଇଥିଲା। ଶେଷରେ ବାଇକ ଚୋରି କରିଥିବା ସେମାନେ ସ୍ୱୀକାର କରିଥିଲେ। ଏହାପରେ ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ବାଇକ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ ହୋଇଥିଲା।



ଶୁକ୍ରବାର ବୁର୍ଲା ପୋଲିସ ଉଦ୍ଧାର କରିଥିବା ବାଇକ ସ ହ ଅଭିଯୁକ୍ତମାନେ।

## ସଞ୍ଚାରକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଉ

ସମ୍ବଲପୁର, ୨୪।୮ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଅନ୍ୟତମ କଳା ସଞ୍ଚାରରେ ନୃତ୍ୟ, ଗୀତ ଓ ବାଦ୍ୟରେ ଶାସ୍ତ୍ରୀୟତା ଭରି ରହିଛି। ଏହା ଶାସ୍ତ୍ରୀୟ ମାନ୍ୟତା ପାଇବା ଉଚିତ। ଶୁକ୍ରବାର କମଳୀବଜାର ଗୋପାଳଜୀ ମଠ ଠାରେ ଆୟୋଜିତ କର୍ମଶାଳାରେ ବାଦ୍ୟ ଓ ସଙ୍ଗୀତ ବିଶାରଦମାନେ ଏହି ମତବ୍ୟକ୍ତ କରିଛନ୍ତି। ଆୟୋଜକ ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ରଙ୍କ ପରିଚାଳନାରେ ସଞ୍ଚାରରେ ଶାସ୍ତ୍ରୀୟତା ଶୀର୍ଷକ କର୍ମଶାଳା ହୋଇଥିଲା। ପ୍ରସାର ଭାରତୀର ଅବସରପ୍ରାପ୍ତ ଉପ ମହାନିର୍ଦ୍ଦେଶକ ଅଭୟ କୁମାର ପାଢ଼ୀ ଯୋଗଦେଇ ସଙ୍ଗୀତରେ ଶାସ୍ତ୍ରୀୟତା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ସଞ୍ଚାର କଳାରେ ଶାସ୍ତ୍ରୀୟତା ରହିଛି। ଏହି କଳା ଶାସ୍ତ୍ରୀୟ ମାନ୍ୟତା ପାଇବା ଦିଗରେ ଏ ପର୍ଯ୍ୟନ୍ତ ଆଦୌ କାର୍ଯ୍ୟ ହୋଇନାହିଁ। ସଞ୍ଚାର କଳାକାରମାନେ ଏ ଦିଗରେ ଯତ୍ନବାନ ହୋଇ ଶାସ୍ତ୍ରୀୟତା ଉପରେ ବ୍ୟାକରଣ ସୃଷ୍ଟି କରିବାକୁ ସେ ମତ ଦେଇଥିଲେ। ଶାସ୍ତ୍ରୀୟ ବାଦ୍ୟ ବିଶେଷଜ୍ଞ ଗୁରୁ ରଣଜିତ ନାଗ କହିଥିଲେ ଯେ, ସଞ୍ଚାର ଏ ପର୍ଯ୍ୟନ୍ତ ଲୋକନୃତ୍ୟ ଭାବେ ବିବେଚିତ ହୋଇଛି। କିନ୍ତୁ ଏଥିରେ ଶାସ୍ତ୍ରୀୟତା ପୂରି ରହିଛି। ଓଡ଼ିଶୀ ନୃତ୍ୟରେ ଗୁରୁ ଶିଷ୍ୟ ପରମ୍ପରା, ପରିବେଷଣ ପର୍ଯ୍ୟାୟ ଓ ଶୈଳୀ ରହିଛି। ସେହିପରି ସଞ୍ଚାରରେ ମଧ୍ୟ ଏହା ରହିଛି। ତେବେ ସଞ୍ଚାର ଗାୟକମାନେ ତାଙ୍କ ଗୁରୁମାନଙ୍କୁ ଅନୁସରଣ କରି ଗତାନୁଗତିକ ଭାବେ ସଞ୍ଚାର ପରିବେଷଣ କରୁଛନ୍ତିଥି। ଅଥଚ ସଞ୍ଚାର ଭିତରେ ଥିବା ତାଳ ଓ ଶୈଳୀ ବାବଦରେ ସମ୍ପୂର୍ଣ୍ଣ ଅଜ୍ଞ ରହିଛନ୍ତି। ଏହାକୁ ଶାସ୍ତ୍ରୀୟ ନୃତ୍ୟ ରୂପେ ପ୍ରମାଣ କରିବାକୁ ଏକ ବ୍ୟାକରଣର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଅନ୍ୟତମ ଶାସ୍ତ୍ରୀୟ ବାଦ୍ୟ ବିଶେଷଜ୍ଞ କପିଳେନ୍ଦ୍ର ସାହୁ କହିଥିଲେ ଯେ, ସଞ୍ଚାର ଗାୟକମାନେ ଓଡ଼ିଶୀ, ଛାନ୍ଦ, ଚମ୍ପୂ ପ୍ରଭୃତି ଗାଇବା ସାଙ୍ଗକୁ ଓଡ଼ିଶୀ ନୃତ୍ୟରେ ବ୍ୟବହୃତ ହେଉଥିବା ତାଳ ଓ ମାନ ପରିବେଷଣ କରୁଛନ୍ତି। ଏପରିକି ଓଡ଼ିଶୀ ନୃତ୍ୟରେ ଥିବା ବହୁ କଠିନ ତାଳ ଓ ମାତ୍ରା ମଧ୍ୟ ସଞ୍ଚାରରେ ରହିଛି। ତେବେ ଏହା ଏ ପର୍ଯ୍ୟନ୍ତ ଶାସ୍ତ୍ରୀୟ ବୋଲି ନାନାଦି କାରଣରୁ ପ୍ରମାଣିତ ହୋଇ ପାରିନାହିଁ। କର୍ମଶାଳାରେ ପ୍ରଫେସର ମୀନକେତନ ପୁରୋହିତ, ପ୍ରଫେସର ଶଶାଙ୍କ ଶେଖର ନନ୍ଦ, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ସୁରୁବାବୁ ମେହେର, ପ୍ରଫେସର ସେବକ ତ୍ରିପାଠୀ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଓ ବିଶିଷ୍ଟ ସଞ୍ଚାର ସଂଗଠକ ଜଗଦାନନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋପାଳଜୀ ମଠର ମହନ୍ତ ହୃଷୀକେଶ ଦାଶ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡ. ଶ୍ୟାମ ସୁନ୍ଦର ଧର, ବିଶିଷ୍ଟ ତବଲା ବାଦକ ବ୍ୟୋମକେଶ ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ମୋତିଲାଲ ଦୋରା, ଆଇନଜୀବୀ ଧ୍ରୁବଚରଣ ପଣ୍ଡା, ବୈଶମ୍ପାୟନ ଆଚାର୍ଯ୍ୟ, ସାହିତ୍ୟକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ସଞ୍ଚାରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।





ଶୁକ୍ରବାର ସମ୍ବଲପୁର ଗୋପାଳଜୀ ମଠ ପରିସରରେ ଆୟୋଜିତ କର୍ମଶାଳାରେ କଳାକାରମାନେ ନମୁନା ସଞ୍ଚାର ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### କେରଳ ବନ୍ୟା ପୀଡିତଙ୍କୁ ସହାୟତା

**ରେଢାଖୋଲ/ଅମରପାଲି, ୨୪।୮ (ଡି.ଏନ.ଏ.)**- ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଅନ୍ତର୍ଗତ ବଡମାଲ ଜୟ ଜଗନ୍ନାଥ ୟୁଥ କ୍ଲବର ସଦସ୍ୟମାନେ କେରଳ ବନ୍ୟା ପୀଡିତଙ୍କୁ ସହାୟତା ହାତ ବଢାଇଛନ୍ତି । ସେମାନେ ଶୁକ୍ରବାର ନିଜେ କିଛି ଟଙ୍କା ବାହାର କରିବା ସହିତ କିଛି ବଦାନ୍ୟ ବ୍ୟକ୍ତିଙ୍କଠାରୁ ପ୍ରାୟ ୫ ହଜାର ଟଙ୍କା ସଂଗ୍ରହ କରିଛନ୍ତି । କ୍ଲବର ଦୀପକ କୁମାର ସାହୁ, ଟିଣ୍ଟୁ ବିଶ୍ୱାଳ, ଟିଜୁ ସିଂହ, ରାଜା ପ୍ରଧାନ, ଚକ୍ର ମିର୍ଦ୍ଧା, ରିକୁ ଭୋଇ, ଟିଲୁ ମିର୍ଦ୍ଧା, ଶହଦେବ ମିର୍ଦ୍ଧା, ଟିକୁନ ବାରିକ, ବବୁନ ପାତ୍ର, ସନାତନ ମିର୍ଦ୍ଧା ପ୍ରମୁଖ ଯୁବକ ଏହି ଟଙ୍କା ସଂଗ୍ରହ କରି କେରଳ ବନ୍ୟା ପୀଡିତଙ୍କୁ ସହାୟତା ରାଶି ପଠାଇଛନ୍ତି।

## ଚୋରା କେନ୍ଦୁପତ୍ର ଜବତ ମାମଲା

# ଗିରଫ ୧୦ ଅଭିଯୁକ୍ତ ଜେଲ୍ ଗଲେ

**ରେଢ଼ାଖୋଲ,୨୪।୮ (ଡି.ଏନ.ଏ.)**

ରେଢ଼ାଖୋଲ ପୋଲିସ ଗୁରୁବାର ସନ୍ଧ୍ୟାରେ କେନ୍ଦୁପତ୍ର ଚୋରା ଚାଲାଣ କରୁଥିବା ଏକ ଟ୍ରକ୍ ଓ ମାର୍ସାଲକୁ ଜବତ କରିବା ସହ ଏହାକୁ ପାଇଲଟିଂ କରୁଥିବା ଏକ ମାରୁତି ସୁଇଫ୍ଟ କାରକୁ ମଧ୍ୟ ଜବତ କରିଥିଲା । ଏହି ଘଟଣାରେ ସଂପୃକ୍ତ ଚୋରା ଚାଲାଣକାରୀ ଓ କେନ୍ଦୁପତ୍ର ବୋଝେଇ କରୁଥିବା ୧୦ ଜଣ ଶ୍ରମିକଙ୍କୁ ଗିରଫ କରିଥିଲା । ଏ ନେଇ ରେଢ଼ାଖୋଲ ଥାନାରେ ଦଫା ୩୭୯,୪୧୧,୩୪ ଓ ୧୪ କେ.ଏଲ. ଆକ୍ଟରେ ଏକ ମାମଲା (ନଂ.୧୪୮/୧୮) ରୁଜୁ କରି ଶୁକ୍ରବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲ



କେନ୍ଦୁପତ୍ର ଚୋରା ଚାଲାଣ ଅଭିଯୋଗରେ ଗିରଫ ଅଭିଯୁକ୍ତ।

ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜବତ ମାରୁତି କାରରେ ଥିବା ମାଲିକ ତଥା ଡ୍ରାଇଭର ସମ୍ବଲପୁର ଗୋବିନ୍ଦତୋଲାର ଅଶୋକ ପଟ୍ଟନାୟକ(୫୯), ସୋନୁ ଓରଫ ସରଥ ପ୍ରଧାନ(୫୦) ସୁନାପାଲିର ଶେଖ ଅଲ୍ଲିଖାନ (୫୫), ମହମ୍ମଦ ଗ୍ୟାସୁଦ୍ଦିନ (୪୦) ଓ ଚେରୁଆପଡାର ସୁରଜିତ ସିଂ (୬୫)। ସେହିପରି ଏହି ଥାନା ଅନ୍ତର୍ଗତ ତ୍ରୀବଣପୁର ଗ୍ରାମର କେନ୍ଦୁପତ୍ର ବୋଝେଇ କରୁଥିବା ଶ୍ରମିକ ସୁରେଶ ମାଝି(୪୨), ପଙ୍କଜ ବେହେରା (୪୩), ସେନାପତି ଭୋଇ(୪୩), ଭରତାପୁରର ସୁଶୀଲ ପ୍ରଧାନ (୩୦) ଓ ତେନ୍ତେଲାଖୋଲର ଚରଣ ବେହେରା (୨୪)। ଜବତ ୩ ଗାଡି ( ଟ୍ରକ ନଂ. ଓଡି୧୫ଡି୭୨୨୪, ମାର୍ସାଲ ନଂ.ଓଆର୦୨ ଟି ୮୭୨୭ ଓ ପାଇଲଟିଂ ଗାଡି ଓଆର୧୫ଏମ୨୮୨୯) ପୋଲିସ ହେପାଜତରେ ରହିଛି। ଜବତ କେନ୍ଦୁପତ୍ର ୪୫ କୁଇଣ୍ଟାଲ ହୋଇଥିବା ବେଳେ ଟ୍ରକରେ ୪୦ କୁଇଣ୍ଟାଲ, ମାର୍ସାଲରେ ସାଢେ ୩ କୁଇଣ୍ଟାଲ ଓ କାରରେ ଦେଢ କୁଇଣ୍ଟାଲ କେନ୍ଦୁପତ୍ର ଚୋରା ଚାଲାଣ ହେଉଥିଲା ବୋଲି ପୋଲିସ କହିଛି ।

## କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**ଦେବଗଡ, ୨୪।୮(ସ୍ୱ.ପ୍ର.)**

ସହରର ଭିତିରିଆ ସାହିରେ ଗୋପୀ କିଶୋର ଏସୋସିଏଶନର କମ୍ୟୁନିଟି ସେଣ୍ଟର ଗୃହ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାହିର ବରିଷ୍ଠ ନାଗରିକ ବିରେନ୍ଦ୍ର ନାଏକ, ଅଲେଖ ଚନ୍ଦ୍ର ପ୍ରଧାନ, ରାଜ କିଶୋର ସାହୁ, ବିକାଶ ନାଏକ, ଅଭିନାଷ ପ୍ରଧାନ, ଅହିଂସା ନାଏକ, ଦେବେନ ନାଏକ, ଟୁନା ସାହୁ, ମୁନା ଦାଶ, ବାଦଲ ଦାଶଙ୍କ ସମେତ ଗୋପୀ କିଶୋର ଏସୋସିଏଶନର ସଦସ୍ୟା, ସଦସ୍ୟ ଓ ସାହି ବାସିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ ।



କମ୍ୟୁନିଟି ସେଣ୍ଟର ଗୃହ ଉଦ୍‌ଘାଟନ ଅବସରରେ ବିଧାୟକ ନିତେଶ ଗଙ୍ଗଦେବଙ୍କ ସହ ଅନ୍ୟମାନେ ଉପସ୍ଥିତ ।

## ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ବୈଠକ

**ବାରକୋଟ, ୨୪।୮(ଡି.ଏନ.ଏ.)**

ଦେବଗଡ ଜିଲା ବାରକୋଟ ବ୍ଲକ ସମ୍ମିଳନୀକକ୍ଷରେ ବ୍ଲକସ୍ତରୀୟ ଏମ୍‌ଜିଏନଆରଇଜିଏସ୍ ଜନଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାରକୋଟ ବିଡିଓ ଗୁଡୁମେହେରଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଆରଡିଏ ପିଡି ଭୀମସେଣ୍ଟ ପୂନମ କାନ୍ତ ଏକ୍କା, ବ୍ଲକ ଅଧକ୍ଷା ସୁବାସିନି ସାହୁ, ଉପାଧକ୍ଷ ହରମୋହନ ପାଣି, ଜୋନ-୨ ଜିଲା ପରିଷଦ ସଭ୍ୟ ଦାଶରଥୀ କିଶାନ, ଜିଲା ଏମ୍‌ଜିଏନଆରଇଜିଏସ ସଂଯୋଜକ ସୁଧାଂଶୁ ଶେଖର ସାହୁ, ଏପିଓ ସୌରଭ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ବିଡିଓ ମେହେର ଚଳିତ ଆର୍ଥିକ ବର୍ଷରେ ୨୭୪୧୨ଜଣ ଜବକାର୍ଡ ଧାରୀଙ୍କ ମଧ୍ୟରୁ ୧୪୫୨୭ଜଣ ବ୍ୟକ୍ତିଙ୍କୁ କାମ ଯୋଗାଇ ଦିଆଯାଇଥିବାବେଳେ ମୋଟ ୫,୫୮୩୪୭ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ପ୍ରକାଶ କରିଥିଲେ । ଚଳିତବର୍ଷ ୧୩୩ ପରିବାରକୁ ୧୦୦ ଦିନ କାମ ଯୋଗାଇ ଦିଆଯାଇଥିଲା । ଚଳିତବର୍ଷ ୧୦ କୋଟି ୯୭ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ୧୩ କୋଟି ୪୬ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ଏହି ବର୍ଷ ମୋଟ ୧୨୪୭ଟି କାର୍ଯ୍ୟ ହାତକୁ ନିଆଯାଇଥିବାବେଳେ ୫୮୫ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । ସେଥି ମଧ୍ୟରୁ ୨୪ଜଣଙ୍କୁ ମୋ ପୋଖରୀ, ୧୨ଜଣଙ୍କୁ ଜମିର ଉନ୍ନତିକରଣ, ୪୩୦ ଜଣଙ୍କୁ ପିଏମଏୱାଇରେ ୯୫ଦିନର ମଜୁରୀ, ୧୦ଟି ଖେଳ ପଡିଆ, ୪୯ଟି ରାସ୍ତା, ୧୧ଟି କେନାଲ, ୮ଟି ଚେକ ଡ୍ୟାମ, ୧୯ଟି ବନ୍ଧ ନିର୍ମାଣ କରାଯାଇଥିଲା । ଜଳସେଚନ ପ୍ରକଳ୍ପ ନଗଣ୍ୟ ହୋଇଥିବାରୁ ଜନ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ପିଡି ଏଥିପ୍ରତି ଦୃଷ୍ଟି ଦେବାକୁ ବିଡିଓଙ୍କୁ କହିଥିଲେ । କିଛି ଶ୍ରମିକ କାର୍ଯ୍ୟ କରି ସୁଧା ମଜୁରୀ ପାଉ ନ ଥିବାର ଅଭିଯୋଗ ହୋଇଥିଲା । ବିଡିଓଙ୍କଠାରେ ଅଭିଯୋଗ କଲେ ତୁରନ୍ତ ସମାଧାନ ହେବ ବୋଲି ପିଡି ପ୍ରକାଶ କରିଥିଲେ ।

## ବ୍ଲକସ୍ତରୀୟ ଜନଶୁଣାଣି,ସାମାଜିକ ସମୀକ୍ଷା ବୈଠକ

**ଦେବଗଡ,୨୪।୮(ସ୍ୱ.ପ୍ର.)**

ଦେବଗଡ଼ ଜିଲାର ତିଲେଇବଣି ବ୍ଲକରେ ଜନଶୁଣାଣି ସହ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ କାର୍ଯ୍ୟ ହେଉଥିବା ବିଭିନ୍ନ ପ୍ରକଳ୍ପର ସମସ୍ୟା ସମାଧାନ ପାଇଁ ଏକ ସାମାଜିକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା ଏହି ବୈଠକ। ଏଥିରେ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା(ପ୍ରଶାସନ) ଦେବକୀ ପଟେଲଙ୍କ ଅଧକ୍ଷତାରେ ବିଡିଓ ରାଜେନ୍ଦ୍ର ମିଞ୍ଜ୍, ବ୍ଲକ ସ୍ପେସିଆଲ ଅଡିଟର୍ ଘନଶ୍ୟାମ ଦାଶ, ଜିଲା ପଞ୍ଚାୟତ ଅଧିକାରୀ ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟରେ ଉପୁଜିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଇଂ. ସୁମନ୍ତ ଦ୍ୱିବେଦୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବ୍ଲକ ଅଧୀନ ସମସ୍ତ ୨୦ ପଞ୍ଚାୟତରୁ ଆସିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ଭିଲେଜ ରିଶୋର୍ସ ପର୍ସନ(ଭିଆରପି), ଗ୍ରାମ ରୋଜଗାର ସେବକଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଅଭିଯୋଗକାରୀ ଉପସ୍ଥିତ ରହି ଏମ୍‌ଜିଏନଆରଇଜିଏସ୍ ଯୋଜନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଏବିଡିଓ ସୁନିଲ ଗୁରୁ , ଜିପିଓ କସମସ୍ ତିର୍କୀ,ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ମନୋଜ ମଲ୍ଲିକ, ଏମ୍‌ଜିଏନଆରଇଜିଏସ୍ ସହାୟକ ଶୁଭଙ୍କର ଦେବତାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।

## ଓଡ଼ିଶା ରାଜ୍ୟ ବିଡ଼ି ଶ୍ରମିକ ସଙ୍ଗଠନର ବିକ୍ଷୋଭ

**ସମ୍ବଲପୁର, ୨୪।୮ (ବ୍ୟୁରୋ)**

ଓଡିଶା ରାଜ୍ୟ ବିଡି ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ପୁଟିବନ୍ଧ ନିକଟସ୍ଥ ବିଡି ଡାକ୍ତରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୁରୀ ହୋଲିଡେ ହୋମ୍ ପୁନଃ ପ୍ରଚଳନ, ସ୍କୁଲ ଫି ୪ଗୁଣା ବୃଦ୍ଧି, ବିଡି ଶିଳ୍ପକୁ ପ୍ରାଧାନ୍ୟ,

**ଡାକ୍ତରଙ୍କୁ ଦାବିପତ୍ର ପ୍ରଦାନ**

ଜିଏସଟି ସଂପୂର୍ଣ୍ଣ ଭାବେ ଉଠାଇବା, ୧ରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ସକାଶେ ଅଫ୍‌ଲାଇନରେ ଆବେଦନ ଗ୍ରହଣ କରିବା ପ୍ରଭୃତି ଦାବିରେ ଆନ୍ଦୋଳନ କରାଯାଇଥିଲା । ଓଡିଶା ରାଜ୍ୟ ବିଡି ଶ୍ରମିକ ସଂଘର ଅଶ୍ୱିନୀ କୁମାର ଭୋଇ ନେତୃତ୍ୱ ନେଇଥିଲେ।

## ଗ୍ୟାସ୍ ପାଇପ୍ ଫାଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ଦେବଗଡ,୨୪।୮(ସ୍ୱ.ପ୍ର.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ବଡଛାପଲ ଗ୍ରାମର କିସାନ ସାହିରେ ଶୁକ୍ରବାର ସକାଳେ ଗ୍ୟାସ ପାଇପ୍ ଫାଟି ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଛି। ତେବେ ଏ ନେଇ ଏବେ ଯାଏଁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସୂଚନାଯୋଗ୍ୟ, ବଡଛାପଲ ଗ୍ରାମ କିସାନ ସାହିର ରନନ୍ଦ କିସାନଙ୍କ ସାନବୋହୁ ଖାଦ୍ୟ ତିଆରି ପାଇଁ ଶୁକ୍ରବାର ରୋଷେଇ ଘରକୁ ଯାଇଥିଲେ । ତେବେ କୌଣସି କାରଣରୁ ଗ୍ୟାସ ପାଇପ୍ ଫାଟି ହଠାତ ନିଆଁ ଲାଗିବା ସହ ନିଆଁ ସବୁଆଡେ ବ୍ୟାପି ଯାଇଥିଲା । ଫଳରେ ଘରର ସମସ୍ତ ଜିନିଷ ପତ୍ର ଜଳି ପାଉଁଶ ହୋଇଯାଇଥିଲା । ତେବେ କାହାରି କିଛି କ୍ଷୟକ୍ଷତି ହୋଇନଥିବାବେଳେ ପରିବାର ଲୋକେ ନିଆଁ ଦାଉରୁ ରକ୍ଷା ପାଇଥିବା ଜଣାପଡିଛି । ଖବରପାଇ ଦେବଗଡ଼ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବି ଘରର ସମସ୍ତ ଜିନିଷ ସେତେବେଳକୁ ପୋଡି ଯାଇଥିଲା । ଅନ୍ୟପକ୍ଷରେ ସମ୍ପୃକ୍ତ ପରିବାର ଏବେ ଅସହାୟ ହୋଇପଡିଥିବାବେଳେ ରାଜସ୍ୱ ଅଧିକାରୀ ଘଟଣାର ତଦନ୍ତ କରିବା ସହ ତୁରନ୍ତ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି ।



ପୋଡ଼ି ଯାଇଥିବା ଆସବାବପତ୍ର।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

**FINANCE**
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**ADMISSION OPEN FOR 2018-20**
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**FINANCE**
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସଂମ୍ପର୍କ କରନ୍ତୁ
7347695603
8941029381

**SRI RAM FINANCE LTD.**
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ । ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି ।
Help Line No.
8658665629
7894259095
finance0102018@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

9911436726, 8750311430



**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ନ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍। ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
**OM FINANCE**
9557124359
7895699233

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ ! ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି ! କଲ୍ କରନ୍ତୁ SAMIR MONAL
07363008993
07363008928

ଧରିତ୍ରୀ
DHARITRI
ଶନିବାର, ୨୫ ଅଗଷ୍ଟ, ୨୦୧୮



"ସମଗ୍ର ଦେଶରେ ଏବେ ଅରାଜକତା ଚାଲିଛି। ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଭାଜପା ଦାୟୀ। ଲୋକମାନେ କ'ଣ ଖାଇବେ, ତାହା ମଧ୍ୟ କ'ଣ ଗୈରିକ ଦଳ ନିଷ୍ପତ୍ତି ନେବ।

- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ବିବାଦ

### ବିରୋଧୀଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ/କଲିକତା, ୨୪ା୮(ପି.ଟି.):** ନିକଟରେ ଶେଷ ହୋଇଥିବା ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ୨୦,୦୦୦ରୁ ଅଧିକ ପଞ୍ଚାୟତ ଆସନରେ ପ୍ରାର୍ଥୀମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିଲେ। ସେଥିରେ ଅଧିକାଂଶ ପ୍ରାର୍ଥୀ ଥିଲେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର। ତେବେ ପଞ୍ଚାୟତ ନିର୍ବାଚନକୁ ରଦ୍ଦ କରିବା ଲାଗି ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଦାଏର କରିଥିଲେ। କିନ୍ତୁ ସର୍ବୋଚ୍ଚ ଅଦାଲତ ଉକ୍ତ ଆବେଦନକୁ ଶୁକ୍ରବାର ଖାରଜ କରିଦେଇଛନ୍ତି। ଥରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲେ ଏହାକୁ ମଝିରେ ଅଟକାଯାଇ ପାରିବ ନାହିଁ ବୋଲି ଏହାର ଆଇନଗତ ସମାଧାନ ଦିଗକୁ ଆଲୋକପାତ କରି ଅଦାଲତ କହିଛନ୍ତି। ଏହାସହ ଇମେଲ୍ ଏବଂ ହ୍ୱାଟ୍ସଆପ୍ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ନାମାଙ୍କନପତ୍ର ଦାଖଲ କରିବା ନେଇ କଲିକତା ହାଇକୋର୍ଟ ରାଜ୍ୟ ନିର୍ବାଚନ କମିଶନକୁ ଦେଇଥିବା ନିର୍ଦ୍ଦେଶନାମାକୁ ମଧ୍ୟ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତା ବିଶିଷ୍ଟ ସର୍ବୋଚ୍ଚ ଅଦାଲତ ଅସିଦ୍ଧ ଘୋଷଣା କରିଛନ୍ତି।

### ପାକିସ୍ତାନୀ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୪ା୮(ପି.ଟି.):** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଶୁକ୍ରବାର ଏନ୍‌କାଉଣ୍ଟର ବେଳେ ଜଣେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ଟଳିପଡ଼ିଥିବା ଆତଙ୍କବାଦୀ ହେଉଛନ୍ତି ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ସଦସ୍ୟ। ଜଣେ ପୋଲିସ ମୁଖପାତ୍ରଙ୍କ କହିବା ଅନୁଯାୟୀ, କୋକେରନାଗ ଅଞ୍ଚଳର ଭୈଲୁଠାରେ ଆତଙ୍କବାଦୀ ଲୁଚିରହିଥିବା ସୂଚନା ମିଳିବା ପରେ ସେଠାରେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଗୁଳି ବିନିମୟ ବେଳେ ଉକ୍ତ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ତାଙ୍କଠାରୁ ବିପୁଳ ଅସ୍ତ୍ର ଜବତ ହୋଇଛି।

### ପେରୁରେ ଶକ୍ତିଶାଳୀ ଭୂକମ୍ପ

**ୱାଶିଂଟନ୍,୨୪ା୮(ପି.ଟି.):** ବ୍ରାଜିଲ ସୀମାନ୍ତରେ ପୂର୍ବ ପେରୁରେ ଶୁକ୍ରବାର ଶକ୍ତିଶାଳୀ ଭୂକମ୍ପ ସଂଘଟିତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତାର ୭.୧ ରହିଥିଲା। ଦେଶର ଆଇବେରିଆ ସହରଠାରୁ ୧୪୦ କିଲୋମିଟର ପଶ୍ଚିମରେ ଏହାର ଉତ୍ପତ୍ତିସ୍ଥଳ। ଏହା ୬୦୯ କି.ମି. ଗଭୀର ବୋଲି ଆମେରିକା ଜିଓଲୋଜିକାଲ୍ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି।

### 'କିସିଂ ବାବା' ଗିରଫ

**ମୋରିଗାଓଁ,୨୪ା୮:** ଯୌନ ନିର୍ଯାତନା ଅଭିଯୋଗରେ ବନ୍ଧାହେଲେ 'ଚୁମ୍ବନ ବାବା' (କିସିଂ ବାବା)। ଆସାମର ମୋରିଗାଓଁ ଅନ୍ତର୍ଗତ ଭୋରାଲ୍‌ଟୁପ୍ ଗ୍ରାମର ବାବା ରାମପ୍ରକାଶ ଚୌହାନ୍ ମାନସିକ ଏବଂ ଶାରୀରିକ କଷ୍ଟ ଦୂର କରିବା ଆଳରେ ମହିଳାଙ୍କୁ ଚୁମ୍ବନ ଏବଂ ଆଲିଙ୍ଗନ କରିଥାନ୍ତି। ବାବାଙ୍କ ଏଭଳି ବ୍ୟବହାର ଯୋଗୁ ଅନୁଗାମୀମାନେ ତାଙ୍କୁ 'କିସିଂ ବାବା' ବୋଲି କହୁଥିଲେ। ନିଜକୁ ଭଗବାନ ବୋଲାଉଥିବା ରାମପ୍ରକାଶ ନିଜକୁ ଅଲୌକିକ ଶକ୍ତିର ଅଧିକାରୀ ବୋଲି ଦାବି କରୁଥିଲେ। ଗ୍ରାମରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ। ମହିଳାମାନେ ଉକ୍ତ ମନ୍ଦିରକୁ ଯାଇ ବାବାଙ୍କ ନିକଟରେ ପ୍ରାର୍ଥନା କରୁଥିଲେ। ତାଙ୍କର ଏଭଳି ବ୍ୟବହାର ସମ୍ପର୍କରେ ଖବର ପାଇବା ପରେ ପୋଲିସ ସତର୍କ ହୋଇଯାଇଥିଲା। ଅଗଷ୍ଟ ୨୨ରେ ଭୋରାଲ୍‌ଟୁପ୍ ଗ୍ରାମରୁ ତାଙ୍କୁ ଗିରଫ କରାଯାଇଥିଲା। ବାବା ଚୌହାନ୍‌ଙ୍କ ମା'ଙ୍କୁ ମଧ୍ୟ ଗିରଫ କରାଯାଇଛି।

### ଇତିହାସର ଆଇନାରେ

**ଅଗଷ୍ଟ ୨୫ର ପ୍ରମୁଖ ଘଟଣା**

୧୯୩୩ ଅଗଷ୍ଟ ୨୫ରେ ଚାଇନାର ସିଚୁଆନ୍ ପ୍ରଦେଶ ଅନ୍ତର୍ଗତ ମାଓ କାଉଣ୍ଟିର ଡିକ୍ସି ସହରରେ ଭୟାବହ ଭୂକମ୍ପ ଘଟିଥିଲା। ଏଥିରେ ପ୍ରାୟ ୯ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

୧୯୯୧ ଅଗଷ୍ଟ ୨୫ରେ ସୋଭିଏଟ୍ ୟୁନିୟନଠାରୁ ବେଲାରୁସ୍ ସ୍ୱାଧୀନତା ହାସଲ କରିଥିଲା। ସୋଭିଏଟ୍ ୟୁନିୟନ୍ ଭାଙ୍ଗିଯିବା ସମୟରେ ୧୯୯୦ ଜୁଲାଇ ୨୭ରେ ବେଲାରୁସ୍ ପାର୍ଲାମେଣ୍ଟ ସାର୍ବଭୌମତ୍ୱ ଘୋଷଣା କରିଥିଲା। ଏହାର ପ୍ରାୟ ୫ବର୍ଷ ପରେ ପୂର୍ବ ୟୁରୋପର ଏହି ଦେଶ ସ୍ୱାଧୀନ ହୋଇଥିଲା।

---

■ କେରଳ ବନ୍ୟାକୁ ନେଇ ରାଜନୈତିକ ଉଷ୍ମତା

# ସଙ୍କଟବେଳେ ନାଟ

**ନୂଆଦିଲ୍ଲୀ/କୋଚି, ୨୪ା୮(ପି.ଟି.)**

ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବରେ ରଣଭୂମି ପାଲଟିଥିବା କେରଳରେ ଏବେ ଲୋକେ ଜୀବନଜୀବିକା ପାଇଁ ବାଟ ଖୋଜୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ଏବଂ କ୍ଷୁଧା ମେଣ୍ଟାଇବାକୁ ଆହାର ପାଇଁ ଅନ୍ୟର ହାତକୁ ଚାହିଁରହିଛନ୍ତି। ଏଭଳି ସଙ୍କଟ ବେଳେ କେରଳୀମାନେ କାଳାତିପାତ କରୁଥିବାବେଳେ ବନ୍ୟାକୁ ନେଇ ଜୋର୍ ଧରିଛି ରାଜନୀତି ନାଟ। ବିଦେଶୀ ପାଣ୍ଠିକୁ ନେଇ ରାଜନୈତିକ ପାଣିପାଗ ଉଷ୍ମ ଥିବାବେଳେ ଶୁକ୍ରବାର ଏକ ଭିନ୍ନ ମୋଡ଼ ଆସିଛି। କେରଳକୁ କେତେ ପରିମାଣରେ ଆର୍ଥିକ ସହାୟତା ଯୋଗାଇଦିଆଯିବ ସେ ନେଇ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରିନାହିଁ। ତେଣୁ ପାଣ୍ଠି ଦାନ ସମ୍ପର୍କରେ ଘୋଷଣାର ପ୍ରଶ୍ନ ଉଠୁନାହିଁ ବୋଲି ୟୁଏଇ ଦୂତାବାସର ଜଣେ ଅଧିକାରୀ କହିଛନ୍ତି। ତାଙ୍କ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କୁ ଘେରିଛି ବିରୋଧୀ ଭାଜପା। ୟୁଏଇ ୭୦୦ କୋଟି ଟଙ୍କା ସହାୟତା ଦେବାକୁ ଘୋଷଣା କରି ନ ଥିଲା ବେଳେ ବିଜୟନ୍ ଆପେ ଆପେ କହିବୁଲୁଛନ୍ତି। ତାଙ୍କୁ ଏ ସୂଚନା କିଏ ଦେଇଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି। ନିକଟରେ କେରଳ ମୁଖ୍ୟମନ୍ତ୍ରୀ ଖବରଦାତାଙ୍କୁ ସୂଚନା ଦେଇଥିଲେ ଯେ, କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ୟୁଏଇ ୭୦୦ କୋଟି ଟଙ୍କା ଦେବ। କାତାର ଓ ମାଳଦ୍ୱୀପ ମଧ୍ୟ ସହାୟତାର ହାତ ବଢ଼ାଇଛନ୍ତି। କିନ୍ତୁ ବିଦେଶୀ ରାଷ୍ଟ୍ରଗୁଡ଼ିକର ଆର୍ଥିକ ସହାୟତାକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଦେବା ପରେ କେରଳର ଶାସକ ଏଲ୍‌ଡିଏଫ୍, କଂଗ୍ରେସ ଓ ଅନ୍ୟଦଳ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। କାଦୁଅଫିଙ୍ଗା ଚାଲିଥିଲାବେଳେ ଶୁକ୍ରବାର ୟୁଏଇ ଆମ୍ବାସାଡର ଅହମ୍ମଦ ଅଲ୍‌ବାନ୍ନମ୍ ଯେଉଁ ଖୁଲାସା କଲେ, ତାହା ବିଜୟନ୍‌ଙ୍କୁ ଲଜ୍ଜିତ କରିଛି। ଅଲ୍‌ବାନ୍ନମ୍ କହିଛନ୍ତି, କେରଳବାସୀଙ୍କୁ ରିଲିଫ୍ ସହାୟତା ଯୋଗାଇବା ପାଇଁ ୟୁଏଇ ସରକାର କେବଳ ଏକ ଜାତୀୟ ଜରୁରିକାଳୀନ କମିଟି ଗଠନ କରିଛନ୍ତି। କୌଣସି ଆର୍ଥିକ ସହାୟତା ବିଷୟରେ ସରକାରୀ ସ୍ତରରେ ଘୋଷଣା ହୋଇନାହିଁ। ୟୁଇଏ ସରକାର କେରଳ ବିପନ୍ନଙ୍କୁ କେଉଁ ପ୍ରକାର ସହଯୋଗ କରିବେ, ତାହା ଆଗାମୀ କିଛିଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ। ୟୁଏଇ ରାଷ୍ଟ୍ରଦୂତଙ୍କ ମନ୍ତବ୍ୟ ପରେ କେରଳର ଭାଜପା ମୁଖ୍ୟ ପି.ଏସ୍. ଶ୍ରୀଧରନ୍ ପିଲ୍ଲାଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ୟୁଏଇ କୌଣସି ପ୍ରକାର ଘୋଷଣା କରି ନ ଥିବାବେଳେ ବିଜୟନ୍ କେନ୍ଦ୍ର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାରାବାଜି ଚଳାଇଛନ୍ତି। ସେ କେଉଁ ସୂତ୍ରରୁ ଏଭଳି ମିଥ୍ୟା ସୂଚନା ପାଇଲେ, ତାହାର ଜବାବ ଦିଅନ୍ତୁ। ଚଳିତ ସପ୍ତାହରେ ଏକ ଖବରଦାତା ସମ୍ମିଳନୀରେ ବିଜୟନ୍ କହିଥିଲେ ଯେ, ମଧ୍ୟପ୍ରାଚ୍ୟର ପ୍ରମୁଖ ବ୍ୟବସାୟୀ ଏମ୍.ଏ. ୟୁସୁଫ୍ ତାଙ୍କୁ ୟୁଏଇର ସହାୟତା ବିଷୟରେ ସୂଚନା ପ୍ରଦାନ କରିଥିଲେ।

**ବିଦେଶୀ ପାଣ୍ଠିକୁ ନେଇ ବାକ୍‌ଯୁଦ୍ଧ**



ଅହମ୍ମଦ ଅଲ୍‌ବାନ୍ନମ୍



ପିନାରାୟୀ ବିଜୟନ

■ ଆର୍ଥିକ ସହାୟତା ଘୋଷଣା କରିନି ୟୁଏଇ
■ ସ୍ପଷ୍ଟ କଲେ ଆରବ ରାଷ୍ଟ୍ରଦୂତ ■ କେରଳ ମୁଖ୍ୟମନ୍ତ୍ରୀ ଅପଦସ୍ଥ
■ ବିଜୟନ୍‌ଙ୍କୁ ଘେରିଲା ଭାଜପା ■ କେଉଁଠୁ ପାଇଲ ସୂଚନା, ଉତ୍ତର ଦିଅ

---

ମାମଲା ଶୁଣାଣିର ସିଧା ପ୍ରସାରଣ

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୨୪ା୮(ପି.ଟି.)**

କୋର୍ଟରୁମ୍‌ରେ ମାମଲାର ବିଚାର ଚାଲିଥିବାବେଳେ ଟେଲିଭିଜନରେ ଏହାର ସିଧା ପ୍ରସାରଣ ନେଇ ଦାଏର ଏକାଧିକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ସୁପ୍ରିମକୋର୍ଟରେ ଶେଷ ହୋଇଛି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହା ସପକ୍ଷରେ ଟିପ୍ପଣୀ ଦେଇ ରାୟ ସଂରକ୍ଷିତ ରଖିଛନ୍ତି।

ଦେଶର ସାଧାରଣ ଜନତା ଘରେ ବସି ଟିଭି ଚ୍ୟାନେଲରେ ଖେଳ, ଲୋକ ସଭା/ ରାଜ୍ୟ ସଭାରେ ଗୃହକାର୍ଯ୍ୟ ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଭଳି କୋର୍ଟରୁ ମାମଲାଗୁଡ଼ିକର ସିଧା ପ୍ରସାରଣ ଦେଖିପାରିବେ। ଖୁବ୍‌ଶୀଘ୍ର ଏହା ସତରେ ପରିଣତ ହୋଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କୋର୍ଟରୁମ୍‌ଗୁଡ଼ିକରେ ଅଯଥା ଭିଡ଼ କମାଇବା ପାଇଁ 'ଖୋଲା କୋର୍ଟ'ର ଧାରଣାକୁ କାର୍ଯ୍ୟକାରୀ କରାଇ ଏହାକୁ ବାସ୍ତବ ରୂପ ଦେବାକୁ ଚାହୁଁଥିବା ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କୋର୍ଟ ପ୍ରୋସିଡିଂର ସିଧା ପ୍ରସାରଣ ନେଇ ଗାଇଡ୍‌ଲାଇନ୍ ସମ୍ପର୍କିତ ପ୍ରସ୍ତାବଗୁଡ଼ିକ ଶୁକ୍ରବାର ସୁପ୍ରିମକୋର୍ଟରେ ଉପସ୍ଥାପନ କରିଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି, କୋର୍ଟରୁ ସିଧା ପ୍ରସାରଣ କରାଗଲେ କିଛି ଅସୁବିଧା ହେବ ନାହିଁ। ପ୍ରଥମେ ଏହାକୁ ଆରମ୍ଭ କରାଯାଉ ଓ ଆଗକୁ ଏହା କିପରି ଚାଲୁଛି ଦେଖାଯାଉ। ଆମେ ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରିପାରିବା ବୋଲି ଖଣ୍ଡପୀଠ କହିଛନ୍ତି। ଆଟର୍ନି ଜେନେରାଲ ବେଣୁଗୋପାଳ କହିଥିଲେ, ସାମ୍ବିଧାନିକ ବିଶେଷତ୍ୱ ବହନ କରୁଥିବା ମାମଲାଗୁଡ଼ିକର ସିଧା ପ୍ରସାରଣ ଭାରତର ମୁଖ୍ୟ ବିଚାରପତି (ସିଜେଆଇ)ଙ୍କ ଅଦାଲତରୁ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇପାରେ। ସୁପ୍ରିମକୋର୍ଟର ଅନ୍ୟ ବିଚାରପତିମାନଙ୍କ ଅଦାଲତ ଏବଂ ସାରା ଦେଶର ଅନ୍ୟ କୋର୍ଟଗୁଡ଼ିକରୁ ମାମଲାଗୁଡ଼ିକର ସିଧା ପ୍ରସାରଣ ଏହି ପ୍ରେଜେକ୍ଟର ସଫଳତା ଉପରେ ନିର୍ଭର କରେ। ବ୍ୟକ୍ତିଗତ ଗୋପନୀୟତା ବା ଜାତୀୟ ନିରାପତ୍ତା ଭଳି ସମ୍ବେଦନଶୀଳ ମାମଲାର ବିଚାର ବେଳେ କିମ୍ବା ଆଇନଜୀବୀ ଦୁର୍ବ୍ୟବହାର ଦେଖାଇଲେ ବିଚାରପତି ଶବ୍ଦକୁ ଶୁଣି ନ ହେବା ଭଳି ଶକ୍ତିହୀନ (ମ୍ୟୁଟ୍) କରିପାରିବେ। ଏଥିସକାଶେ ଲାଇଭ୍ ଷ୍ଟ୍ରିମିଂକୁ ୭୦ ସେକେଣ୍ଡ ବିଳମ୍ବ କରାଯିବା ଉଚିତ। ସମସ୍ତ ପକ୍ଷ, ଖବରଦାତା, ଆଇନଜୀବୀ ଓ ପରିଦର୍ଶକମାନେ ଯେପରି ସିଧା ପ୍ରସାରଣ ଦେଖିପାରିବେ ସେଥିପାଇଁ ଅଦାଲତ ପରିସରରେ ଏକ ମିଡିଆ ରୁମ୍ ପ୍ରତିଷ୍ଠା କରାଗଲେ ଭିଡ଼ ହ୍ରାସ ପାଇବ ବୋଲି ବେଣୁଗୋପାଳ ପ୍ରସ୍ତାବ ଦେଇଥିଲେ। ପ୍ରକାଶ ଯେ, ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ, ରାଜସ୍ଥାନର ଯୋଧପୁରସ୍ଥିତ ନ୍ୟାଶନାଲ ଲ ୟୁନିଭର୍ସିଟି ଛାତ୍ର ସ୍ୱପ୍ନିଲ ତ୍ରିପାଠୀ ଏବଂ ଅନ୍ୟ କେତେଜଣ ଆବେଦନକାରୀ ସିଧା ପ୍ରସାରଣ ପାଇଁ ପିଟିଶନ ଦାଏର କରିଥିଲେ।

**କୋର୍ଟରୁମ୍‌ରେ ଭିଡ଼ କମିବ**

■ ପ୍ରସ୍ତାବ ସପକ୍ଷରେ କେନ୍ଦ୍ର ସରକାର
■ ସିଜେଆଇଙ୍କ ଅଦାଲତରୁ ପାଇଲଟ ପ୍ରୋଜେକ୍ଟ
■ ସଫଳ ହେଲେ ଦେଶର ଅନ୍ୟ କୋର୍ଟଗୁଡ଼ିକରୁ ହୋଇପାରେ ସିଧା ପ୍ରସାରଣ



---

# ୩୩ ଦୋଷୀ: ୧୨ ଜଣଙ୍କୁ ଆଜୀବନ କାରାଦଣ୍ଡ

**ନୂଆଦିଲ୍ଲୀ, ୨୪ା୮(ପି.ଟି.)**

**ମିର୍ଚପୁର ଦଳିତ ହତ୍ୟା ମାମଲା**

ମିର୍ଚପୁର ଦଳିତ ହତ୍ୟା ମାମଲାରେ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ୩୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତନ୍ମଧ୍ୟରୁ ୧୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଛି। ତଳକୋର୍ଟ ଦ୍ୱାରା ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୨୧ ଜଣଙ୍କୁ ଦୋଷୀ ପ୍ରମାଣ କରାଯାଇଛି। ଏମାନଙ୍କ ଦଣ୍ଡ ଅବଧି ଭିନ୍ନ ଭିନ୍ନ ରହିଛି। ସ୍ୱାଧୀନତାର ୭୧ ବର୍ଷ ପରେ ବି ଅନୁସୂଚିତ ଜାତିର ଲୋକଙ୍କ ପ୍ରତି ଅତ୍ୟାଚାର ଥମୁ ନାହିଁ ବୋଲି ଜଷ୍ଟିସ୍ ମୁରଲୀଧର ଏବଂ ଜଷ୍ଟିସ୍ ଆଇ.ଏସ୍. ମେହଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ୨୦୧୦ ଏପ୍ରିଲରେ ହରିୟାଣାର ହିସାର ଜିଲା ଅନ୍ତର୍ଗତ ମିର୍ଚପୁର ଗ୍ରାମରେ ଜାଟ୍ ଓ ଦଳିତ ସମ୍ପ୍ରଦାୟ ମଧ୍ୟରେ ହିଂସା ଘଟିଥିଲା। ଏପ୍ରିଲ ୧୯, ୨୦ ଓ ୨୧ରେ ବାଲ୍ମୀକି ସମ୍ପ୍ରଦାୟର ଲୋକଙ୍କୁ ଜାଟ୍‌ମାନେ ଅନେକ ଅତ୍ୟାଚାର କରିଥିଲେ। ଜଣେ ୬୦ ବର୍ଷୀୟ ଦଳିତ ବ୍ୟକ୍ତିଙ୍କ ଘରେ ଜାଟ୍‌ମାନେ ନିଆଁ ଲଗାଇଦେବାରୁ ସେ ଓ ତାଙ୍କର ଦିବ୍ୟାଙ୍ଗ ଝିଅ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହି ହତ୍ୟା ମାମଲାରେ ୨୦୧୧ ସେପ୍ଟେମ୍ବର ୨୪ରେ ତଳକୋର୍ଟ ୯୭ ଅଭିଯୁକ୍ତଙ୍କ ମଧ୍ୟରୁ ୧୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୮୨ ଜଣଙ୍କୁ ଦୋଷମୁକ୍ତ କରିଥିଲେ। ଦୁଇ ଦୋଷୀଙ୍କ ମୃତ୍ୟୁ ହୋଇସାରିଛି। ଅନ୍ୟ ୧୩ ଦୋଷୀ ତଳକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

---

## ଫୁରସତ

# ସାଟେଲାଇଟ୍ କହିବ ବରଫ ତରଳିବାର କାରଣ

**ୱାଶିଂଟନ୍:** ନାସା ଆସନ୍ତା ମାସରେ ଲେଜର-ବାହୁଯୁକ୍ତ ସାଟେଲାଟ୍ ମହାକାଶକୁ ଛାଡ଼ିବ। ପୃଥିବୀର ମେରୁ ଅଞ୍ଚଳରେ ବରଫ ପର୍ବତ କିପରି ଏତେ ଦ୍ରୁତଗତିରେ ତରଳୁଛି ସେ ସମ୍ପର୍କରେ ଏହା ଅନୁଧ୍ୟାନ କରିବ।

ଏଇ କିଛିବର୍ଷ ହେଲା ଗ୍ରୀନଲାଣ୍ଡ ଓ ଆଣ୍ଟାର୍କଟିକାରେ ଅପ୍ରତ୍ୟାଶିତ ଭାବରେ ବରଫ ଖଣ୍ଡ ତରଳିବା ଯୋଗୁ ବିଶ୍ୱ ସ୍ତରରେ ସମୁଦ୍ରପତ୍ତନ ବର୍ଷକୁ ୧ ମିଲିମିଟରରୁ ଊର୍ଦ୍ଧ୍ୱ ବୃଦ୍ଧି ପାଉଛି। ବରଫ ଖଣ୍ଡ ଏତେ ଦ୍ରୁତଗତିରେ ତରଳିବାର କାରଣ କ'ଣ ସେ ସମ୍ପର୍କିତ ତଥ୍ୟ ଏହି ସାଟେଲାଇଟ୍ ଦ୍ୱାରା ମିଳିପାରିବ ବୋଲି ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି। ଏହାକୁ ଆଇସ୍, କ୍ଲାଉଡ ଆଣ୍ଡ ଲ୍ୟାଣ୍ଡ ଏଲିଭେଶନ୍ ସାଟେଲାଇଟ୍-୨ (ଆଇସ୍‌ସାଟ୍-୨) କୁହାଯାଉଛି। ଏହି ସାଟେଲାଇଟ୍‌କୁ ସେପ୍ଟେମ୍ବର ୧୫ରେ କାଲିଫର୍ନିଆର ଭାଣ୍ଡେନବର୍ଗ ଏୟାରଫୋର୍ସ ବେସ୍‌ରୁ ଲଞ୍ଚ୍ କରାଯିବ। ଆଇସ୍‌ସାଟ୍-୨ ଗ୍ରୀନଲାଣ୍ଡ ଓ ଆଣ୍ଟାର୍କଟିକାରେ ସମୁଦ୍ରପତ୍ତନଠାରୁ ବରଫଖଣ୍ଡର ଉଚ୍ଚତା ବର୍ଷକୁ କେତେ ହ୍ରାସ ପାଉଛି ତାହା ମାପ କରିପାରିବ। ଏହି ସାଟେଲାଇଟ୍‌ର ନୂତନ ପର୍ଯ୍ୟବେକ୍ଷଣଭିତ୍ତିକ ଜ୍ଞାନକୌଶଳ ଦ୍ୱାରା ବରଫଖଣ୍ଡ ତରଳିବା ଏବଂ ଏହାଦ୍ୱାରା ସମୁଦ୍ରପତ୍ତନ କିପରି ବୃଦ୍ଧି ପାଉଛି ତାହା ବୈଜ୍ଞାନିକଙ୍କୁ ଜଣାଇ ଦେଇପାରିବ ବୋଲି ନାସାର ସାଇନ୍ସ ମିଶନ୍ ନିର୍ଦ୍ଦେଶାଳୟ ଅନ୍ତର୍ଗତ ଆର୍ଥ ସାଇନ୍ସ ଡିଭିଜନ୍ ନିର୍ଦ୍ଦେଶକ ମାଇକେଲ୍ ଫ୍ରେଲିଚ ପ୍ରକାଶ କରିଛନ୍ତି।



# ପିଲାଙ୍କ ପଢ଼ାସାଥୀ ରୋବୋ

**ୱାଶିଂଟନ:** ବୈଜ୍ଞାନିକମାନେ ଏକ ନୂଆ ରୋବୋ (ଯନ୍ତ୍ର ମାନବ) ବିକଶିତ କରିଛନ୍ତି। ଏହା ପିଲାଙ୍କ ପଢ଼ାସାଥୀ ହୋଇ ପାରିବ। ପିଲା ପଢୁଥିବା ବେଳେ ଏହା ଧ୍ୟାନର ସହିତ ଶୁଣି ମଣିଷ ଭଳି ପ୍ରତିକ୍ରିୟା କରିପାରିବ। ଏହି ରୋବୋର ନାମ 'ମିନି' ରଖାଯାଇଛି। ବୈଜ୍ଞାନିକମାନେ ଏଥିପାଇଁ ଏକ ପରୀକ୍ଷା କରିଥିଲେ। ଦୁଇ ସପ୍ତାହ ଧରି ରୋବୋ ସହିତ ପଢ଼ିବା ପରେ ପିଲାମାନେ ଖୁବ୍ ଉତ୍ସାହିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଏ ସମ୍ପର୍କରେ ଆମେରିକାର ୱିସ୍‌କନସିନ୍-ମାଡିସନ୍ ୟୁନିଭର୍ସିଟିର ଗ୍ରାଜୁଏଟ୍ ଛାତ୍ର ଯୋସେଫ୍ ମାଇକେଲ କହନ୍ତି, ରୋବୋ ସହିତ ପାଠପଢ଼ା ସମ୍ପର୍କରେ ପିଲାଙ୍କୁ ପ୍ରଶ୍ନ କରାଯାଇଥିଲା। ରୋବୋ ଖୁବ୍ ମଜାଳିଆ ଏବଂ ସାଦାସିଧା ବୋଲି ସେମାନେ ବର୍ଣ୍ଣନା କରିଥିଲେ। ସେମାନେ ପୁଣିଥରେ ରୋବୋ ସାଥିରେ ପଢ଼ିବାକୁ ଖୁବ୍ ଆଗ୍ରହୀ ଥିବା ପ୍ରକାଶ କରିଥିଲେ। ଉକ୍ତ ରୋବୋ ପିଲାଙ୍କ ବହିପଢ଼ା ଶୁଣିବା ସହିତ ପ୍ରତିକ୍ରିୟା ପ୍ରକାଶ କରେ।



---



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୧ | ୨୫.୮ |
| ଚାନ୍ଦବାଲି | ୩୫.୨ | ୨୬.୭ |
| କଟକ | ୩୩.୬ | ୨୫.୦ |
| ପାରାଦ୍ୱୀପ | ୩୩.୩ | ୨୭.୭ |
| ଭୁବନେଶ୍ୱର | ୩୩.୨ | ୨୫.୦ |
| ଗୋପାଳପୁର | ୩୩.୫ | ୨୮.୩ |
| ପୁରୀ | ୩୪.୦ | ୨୭.୪ |
| ଅନୁଗୋଳ | ୩୨.୧ | ୨୩.୪ |
| ବାରିପଦା | ୩୩.୬ | ୨୭.୫ |
| ଝାରସୁଗୁଡ଼ା | ୩୦.୮ | ୨୬.୦ |
| କେନ୍ଦୁଝର | ୩୧.୭ | ୨୪.୦ |
| ସମ୍ବଲପୁର | ୨୯.୮ | ୨୩.୧ |
| ସୁନ୍ଦରଗଡ଼ | ୩୪.୦ | ୨୦.୦ |
| ହୀରାକୁଦ | ୩୦.୧ | ୨୧.୯ |
| ତାଳଚେର | ୩୨.୫ | ୨୬.୦ |
| ଭବାନୀପାଟଣା | ୨୯.୪ | ୨୪.୨ |
| ବଲାଙ୍ଗୀର | ୩୦.୦ | ୨୪.୭ |
| କୋରାପୁଟ | ୨୩.୨ | ୨୦.୦ |
| ଫୁଲବାଣୀ | ୨୬.୦ | ୨୨.୬ |
| ଟିଟିଲାଗଡ଼ | ୩୦.୦ | ୨୨.୫ |
| ମାଲକାନଗିରି | ୨୮.୫ | ୨୩.୦ |
| ସୋନପୁର | ୨୯.୨ | ୨୪.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୮.୦ |
| ଢେଙ୍କାନାଳ | ୩୨.୫ | ୨୭.୦ |

ଡିଗ୍ରୀ ସେଲ୍‌ସିୟସ୍

---

## ମିଡିଆ ଗୁଜବକୁ ଗୁରୁତ୍ୱ ଦେଉନ୍ତି ନାହିଁ

### ଆଲିଆ



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଅଭିନୟ ପାଇଁ ଯେତିକି ଚର୍ଚ୍ଚାରେ, ତାହାଠୁ ଅଧିକ ଚର୍ଚ୍ଚାରେ ରହିଛନ୍ତି ଅଭିନେତା ରଣବୀର କପୁରଙ୍କ ସହିତ ଗୁଜବକୁ ନେଇ। ଏକ ଖାନ୍‌ଦାନ୍ ପରିବାରରୁ ଆସିଥିବା ଆଲିଆ କହନ୍ତି, ଖୁବ୍ ପିଲାଦିନରୁ ସେ ଗଣମାଧ୍ୟମର ସାମ୍ନା କରି ଆସିଛନ୍ତି। ତେବେ ରଣବୀରଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଯେଭଳି ଗୁଜବ ପ୍ରଚାର କରାଯାଉଛି ସେଥିପାଇଁ ସେ ଆଦୌ ବିଚଳିତ ନୁହନ୍ତି। ମୁଁ ଏକ ଖାନ୍‌ଦାନ୍ ପରିବାରରେ ବଢ଼ିଆସିଛି। ଯେଉଁ ପରିବାର ଅନେକ ସମୟରେ ଗଣମାଧ୍ୟମ ଚର୍ଚ୍ଚାରେ ରହିଆସିଛି। ପିଲାଦିନରୁ ଅଭିନୟ କ୍ଷେତ୍ରରେ ସ୍ୱୀକୃତି ପାଇଛି ଏବଂ ବିଭିନ୍ନ ଗଣମାଧ୍ୟମରେ ଏଥିପାଇଁ ଚର୍ଚ୍ଚା ହୋଇଛି। ମୁଁ ଗଣମାଧ୍ୟମ ସହ ନିବିଡ଼ ଭାବରେ ଜଡ଼ିତ। ତେଣୁ ବର୍ତ୍ତମାନ ଏହାଦ୍ୱାରା ସେତେ ପ୍ରଭାବିତ ନୁହେଁ। ଯେଉଁ ଚରିତ୍ରରେ ଅଭିନୟ କରିବି ତାହା ଯେଭଳି ଦର୍ଶକମାନଙ୍କ ଉପରେ ଦୃଢ଼ ଏବଂ ସକାରାତ୍ମକ ପ୍ରଭାବ ପକାଏ ତାହା ଉପରେ ଗୁରୁତ୍ୱ ଦେଉଛି ବୋଲି ଆଲିଆ ପ୍ରକାଶ କରିଛନ୍ତି। ସେ ପ୍ରଥମକରି କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର'ରେ ଅଭିନୟ କରିବାର ସୁଯୋଗ ପାଇଥିଲେ।

---

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ



### ହୀରାକୁଦ ଡ୍ୟାମ୍ର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲା

ସମ୍ବଲପୁର, ୨୪।୮ (ବ୍ୟୁରୋ) ହୀରାକୁଦ ଡ୍ୟାମ୍ର ଜଳସ୍ତର ଶୁକ୍ରବାର ରାତି ୯ଟା ସୁଦ୍ଧା ୬୨୧.୭୫ ଫୁଟ ରହିଛି। ଉପରମୁଣ୍ଡରେ ବର୍ଷା ପରିମାଣ କମିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୭୫,୪୬୯ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲା ଯାଇଛି । ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ଏହି ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ ମାଧମରେ ୩୦,୨୮୪ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି ।

### ଓୟୁଏଟିରେ ଚାଷୀ ମନବୋଧ ବାରିକ ସମ୍ମାନିତ

**ନୂଆଦିଲ୍ଲୀ,୨୪-୮:** ପ୍ରାୟ ୧୭ ହଜାର କୋଟି ଟଙ୍କାର ଋଣ ନେଇଥିବା ୭-୮ଟି ଶକ୍ତି ପ୍ରକଳ୍ପର ଋଣ ସମାଧାନ ଖୁବଶୀଘ୍ର ହୋଇଯିବ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଏମଡି ଅରିଜିତ ବାସୁ ଶୁକ୍ରବାର ପ୍ରକାଶ କରିଛନ୍ତି। ଦେଶରେ ସ୍ଥାପିତ ଅଥବା ନିର୍ମାଣାଧୀନ ୩୪ଟି ଶକ୍ତି ପ୍ରକଳ୍ପ ଲାଗି ପ୍ରାୟ ୧.୭୪ ଲକ୍ଷ କୋଟି ଟଙ୍କାର ଋଣ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଦିଆଯାଇଛି ବୋଲି ବାସୁ କହିଛନ୍ତି। ବ୍ୟାଙ୍କଗୁଡ଼ିକ ଋଣ ନେଇଥିବା ପ୍ରାୟ ୧୩-୧୪ଟି ପ୍ରକଳ୍ପ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ୭-୮ଟି ପ୍ରକଳ୍ପର ମ୍ୟାନେଜମେଣ୍ଟରେ ପରିବର୍ତ୍ତନ, ପୁଞ୍ଜିନିବେଶ ଆଦିକୁ ବିଚାରକୁ ନେଲେ ଏବଂ ବ୍ୟାଙ୍କଗୁଡ଼ିକ ମଧ୍ୟରେ ସହମତି, ନିବେଶକଙ୍କ ମଧ୍ୟରେ ସମାଧାନ ପାଇଁ ଆଗ୍ରହ ପ୍ରକାଶ ଯୋଗୁ ପ୍ରାୟ ୧୭ ହଜାର କୋଟି ଟଙ୍କାର ବକେୟା ଋଣର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିବା ସେ କହିଛନ୍ତି।

### ସୁନା ଉପରୁ ସୀମା ଶୁଳ୍କ ହ୍ରାସ ପ୍ରସ୍ତାବ

**ନୂଆଦିଲ୍ଲୀ,୨୪-୮:** ସୁନା ଉପରେ ଲାଗୁ ହେଉଥିବା ୧୦% ସୀମା ଶୁଳ୍କକୁ କୋହଳ କରିବା ଲାଗି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ଶୁକ୍ରବାର ପ୍ରସ୍ତାବ ଦେଇଛି। ସେହିଭଳି ସୁନାରେ ଲାଗୁ ହେଉଥିବା ୩% ଜିଏସ୍‌ଟି ହ୍ରାସ ପାଇଁ ପ୍ରସ୍ତାବ ଦିଆଯାଇଛି। ଏଭଳି ପଦକ୍ଷେପ ଦ୍ୱାରା ଟିକସ ଅନୁପାଳନ ବୃଦ୍ଧି ତଥା ସୁନାର ଚୋରା କାରବାର ହ୍ରାସ ଘଟିବ ବୋଲି ବିଚାର କରାଯାଉଛି।



“ଉନ୍ନତ ରାଜସ୍ୱକୁ ଧ୍ୟାନରେ ରଖି ଆଗାମୀ ଦିନରେ ଅଧିକ ଟାୟାର ୩ କୋଚ୍ ଆଣିବା ଲାଗି ଯୋଜନା ରହିଛି।
– ଅଶ୍ୱିନୀ ଲୋହାନି, ରେଳ ବୋର୍ଡ ଅଧ୍ୟକ୍ଷ



“ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପରିଚାଳନାରେ ସ୍ୱାଧୀନତା ଦିଆଗଲେ ସେମାନେ ଅନାଦାୟ ଋଣ ସମସ୍ୟା ସମାଧାନ କରିବା ଦିଗରେ ବିଶେଷ ଭାବେ ସହାୟକ ହୋଇ ପାରିବେ।
– ଜି.ପଦ୍ମନାଭନ୍, ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସରକାରଙ୍କ ବିତ୍ତୀୟ ପଦକ୍ଷେପକୁ ରାଜନ୍‌ଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୪-୮

ବିତ୍ତୀୟ ନିଅଣ୍ଟକୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ ପୂର୍ବରୁ ସମାଲୋଚନା କରିଥିବା ଦେଖାଯାଇଥିଲା। ମାତ୍ର ସରକାର ବର୍ତ୍ତମାନ ଗ୍ରହଣ କରୁଥିବା ବିଭିନ୍ନ ବିତ୍ତୀୟ ନିୟନ୍ତ୍ରଣ ପଦକ୍ଷେପକୁ ରାଜନ ପ୍ରଶଂସା କରିଛନ୍ତି। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଥିବା ବେଳେ ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣ ଉପରେ ସରକାର ବିଶେଷ ଭାବେ ଯତ୍ନବାନ ହେବା ଆବଶ୍ୟକ। ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଭାବେ ଘରୋଇ ଅର୍ଥବ୍ୟବସ୍ଥାର ମୌଳିକ ଢାଞ୍ଚାକୁ ଠିକ୍ କରିବା ସହ ଚଳନ୍ତି ଖାତା ନିଅଣ୍ଟ(ସିଏଡି)କୁ ନିୟନ୍ତ୍ରଣ କରିବା ନେଇ ଯତ୍ନବାନ ହେବାକୁ ବ୍ଲୁମବର୍ଗକୁ ଦେଇଥିବା ଏକ ସାକ୍ଷାତକାରରେ ରାଜନ ଏହା କହିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବାରେ ସରକାର ସକ୍ଷମ ହେବେ। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏ ନେଇ ସୂଚନା ଦେଇଥିଲେ। ମାତ୍ର ସିଏଡି କ୍ଷେତ୍ରରେ କିଛିଟା ପ୍ରଭାବ ରହିବ ବୋଲି ଉକ୍ତ ଅଧିକାରୀ ଜଣକ କହିଥିଲେ। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଏଭଳି ସ୍ଥିତି ଆସିବ ବୋଲି ବଜାର ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ସିଏଡି ମୋଟ୍ ଜିଡିପିର ୨.୮% ରହିବ ବୋଲି ନୋମୁରା ଏଜେନ୍ସି ପ୍ରକାଶ କରିଥିଲା। ୨୦୧୪ରେ ବିତ୍ତୀୟ ନିଅଣ୍ଟ ୪.୫% ରହିଥିବା ବେଳେ କେନ୍ଦ୍ର ସରକାର ୨୦୧୭-୧୮ରେ ଏହାକୁ ହ୍ରାସ କରି ୩.୫%କୁ ଆଣିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହାକୁ ହ୍ରାସ କରି ୩.୨% ସ୍ତରକୁ ଆଣିବାକୁ ଲକ୍ଷ୍ୟ ରହିଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସକୁ ନେଇ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଡଲାର ମୂଲ୍ୟ ଦୃଢ ତଥା ଘରୋଇ ବଜାରରେ ମୁଦ୍ରାସ୍ଫୀତି ଉଚ୍ଚରେ ରହିବା ଯୋଗୁ ଏପରି ସ୍ଥିତି ଆସିଛି। ଏସିଆର ଅନ୍ୟ ଦେଶ ତୁଳନାରେ ଟଙ୍କା ମୂଲ୍ୟ ବିଶେଷ ଭାବେ ହ୍ରାସ ହୋଇ ୭୦% ସ୍ତର ଛୁଇଁଛି।



- ଚଳନ୍ତି ଖାତା ନିଅଣ୍ଟ ନିୟନ୍ତ୍ରଣକୁ ଗୁରୁତ୍ୱ
- ୩.୫% ସ୍ତରକୁ ଖସିଛି ସିଏଡି
- ଟଙ୍କା ମୂଲ୍ୟ ହ୍ରାସ ଚିନ୍ତାର କାରଣ ନୁହେଁ

### ବାଣିଜ୍ୟ ଯୁଦ୍ଧ ନେଇ ସତର୍କ କରାଇଲେ

ବିଶ୍ୱ ମାନ୍ଦାବସ୍ଥା ଆସିବାର ବହୁ ପୂର୍ବରୁ ଅନୁମାନ କରିଥିବା ଅର୍ଥନୀତିଜ୍ଞ ରଘୁରାମ ରାଜନ୍ ବର୍ତ୍ତମାନ ବାଣିଜ୍ୟ ଯୁଦ୍ଧକୁ ନେଇ ସତର୍କ କରାଇଛନ୍ତି। ଏହା ତୀବ୍ରତର ହେଉଥିବା ବେଳେ ଆସେଟ୍ ମୂଲ୍ୟରେ ବୃଦ୍ଧି ଘଟୁଛି। ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧା ଦ୍ୱାରା ଏହି ସମସ୍ୟା ଆହୁରି ତୀବ୍ରତର ହେଉଛି। ଏପରିସ୍ଥିତିରେ ବିଶ୍ୱ ବଜାରର ଅଭିବୃଦ୍ଧି ଉପରେ ଏହାର ପ୍ରଭାବ ପଡିବ ବୋଲି ରାଜନ କହିଛନ୍ତି। ଏହି ସମସ୍ୟା ସମ୍ପର୍କରେ ବିଶ୍ୱ ଅବଗତ ରହିଥିବା ବେଳେ ଏହାର ସମାଧାନ ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ଆଲୋଚନା ଦ୍ୱାରା ଏହାର ସମାଧାନ ଉପରେ ରାଜନ୍ ଗୁରୁତ୍ୱାରୋପ କରିଛନ୍ତି। ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଅନ୍ୟ ଦେଶ ଉପରେ ପ୍ରଭାବ ପକାଉଥିବା ସେ ସ୍ପଷ୍ଟ କରିଛନ୍ତି।

## ବଢ଼ିବ ଟିଭି, ଫ୍ରିଜ ଦାମ୍

ନୂଆଦିଲ୍ଲୀ,୨୪-୮

ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଉଥିବାରୁ ଏହାର ସିଧାସଳଖ ପ୍ରଭାବ ଟିଭି, ଫ୍ରିଜ, ମାଇକ୍ରୋୱେଭ ଓଭନ ଭଳି ଇଲେକ୍ଟ୍ରୋନିକ ସାମଗ୍ରୀର ଦାମ୍ ଉପରେ ପଡିବାକୁ ଯାଉଛି। ଖୁବଶୀଘ୍ର ଏସବୁ ସାମଗ୍ରୀର ଦାମ ୩ରୁ ୬% ପର୍ଯ୍ୟନ୍ତ ବଢ଼ିବାକୁ ଯାଉଛି। ଫଳରେ ଏସବୁ ସାମଗ୍ରୀ ଉପରେ ଜିଏସଟି ହ୍ରାସର ଫାଇଦା ଗ୍ରାହକଙ୍କୁ ଆଉ ମିଳିବନି। ଏଲଜି, ସାମସଙ୍ଗ ଆସନ୍ତା ସପ୍ତାହରେ ନିଜ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ୩ରୁ ୫.୫% ବଢ଼ାଇବାକୁ ନିଷ୍ପତ୍ତି ନେଇଥିବା ବେଳେ କମ୍ପ୍ୟୁଟର ନିର୍ମାତା ଲେନେଭୋ ଏହାର ସାମଗ୍ରୀ ମୂଲ୍ୟ ୩ରୁ ୪% ବଢ଼ାଇବାକୁ ଯାଉଛନ୍ତି। ସୂଚନାଥାଉକି, ଅଧିକାଂଶ ଇଲେକ୍ଟ୍ରୋନିକ୍ସ ସାମଗ୍ରୀରେ ବ୍ୟବହୃତ ଯନ୍ତ୍ରାଂଶ ବିଦେଶରୁ ଆମଦାନି ହୋଇଥାଏ। ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଏଗୁଡିକର ଆମଦାନି ଲାଗି ଅଧିକ ଶୁଳ୍କ ଦେବାକୁ ପଡୁଥିବାରୁ ଉତ୍ପାଦନ ଖର୍ଚ୍ଚ ବଢ଼ିଯାଉଛି।

# ସିଲ୍କ ଇଣ୍ଡିଆ ଏକ୍ସପୋ ଶୁଭାରମ୍ଭ

ଭୁବନେଶ୍ୱର,୨୪-୮(ବ୍ୟୁରୋ)

ଆର୍ଟିଜାନ୍ସ ଓ ୱିଭର ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ସ୍ଥାନୀୟ ହୋଟେଲ ନ୍ୟୁ ମ୍ୟାରିୟନଠାରେ ସିଲ୍କ ଇଣ୍ଡିଆ ଏକ୍ସପୋର ତୃତୀୟ ସଂସ୍କରଣ ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି। ଓଲିଓଡ ଅଭିନେତ୍ରୀ ନୀହାରିକା ଦାସ, ସିଲ୍କ ଇଣ୍ଡିଆ ଏକ୍ସପୋର ଆୟୋଜକ ଅଭିନନ୍ଦ ଉକ୍ତ ଏକ୍ସପୋକୁ ଉନ୍ମୋଚନ କରିଥିଲେ। ଏକ୍ସପୋ ସେପ୍ଟେମ୍ବର ୨ ଯାଏ ଚାଲିବ। ଏଠାରେ ୬୫ ଷ୍ଟଲ୍ ସ୍ଥାପନ ହୋଇଛି। ୧୯ ରାଜ୍ୟର ବୁଣାକାର ଏଠାରେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ତଥା ବିକ୍ରି କରୁଛନ୍ତି। ୨୦୧୫ ଠାରୁ ପ୍ରତିବର୍ଷ ମେଳାର ଆୟୋଜନ ହେଉଥିବା ବେଳେ ଏଠାରେ ଭଲ ରେସ୍‌ପନ୍ସ ରହିଥିବା ଆୟୋଜକ ସଂସ୍ଥା ପକ୍ଷରୁ ସୂଚନା ରହିଛି। କର୍ନାଟକର ମହୀଶୂର ସିଲ୍କ ଏବଂ ଛତିଶଗଡର କୋସା ସିଲ୍କ ଏଥରର ପ୍ରମୁଖ ଆକର୍ଷଣ ବୋଲି ଏକ୍ସପୋର ଆୟୋଜକ ଅଭିନନ୍ଦ କହିଛନ୍ତି। ଗ୍ରାହକମାନେ ଗୋଟିଏ ଛାତ ତଳେ ଦେଶର ବିଭିନ୍ନ ରାଜ୍ୟର ଉତ୍ପାଦ ସୁଲଭ ମୂଲ୍ୟରେ ଏଠାରେ ପାଇପାରିବେ ବୋଲି ସେ ସୂଚନା ଦେଇଛନ୍ତି। ପାର୍ବଣ ସମୟ ପାଖେଇ ଆସୁଥିବାରୁ ଚଳିତ ବର୍ଷ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

ଏଠାରେ ଗ୍ରାହକମାନେ ୨୦,୦୦୦ ରେଞ୍ଜରୁ ୩ ଲକ୍ଷ ପର୍ଯ୍ୟନ୍ତ ଦାମ ମଧ୍ୟରେ ୱେଡିଂ କଲେକ୍ସନ ଲାଭ କରିବାକୁ ସକ୍ଷମ ହେବେ। ସେହିଭଳି ୧ ହଜାରରୁ ୧ ଲକ୍ଷ ଟଙ୍କା ରେଞ୍ଜରେ ସିଲ୍କରୁ ପ୍ରସ୍ତୁତ ବିଭିନ୍ନ ପ୍ରଡକ୍ଟ ଏଠାରେ ରହିଛି। ଚଳିତ ବର୍ଷ ଗ୍ରାହକଙ୍କ ସଂଖ୍ୟାରେ ୩୦% ବୃଦ୍ଧି ଘଟିବ ବୋଲି ଆୟୋଜକ ଆଶା ରଖିଛନ୍ତି। ଗତ ବର୍ଷ ଏକ୍ସପୋରେ ୪୦ ଲକ୍ଷ କାରବାର ରହିଥିଲା। ଏହା ଚଳିତ ବର୍ଷ ୫୦ ଲକ୍ଷ ଛୁଇଁବ ବୋଲି ସେ ସୂଚନା ଦେଇଛନ୍ତି। ଏକ୍ସପୋରେ ହ୍ୟାଣ୍ଡ ବ୍ଲକ୍ ପ୍ରି ଶାଢି, ସୁଟ୍ ଏବଂ ସିଲ୍କ ବେଡ୍ କଭର୍ସ, ଡିଜାଇନର ସ୍ୱେର ଏବଂ ବର୍ଡର, ଲେଜେସ୍, କୁର୍ତ୍ତି, ହାତ ତିଆରି ମଟ୍‌କା, ଅପୂର୍ବା ସିଲ୍କ ଶାଢି, ବାଲୁଚୁରୀ ଶାଢି, ଏମ୍ବ୍ରୋଡରୀ ଡିଜାଇନ ସିଲ୍କ ଶାଢି, ଡ୍ରେସ୍ ମଟେରିଆଲ୍ ରହିଛି। ସେହିଭଳି ଭାଗଲପୁରୀ ସୁଟ, ପ୍ରିଣ୍ଟେଡ୍ ସିଲ୍କ ଶାଢି, ରେଶମୀ ପ୍ଲେନ୍ ବୁଟି ଶାଢି, କର୍ନାଟକ ସିଲ୍କ ଶାଢି, ମାହେଶ୍ୱରୀ, ଚନ୍ଦେରୀ ସିଲ୍କ ଶାଢି ଏବଂ ଶୁଟ, କୋଟା ସିଲ୍କ, ମଲ୍‌ବେରୀ ସିଲ୍କ ସହ ଟେମ୍ପୁଲ ବର୍ଡର, ବନାରସୀ ଜାମଦାନୀ, ହାତ ତିଆରି ଶାଢି ଏବଂ ସୁଟ୍ ଆକର୍ଷଣୀୟ ମୂଲ୍ୟରେ ଏଠାରେ ଉପଲବ୍ଧ ହେଉଛି।



- ଗୋଟିଏ ସ୍ଥାନରେ ୧୯ ରାଜ୍ୟର ବୁଣାକାରଙ୍କ ସାମଗ୍ରୀ
- ସେପ୍ଟେମ୍ବର ୨ ଯାଏ ଚାଲିବ ଏକ୍ସପୋ
- ବଜାର ତୁଳନାରେ ଆକର୍ଷଣୀୟ ରିହାତି
- ୧ ହଜାରରୁ ୩ ଲକ୍ଷ ଟଙ୍କା ରେଞ୍ଜର ସିଲ୍କ ଉତ୍ପାଦ

## ଆର୍ଥର ରୋଡ ଜେଲ୍‌ରେ ମାଲ୍ୟାଙ୍କୁ ମିଳିବ ସବୁ ସୁବିଧା

ନୂଆଦିଲ୍ଲୀ,୨୪-୮

ଦେଶର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କା ଋଣ ନେଇ ଲଣ୍ଡନ ପଳାଇଥିବା ବିଶିଷ୍ଟ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ଉଦ୍ୟମ ଚଳାଇଛି। ପ୍ରତ୍ୟର୍ପଣ ପରେ ତାଙ୍କୁ ମୁମ୍ବାଇର ଆର୍ଥର ରୋଡ ଜେଲ୍‌ର ସେଲ୍ ନଂ ୧୨ରେ ରଖାଯିବ ଏବଂ ତାଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ। ମାଲ୍ୟା ରହିବାକୁ ଥିବା ଜେଲ ପ୍ରକୋଷ୍ଠରେ ଟିଭି, ବ୍ୟକ୍ତିଗତ ଟଏଲେଟ ରହିବା ସହିତ ପ୍ରକୋଷ୍ଠରେ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକର ବ୍ୟବସ୍ଥା କରାଯାଇଛି। ଏହାଛଡା ସେ ଖୋଲା ଆକାଶ ତଳେ ସ୍ୱଇଚ୍ଛାରେ ଭ୍ରମଣ କରିବାର ସୁବିଧା ପାଇବେ ଏବଂ ତାଙ୍କର ପରିଷ୍କାର ପରିଚ୍ଛନ୍ନତା ପାଇଁ ଏକ ବଡ଼ ସ୍ଥାନ ଚିହ୍ନଟ କରାଯାଇଥିବା ସମ୍ପର୍କରେ ଦର୍ଶାଯାଇ ଆର୍ଥର ରୋଡ ଜେଲ୍‌ର ସେଲ୍ ନଂ ୧୨ର ଏକ ଭିଡିଓ ସିବିଆଇ ପକ୍ଷରୁ ୟୁକେ କୋର୍ଟରେ ଉପସ୍ଥାପନ କରାଯାଇଛି। ଉଲ୍ଲେଖଥାଉକି, ଭାରତୀୟ ଜେଲ୍ ରହିବା ଯୋଗ୍ୟ ନୁହେଁ ଏବଂ ଏହା ଅତ୍ୟନ୍ତ ଅପରିଷ୍କାର ବୋଲି ମାଲ୍ୟା ୟୁକେ କୋର୍ଟରେ ଅଭିଯୋଗ କରିଥିଲେ। ତାଙ୍କୁ ପ୍ରତ୍ୟର୍ପଣ କରାଗଲେ ସେ ଭାରତୀୟ ଜେଲ୍‌ରେ ରହିପାରିବେ ନାହିଁ ବୋଲି ଦର୍ଶାଇବା ପରେ ୟୁକେ କୋର୍ଟ ଭାରତୀୟ ଜେଲ୍‌ର ସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ଏବଂ ମାଲ୍ୟା ରହିବାକୁ ଥିବା ସେଲ୍‌ର ଏକ ଭିଡିଓ ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ।

### ଟିଭି, ଟଏଲେଟ ସହ ସେଲ୍‌ରେ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ବ୍ୟବସ୍ଥା



## ଏୟାରସେଲ-ମ୍ୟାକ୍ସିସ ଡିଲ୍
# ଚିଦାମ୍ବରମଙ୍କୁ ଇଡି ଜେରା

ନୂଆଦିଲ୍ଲୀ,୨୪-୮

ୟୁପିଏ ସରକାର ବେଳର ଏୟାରସେଲ-ମ୍ୟାକ୍ସିସ ଡିଲ୍‌ରେ ହୋଇଥିବା ଦୁର୍ନୀତିର ତଦନ୍ତ କରୁଥିବା ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ(ଇଡି) ପୂର୍ବତନ କେନ୍ଦ୍ର ଅର୍ଥ ମନ୍ତ୍ରୀ ପି.ଚିଦାମ୍ବରମଙ୍କୁ ଶୁକ୍ରବାର ପୁନର୍ବାର ଜେରା କରିଛି। ଏହି ମାମଲାରେ ପିଏମଏଲଏ ଆଇନ ଅଧୀନରେ ଚିଦାମ୍ବରମଙ୍କ ବୟାନ ରେକର୍ଡ କରାଯିବ ବୋଲି ଇଡିର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।
ଏଥିପୂର୍ବରୁ ଇଡି ଉକ୍ତ ଡିଲ୍ ବେଳେ ଉପସ୍ଥିତ ଏଫଆଇପିବି ଅଧିକାରୀଙ୍କୁ ଜେରା କରିଥିଲା। ଏହି ଜେରାରୁ ମିଳିଥିବା ତଥ୍ୟକୁ ଆଧାର କରି ଇଡି ପୁନର୍ବାର ଚିଦାମ୍ବରମଙ୍କୁ ଶୁକ୍ରବାର ଜେରା କରିଛି। ନିକଟ ଭବିଷ୍ୟତରେ ଏହି ଅଧିକାରୀଙ୍କ ଉପସ୍ଥିତିରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପୁନର୍ବାର ଜେରା କରିବାକୁ ଏଜେନ୍ସି ବିଚାର କରୁଛି। ଏହି ମାମଲାରେ ଚିଦାମ୍ବରମଙ୍କ ପୁଅ କାର୍ତ୍ତି ଚିଦାମ୍ବରମଙ୍କୁ ମଧ୍ୟ ଇଡି ଦୁଇ ଥର ଜେରା କରିସାରିଛି। ଏହି ମାମଲାରେ ପିତା-ପୁତ୍ର ଏବେ ଅନ୍ତରୀଣ ଜାମିନ ପାଇଛନ୍ତି।



# ସ୍ୱର ଉଠାଇଲେ ୫୯ କମ୍ପାନୀ ସିଇଓ

ନ୍ୟୁୟର୍କ,୨୪-୮

### ଟ୍ରମ୍ପଙ୍କ ଭିଜା ନୀତି

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏଚ-୧ ଭିଜା ନୀତିକୁ ବିରୋଧ କରି ଆମେରିକାର ଆପଲ ସମେତ ୫୯ କମ୍ପାନୀର ସିଇଓ ସ୍ୱର ଉତ୍ତୋଳନ କରିଛନ୍ତି। ଟ୍ରମ୍ପଙ୍କ ଏଚ-୧ବି ଭିଜା ନୀତିର ଗୁରୁତର ପ୍ରଭାବ ସମ୍ପର୍କରେ ଉଲ୍ଲେଖ କରି ସେମାନେ ଏକ ମିଳିତ ପତ୍ର ଲେଖିଛନ୍ତି। ଟ୍ରମ୍ପ ସରକାରଙ୍କ ଏହି ନୀତି ଯୋଗୁ ଆମେରିକାର ଅର୍ଥନୀତି ପ୍ରଭାବିତ ହେବା ସହିତ ଦେଶର ଅଭିବୃଦ୍ଧି କିପରି ହ୍ରାସ ପାଇବ ସେନେଇ ବିଜନେସ ଲିଡର ମାନେ ପତ୍ରରେ ଉଲ୍ଲେଖ କରିଛନ୍ତି।

ଆପଲର ମୁଖ୍ୟ ଟିମ କୁକ୍, ଜେପି ମୋର୍ଗାନର ଜେମୀ ଡିମନ ଏବଂ ପେପ୍ସିକୋର ଇନ୍ଦ୍ରା ନୁୟୀଙ୍କ ସମେତ ୫୯ କମ୍ପାନୀର ସିଇଓ ପତ୍ରରେ ସ୍ୱାକ୍ଷର କରିଥିଲେ। ଆମେରିକାର ପ୍ରମୁଖ କାର୍ଯ୍ୟକାରୀ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ବିଜନେସ ରାଉଣ୍ଡ ଟେବୁଲ ସଂଗଠନ ପକ୍ଷରୁ ଟ୍ରମ୍ପ ସରକାରଙ୍କୁ ଏହି ପତ୍ର ପଠାଯାଇଛି। ହାଇ ସ୍କିଲ୍ଡ ଇମିଗ୍ରେସନ ନୀତିରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ପତ୍ରରେ ଉଲ୍ଲେଖ କରାଯିବା ସହିତ ଟ୍ରମ୍ପ ସରକାର ସେମାନଙ୍କ ଭିଜା ସମ୍ପର୍କରେ ନେଉଥିବା ନିଷ୍ପତ୍ତିକୁ ପତ୍ରରେ ବିରୋଧ କରାଯାଇଛି। ଉଲ୍ଲେଖଥାଉକି, ଆମେରିକା ନାଗରିକଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେବା ଉଦ୍ଦେଶ୍ୟରେ ଟ୍ରମ୍ପ ସରକାର ଏଚ-୧ବି ଭିସା ନିୟମକୁ ଅଧିକ କଡ଼ାକଡ଼ି କରିଥିଲେ। ଫଳରେ ଏହା ଉପରେ ଭରସା କରି ଆମେରିକାରେ ଚାକିରି ଆଶାୟୀ ଲକ୍ଷ ଲକ୍ଷ ଭାରତୀୟଙ୍କ ସମେତ ଏସିଆର ସ୍କିଲ୍ଡ ୱାର୍କରଙ୍କୁ ଜୋରଦାର ଝଟକା ଲାଗିଛି। ଏହାଦ୍ୱାରା ଆମେରିକାର କମ୍ପାନୀ ମାନେ ବହିରାଗତ ସ୍କିଲ୍ଡ ୱାର୍କର ଅଭାବ ଅନୁଭବ କରୁଛନ୍ତି।

## ନିର୍ମାଣ ହେବ ଆଉ ୧.୧୨ ଲକ୍ଷ ସୁଲଭ ବାସଗୃହ

ନୂଆଦିଲ୍ଲୀ,୨୪-୮

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକ ୧.୧୨ ଲକ୍ଷ ବାସଗୃହକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଦେଶରେ ୮ ରାଜ୍ୟରେ ଏହି ଅତିରିକ୍ତ ବାସଗୃହ ନିର୍ମାଣ ହେବ। ଏହା ମଧ୍ୟରେ ଆନ୍ଧ୍ର ପ୍ରଦେଶରେ ୩୭,୦୦୦ ୟୁନିଟ ବାସଗୃହ ନିର୍ମାଣ ହେବ ବୋଲି ଜଣାଯାଇଛି। ଚଳିତ ଆର୍ଥିକ ବର୍ଷ ଲାଗି ଏହି ଯୋଜନାରେ ପ୍ରାୟ ୫୫ ଲକ୍ଷ ବାସଗୃହ ନିର୍ମାଣ ଲାଗି ମଞ୍ଜୁରୀ ଦିଆଯାଇଥିବା ବାସଗୃହ ଏବଂ ସହର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। କେନ୍ଦ୍ରୀୟ ମଞ୍ଜୁରୀ ତଥା ମନିଟରିଂ କମିଟି ପକ୍ଷରୁ ଗୁରୁବାର ଉକ୍ତ ମଞ୍ଜୁରୀ ପ୍ରଦାନ କରାଯାଇଥିବା ଜଣାଯାଇଛି। ଗତ ମାସରେ କମିଟି ୧୦ ରାଜ୍ୟରେ ୨.୬୭ ଲକ୍ଷ ସୁଲଭ ବାସଗୃହ ନିର୍ମାଣକୁ ଅନୁମୋଦନ ଦେଇଥିଲା।

# ଆହୁରି ଆରାମଦାୟକ ହେବ ଏସି ଟ୍ରେନ ଯାତ୍ରା

ନୂଆଦିଲ୍ଲୀ,୨୪-୮

ରେଲୱେର ଶୀତତାପ ନିୟନ୍ତ୍ରିତ (ଏସି) କୋଚ୍‌ଗୁଡିକରେ ଯାତ୍ରା ଶୀଘ୍ର ଆରାମଦାୟକ ହେବ। ରେଲୱେ ଏହାର ଏସି କୋଚ୍‌ଗୁଡିକୁ ପ୍ରତି ୬ ବର୍ଷରେ ପରିବର୍ତ୍ତନ କରିବାକୁ ଯୋଜନା ରଖିଛି। ଯାତ୍ରୀଙ୍କୁ ପ୍ରିମିୟମ୍ ଏବଂ ଆରାମଦାୟକ ରେଳ ଯାତ୍ରା ସୁବିଧା ପ୍ରଦାନ ଲାଗି ରେଲୱେ ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଉଥିବା ଜଣା ପଡ଼ିଛି। ରେଳ ବୋର୍ଡ ପକ୍ଷରୁ ପ୍ରତି ଜୋନାଲ କାର୍ଯ୍ୟାଳୟଗୁଡିକୁ ଏ ନେଇ ସୂଚନା ଦିଆଯାଇଛି। ସାମୟିକ ଭିତ୍ତିରେ ବିଭିନ୍ନ ପରିବର୍ତ୍ତନ ସହ ପ୍ରତି ୬ ବର୍ଷରେ କୋଚ୍‌ଗୁଡିକର ନବୀକରଣ ନେଇ ରେଳ ବୋର୍ଡ ଗୁରୁତ୍ୱାରୋପ କରିଛି। ୨ ଟାୟାର, ୩ ଟାୟାର, ପ୍ରଥମ ଶ୍ରେଣୀ, ଚେୟାର କାର୍ କୋଚ୍‌ଗୁଡିକର ସେବା ଆରମ୍ଭ ହେବା ପରଠାରୁ ୬ ବର୍ଷ ମଧ୍ୟରେ ପରିବର୍ତ୍ତନ ନେଇ ଯୋଜନା ରହିଛି। ଉକ୍ତ ଯୋଜନାରେ ପୁରୁଣା ଆଇସିଏଫ୍ କୋଚ୍ ଏବଂ ମଡର୍ନ ଲିଙ୍କେ ହୋଫ୍‌ମ୍ୟାନ୍ ବସ୍(ଏଲ୍‌ଏଚ୍‌ବି) କୋଚ୍‌ଗୁଡିକ ସାମିଲ ରହିଛି। ଉକ୍ତ କାର୍ଯ୍ୟ ଲାଗି ରେଲ୍‌ୱେକୁ କୋଚ୍ ପିଛା ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ।

ଗତ କିଛି ବର୍ଷ ମଧ୍ୟରେ ଏସି ଟ୍ରେନଗୁଡିକରେ ଭଡା ବିଶେଷ ଭାବେ ବୃଦ୍ଧି ହୋଇଥିବା ବେଳେ ସେହି ଅନୁଯାୟୀ ସେବାର ଉନ୍ନତୀକରଣ ହୋଇ ନାହିଁ। କୋଚ୍ କୋଚ୍‌ଗୁଡିକର ଖରାପସ୍ଥିତିକୁ ନଜରରେ ରଖି ରେଲ୍‌ୱେ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ୨୦୧୭ରେ ତତ୍କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁ କୋଚ୍‌ଗୁଡିକର ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏହି ଯୋଜନାରେ ୪୦ ହଜାର ରେଳକୋଚ୍‌କୁ ଆଧୁନିକୀକରଣ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ପାଣ୍ଠି ଅଭାବ ଯୋଗୁ ପ୍ରଥମ ପର୍ଯ୍ୟାୟରେ ଏସି କୋଚ୍‌ଗୁଡିକର ଉନ୍ନତୀକରଣ ଯୋଜନା ରହିଛି।



## ଟାଟା ସନ୍ସକୁ କମ୍ପାନୀରେ ପରିବର୍ତ୍ତନ
# ରହିତାଦେଶ ଦେଲେନି ଏନ୍‌ସିଏଲ୍‌ଏଟି

ନୂଆଦିଲ୍ଲୀ,୨୪-୮

ଟାଟା ସନ୍ସ ଗ୍ରୁପ ବିରୋଧରେ ଏହାର ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରି ଲଢ଼େଇ ଜାରି ରଖିଥିବା ବେଳେ ଶୁକ୍ରବାର ତାଙ୍କୁ ନ୍ୟାଶନାଲ କମ୍ପାନୀ ଲ’ ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ରେ ଶକ୍ତ ଧକ୍କା ଲାଗିଛି। ଟାଟା ସନ୍ସ ଗ୍ରୁପକୁ ପବ୍ଲିକ ଲିମିଟେଡ କମ୍ପାନୀରୁ ପ୍ରାଇଭେଟ ଲିମିଟେଡ କମ୍ପାନୀ ଭାବେ ପରିବର୍ତ୍ତନ କରିବା ଲାଗି ଗ୍ରୁପର ନିଷ୍ପତ୍ତି ଉପରେ ଏନସିଏଲଏଟି ରହିତାଦେଶ ଦେବାକୁ ମନା କରିଦେଇଛନ୍ତି। ତେବେ ଟ୍ରିବ୍ୟୁନାଲ ମିସ୍ତ୍ରିଙ୍କୁ ମଧ୍ୟ ଆଶ୍ୱସ୍ତ କରିବାକୁ ଚାହିଁଛନ୍ତି। ମାମଲାର ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ଟାଟା ସନ୍ସ ଗ୍ରୁପ ମିସ୍ତ୍ରିଙ୍କୁ ଗ୍ରୁପର ଶେୟାର ବିକ୍ରି କରିବା ଲାଗି ବାଧ କରିପାରିବେନି ବୋଲି ଟ୍ରିବ୍ୟୁନାଲ ସ୍ପଷ୍ଟ କରିଛନ୍ତି। ମିସ୍ତ୍ରିଙ୍କ ଆବେଦନ ଆଧାରରେ ଟାଟା ସନ୍ସକୁ ଆସନ୍ତା ୧୦ ଦିନ ଭିତରେ ଜବାବ ଦାଖଲ କରିବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୪ରେ ହେବ ବୋଲି ଦିନ ଧାର୍ଯ୍ୟ କରିଛନ୍ତି।

ଟାଟା ସନ୍ସ ଗ୍ରୁପକୁ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ପରିବର୍ତ୍ତନ ଲାଗି ଗତ ବର୍ଷ ନିଷ୍ପତ୍ତି ହୋଇଥିଲା। ଏହାକୁ ଶେୟାରଧାରକ ମଧ୍ୟ ଅନୁମତି ଦେଇଥିଲେ। ଏହାଦ୍ୱାରା ସାଇରସ ମିସ୍ତ୍ରି ପରିବାର ନିକଟରେ ଥିବା ଟାଟା ଗ୍ରୁପର ଶେୟାର ବିକ୍ରି ଉପରେ ଆପଣାଛାଏ କଟକଣା ଲାଗିଯାଇଛି। ଟାଟା ସନ୍ସର ଏଭଳି ଉଦ୍ୟମକୁ ବିରୋଧ କରି ମିସ୍ତ୍ରିଙ୍କ ପକ୍ଷରୁ ଏନସିଏଲଏଟିରେ ଆବେଦନ କରାଯାଇଥିଲା। ଚେୟାରମ୍ୟାନ ଜଷ୍ଟିସ ଏସ ଜେ ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ୨ ଜଣିଆ ଖଣ୍ଡପୀଠ ମିସ୍ତ୍ରିଙ୍କ ଆବେଦନର ବିଚାର କରି ରାୟକୁ ଆଜି ଦିନକୁ ସ୍ଥଗିତ ରଖିଥିଲେ। ଶୁକ୍ରବାର ଟ୍ରିବ୍ୟୁନାଲ ରାୟ ପ୍ରକାଶ କରି ଅନ୍ତରୀଣ ରହିତାଦେଶ ଦେବାକୁ ମନା କରିଦେଇଛନ୍ତି। ଟାଟା ଗ୍ରୁପ ଅଧ୍ୟକ୍ଷ ପଦରୁ ବିତାଡିତ ହେବା ପରେ ମିସ୍ତ୍ରି ଏନ୍‌ସିଏଲ୍‌ଟିରେ ମାମଲା ଦାୟର କରିଥିଲେ। ଅଦାଲତ ମାମଲାର ବିଚାର କରି ଟାଟା ସନ୍ସର ନିଷ୍ପତ୍ତି ବୈଧ ବୋଲି ଦର୍ଶାଇଥିଲେ। ଏହି ରାୟକୁ ମଧ୍ୟ ବିରୋଧ କରି ସେ ଏନସିଏଲଏଟିରେ ଆଉ ଏକ ମାମଲା ଦାୟର କରିଛନ୍ତି ଯାହାର ଖୁବ୍‌ଶୀଘ୍ର ଶୁଣାଣି ହେବାକୁ ଯାଉଛି।

### ସାଇରସ ମିସ୍ତ୍ରିଙ୍କୁ ଆଶ୍ୱସ୍ତି



# ଟେନିସ୍, ରୋଇଂରେ ଭାରତକୁ ସ୍ୱର୍ଣ୍ଣ

**ପାଲେମବାଙ୍ଗ, ୨୪।୮ (ପି.ଟି.)**

ଚଳିତ ଏସିଆନ ଗେମ୍ସର ଷଷ୍ଠ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ୫ଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଭାରତୀୟ ଖେଳାଳିମାନେ ଟେନିସ ଓ ରୋଇଂରେ ସ୍ୱର୍ଣ୍ଣ ଜିତିଥିବା ବେଳେ ମହିଳା କବାଡ଼ି ଇଭେଣ୍ଟରେ ଫାଇନାଲରେ ପରାସ୍ତ ରୌପ୍ୟରେ ସନ୍ତୁଷ୍ଟ ହୋଇଛି। ସେହିପରି ଟେନିସ ଇଭେଣ୍ଟ ପୁରୁଷ ସିଙ୍ଗଲ୍ସରେ ଗୋଟିଏ, ରୋଇଂରେ ଦୁଇଟି, ଶୁଟିଂରେ ଗୋଟିଏ ଓ ପୁରୁଷ କବାଡିରେ ଭାରତ ବ୍ରୋଞ୍ଜ୍ ପଦକ ହାସଲ କରିଛି।

ଟେନିସରେ ପୁରୁଷ ଡବଲ୍ସ ଇଭେଣ୍ଟରେ ଟପ୍ ସିଡ ଅଭିଜ୍ଞ ଭାରତୀୟ ଯୋଡି ରୋହନ ବୋପାନ୍ନା ଓ ଦିଭିଜ ଶରଣ ଫାଇନାଲ ମ୍ୟାଚରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟୀ ହେବା ସହ ପ୍ରଥମଥର ପାଇଁ ଏସିଆନ ଗେମ୍ସ ସ୍ୱର୍ଣ୍ଣ ଜିତିଛନ୍ତି। ଏହି ଯୋଡି ଫାଇନାଲରେ କାଜାଖସ୍ତାନର ଆଲେକଜାଣ୍ଡାର ବବ୍ଲିକ ଓ ଡେନିସ ୟେଭସେୟେଭଙ୍କୁ ୬-୩, ୬-୪ ସେଟରେ ମାତ୍ର ୫୨ ମିନିଟରେ ପରାସ୍ତ କରିଥିଲେ। ଆନ୍ତର୍ଜାତିକ ସ୍ତରରେ ବୋପାନ୍ନା ଓ ଶରଣ ପ୍ରଥମଥର ପାଇଁ ସାଥି ହୋଇ ଖେଳିଥିଲେ ମଧ୍ୟ ସଫଳ ହୋଇଛନ୍ତି। ମାତ୍ର ୪ ମିନିଟ ମଧ୍ୟରେ ଏହି ଭାରତୀୟ ଯୋଡି ୪-୧ରେ ଅଗ୍ରଣୀ ହାସଲ କରିଥିଲେ। ବୋପାନ୍ନା ଓ ଶରଣ ପ୍ରତିପକ୍ଷ ଯୋଡିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ ଓ ଦୁଇଟି ଯାକ ସେଟ୍‌କୁ ଅତି ସହଜରେ ହାତେଇ ନେଇଥିଲେ।

ପୂର୍ବରୁ ଭାରତୀୟ ପୁରୁଷ ଡବଲ୍ସ ଯୋଡି ଏସିଆନ ଗେମ୍ସରେ ୪ଥର ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି। ୨୦୧୦ରେ ଗୁଆଙ୍ଗ୍‌ଝଉ ସଂସ୍କରଣରେ ସୋମଦେବ ଦେବବର୍ମନ ଓ ସନମ ସିଂ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ମହେଶ ଭୂପତି ଓ ଲିଆଣ୍ଡର ପେସ୍ ଏସିଆନ ଗେମ୍ସରେ ସବୁଠାରୁ ସଫଳତମ ଯୋଡିର ମାନ୍ୟତା ପାଇଛନ୍ତି। ୨୦୦୨ ଓ ୨୦୦୬ ସଂସ୍କରଣରେ ଏହି ଅଭିଜ୍ଞ ଯୋଡି ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପେସ ଏଥର ନିଜ ପସନ୍ଦର ଜଣେ ସ୍ପେଶାଲିଷ୍ଟ ସାଥୀ ନ ପାଇବାରୁ ଟେନିସ ଇଭେଣ୍ଟରୁ ଓହରିଯାଇଥିଲେ। ୨୦୧୪ରେ ସାକେତ ମିନେନି ଓ ସନମ ରୌପ୍ୟ ଜିତିଥିଲେ।



ଟେନିସ ଡବଲ୍ସ ଯୋଡ଼ି ରୋହନ ବୋପାନ୍ନା ଓ ଡିଭିଜ ଶରଣ।

## ସିଙ୍ଗଲ୍ସରେ ପ୍ରାଜନେଶ ଜିତିଲେ ବ୍ରୋଞ୍ଜ

ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଏକମାତ୍ର ଭାରତୀୟ ଖେଳାଳିଭାବେ ଅଭିଯାନ ଜାରି ରଖିଥିବା ପ୍ରାଜନେଶ ଶେଷରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମିଫାଇନାଲରେ ସେ ଉଜବେକିସ୍ତାନର ଡେନିସ ଇସ୍ତୋମିନ୍‌ଙ୍କଠାରୁ ୨-୬, ୨-୬ ସେଟରେ ପରାସ୍ତ ହୋଇଥିଲେ। ସେହିପରି ମହିଳା ସିଙ୍ଗଲ୍ସ ପୂର୍ବରୁ ଭାରତ ଅଙ୍କିତା ରାଇନା ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଏଥି ସହିତ ଟେନିସରେ ଭାରତର ଅଭିଯାନ ଶେଷ ହୋଇଛି।

## ରୋଇଂରେ ୩ ପଦକ

ରୋଇଂ ଇଭେଣ୍ଟର ଅନ୍ତିମ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ଗୋଟି ସ୍ୱର୍ଣ୍ଣ ସହ ୩ ପଦକ ହାସଲ କରିଛନ୍ତି। କ୍ୱାଡ୍ରପୁଲ ସ୍କଲ୍ସରେ ଭାରତୀୟ ରୋୟରମାନେ ଐତିହାସିକ ସ୍ୱର୍ଣ୍ଣ ଜିତିଛନ୍ତି। ଗୁରୁବାରର ବିଫଳତାକୁ ପଛରେ ପକାଇ ଖେଳାଳିମାନେ ଦମ୍ ଦେଖାଇଥିଲେ। ସୈନ୍ୟବାହିନୀରେ କାର୍ଯ୍ୟକରୁଥିବା ଏହି ପ୍ରତିଯୋଗୀମାନେ ହାର ମାନିବାକୁ ପ୍ରସ୍ତୁତ ନ ଥିଲେ। ଦତ୍ତୁ ବାବନ ଭୋକାନାଲଙ୍କ ସମେତ ଶୁଖମିତ୍ ସିଂ, ସ୍ୱର୍ଣ୍ଣ ସିଂ ଓ ଓମ୍ ପ୍ରକାଶ ବେଶ ଉନ୍ନତ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ପଛରେ ପକାଇଥିଲେ।

ଗୁରୁବାର କିନ୍ତୁ ଭୋକାନାଲ, ସ୍ୱର୍ଣ୍ଣ ଓ ଓମ୍ ପ୍ରକାଶ ପୁରୁଷ ଡବଲ ସ୍କଲ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିବାରେ ବିଫଳ ହୋଇଥିଲେ। ଏହି ୪ ଖେଳାଳି କ୍ୱାଡ୍ରପୁଲ ସ୍କଲ୍ସ ଇଭେଣ୍ଟରେ ୬:୧୭.୧୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନିଜ ସ୍ୱର୍ଗବାସୀ ମା'ଙ୍କ ପାଇଁ ଭୋକାନାଲ ସ୍ୱର୍ଣ୍ଣ ଜିତିବେ ବୋଲି ପୂର୍ବରୁ କହିଥିଲେ।

ଏହା ପୂର୍ବରୁ ରୋଇଂରେ ଭାରତୀୟ ପ୍ରତିଯୋଗୀମାନେ ଦୁଇଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ପୁରୁଷ ଲାଇଟ ୱେଟ ଡବଲ ସ୍କଲ୍ସରେ ଭଗବାନ ସିଂ ଓ ରୋହିତ କୁମାର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ଜିତିଥିଲେ। ଜଣେ ଟ୍ରକ୍ ଡ୍ରାଇଭରଙ୍କ ପୁଅ ଭଗବାନ ସମ୍ବାଦିକତାରେ ଦ୍ୱିତୀୟବର୍ଷ ଅଧ୍ୟୟନ କରୁଥିଲେ ଆର୍ଥିକସ୍ଥିତି ଖରାପ ହେବା କାରଣରୁ ତାକୁ ଛାଡି ସୈନ୍ୟବାହିନୀରେ ଯୋଗ ଦେଇଥିଲେ। ସେହିପରି ଅଭିଜ୍ଞ ରୋୟର ଦୁଷ୍ମନ୍ତ ଚୌହାନ ଲାଇଟୱେଟ୍ ସିଙ୍ଗଲ ସ୍କଲ୍ସରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ମଧ୍ୟ ଇଞ୍ଚିଅନ ଏସିଆନ ଗେମ୍ସରେ ଏହି ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ।

## କବାଡ଼ିରେ ପୁଣି ଝଟ୍‌କା, ମହିଳା ରୌପ୍ୟରେ ସନ୍ତୁଷ୍ଟ

ବିଶ୍ୱ କବାଡ଼ିରେ ଚାଲିଥିବା ଭାରତର ପତିଆରାକୁ ପୁଣି ଥରେ ଶକ୍ତ ଧକ୍କା ଦେଇଛି ଇରାନ। ପୁରୁଷ ଦଳକୁ ସେମିଫାଇନାଲରେ ପରାସ୍ତ କରିବା ପରେ ଇରାନ ଭାରତୀୟ ମହିଳା ଦଳକୁ ଫାଇନାଲରେ ହରାଇ ଦେଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଗତ ୨ ଥର ଚାମ୍ପିୟନ ଭାରତକୁ ୨୪-୨୭ ବ୍ୟବଧାନରେ ପରାସ୍ତ କରିବା ସହ ଇରାନ ସ୍ୱର୍ଣ୍ଣ ପଦକ ହାତେଇ ନେଇଛି। ଫଳରେ ଭାରତୀୟ ଦଳକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେହିପରି ପୁରୁଷ କବାଡିରେ ୭ଥର ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତ ଗୁରୁବାର ସେମିଫାଇନାଲରେ ଇରାନଠାରୁ ୧୮-୨୭ରେ ପରାସ୍ତ ହୋଇ ବ୍ରୋଞ୍ଜ୍ ପଦକ ହାସଲ କରିଥିଲା।

## ହୀନା ସିଦ୍ଧୁଙ୍କୁ ବ୍ରୋଞ୍ଜ

ଅଭିଜ୍ଞ ଭାରତୀୟ ଶୁଟର ହୀନା ସିଦ୍ଧୁ ମହିଳା ୧୦ମି. ଏୟାର ରାଇଫଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ମନୁ ଭାକର ନିରାଶ ହୋଇଛନ୍ତି। ହିନା ୧୦.୮ ସ୍କୋର କରି ସ୍ୱର୍ଣ୍ଣ ପଦକ ଲାଗି ଆଶା ରଖିଥିଲେ। ମାତ୍ର ପରବର୍ତ୍ତୀ ଶଟ୍‌ରେ ୯.୬ ସ୍କୋର କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏଥିପୂର୍ବରୁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭରୁ ହିନା ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ଏପରି କି ସେ ୧୭ତମ ସ୍ଥାନରେ ଥିଲେ। କିନ୍ତୁ ସେଠାରୁ ସେ ପ୍ରତ୍ୟାବର୍ତ୍ତନ କରି ୩ୟ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ହିନା ୨୧୯.୮ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟପକ୍ଷରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାକର ୧୭୬.୨ ସ୍କୋର ସହ ୫ମ ସ୍ଥାନରେ ରହିଥିଲେ। ଫଳରେ ଚଳିତ ପ୍ରତିଯୋଗିତାରେ ଭାକର କ୍ରମାଗତ ଦୁଇଟି ଭିନ୍ନ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିବାରେ ଫାଇନାଲରେ ବିଫଳ ହୋଇଛନ୍ତି। ହରିୟାଣା ଶୁଟର ୨୫ମିଟର ପିସ୍ତଲ ଫାଇନାଲରେ ବିଫଳ ହୋଇଥିଲେ।



ବ୍ରୋଞ୍ଜ ପଦକ ବିଜୟୀ ଶୁଟର ହୀନା ସିଦ୍ଧୁ।



ରୋଇଂରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ କ୍ୱାଡ୍ରପୁଲ ସ୍କଲ୍ସ ଟିମ୍।

■ ଆଥଲେଟିକ୍ସ ଇଭେଣ୍ଟ ଆଜିଠାରୁ

# ଦୂତୀଙ୍କ ଉପରେ ନଜର

**ଭୁବନେଶ୍ୱର, ୨୪।୮ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡୋନେସିଆର ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟ ଶନିବାରଠାରୁ ଆରମ୍ଭ ହେବ। ପ୍ରଥମ ଦିବସରେ ଭାରତୀୟ ସ୍ପ୍ରିଣ୍ଟ କୁଇନ ଓଡ଼ିଶାର ଦୂତୀ ଚାନ୍ଦଙ୍କ ଉପରେ ଭାରତ ତଥା ଓଡ଼ିଶାବାସୀଙ୍କ ନଜର ରହିବ। କାରଣ କ୍ୟାରିୟରରେ ପ୍ରଥମଥର ପାଇଁ ଏସିଆନ ଗେମ୍ସରେ ଭାଗ୍ୟ ପରୀକ୍ଷା କରିବାକୁ ଯାଉଥିବା ଦୂତୀ ଶନିବାର ମହିଳା ୧୦୦ ମିଟର ରେସ୍ ହିଟ୍‌ରେ ଅବତୀର୍ଣ୍ଣ ହେବେ। ୧୦୦ ମିଟର ସେମିଫାଇନାଲ ଓ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଗତ ଜୁନ୍‌ରେ ଅନୁଷ୍ଠିତ ଆନ୍ତଃ-ରାଜ୍ୟ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଦୂତୀ ୧୧.୨୯ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ସେଠାରେ ସେ ୧୧.୩୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଦୂତୀଙ୍କୁ ଏସିଆନ ଗେମ୍ସରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ ପ୍ରତିଯୋଗିତାରେ ଚାଇନାର ୱେଇ ୟଙ୍ଗଲି (୧୦.୯୯ ସେକେଣ୍ଡ), ବାହାରିନର ହାଜାର ସାଦ ଅଲ୍ ଆମିରି (୧୧.୧୭) ଓ କାଜାଖସ୍ତାନର ଭିକ୍ଟୋରିଆ ଜାବ୍‌କିନା (୧୧.୨୦) ଅଂଶଗ୍ରହଣ କରୁଛନ୍ତି। ଯେଉଁମାନଙ୍କର ଶ୍ରେଷ୍ଠ ଟାଇମିଂ ଦୂତୀଙ୍କଠାରୁ କମ୍ ରହିଛି।



ଦୂତୀ ଚାନ୍ଦ

ମିଳିଥିବା ସୂଚନା ଅନୁସାରେ ଦୂତୀ ହିଟ୍ ନମ୍ବର-୨ରେ ଦୌଡ଼ିବେ। ଏହି ହିଟ୍‌ରେ ରହିଥିବା ଅନ୍ୟ ଆଥଲେଟ୍‌ମାନେ ହେଲେ ଇଣ୍ଡୋନେସିଆର ଟ୍ୟାସ ମୂର୍ତ୍ତିନିଙ୍ଗସ, କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା, ଫିଲିପାଇନ୍ସର ନଟ୍ କ୍ରିଷ୍ଟିନା ମାରିଏ, ଇରାକର ଅଲ୍ ଖାଫାଜି ଡାନା ହୁସେନ ଅବଦୁଲରଜାକ, ଉଜବେକିସ୍ତାନର ନିଗିନା ଶାରିପୋଭା, ଦକ୍ଷିଣ କୋରିଆର ୟୁ ଜିନ୍ ଓ ଲାଓସର ଫା ଆଫେ ସିଲିନା। ୧୦୦ ମିଟରରେ ମୋଟ ୪ଟି ହିଟ୍ ଅନୁଷ୍ଠିତ ହେବ। ଏଥିରେ ମୋଟ ୪୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।

ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଅନ୍ୟତମ ଆକର୍ଷଣ ରହିବେ। ଭାରତ ଏସିଆନ ଗେମ୍ସରେ କେବେହେଲେ ସ୍ୱର୍ଣ୍ଣ ପଦକ ଜିତିନାହିଁ। ତେଣୁ ନୀରଜ ଏହି ଧାରା ଭାଙ୍ଗିବେ ବୋଲି ଆଶା ରହିଛି। ଶେଷଥର ପାଇଁ ଭାରତ ପକ୍ଷରୁ ୧୯୮୨ ନୂଆଦିଲ୍ଲୀ ଏସିଆନ ଗେମ୍ସରେ ଗୁରତେଜ ସିଂ ବ୍ରୋଞ୍ଜ ପଦକ ପାଇଥିଲେ। ମହିଳା ୪୦୦ ମିଟରରେ ଅନ୍ୟତମ ଆକର୍ଷଣ ରହିବେ ଭାରତର ହିମା ଦାସ। ବିଶ୍ୱ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ତାଙ୍କ ଉପରେ ଭରସା ରହିଛି। ଏଥିରେ ଅନ୍ୟତମ ଭାରତୀୟ ନିର୍ମଳା ଶେଓରାନ ମଧ୍ୟ ଭାଗ୍ୟପରୀକ୍ଷା କରିବେ।

## ବ୍ୟାଡ୍‌ମିଣ୍ଟନ: ଶ୍ରୀକାନ୍ତ, ପ୍ରଣୟଙ୍କ ବିପର୍ଯ୍ୟୟ

**ଜାକର୍ତ୍ତା, ୨୪।୮ (ପି.ଟି.)**

ଏସିଆନ୍ ଗେମ୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରୁ ଭାରତର ଦୁଇ ଆଗଧାଡିର ଖେଳାଳି କିଡାମ୍ବୀ ଶ୍ରୀକାନ୍ତ ଓ ଏଚ୍.ଏସ୍. ପ୍ରଣୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଏହି ଦୁଇ ଖେଳାଳି ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ପରାସ୍ତ ହୋଇଛନ୍ତି। ଶ୍ରୀକାନ୍ତ ହଂକଂର ୱଙ୍ଗ ୱିଙ୍ଗ୍‌ଙ୍କଠାରୁ ମାତ୍ର ୪୩ ମିନିଟରେ ୨୧-୨୩, ୧୯-୨୧ରେ ପରାସ୍ତ ହୋଇଥିବା ବେଳେ ପ୍ରଣୟ ଥାଇଲାଣ୍ଡର କଣ୍ଟାଫୋନ ୱାଙ୍ଗଚାରୋଏନଙ୍କଠାରୁ ୧୨- ୨୧, ୨୧- ୧୫, ୧୫- ୨୧ରେ ମାତ୍ର ୬୫ ମିନିଟରେ ପରାସ୍ତ ହୋଇ ବାଦ୍ ପଡିଛନ୍ତି। ମହିଳା ସିଙ୍ଗଲ୍ସରେ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଶନିବାର ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳିବେ। ତେବେ ମହିଳା ଡବଲ୍ସରେ ଭାରତର ଅଶ୍ୱିନୀ ପୋନାପ୍ପା ଓ ଏନ୍ ସିକ୍କି ରେଡ୍ଡୀ ୨୧- ୧୭, ୧୬-୨୧, ୨୧-୧୯ରେ ମାଲେସିଆ ଯୋଡି ଚୋ ମେଇ କୁଆନ ଓ ଲି ମେଙ୍ଗ୍ ୟିନଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

# ଭାରତ ସେମିର ନିକଟତର

**ଜାକର୍ତ୍ତା, ୨୪।୮ (ପି.ଟି.)**

**ପୁରୁଷ ହକି**

ଏସିଆନ ଗେମ୍ସ ପୁରୁଷ ହକିରେ ଭାରତ ତା'ର ଜୟଯାତ୍ରା ଜାରି ରଖିଛି। ପୁଲ-'ଏ' ଶୁକ୍ରବାର ଭାରତ ଜାପାନକୁ ୮-୦ ଗୋଲରେ ପରାସ୍ତ କରିଛି। ଏଥିସହିତ ଭାରତ କ୍ରମାଗତ ତୃତୀୟ ବିଜୟ ହାସଲ କରି ହ୍ୟାଟ୍ରିକ ସଫଳତା ଅର୍ଜନ କରି ସେମିଫାଇନାଲର ନିକଟତର ହୋଇଛି। ଏହା ପୂର୍ବରୁ ଭାରତ ଆୟୋଜକ ଇଣ୍ଡୋନେସିଆକୁ ୧୭-୦ ଓ ହଂକଂକୁ ୨୬-୦ରେ ହରାଇଥିଲା। ଭାରତ ମୋଟ ଉପରେ ୫୧ଟି ଗୋଲ ସ୍କୋର କରିଛି।

ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଦଳ ତରଫରୁ ରୂପିନ୍ଦର ପାଲ ସିଂ ୧୭, ୩୭ ଓ ମନଦୀପ ସିଂ ୩୨ ଓ ୫୭ତମ ମିନିଟରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ଏସ୍‌ଭି ସୁନୀଲ ସପ୍ତମ, ଦୀଲପ୍ରୀତ ସିଂ ୧୨, ଆକାଶଦୀପ ସିଂ ୪୫ ଓ ବିବେକ ସାଗର ପ୍ରସାଦ ଗୋଟିଏ ଲେଖାଏ ଗୋଲ ଦେଇ ଭାରତକୁ ଜିତାଇଥିଲେ। ୪୮ତମ ମିନିଟରେ ଜାପାନ ଗୋଟିଏ ପେନାଲ୍ଟି ସୁଯୋଗ ପାଇଥିଲେ ମଧ୍ୟ ଏହାକୁ ହାତଛଡ଼ା କରିଥିଲା। ବିଜୟୀ ହୋଇଥିଲେ ମଧ୍ୟ ଭାରତ କେତୋଟି ପେନାଲ୍ଟି କର୍ନର ସୁଯୋଗ ହାତଛଡ଼ା କରିଛି। ଭାରତ ଏବେ ବିଶ୍ୱ ର୍‍ୟାଙ୍କିଂର ପଞ୍ଚମ ଓ ଜାପାନ ୧୬ତମ ସ୍ଥାନରେ ରହିଛି। ଭାରତ ରବିବାର ୧୪ ନମ୍ବର ଦଳ କୋରିଆକୁ ଭେଟିବ। ଶେଷ ପୁଲ ମ୍ୟାଚରେ ଭାରତ ଶ୍ରୀଲଙ୍କାକୁ ଭେଟିବ।

## ଜିମ୍ନାଷ୍ଟିକ୍ସରେ ହାତ ଖାଲି

ଏଥର ଏସିଆନ ଗେମ୍ସରେ ଭାରତ ବିନା ପଦକରେ ଅଭିଯାନ ଶେଷ କରିଛି। ତାରକା ମହିଳା ଜିମ୍ନାଷ୍ଟ ଦୀପା କର୍ମକାର ମଧ୍ୟ ବିଫଳ ହୋଇଛନ୍ତି। ମହିଳା ବାଲାନ୍ସ ବିମ୍ ଇଭେଣ୍ଟ ଫାଇନାଲରେ ଦୀପା ପଞ୍ଚମ ସ୍ଥାନରେ ରହି ନିରାଶ କରିଛନ୍ତି। ପଞ୍ଚମ ଜିମ୍ନାଷ୍ଟ ଭାବେ ଦୀପା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଓ ୧୨. ୫୦୦ ସ୍କୋର କରି ସେ ପଞ୍ଚମ ସ୍ଥାନରେ ରହିଥିଲେ। ୮ଜଣ ମହିଳା ପ୍ରତିଯୋଗୀ ଫାଇନାଲରେ ଅବତୀର୍ଣ୍ଣ ହୋଇଥିଲେ। ଦୀପା କ୍ୱାଲିଫିକେଶନ ରାଉଣ୍ଡରେ ୧୨. ୭୫୦ ସ୍କୋର କରିଥିଲେ।

ଚାଇନାର ଚେନ୍ ୟିଲେ ୧୪.୬୦୦ ସ୍କୋର କରି ସ୍ୱର୍ଣ୍ଣ, ଉତ୍ତର କୋରିଆର କିମ୍ ଜଙ୍ଗ ସୁ ୧୩. ୪୦୦ ସ୍କୋର କରି ରୌପ୍ୟ ଓ ଚାଇନାର ଝାଙ୍ଗ୍ ଜିନ୍ ୧୩. ୩୨୫ ସ୍କୋର କରି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଦୀପା ଶତପ୍ରତିଶତ ଫିଟ୍ ନ ଥିଲେ ମଧ୍ୟ ତାଙ୍କ ପ୍ରଦର୍ଶନ ସେତେଟା ଖରାପ ନୁହଁ ବୋଲି କୁହାଯାଉଛି। ଏହା ପୂର୍ବରୁ ଦୀପା ତାଙ୍କ ଫେଭରାଇଟ ଇଭେଣ୍ଟ ଭୋଲ୍ଟରେ ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ। ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଏହି ଇଭେଣ୍ଟରେ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ସେ ଏହି ଇଭେଣ୍ଟରେ ନିଜ ଦେଶର ଅରୁଣା ବୁଡ୍ଡା ରେଡ୍ଡୀ ଓ ପ୍ରଣତୀ ନାୟକଙ୍କ ପଛରେ ରହିଥିଲେ। ସେ ମଧ୍ୟ ମହିଳା ଟିମ୍ ଫାଇନାଲରୁ ଓହରିଯାଇଥିଲେ ଓ ଭାରତ ଏଥିରେ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏସିଆନ ଗେମ୍ସ ଇତିହାସରେ ଭାରତ ଥରେ ମାତ୍ର ବ୍ରୋଞ୍ଜ ଜିତିଥିଲା। ୨୦୧୦ରେ ଆଶିଷ କୁମାର ଫ୍ଲୋର ଏକ୍ସରସାଇଜ୍‌ରେ ବ୍ରୋଞ୍ଜ୍ ଜିତିଥିଲେ। ପୁରୁଷ ଜିମ୍ନାଷ୍ଟିକ୍‌ରେ ମଧ୍ୟ ଆଶିଷଙ୍କ ସମେତ ଅନ୍ୟ ଭାରତୀୟ ଖେଳାଳିମାନେ ଫେଲ୍ ମାରିଛନ୍ତି।





ରୌପ୍ୟ ପଦକ ବିଜୟୀ ଭାରତୀୟ ମହିଳା ଓ ବ୍ରୋଞ୍ଜ ବିଜେତା ପୁରୁଷ କବାଡ଼ି ଦଳ।



"ଏସିଆନ ଗେମ୍ସ କବାଡ଼ିରେ ଇରାନଠାରୁ ପରାଜୟ ଘଟଣା ଆମର ମନେ ରହିବ, କିନ୍ତୁ ଏହାଦ୍ୱାରା କବାଡ଼ି ଏକ ଗ୍ଲୋବାଲ ସ୍ପୋର୍ଟ୍ସ ବୋଲି ପ୍ରତିଫଳିତ ହୋଇଛି।

–ଏଲ. ଶ୍ରୀନିବାସ ରେଡ୍ଡୀ, ଭାରତୀୟ ମହିଳା କବାଡ଼ି କୋଚ୍



"ଆଲିଷ୍ଟର କୁକ୍ ନେଟ୍ସରେ ବଲ୍‌କୁ ଭଲରୂପେ ଷ୍ଟ୍ରାଇକ୍ କରିପାରୁଛନ୍ତି, ତେଣୁ ସେ ଫର୍ମରେ ନାହାନ୍ତି ବୋଲି କହିବା ଆଦୌ ଠିକ୍ ନୁହେଁ।

–ଟ୍ରେଭର ବେଲିସ, ଇଂଲଣ୍ଡ କୋଚ୍

## ସଂକ୍ଷେପରେ

### ଏସିଆନ ଗେମ୍ସର ପ୍ରଥମ ଡୋପ୍ ମାମଲା



ଜାକର୍ତ୍ତା, ୨୪।୮ (ଏଏଫ୍‌ପି): ତୁର୍କମେନିସ୍ତାନର ରୁସ୍ତମ୍ ନାଜାରୋଭ୍ ଚଳିତ ଏସିଆନ ଗେମ୍ସର ପ୍ରଥମ ଆଥ୍‌ଲେଟ ଭାବେ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ୨୪ବର୍ଷୀୟ କୁସ୍ତି ଯୋଦ୍ଧା ନାଜାରୋଭ ଅବଶ୍ୟ ୫୭ କିଲୋଗ୍ରାମ ଫ୍ରିଷ୍ଟାଇଲ ଡିଭିଜନରେ ତାଙ୍କ ପ୍ରଥମ ମ୍ୟାଚ ହାରିଯାଇଥିଲେ। ଭାରତର ସନ୍ଦୀପ ତୋମାର ତାଙ୍କୁ ହରାଇ ଦେଇଥିଲେ। ଗେମ୍ସ ପୂର୍ବରୁ ହୋଇଥିବା ଡୋପ୍ ଟେଷ୍ଟର ଫଳାଫଳ ପ୍ରକାଶ ପାଇଛି। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ନିଷିଦ୍ଧ ଔଷଧ ଡ୍ୟୁରେଟିକ୍ ଫ୍ୟୁରୋସେମିଡେ ଠାବ କରାଯାଇଥିଲା। ଏହି ଔଷଧ ଶରୀରରୁ ଜଳ ଓ ଲବଣ ପରିମାଣ ହ୍ରାସ ପାଇଁ ସହାୟକ ହୋଇଥାଏ। ଏହି ଔଷଧ ସେବନ ଦ୍ୱାରା ନାଜାରୋଭ ତାଙ୍କ ଶରୀର ଓଜନ ହ୍ରାସ କରାଇ ପାରିଥିଲେ ଏବଂ ତାଙ୍କ ଓଜନ ଶ୍ରେଣୀ ପାଇଁ ଯୋଗ୍ୟତା ହାସଲ କରିପାରିଥିଲେ ବୋଲି ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ପକ୍ଷରୁ କୁହାଯାଇଛି। ନାଜାରୋଭଙ୍କୁ ତୁରନ୍ତ ୧୮ତମ ଜାକର୍ତ୍ତା-ପାଲେମବାଙ୍ଗ୍ ଏସିଆନ ଗେମ୍ସ ୨୦୧୮ରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଅଗଷ୍ଟ ୧୯ ପ୍ରତିଯୋଗିତାରେ ତାଙ୍କ ଫଳାଫଳକୁ ରଦ୍ଦ କରାଯାଇଛି। ସୂଚନାଯୋଗ୍ୟ, ଦକ୍ଷିଣ କୋରିଆର ଇଞ୍ଚଅନଠାରେ ୨୦୧୪ରେ ଏସିଆନ ଗେମ୍ସରେ ହୋଇଥିବା ଡୋପ୍ ଟେଷ୍ଟରେ ୬ଜଣ ଆଥଲେଟଙ୍କର ପଜିଟିଭ ଆସିଥିଲା। ସେମାନଙ୍କ ମଧ୍ୟରେ ଦକ୍ଷିଣ କୋରିଆର ସୁଇମିଂ ଷ୍ଟାର ପାର୍କ ତାଏ-ହ୍ୱାନ ଅନ୍ୟତମ ଥିଲେ। ତାଙ୍କଠାରୁ ପଦକ ପ୍ରତ୍ୟାହାର କରିନିଆଯାଇଥିଲା।

### ସେକ୍ରେଟାରିଏଟ୍ କପ୍ ଫୁଟ୍‌ବଲ

ଭୁବନେଶ୍ୱର,୨୪।୮(ସ୍ପୋର୍ଟ୍ସ ବ୍ୟୁରୋ)- ସେକ୍ରେଟାରିଏଟ୍ କପ୍ ଆନ୍ତଃ ବିଭାଗୀୟ ୫ ଜଣିଆ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଗୃହ ଏବଂ ନଗର ଉନ୍ନୟନ ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲ୍ ଶୂନ୍ୟଭାବେ ଶେଷ ହୋଇଛି। ଖେଳାଯାଇଥିବା ଅନ୍ୟମ୍ୟାଚ ଗୁଡ଼ିକରେ ଅର୍ଥ ବିଭାଗ, ସଚିବାଳୟ କ୍ରୀଡ଼ା ସଂଘ, ସୂଚନା ଲୋକସମ୍ପର୍କ ବିଭାଗ ଏବଂ ନିର୍ମାଣ ବିଭାଗ ବିଜୟ ଲାଭ କରିଛନ୍ତି। ଅର୍ଥ ବିଭାଗ ୩-୦ ଗୋଲରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପରାସ୍ତ କରିଛି। ଏଥିରେ ଆଲୋକ ଆଲ୍‌ବେଣ୍ଟ ସୋରେଙ୍ଗ ୨ଟି ଏବଂ ଦୁର୍ଯ୍ୟୋଧନ ବାର୍ଲା ଗୋଟିଏ ଗୋଲ ଦେଇଥିଲେ। ସଚିବାଳୟ କ୍ରୀଡ଼ା ମହାସଂଘ ମଧ୍ୟ ଅନୁରୂପ ୩-୦ଗୋଲ୍ ବ୍ୟବଧାନରେ ବିଜୟ ଲାଭ କରିଛି। ଏଥିରେ ଆଶିଷ ମାଝି ଗୋଟିଏ ଏବଂ ରଞ୍ଜନ ମେହେର ଦୁଇଟି ଗୋଲ ଦେଇଥିଲେ। ସେହିପରି ସୂଚନା ଲୋକ ସମ୍ପର୍କ ବିଭାଗ ୧-୦ ଗୋଲରେ ଜଙ୍ଗଲ ଓ ପରିବେଶ ବିଭାଗକୁ ପରାସ୍ତ କରିଛି। ମ୍ୟାଚରେ ପ୍ରକାଶ କୁମାର ମୁଦୁଲି ଏକମାତ୍ର ଗୋଲ ସ୍କୋର କରିଥିଲେ। ନିର୍ମାଣ ବିଭାଗ ୨-୦ ଗୋଲରେ ସମବାୟ ବିଭାଗକୁ ହରାଇ ଦେଇଥିଲା। ଦଳ ପକ୍ଷରୁ ସଉନା ସୋରେନ ଓ ଅର୍ଜୁନ ହେମ୍ବ୍ରମ ଗୋଲ ସ୍କୋର କରିଥିଲେ।

# ଦେବାଶିଷ ଜାତୀୟ ଜୁନିୟର କ୍ରିକେଟ ଚୟନକର୍ତ୍ତା

କଟକ ଅଫିସ/ପି.ଟି. ୨୪।୮

ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଜାତୀୟ ଜୁନିୟର କ୍ରିକେଟ ଦଳର ଚୟନକର୍ତ୍ତା ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଦେବାଶିଷଙ୍କୁ ଶୁକ୍ରବାର ଫୋନ୍ ଯୋଗେ ଜଣାଇ ଦିଆଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ଜୁନିୟର ଦଳର ଚୟନକର୍ତ୍ତା ଦାୟିତ୍ୱ ଗ୍ରହଣ କରୁଥିବାରୁ ଦେବାଶିଷଙ୍କୁ ଆଗାମୀ ରଣଜୀ ସିଜନ ନିମନ୍ତେ ଚାଲିଥିବା ପ୍ରସ୍ତୁତି ଓ ଚୟନ ଶିବିର ଅଧାରୁ ଛାଡ଼ିବାକୁ ପଡ଼ିବ। ଅନ୍ୟପକ୍ଷରେ ଦେବାଶିଷ ଓଡ଼ିଶାରୁ ଦ୍ୱିତୀୟ କ୍ରୀଡ଼ାବିତ ଭାବେ ବିସିସିଆଇର ଦଳ ଚୟନ କମିଟିରେ ସାମିଲ ହୋଇଛନ୍ତି। ପୂର୍ବରୁ ରଞ୍ଜୀବ ବିଶ୍ୱାଳ ସିନିୟର ପୁରୁଷ ଦଳ ଚୟନ କମିଟିରେ ରହିଥିଲେ।

୧୯୯୭ରେ ଭାରତୀୟ କ୍ରିକେଟର ପେସ୍ ଆକ୍ରମଣ କ୍ଷେତ୍ରରେ ପ୍ରମୁଖ ବୋଲର ଭାବେ ଓଡ଼ିଆ ଖେଳାଳି ଦେବାଶିଷଙ୍କ ବେଶ୍ ଖ୍ୟାତି ରହିଥିଲା। ରାଜ୍ୟ ପକ୍ଷରୁ ୧୨୯ଟି ଲିଷ୍ଟ-ଏ ଓ ୧୧୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ଦେବାଶିଷ ୧୯୯୭ ଅଗଷ୍ଟ ୯ ତାରିଖରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ। କଲମ୍ବୋରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ହିଁ ଦେବାଶିଷ ନିଜ ପ୍ରଦର୍ଶନର ଛାପ ଛାଡ଼ିଥିଲେ। ପ୍ରଥମ ଇନିଂସ୍ ବ୍ୟାଟିଂ କରୁଥିବା ଶ୍ରୀଲଙ୍କାର ପ୍ରମୁଖ ୪ଜଣ ବ୍ୟାଟ୍ସମ୍ୟାନ ଦେବାଶିଷଙ୍କ ଶିକାର ହୋଇଥିଲେ। ଓପନର ସନତ ଜୟସୂରିଆଙ୍କୁ ମିଶାଇ ରୋଶନ ମାହାନାମା, ଅରବିନ୍ଦ ଡି ସିଲଭା, ରବୀନ୍ଦ୍ର ପୁଷ୍ପକୁମାରଙ୍କ ଉଇକେଟ ରହିଥିଲା। ଦ୍ୱିତୀୟ ଇନିଂସ୍‌ରେ ଦେବାଶିଷଙ୍କୁ କୌଣସି ଉଇକେଟ ମିଳି ନ ଥିଲେ ମଧ୍ୟ ପ୍ରଦର୍ଶନ ପ୍ରଭାବଶାଳୀ ରହିଥିଲା। ମ୍ୟାଚଟି ଡ୍ର ଭାବେ ଶେଷ ହୋଇଥିଲା। ପରେ ପାକିସ୍ତାନ ବିପକ୍ଷରେ ଉକ୍ତ ବର୍ଷ ସେପ୍ଟେମ୍ବର ୧୩ରେ ଏକଦିନିକିଆ ମ୍ୟାଚ୍‌ରେ ଦେବାଶିଷଙ୍କ ପଦାର୍ପଣ ହୋଇଥିଲା। ଦେବାଶିଷ ମୋଟ୍ ୨ଟି ଟେଷ୍ଟ ମ୍ୟାଚ ଖେଳି ୪ଟି ଉଇକେଟ ପାଇଥିବା ବେଳେ ୪୫ଟି ଏକଦିବସୀୟ ମ୍ୟାଚ୍‌ରୁ ୫୭ଟି ଉଇକେଟ ପାଇଛନ୍ତି। ୫୬ରନ୍ ବିନିମୟରେ ୪ଟି ଉଇକେଟ ଦେବାଶିଷଙ୍କର ଏକଦିବସୀୟ ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ୯୦ ଦଶକରେ ବିଶ୍ୱକ୍ରିକେଟର ଧୂଆଁଧାର ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ଲାନ୍ସ କ୍ଲୁଜନର, ସନତ ଜୟସୂରିଆଙ୍କୁ ପ୍ରଥମ ଓଭରରେ ପ୍ୟାଭିଲିୟନ ଫେରାଇ ଦେବାର ରେକର୍ଡ ମଧ୍ୟ ଦେବାଶିଷଙ୍କ କ୍ୟାରିୟର ଫର୍ଦ୍ଦରେ ଯୋଡି ହୋଇରହିଛି। ଦେବାଶିଷ ଇଂଲଣ୍ଡରେ ଅନୁଷ୍ଠିତ ୧୯୯୯ ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ବେଶ ସଫଳତା ହାସଲ କରିଥିଲେ। ରାଜ୍ୟର ଜଣେ ଅନ୍ତର୍ଜାତୀୟ ଖେଳାଳି ଭାବେ ପରିଚିତ ଦେବାଶିଷ ୨୦୧୧ ମସିହାରୁ କୋଚ୍ ଜୀବନ ଆରମ୍ଭ କରିଥିଲେ। ମଝିରେ ଗୋଟିଏ ବର୍ଷ ଛାଡ଼ିଦେଲେ ୨୦୧୨-୧୩ ସିଜନ୍‌ରୁ ସେ ସିନିୟର ଦଳର କୋଚ୍ ରହି ଆସିଛନ୍ତି। କେବଳ ୨୦୧୭-୧୮ ସିଜିନ୍‌ରେ ବ୍ୟକ୍ତିଗତ କାରଣ ଦର୍ଶାଇ ସେ କୋଚ୍ ଦାୟିତ୍ୱରୁ ଦୂରେଇ ରହିଥିଲେ। ଦେବାଶିଷଙ୍କ ତତ୍ତ୍ୱାବଧାନରେ ରାଜ୍ୟ ରଣଜୀ ଦଳର ପ୍ରଦର୍ଶନ ଶକ୍ତିଶାଳୀ ହେଉଛି ବୋଲି କ୍ରୀଡ଼ା ସମାଲୋଚକମାନେ ମତ ଦିଅନ୍ତି। ଏପରିକି ବିସିସିଆଇର ଆସନ୍ତା ଘରୋଇ ଟୁର୍ନାମେଣ୍ଟ ନିମନ୍ତେ ରାଜ୍ୟ ସିନିୟର ଦଳର କୋଚ୍ ଦାୟିତ୍ୱ ମଧ୍ୟ ଦେବାଶିଷଙ୍କ କାନ୍ଧରେ ରହିଛି।

ପ୍ରକାଶଯୋଗ୍ୟ ଯେ, ଦେବାଶିଷଙ୍କ ନିଯୁକ୍ତି କଥା କ୍ରିକେଟ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାଏ ସ୍ପଷ୍ଟ କରିଛନ୍ତି। ଜୁନିୟର ଚୟନ କମିଟିରେ ଦେବାଶିଷଙ୍କୁ ଆମେ ପଞ୍ଚମ ସଦସ୍ୟ ଭାବେ ନିଯୁକ୍ତି ଦେଇଛୁ ବୋଲି ସେ ସୂଚନା ଦେଇଛନ୍ତି। ଏହି କମିଟି ୫ଜଣିଆ ସଦସ୍ୟ ବିଶିଷ୍ଟ ହେବ ବୋଲି ସୁପ୍ରିମକୋର୍ଟ ଆଗରୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଆମେ ଏହି ସଦସ୍ୟମାନଙ୍କ ନାମ ଉପଦେଷ୍ଟା କମିଟିକୁ ସୁପାରିସ କରିଥିଲୁ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ଉପଦେଷ୍ଟା କମିଟି ସଦସ୍ୟ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କୁ କମିଟି ଚୟନ କରିବାକୁ କୁହାଯାଇଥିଲା। ତେବେ ନିଜ ନିଜ କାରଣ ଦର୍ଶାଇ ଏମାନେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ। ଫଳରେ ଆନ୍ତର୍ଜାତିକ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଆମେ ଶେଷରେ ଦେବାଶିଷଙ୍କୁ ଚୟନ କରିବାକୁ ନିଷ୍ପତ୍ତି ନେଇଥିଲୁ ବୋଲି ବିନୋଦ କହିଛନ୍ତି। ପୁଅ ଅର୍ଜୁନ ଜୁନିୟର ଭାରତୀୟ ଦଳରେ ଖେଳୁଥିବାରୁ ସଚିନ ଏହି ପ୍ରସ୍ତାବ ଗ୍ରହଣ କରି ନ ଥିଲେ। ସେହିପରି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଧ୍ୟକ୍ଷ ଥିବାରୁ ଗାଙ୍ଗୁଲି ଓ ଆଇପିଏଲ ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦ ମେଣ୍ଟର ଥିବାରୁ ଲକ୍ଷ୍ମଣ ମଧ୍ୟ ଏହାକୁ ଗ୍ରହଣ କରି ନ ଥିଲେ।

ଏହି କମିଟିକୁ ଆଶିଷ କାପୁର ପୂର୍ବରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ଅମିତ ଶର୍ମା ମଧ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭେଙ୍କଟେଶ ପ୍ରସାଦ ଇସ୍ତଫା ଦେବା ପରେ ଆଉ ଏକ ପଦ ଖାଲି ରହିଥିଲା ବୋଲି ବିନୋଦ କହିଛନ୍ତି। ଏହି କମିଟିର ଅନ୍ୟ ଦୁଇ ସଦସ୍ୟ ହେଲେ ଜ୍ଞାନେନ୍ଦ୍ର ପାଣ୍ଡେ ଓ ରାକେଶ ପାରିଖ। କୋଲକାତାରେ ସେପ୍ଟେମ୍ବର ୯ ତାରିଖରୁ ଆରମ୍ଭ ହେବାକୁଥିବା ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଓ ସେପ୍ଟେମ୍ବର ୨୭ ତାରିଖରୁ ଢ଼ାକାରେ ଆରମ୍ଭ ହେବାକୁ ଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ପାଇଁ ଏହି କମିଟି ଜୁନିୟର ଦଳ ଚୟନ କରିବ।



ଦେବାଶିଷ ମହାନ୍ତି

### ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ଛାଡ଼ିବାକୁ ହେବ

ଜାତୀୟ ଜୁନିୟର ଚୟନ କମିଟିର ସଦସ୍ୟ ହୋଇଥିବାରୁ ସ୍ୱାଭାବିକ ଭାବେ ଖୁସି ଜାହିର କରିଛନ୍ତି ଦେବାଶିଷ। ଜୁନିୟର ଦଳର ଚୟନକର୍ତ୍ତା ହେବା ସମ୍ପର୍କରେ ମୋତେ ବିସିସିଆଇ ପକ୍ଷରୁ ଅବଗତ କରାଯାଇଛି। ଏହା ଏକ ନୂଆ ଦାୟିତ୍ୱ ଏବଂ ନୂଆ ଚ୍ୟାଲେଞ୍ଜ। ଏହା ଖୁସିର କଥା, ତେବେ ଏକ ସଙ୍ଗେ ୨ଟି ଦାୟିତ୍ୱରେ ରହି ହେବନାହିଁ। ତେଣୁ ମୋତେ ଓଡ଼ିଶା ରଣଜୀ ଦଳର କୋଚ୍ ଦାୟିତ୍ୱ ଛାଡ଼ିବାକୁ ପଡ଼ିବ ବୋଲି ଦେବାଶିଷ ପ୍ରକାଶ କରିଛନ୍ତି।

## କଳିଙ୍ଗ ବିଦ୍ୟାପୀଠ, କିସ୍ ସ୍କୁଲ ବିଜୟୀ




ଭୁବନେଶ୍ୱର, ୨୪।୮(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ୟୁନିଟ୍-୬ ଆଥଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନି ଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃ ସ୍କୁଲ୍ ଫୁଟବଲ ଲିଗ୍‌ରେ ଶୁକ୍ରବାର କଳିଙ୍ଗ ବିଦ୍ୟପୀଠ ସାମ୍‌ପୁର ଓ କିସ୍ ସ୍କୁଲ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ଗତଥରର ରନର୍ସ ଅପ୍ କଳିଙ୍ଗ ବିଦ୍ୟାପୀଠ ୧-୦ ଗୋଲରେ ଡିଏଭି ୟୁନିଟ୍-୮କୁ ପରାସ୍ତ କରିଛି। ଦଳ ପକ୍ଷରୁ ଅଶୋକ ପାଢ଼ୀ ଖେଳର ୧୩ତମ ମିନିଟ୍‌ରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ସେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାମକୃଷ୍ଣ ହାଇସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ ନାୟକଙ୍କଠାରୁ ସେ ପୁରସ୍କାର ଗ୍ରହଣ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ କିସ୍ ସ୍କୁଲ ୧-୦ ଗୋଲରେ ଗଣ୍ଡରପୁର ଅରବିନ୍ଦ ହାଇସ୍କୁଲକୁ ପରାସ୍ତ କରିଥିଲା। ଏକମାତ୍ର ଗୋଲଟିକୁ ଯଦୁନାଥ ହେମ୍ବ୍ରମ ୨୧ତମ ମିନିଟ୍‌ରେ ସ୍କୋର କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ହେମ୍ବ୍ରମଙ୍କୁ କ୍ରୀଡ଼ା ସଂଗଠକ ହୃଦୟରଞ୍ଜନ ବେହେରା ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ତପନ ମହାନ୍ତି, ନବରଞ୍ଜନ ପଟ୍ଟନାୟକ, ପ୍ରିୟନାଥ ମିଶ୍ର, ନରେନ୍ଦ୍ର ସେଠୀ ଓ ଅମିୟକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ପ୍ରଥମ ମ୍ୟାଚ ଡିଏଭି ଚନ୍ଦ୍ରଶେଖରପୁର ଓ ଜାଭିୟର ସ୍କୁଲ, କେଦାରଗୌରୀ ଏବଂ ଦ୍ୱିତୀୟ ମ୍ୟାଚ ସୈନିକ ସ୍କୁଲ ଓ ପଳାଶୁଣି ସ୍କୁଲ ମଧ୍ୟରେ ଅନୁଷ୍ଠିତ ହେବ।

# ଏସିଆନ ପାରାଗେମ୍ସରେ ଭାଗନେବେ ରାଖାଲ

ଭଦ୍ରକ ଅଫିସ,୨୪।୮

ଆସନ୍ତା ଅକ୍ଟୋବର ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆର ଜାର୍କତ୍ତାଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ ପାରାଗେମ୍ସ ପ୍ରତିଯୋଗିତାରେ ଭଦ୍ରକ ଜିଲାର ରାଖାଲ କୁମାର ସେଠୀ(୩୪) ଭାଗ ନେବେ। ରାଖାଲ ଜଣେ ଭିନ୍ନକ୍ଷମ କ୍ରୀଡ଼ାବିତ୍। ସେ ହୁଇଲ ଚେୟାର ଫେନ୍ସିଂ(ଅସିଚାଳନା) ଭଳି ଦୁଃସାହସିକ କ୍ରୀଡ଼ାରେ ଅଂଶଗ୍ରହଣ କରି ବର୍ତ୍ତମାନ ସୁଦ୍ଧା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ୧୫ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ ବ୍ରୋଞ୍ଜ ମେଡାଲ ହାସଲ କରିସାରିଛନ୍ତି। ତାଙ୍କ ଘର ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ଗ୍ରାମରେ। ସେ ଏବେ ଭୁବନେଶ୍ୱରରେ ରହି କ୍ରୀଡ଼ାଭ୍ୟାସ ସାଙ୍ଗକୁ ଏକ ଚା' ଦୋକାନ କରି ଜୀବିକା ନିର୍ବାହ କରୁଛନ୍ତି। ଭଦ୍ରକ ଜିଲାର କ୍ରୀଡ଼ାବିତ୍ ଓ ରାଜ୍ୟର ବହୁ କ୍ରୀଡ଼ାପ୍ରେମୀ ତାଙ୍କର ସଫଳତା କାମନା କରିଛନ୍ତି। ତେବେ ରାଖାଲ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ''ବଡ଼ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମୋ ନିକଟରେ ଅନ୍ତର୍ଜାତୀୟ ମାନର ହୁଇଲ ଚେୟାର ନାହିଁ, ତେଣୁ ଆଗାମୀ ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ନେଇ ମୁଁ ଆଶଙ୍କା ଭିତରେ ରହିଛି। ମୋ ପାଇଁ ଅନ୍ତର୍ଜାତୀୟ ମାନର ଭଲ ହୁଇଲ ଚେୟାର ଯୋଗାଇ ଦିଆଗଲେ ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିବାକୁ ଚେଷ୍ଟା କରିବି'' ବୋଲି ରାଖାଲ କହିଛନ୍ତି।



## ଫାଓଲିଗ୍: ୨ମ୍ୟାଚ୍ ଅମୀମାଂସିତ

କଟକ ଅଫିସ,୨୪।୮

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ଶୁକ୍ରବାର ଖେଳାଯାଇଥିବା ୨ଟି ଯାକ ମ୍ୟାଚ୍ ଡ୍ର ରହିଛି। ଚାନ୍ଦ କ୍ଲବ ଓ ଲାଲବାଗ କ୍ଲବ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ୧-୧ ଗୋଲରେ ଶେଷ ହୋଇଥିଲା। ପ୍ରଥମାର୍ଦ୍ଧର ୩୨ତମ ମିନିଟ୍‌ରେ ଲାଲବାଗର ସୁନମୟ ମାଝି ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧରେ ଅଗ୍ରଣୀ ରଖିଥିଲେ। ପରେ ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟ୍‌ରେ ଚାନ୍ଦକ୍ଲବର ସୌରଭ ରଞ୍ଜନ ହନୁମାନ ଏକ ଗୋଲ ଦେବା ଯୋଗୁଁ ସ୍କୋର ସମାନ ସ୍ଥିତିରେ ପହଞ୍ଚିଥିଲା। ପରେ କୌଣସି ଗୋଲ ନ ହେବା ଯୋଗୁ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଓ ପୂର୍ବତଟ ରେଲୱେ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କୌଣସି ଗୋଲ ହୋଇ ନ ଥିଲା।

# ରାଜ୍ୟ ପୋଲିସ ଫୁଟବଲ ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୨୪।୮

ଅନୁଗୋଳ ଷ୍ଟାଡ଼ିୟମରେ ୭୭ତମ ରାଜ୍ୟ ପୋଲିସ ଫୁଟବଲ ପ୍ରତିଯୋଗିତା-୨୦୧୮ ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିବା ସହ ସମସ୍ତ ଖେଳାଳିଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ମାର୍ଚ୍ଚ ପାଷ୍ଟ ପରେ ଫିଫା ଫ୍ଲାଗ ପଡ଼ିଆକୁ ଆସିଥିଲା। ପ୍ରଥମ ମ୍ୟାଚ ଅନୁଗୋଳ ଜିଲା ପୋଲିସ ଓ ରାୟଗଡ଼ାର ୨ୟ ଆଇଆରବି ବାଟାଲିୟନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା ୨-୦ ଗୋଲରେ ବିଜୟୀ ହୋଇଛି। ରାୟଗଡା ପକ୍ଷରୁ ଶ୍ୟାମ୍‌ଲାଲ ବିଶ୍ୱାଳ ଓ ମଧୁସୂଦନ ଭୋଇ ୨ଟି ଗୋଲ ଦେଇଥିଲେ। ଶନିବାର ୧୬ଟି ଦଳ ମଧ୍ୟରେ ୭ଟି ପଡ଼ିଆରେ ମୋଟ ୧୬ଟି ମ୍ୟାଚ ଅନୁଷ୍ଠିତ ହେବ। ପୂର୍ବାହ୍ନ ୭ଟାରେ ୭ଟି ଗ୍ରାଉଣ୍ଡରେ ୯ଟି ମ୍ୟାଚ ଓ ଅବଶିଷ୍ଟ ୭ଟି ମ୍ୟାଚ ଅପରାହ୍ନରେ ୭ଟି ଗ୍ରାଉଣ୍ଡରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଛାବ୍ରା ଖେଳାଳମାନଙ୍କୁ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏହିପରି ଖେଳ ଆୟୋଜନ ଯୋଗୁ ପରସ୍ପର ମଧ୍ୟରେ ବନ୍ଧୁତ୍ୱ ବଢିଥାଏ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଦେବଗଡ଼ ଏସ୍‌ପି ଅନୁପମା ଜେମ୍ସ, ଢେଙ୍କାନାଳ ଏସ୍‌ପି ସନ୍ତୋଷ ନାୟକ, ରାଜ୍ୟ ପୋଲିସ କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ପରିଡ଼ାଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମ୍ୟାଚ ଆରମ୍ଭ ପୂର୍ବରୁ ଖେଳାଳିମାନଙ୍କୁ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିବାକୁ ଶପଥପାଠ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୪୬ ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨ ତାରିଖରେ ଟୁର୍ନାମେଣ୍ଟ ଉଦ୍‌ଯାପନ ହେବ।

## ରାଜପୁତ ଜିମ୍ବାୱେ କ୍ରିକେଟ ଦଳର ମୁଖ୍ୟ କୋଚ୍

ବମ୍ବେ, ୨୪।୮ (ପି.ଟି.)

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ଲାଲଚାନ୍ଦ ରାଜପୁତ ଜିମ୍ବାୱେ ଜାତୀୟ କ୍ରିକେଟ ଦଳର ନିୟମିତ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଜିମ୍ବାୱେ କ୍ରିକେଟ ସେମାନଙ୍କ ଅଫିସିଆଲ ଟୁଇଟର ପେଜ୍‌ରେ ଏହି ସୂଚନା ଦେଇଛନ୍ତି। ରାଜପୁତ୍ ଏହାପୂର୍ବରୁ ଗତ ମେ'ରେ ଜିମ୍ବାୱେର ପାକିସ୍ତାନ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଏବଂ ପାକିସ୍ତାନକୁ ନେଇ ଆୟୋଜିତ ଏକ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ଜିମ୍ବାୱେର କାମଚଳା ମୁଖ୍ୟ କୋଚ ଭାବେ ନିଯୁକ୍ତି ପାଇଥିଲେ। ରାଜପୁତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୋ ସାମର୍ଥ୍ୟ ଉପରେ ଭରସା ରଖି ମୋତେ ୩ବର୍ଷ ପାଇଁ ନିଯୁକ୍ତି ଦେଇଥିବାରୁ ମୁଁ ଜିମ୍ବାୱେ କ୍ରିକେଟକୁ ଧନ୍ୟବାଦ ଦେଉଛି। ଭାରତ ପାଇଁ ଦୁଇ ଟେଷ୍ଟ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ରାଜପୁତ ରଣ୍‌ଜୀ ଟ୍ରଫିରେ ବମ୍ବେ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ତାଙ୍କର ପ୍ରଦର୍ଶନ ମଧ୍ୟ ଖୁବ୍ ଭଲ ରହିଥିଲା।







ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅଗଷ୍ଟ ୨୫/୨୦୧୮ Sambalpur, Saturday, August 25/ 2018

# ପୁଣି ଜଣେ ଚାଷୀଙ୍କ ଆତ୍ମହତ୍ୟା



ଭଗତଙ୍କ ମୃତଦେହ ରଖି ରାଜପଥ ଅବରୋଧ କରାଯାଇଛି ।

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୪।୮(ଡି.ଏନ୍.ଏ.)**

- ମଙ୍ଗଳବାର ବିଷ ପିଇ ଚିକିତ୍ସାଧୀନ ଥିଲେ
- ମୃତଦେହ ରଖି ରାଜପଥ ଅବରୋଧ
- ୨ ଦିନରେ ଆତ୍ମହତ୍ୟା କଲେଣି ଜିଲାର ୨ ଚାଷୀ

ବର୍ଷାଭାବ ଯୋଗୁ ଧାନ ଓ କପା ଫସଲ ଉଜୁଡିବା ପରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଚାଷୀ ଭଗତ ସଗରିଆ (୪୫)ଙ୍କ ବୁର୍ଲା ମେଡିକାଲରେ ଶୁକ୍ରବାର ମୃତ୍ୟୁ ଘଟିଛି । ଭଗତଙ୍କୁ ମିଶାଇ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକରେ ଗତ ୨ଦିନରେ ୨ ଚାଷୀ ଆତ୍ମହତ୍ୟା କରିଛନ୍ତି । ଗତ ମଙ୍ଗଳବାର ତୁରେକେଲା ବ୍ଲକ କମେଇମୁଣ୍ଡା ଗାଁର ଚାଷୀ ଶରତ ମାଝି ବିଷ ପିଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ସକାଳେ ଭଗତଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ମୃତଦେହକୁ କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରେଳଫାଟକ ନିକଟରେ ରଖି ୪୨ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ । କ୍ଷତିପୂରଣ ଦାବି ସହ ମୃତ ଚାଷୀଙ୍କ ପରିବାରକୁ ଥଇଥାନ ଦାବି କରିଥିଲେ ।

ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶିବାଜୀ ମହାନ୍ତି, ଜିଲା ଭାଜପା ଉପସଭାପତି ଲକ୍ଷ୍ମଣ ବାଗ, ରାଷ୍ଟ୍ରପତି ବେହେରା, କାଳିଆ ସୁନା, ଅଶୋକ ଦାସ, ମହିଳା ନେତ୍ରୀ ଗୀତା ବାରିକଙ୍କ ନେତୃତ୍ୱରେ ରାସ୍ତାରୋକୋ ହୋଇଥିଲା । ଖବର ପାଇ ତୁରେକେଲା ବିଡିଓ ରାମଦତ୍ତ ଭୋଇ, ମାଜିଷ୍ଟ୍ରେଟ୍ ତଥା କଣ୍ଟାବାଞ୍ଜି ତହସିଲଦାର ସୁବାସ ଚନ୍ଦ୍ର ସେଠିଆ ସେଠାରେ ପହଞ୍ଚିଥିଲେ । ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପରେ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ପ୍ରଦାନ କରାଯିବା ସହ ବିଜୁ ପକ୍କାଘର ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ଉପଯୁକ୍ତ ତଦନ୍ତ ପରେ ମୃତ ଚାଷୀଙ୍କ ପରିବାରକୁ ଅଧିକ କ୍ଷତିପୂରଣ ଦିଆଯିବାକୁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା । ଅପରାହ୍ଣ ସାଢ଼େ ୪ଟାରୁ ସାଢ଼େ ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଫଳରେ ଏହି ରାସ୍ତାରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା ।

ପ୍ରକାଶ ଯେ, ଗୁରୁବାର ସକାଳେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଳିହାଦର୍ହ ଗାଁର ଚାଷୀ ସଗରିଆ ସକାଳୁ କ୍ଷେତକୁ ଯାଇଥିଲେ । ସେଠାରେ ଉଜୁଡି ଯାଇଥିବା ଧାନ ଓ କପା ଚାଷ ଦେଖି କୀଟନାଶକ ପିଇ ଦେଇଥିଲେ । ସେଠାରୁ ଉଦ୍ଧାର କରାଯାଇ ପ୍ରଥମେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନା ଓ ପରେ ବଲାଙ୍ଗୀର ମେଡିକାଲକୁ ଅଣାଯାଇଥିଲା । ଅବସ୍ଥା ଉଦ୍‌ବେଗଜନକ ହେବାରୁ ଗୁରୁବାର ବିଳମ୍ବିତ ରାତିରେ ତାଙ୍କୁ ବୁର୍ଲା ମେଡିକାଲକୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ୪ କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

**ରାଉରକେଲା ଅଫିସ,୨୪।୮**

ସିପିଆଇ (ମାଓବାଦୀ) ସଂଗଠନର ୪ ସଶସ୍ତ୍ର କ୍ୟାଡର ମାଓବାଦୀ ଶୁକ୍ରବାର ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଜଣେ ନାବାଳକ (୧୫ ବର୍ଷ) ଥିବା ଜଣାଯାଇଛି । ଏନେଇ ଶୁକ୍ରବାର ସନ୍ଧ୍ୟା ୫ଟାରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଆଇଜି କବିତା ଜଲାନ, ରାଉରକେଲା ଏସ୍‌ପି ଡ. ଉମାଶଙ୍କର ଦାଶ ଓ ସିଆର୍‌ପିଏଫ୍ ଅଧିକାରୀ ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଜଗନ ସିଂ ଓରଫ ଜଗଦୀଶ ଓରଫ ରତନ (୨୩), ମାତୁ ବୁଡିଂ ଓରଫ ତେଜା (୩୧), ଗୋମିଆ ମୁଣ୍ଡା ଓରଫ ଗୁମା (୩୫) ଓ ଜଣେ ନାବାଳକ । ଚାନ୍ଦିପୋଷ ଥାନା ଅନ୍ତର୍ଗତ କର୍ଡା ଗାଁର ଜଗନ ମାତ୍ର ୧୫ ବର୍ଷ ବୟସରେ ମାଓବାଦୀ ସଂଗଠନରେ ଯୋଗଦେଇଥିଲେ । ୨୦୧୦ରେ ଦୁର୍ଦ୍ଧାନ୍ତ ମାଓବାଦୀ ଅଲମୋଲ ଦ୍ୱାରା ପ୍ରଭାବିତ ହୋଇ ସେ ସନ୍ଦୀପଙ୍କଠାରୁ ସରଣ୍ଡା ଜଙ୍ଗଲରେ ବନ୍ଧୁକ ଚାଳନା ଶିକ୍ଷା କରିଥିଲେ । ସେହିଭଳି ଛୋଟନାଗପୁର ଅଞ୍ଚଳର ମାତୁ ବୁଡିଂ ୨୦୦୯ରେ ମାଓବାଦୀ ସଂଗଠନରେ ଯୋଗଦେଇଥିଲେ । ପ୍ରଥମେ ସେ କ୍ୟାଡର ମାଓବାଦୀଙ୍କୁ ସାମଗ୍ରୀ ପହଞ୍ଚାଇବା ଦାୟିତ୍ୱରେ ଥିଲେ । ଆତ୍ମସମର୍ପଣ କରିଥିବା ସୁନ୍ଦରଗଡ଼ ଜିଲା ମହୁଲପଦା ଅଞ୍ଚଳର ସମ୍ପୃକ୍ତ ନାବାଳକ ମାଓବାଦୀ ଅନମୋଲଙ୍କ ଦ୍ୱାରା ପ୍ରଭାବିତ ହୋଇ ସଂଗଠନରେ ଯୋଗଦେଇଥିଲେ । କେନ୍ଦୁଝର ରୁଗୁଡ଼ି ଅଞ୍ଚଳର ଗୋମିଆ ମୁଣ୍ଡା ୨୦୦୮ରେ ମାଓ ସଂଗଠନରେ ଯୋଗଦେଇଥିଲେ । ତାଙ୍କୁ ବିଭିନ୍ନ ସ୍ଥାନକୁ ମାଓବାଦୀ ସାମଗ୍ରୀ ନେବା ଆଣିବାରେ ନିୟୋଜିତ କରାଯାଉଥିଲା ।



ଖବରଦାତା ସମ୍ମିଳନୀରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆତ୍ମସମର୍ପଣ କରିଥିବା ମାଓବାଦୀ ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ



ଅନ୍ତର ଭିତରେ ପ୍ରସନ୍ନତା ଅଛି କି ନାହିଁ,
ତାହା ଚେହେରାରୁ ଜଣାପଡ଼ିଯିବା।
- ଥୋମାସ୍ ବାର୍ଥୋଲିନ୍



## ସଂକ୍ଷେପରେ

### ଖଇରଟିକ୍ରା ସ୍କୁଲର ସହକାରୀ ଶିକ୍ଷକ ନିଲମ୍ବିତ

**ସୋନପୁର,୨୪।୮(ନି.ପ୍ର.):** ସରକାରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା ଅଭିଯୋଗରେ ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତ ଖଇରଟିକ୍ରା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଉମାକାନ୍ତ ମିଶ୍ରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସୋନପୁର ବ୍ଲକ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ତାଙ୍କ କାର୍ଯ୍ୟାଳୟର ଆଦେଶ ସଂଖ୍ୟା ୧୩୧୧ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଖଇରଟିକ୍ରା ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ମିଶ୍ର ଅଧିକାଂଶ ଦିନ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ। ଫଳରେ ଛାତ୍ରୀଛାତ୍ର ଗଣିତ ଓ ବିଜ୍ଞାନ ବିଷୟରେ ପାଠ ପଢି ପାରୁ ନଥିଲେ। ଏପରିକି ମିଶ୍ର ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ କରୁଥିଲେ ହେଁ ୨୦୧୩ ମସିହାରୁ ତାହା ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିଲା। ଅନ୍ୟପକ୍ଷରେ ବିଦ୍ୟାଳୟ ନିର୍ମାଣରେ ବ୍ୟବହୃତ ସିମେଣ୍ଟ, ରଡ ଆଦି ଜିନିଷ ସବୁକୁ ବିଦ୍ୟାଳୟର ଏକ କୋଠରିରେ ଦୀର୍ଘ ବର୍ଷ ଧରି ସମ୍ପୃକ୍ତ ଶିକ୍ଷକ ତାଲା ପକାଇ ରଖିଥିଲେ। ପ୍ରତିବାଦରେ ଅଭିଭାବକ ଓ ଗ୍ରାମବାସୀ ଗତ ୨୧ ତାରିଖ ବିଦ୍ୟାଳୟ ଫାଟକରେ ତାଲା ପକାଇ ଥିବା ବେଳେ ଛାତ୍ରୀଛାତ୍ର ବସ୍ତାନି ଧରି ଧାରଣାରେ ବସିଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ନିଲମ୍ବନ ସମୟରେ ସମ୍ପୃକ୍ତ ଶିକ୍ଷକ ମିଶ୍ରଙ୍କୁ ମୟୂରଉଡାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟକୁ ମୁଖ୍ୟାଳୟ ଭାବରେ ସ୍ଥିର କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ନ ଛାଡିବାକୁ ନିର୍ଦ୍ଦେଶ ରହିଛି।

### ପ୍ରଧାନମନ୍ତ୍ରୀ ଫସଲ ବୀମା ଲାଭ ମିଳିଲାନି, ଅନଶନରେ ବସିଲେ ଯୁବଚାଷୀ

**ଉଲୁଣ୍ଡା, ୨୪।୮(ଡି.ଏନ୍.ଏ.):** ମରୁଡି ନେଇ ଜିଲା ପ୍ରଶାସନର ସଠିକ ଆକଳନ ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ତ୍ରୁଟିଥିବା ହେତୁ ୨୦୧୭ ଭୟାବହ ମରୁଡିର ଉପଯୁକ୍ତ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି ଉଲୁଣ୍ଡା ବ୍ଲକର ଚାଷୀ। ବ୍ଲକରେ ଥିବା ସମୁଦାୟ ୧୭ ପଞ୍ଚାୟତ ମରୁଡିର କରାଳ କବଳରେ ପଡିଥିବା ବେଳେ ମାତ୍ର ୮ ଗ୍ରାମ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ କରି ସ୍ୱଳ୍ପ ପରିମାଣର ବୀମା ରାଶି ଯୋଗାଇଛନ୍ତି ସରକାର। ତେବେ ଫସଲ ଅମଳ ବେଳେ ଦା' ଧରି ନ ଥିବା କେତେକ ପଞ୍ଚାୟତ ବୀମା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଧାନ ମନ୍ତ୍ରୀ ଫସଲ ବୀମା ବଦଳରେ ରାଷ୍ଟ୍ରିୟ କୃଷି ବୀମା ଲାଗୁ କରିବା, ଚାଷୀର ଏକ ବର୍ଷର ଫସଲକୁ ଆକଳନ କରାଯାଇ ବୀମା ଧାର୍ଯ୍ୟ କରିବା ଏବଂ ୨୦୧୭ ଖରିଫ ଚାଷରେ ଉଲୁଣ୍ଡା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଇ ବୀମା ପ୍ରଦାନ କରିବା ଆଦି ଦାବି ନେଇ ଚଡେଇପଙ୍କ ପଞ୍ଚାୟତ ଝାରବାହାଲି ଗ୍ରାମର ଯୁବ ଚାଷୀ ତ୍ରିଲୋଚନ ପୁରୋହିତ ବ୍ଲକ ପରିସରରେ ଥିବା ଶହୀଦ ସ୍ତମ୍ଭ ସାମ୍ନାରେ ଶୁକ୍ରବାର ପୂର୍ବାହ୍ନ ୧୧ଟାଠାରୁ ଆମରଣ ଅନଶନରେ ବସିଛନ୍ତି। ଉପରୋକ୍ତ ସମସ୍ୟାର ସମାଧାନ ଦିଗରେ ତ୍ରିଲୋଚନ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ପତ୍ର ମାଧମରେ ଜଣାଇବା ପରେ ମଧ୍ୟ କୌଣସି ଉତର ନ ମିଳିବାରୁ ଆମରଣ ଅନଶନ କରିବାକୁ ବାଧ ହୋଇଥିବା ପ୍ରକାଶ କରିଛନ୍ତି। ତେବେ ଏ ଦିଗରେ ରାଜ୍ୟ ତଥା କେନ୍ଦ୍ର ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ନେଇ ଚାଷୀଙ୍କୁ ଉପଯୁକ୍ତ ନ୍ୟାୟ ନଦେଲେ ଅନଶନ ଯାରି ରହିବ ବୋଲି ସୂଚନା ଦେଇଛନ୍ତି। ତେବେ ସନ୍ଧ୍ୟାରେ ଘଟଣାସ୍ଥଳକୁ ଉଲୁଣ୍ଡା ତହସିଲଦାର ଶରତ ଚନ୍ଦ୍ର ସେଠୀ ଆସି ତାଙ୍କୁ ୭ ଦିନ ସମୟ ମାଗିଥିଲେ ମଧ ତ୍ରିଲୋଚନ ତାଙ୍କ ଦାବିରେ ଅଟଳ ରହିଥିବା ଜଣାପଡିଛି।






ବିନିକା ଜେଏମ୍ଏଫଏସି କୋର୍ଟରେ ତାଲା ଝୁଲୁଛି(ବାମ)। ଆନ୍ଦୋଳନକାରୀ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ତାଲା ପକାଇ ଧାରଣା ଦେଇଛନ୍ତି।

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ପ୍ରତିବାଦ

# ମାସକରେ ଚତୁର୍ଥ ବିନିକା ବନ୍ଦ

**ସିଂଘିଯୁବା, ୨୪।୮(ଡି.ଏନ୍.ଏ.)**

**ବାହାରୁନି ସମାଧାନ ରାସ୍ତା**
- ତହସିଲ ଅଫିସ ସମ୍ମୁଖରେ ସାମ୍ବାଦିକ ସଂଘର ଧାରଣା ଜାରି
- ସରକାରୀ କାର୍ଯ୍ୟାଳୟରେ ତାଲା ପକାଇଲେ ଆନ୍ଦୋଳନକାରୀ
- ଦାବି ପୂରଣ ନ ହେବା ଯାଏ ତାଲାବାନ୍ଦ ଆନ୍ଦୋଳନ ଚାଲିବ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ପ୍ରତିବାଦର ସ୍ୱର ଜୋରଦାର୍ ହେବାରେ ଲାଗିଛି। ଶୁକ୍ରବାର ବିନିକା ଯୁବ ସଚେତନ ନାଗରିକ କମିଟି ଏହାକୁ ନେଇ ବନ୍ଦ ଡାକରା ଦେଇଥିଲା। କମିଟିର ସଦସ୍ୟମାନେ ପିକେଟିଂ କରି ସହରରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରି ବନ୍ଦ କରିଥିଲେ। ଏହାକୁ ମିଶାଇ ଚଳିତ ମାସରେ ଚତୁର୍ଥ ଥର ପାଇଁ ବିନିକା ବନ୍ଦ କରାଯାଇଥିଲା। ୧୧ତାରିଖରେ ଭାଜପା ପ୍ରଥମେ ବିନିକା ବନ୍ଦ ଡାକରା ଦେଇଥିଲା। ୧୩ତାରିଖରେ କଂଗ୍ରେସ ଓ ୨୧ତାରିଖରେ ସହରର ବିଭିନ୍ନ ସଂଗଠନ ପକ୍ଷରୁ ବନ୍ଦ ଅନୁଷ୍ଠିତ ହୋଇଯାଇଛି। ଅପରପକ୍ଷରେ ଗତ ୬ତାରିଖରୁ ବିନିକା ତହସଲ ଅଫିସ ସମ୍ମୁଖରେ ଚାଲିଥିବା ସାମ୍ବାଦିକମାନଙ୍କର ଆନ୍ଦୋଳନ ଶୁକ୍ରବାର ୧୯ତମ ଦିନରେ ପହଞ୍ଚିଛି। ଏତେ ସବୁ ପରେ ବି ଡାକ୍ତର ଅଭାବଜନିତ ସମସ୍ୟାର କୌଣସି ସମାଧନ ସୂତ୍ର ବାହାରି ପାରିନାହିଁ।

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହା ଅଧୀନ ପିଏଚ୍ସି ଏବଂ ଉପ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଡାକ୍ତର ସହିତ ଅନ୍ୟାନ୍ୟ କର୍ମଚାରୀ ପଦବୀ ବର୍ଷବର୍ଷ ଧରି ଖାଲି ପଡିଛି। ବିଭିନ୍ନ ସମୟରେ ଏ ନେଇ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ରୋଗୀସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ଏହାର ପ୍ରତିବାଦ କରି ଗତ ୬ତାରିଖରୁ ବିନିକା ସାମ୍ବାଦିକ ସଂଘ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଅବ୍ୟାହତ ରଖିଥିବା ବେଳେ ବିଭିନ୍ନ ସାମାଜିକ ଓ ରାଜନୈତିକ ଦଳ ଏହାକୁ ସମର୍ଥନ କରି ଆସିଛନ୍ତି। ଏହିକ୍ରମରେ ଶୁକ୍ରବାର ବିନିକା ଯୁବ ସଚେତନ ନାଗରିକ କମିଟି ଆନ୍ଦୋଳନକୁ ଓହ୍ଲାଇଥିଲା। ପୂର୍ବାହ୍ନ ୧୦ଟାରୁ ସଂଗଠନର ସଦସ୍ୟମାନେ ବିଭିନ୍ନ ସରକାରୀ ଅଫିସକୁ ଯାଇ କାମ ବନ୍ଦ କରିଥିଲେ। ବିନିକା ତହସିଲ, ବ୍ଲକ, ଏନଏସି ଅଫିସ, କୃଷି କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ଅବକାରୀ ଅଫିସ, ଜଙ୍ଗଲ ବିଭାଗ ଅଫିସ, ଜେଏମ୍ଏଫସି କୋର୍ଟରେ ସେମାନେ ତାଲା ପକାଇ ଦେଇଥିଲେ। ସମସ୍ୟାର ସମାଧାନ ନ ହେବା ଯାଏ ତାଲାବନ୍ଦ ଆନ୍ଦେଳନ ଚାଲୁ ରହିବ ବୋଲି ଆନ୍ଦେଳନକାରୀ ଏହି ଅବସରରେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଯୁବ ସଚେତନ ସଂଗଠନର ଗୋବିନ୍ଦା ଝାଙ୍କର, ହର୍ଷବର୍ଦ୍ଧନ, ଉମାକାନ୍ତ ଦୀପ, ବୁଦ୍ଧଦେବ ପାଣ୍ଡେ, କାହ୍ନା ମାହାଣା, ଆଲୋକ ହୋତା, ଜଗା ବଢେଇ, ସୋମେଶ ମୁଦୁଲି, ଭୁବନେଶ୍ୱର ପାତ୍ର, ପିଣ୍ଟୁ ମାହାଣା, କପିଳାସ ଗଣ୍ଡଙ୍କ ସମେତ ଶତାଧିକ ନାଗରିକ ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଅପରପକ୍ଷରେ ଆଜି ସାମ୍ବାଦିକ ସଂଘର ଧାରଣାରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସେନା, ରଘୁନାଥ କୁମ୍ଭାର, ଉଲୁଣ୍ଡା ଯୁବ ମହାସଂଘର ସଦସ୍ୟ ବୃନ୍ଦ, ଉରୁକ୍ରମ ପାଣ୍ଡିଆ, ପୂର୍ଣଚନ୍ଦ୍ର ବହିଦାର, ରବିନ୍ଦ୍ର ଷଡଙ୍ଗୀ, ରଞ୍ଜନ କୁମାର ମେହେର, ଦୀନାନାଥ ବାଘ ଏବଂ ସୁବାଷ ବୋଷ ଯୁବକ ସଂଘ ସଭାପତି ପ୍ରଦୀପ କୁମାର ମେହେର ପ୍ରମୁଖ ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

# ଗଞ୍ଜେଇ ବୋଝେଇ କାର ଧକ୍କାରେ ଗାଈ ମୃତ
## ୨ ବନରକ୍ଷୀ ଗୁରୁତର

**ସୋନପୁର,୨୪।୮(ନି.ପ୍ର.)**

ସୋନପୁର-ବିନିକା ରାସ୍ତାର କଳାପଥର ଛକଠାରେ ଶୁକ୍ରବାର ସନ୍ଧ୍ୟାରେ ସଡକ ଦୁର୍ଘଟଣା ଘଟିଛି । ଦ୍ରୁତଗତିରେ ଯାଉଥିବା ଗଞ୍ଜେଇ ବୋଝେଇ ଇଣ୍ଡିଗୋ ଇସିଏସ କାର ନଂ ଓଡି୧୫ଡି-୨୨୭୬ ଧକ୍କାରେ ରାସ୍ତା ପାରି ହେଉଥିବା ଏକ ଗାଇର ମୃତ୍ୟୁ ହୋଇଛି। ପରେ ଡ୍ରାଇଭର ନିଜର ନିୟନ୍ତ୍ରଣ ହରାଇ ବସିଥିଲେ। କାର ପୁଣି ଏକ ସ୍କୁଟିକୁ ଧକ୍କା ଦେବା ପରେ ରାସ୍ତାପାର୍ଶ୍ୱ କ୍ଷେତ ଭିତରକୁ ପଶି ଯାଇଥିଲା। କାର ଧକ୍କାରେ ରାସ୍ତାପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟ ସାରି ସ୍କୁଟିରେ ଫେରୁଥିବା ବନରକ୍ଷୀ ମମତା ମିଶ୍ର ଓ କବିତା ପାତ୍ର ଗୁରୁତର ଆହତ ହୋଇଛନ୍ତି। ମମତାଙ୍କ ହାତ ଭାଙ୍ଗିଥିବା ବେଳେ କବିତାଙ୍କ ଗୋଡ ଭାଙ୍ଗିଛି। ସୋନପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଆହତଦ୍ୱୟଙ୍କୁ ଆଣି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ବନରକ୍ଷୀଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ଦୁର୍ଘଟଣା ପରେ କାର ଡ୍ରାଇଭର ଓ ଗଞ୍ଜେଇ ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ସୂଚନା ପାଇଁ ସୋନପୁର ଟାଉନ ଥାନା ପୋଲିସ ଇଣ୍ଡିଗୋକୁ ଜବତ କରି ଥାନାକୁ ଆଣିଛି। କାରରେ ଗଞ୍ଜେଇ ଚୋରାଚାଲାଣ କରାଯାଉଥିଲା। ତଦନ୍ତ ଜାରି ରହିଛି। ଶନିବାର ଗଞ୍ଜେଇ ଓଜନ କରାଯିବ ବୋଲି ପୋଲିସ ସୂଚନା ଦେଇଛି।




ଦୁର୍ଘଟଣାରେ ଆହତ ବନରକ୍ଷୀ, ଦୁର୍ଘଟଣା ଘଟାଇଥିବା ଗଞ୍ଜେଇ ବୋଝେଇ କାର ଏବଂ କାର୍ ଧକ୍କାରେ ମୃତ ଗାଇ ।

# କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା କଲା ଯୁବକ ସଂଘ

**ରେଢାଖୋଲ/ଅମରପାଲି, ୨୪।୮(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଅନ୍ତର୍ଗତ ବଡମାଲରେ ସ୍ଥାନୀୟ ଜୟ ଜଗନ୍ନାଥ ୟୁଥ କ୍ଲବର ସଦସ୍ୟମାନେ କେରଳରେ ବନ୍ୟା ପୀଡିତଙ୍କୁ ସହାୟତା ହାତ ବଢାଇଛନ୍ତି । ସେମାନେ ଶୁକ୍ରବାର ନିଜେ କିଛି ଟଙ୍କା ବାହାର କରିବା ସହିତ କେତେକ ବଦାନ୍ୟ ବ୍ୟକ୍ତିଙ୍କଠାରୁ ପ୍ରାୟ ୫ହଜାର ଟଙ୍କା ସଂଗ୍ରହ କରିଛନ୍ତି। କ୍ଲବର ଦୀପକ କୁମାର ସାହୁ, ଚିଣ୍ଟୁ ବିଶ୍ୱାଳ, ଟିଜୁ ସିଂହ, ରାଜା ପ୍ରଧାନ, ଚକ୍ର ମିର୍ଦ୍ଧା, ରିକୁ ଭୋଇ, ଟିଲୁ ମିର୍ଦ୍ଧା, ଶହଦେବ ମିର୍ଦ୍ଧା, ଟିକୁନ ବାରିକ, ବବୁନ ପାତ୍ର, ସନାତନ ମିର୍ଦ୍ଧା ପ୍ରମୁଖ ଯୁବକ ଆଜି ଏହି ଟଙ୍କା ସଂଗ୍ରହ କରି କେରଳ ବନ୍ୟା ପୀଡିତଙ୍କୁ ସହାୟତା ରାଶି ପଠାଇଛନ୍ତି। ଯୁବକଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରିଛନ୍ତି।



ବଡମାଲଠାରେ ଯୁବକମାନେ କେରଳ ବନ୍ୟା ପୀଡିତାଙ୍କୁ ସହାୟତା ପାଇଁ ଆର୍ଥିକ ରାଶି ସଂଗ୍ରହ କରୁଛନ୍ତି ।

ରବିରତ୍ତୁରେ କୁଆପଥର ମାଡ ଯୋଗୁ ଧାନ ଫସଲ ନଷ୍ଟ

# ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ନାମକୁ ମାତ୍ର ସହାୟତା

**ସୋନପୁର,୨୪।୮(ନି.ପ୍ର.)**

ଗତ ରବିରତ୍ତୁରେ କୁଆ ପଥର ମାଡ ଯୋଗୁଁ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତର ହୁଡୁମା ଗ୍ରାମରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା । ମେ ମାସ ୧ତାରିଖ ସନ୍ଧ୍ୟାରେ କୁଆପଥର ମାଡ ଯୋଗୁଁ ଫସଲ କ୍ଷତିଜନିତ ଦୁଃଖରେ ଚାଷୀ ଭାଙ୍ଗି ପଡିଥିଲେ। ଏହି ଗାଁରେ ସର୍ବାଧିକ ୧୨୦୦ଏକର ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଥିଲା। ରାଜସ୍ୱ ଓ କୃଷି ବିଭାଗର ଅଧିକାରୀଙ୍କ ମିଳିତ ତଦନ୍ତ ପରେ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ କ୍ଷୟକ୍ଷତି ରିପୋର୍ଟ ପଠାଯାଇଥିଲା। ସରକାର ସହାୟତା ରାଶି ପ୍ରଦାନ କରିଥିଲେ। ତେବେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ନାମକୁ ମାତ୍ର ସହାୟତା ଦିଆ ଯାଉଥିବା ବେଳେ କ୍ଷତିଗ୍ରସ୍ତ ହୋଇ ନଥିବା ଚାଷୀ ଅଧିକ ସହାୟତା ପାଉଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ହେକ୍ଟର ପ୍ରତି ୨ରୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଅଭିଯୋଗ ହେଉଛି । ଗତ ଖରିଫରେ ଚକଡା ପୋକ ଯୋଗୁଁ ଫସଲ କ୍ଷତି ହୋଇଥିବା ବେଳେ ଏହି ଗ୍ରାମର ଚାଷୀ ସହାୟତା ପାଇ ପାରିଲେନି। ଅଭିଯୋଗ କଲେ ମଧ କେହି ଶୁଣିଲେନି। ଜିଲାର ଶେଷ ସୀମାରେ ଥିବା ହୁଡୁମା ଗ୍ରାମର ଚାଷୀ ନାମକୁ ମାତ୍ର ସହାୟତା ପାଇଥିବା ବେଳେ ପଡୋଶୀ ଜିଲାର ଚାଷୀ ହେକ୍ଟର ପ୍ରତି ୧୩ହଜାର ୫୦୦ଟଙ୍କା ସହାୟତା ପାଇଛନ୍ତି। ତେଣୁ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଚାଷୀ ନିତ୍ୟାନନ୍ଦ ସାହୁ, ନୀଳାମ୍ବର ବାଗ, ଘନଶ୍ୟାମ ପଲିତା, ଠିକାଦାର ରଣା, ସୁଦାମ କାଣ୍ଡ, ଗଣନାଥ ସାହୁ, ଗୁରୁଦେବ ବାଗ, ଟଙ୍କଧର ଦାସ, ଧନେଶ୍ୱର ପୁଟେଲ ଓ ପ୍ରହଲ୍ଲାଦ ପୁଟେଲ ପ୍ରମୁଖ ଦାବି କରିଛନ୍ତି। ଶୁକ୍ରବାର ସେମାନେ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଭେଟି ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ହୁଡୁମା ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

# କେନ୍ଦ୍ର ସରକାର ବିରୋଧରେ ଯୁବ କଂଗ୍ରେସର ସଚେତନତା ଅଭିଯାନ

**ସୋନପୁର,୨୪।୮(ନି.ପ୍ର.)**

ମୋଦି ସରକାରଙ୍କ ବିରୋଧରେ ଜନସଚେତନତା ସୃଷ୍ଟି ପାଇଁ କଂଗ୍ରେସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହିକ୍ରମରେ ଯୁବ କଂଗ୍ରେସ ପକ୍ଷରୁ ସୋନପୁର ସହରର ବୁଢାରାଜା ଛକଠାରୁ ଶୁକ୍ରବାର ପୋଷ୍ଟର ମରା ଅଭିଯାନ ଆରମ୍ଭ ହୋଇଥିଲା। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ସଭାପତି ସୁମିତ ପୂଜାହାରୀଙ୍କ ନେତୃତ୍ୱରେ ଦଳୀୟ କର୍ମୀ ପୋଷ୍ଟର ଲଗାଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ରାଫେଲ ଯୁଦ୍ଧ ବିମାନ କିଣିବାରେ ଦୁର୍ନୀତି ହୋଇଥିବା କଂଗ୍ରେସ ଅଭିଯୋଗ କରି ମୋଦି ସରକାରଙ୍କୁ ଟାର୍ଗେଟ୍ କରିଛି। ବିନା ଟେଣ୍ଡରରେ ଓ ପ୍ରକ୍ରିୟାକରଣରେ ଫାନ୍ସଠାରୁ କିଭଳି ଏହି ବିମାନ କିଣାଗଲା କଂଗ୍ରେସ ପ୍ରଶ୍ନ କରିଛି। ଶିଳ୍ପପତି ଅନୀଲ ଅମ୍ବାନୀଙ୍କ କମ୍ପାନୀକୁ ଫାଇଦା ଦିଆଯାଇଥିବା କଂଗ୍ରେସ ଅଭିଯୋଗ ଆଣିଛି। ଶୁକ୍ରବାର କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, ପିସିସି ସଭ୍ୟ ଗୌରିଶଙ୍କର ମହାପାତ୍ର, ମାଧବ କୁମ୍ଭାର, ସୁଧୀର ପଣ୍ଡା, ବରୁଣ ସୁନା, ଚନ୍ଦନ ଦେହୁରୀ, ଅଚ୍ୟୁତ ପୂଜାରୀ, ବିଶ୍ୱଜିତ ମିଶ୍ର, ଶେଷଦେବ ମେହେର, ନିମାଇଁ ପାଣିଗ୍ରାହୀ ଓ ଲକ୍ଷ୍ମଣ ପଶାୟତ ଉପସ୍ଥିତ ଥିଲେ।



କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତା ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

### ହିମାଂଶୁ ଭୂଷଣ ନୂତନ ସିଡବ୍ଲ୍ୟୁସି ଅଧକ୍ଷ



ହିମାଂଶୁ ଭୂଷଣ ନାୟକ।

**ସୋନପୁର,୨୪।୮(ନି.ପ୍ର.)**

ବରିଷ୍ଠ ଆଇନଜୀବୀ ହିମାଂଶୁ ଭୂଷଣ ନାୟକ ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲ୍ୟୁସି)ର ଅଧକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ନଂ ୧୪୫୨୦/୨୩।୮।୧୮ ଅନୁସାରେ ନାୟକଙ୍କୁ ଏହି ନୂତନ ନିଯୁକ୍ତ ମିଳିଛି। ସେହିପରି କମିଟି ସଭ୍ୟଭାବେ ବରିଷ୍ଠ ଆଇନଜୀବୀ ମଧୁସୂଦନ ପ୍ରଧାନ, ବରୁଣ କୁମାର ମହାନ୍ତି ଓ ଦିଲ୍ଲିପ କୁମାର ମୁଖିଙ୍କୁ ନିଆଯାଇଛି । ଶିଶୁ ଯତ୍ନ ଓ ସୁରକ୍ଷା ଦିଗରେ ଏହି କମିଟି କାର୍ଯ୍ୟ କରିବ ବୋଲି ନବ ନିଯୁକ୍ତ ଅଧକ୍ଷ ନାୟକ କହିଛନ୍ତି।

ଚେତି ଶୁଇଛେ ସୁବର୍ଣ୍ଣପୁର ଆର୍.ଡି. ବିଭାଗ୍

# ମରନ୍‌ଯଁତା ପାଲ୍‌ଟିଛେ ପ୍ରଧାନମନ୍ତ୍ରୀ ସଡ଼କ୍

**ତରଭା ୨୪।୮(ଡି.ଏନ.ଏ.)**

କେନ୍ଦ୍ର ଆର୍ ରାଏଜ୍ ସରକାର ଶିକ୍ଷା, ସୁଆସ୍ତିଅ, ରାସ୍ତାଘାଟ୍‌ର ଉନ୍ନତି ଲାଗି ପାଏନ୍ ଲେଖେଁ କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ବିଭାଗୀୟ ଅଧିକାରୀମାନ୍‌କର ମନ୍‌ମୁଖି କାମ୍ ଲାଗି ଲକ୍ଷ ଲକ୍ଷ ଟଁକା ଖରଚ୍‌ରେ ତିଆର ହେଉଥିବାର ରାସ୍ତା ଅଲପ୍ ଦିନେ ଖରାପ୍ ହେଇଯାଉଛେ। ଯେନ୍‌ଟା କି ଲୋକ୍ ବେଭାର କଲା ଲେଖେନ୍ ଅବସ୍ତାରେ ନାଇଁ ରହେବାର। ଜନସାଧାରନ୍ ଅଭିଯୋଗ୍ କଲେ ବି ବିଭାଗୀୟ ଅଧିକାରୀମାନେ ବେଡା ଲେଖେନ୍ ଚୁପ୍‌ମାରି ବସୁଛନ୍। ଯେନ୍‌ଥିର୍‌ଲାଗି ସାଧାରନ୍‌ରେ ଦିନୁଦିନ୍‌କେ ଅସନ୍‌ତୋଷ ଦେଖା ଦେଉଛେ। ଜନାଯାଇଛେ ଯେ ତରଭା ଚାରଭଟା ଆର୍.ଡି ରାସ୍ତାର ପଣ୍ଡକିମାଲ ଛକ୍‌ଠାନେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜ୍‌ନାର ସୂଚ୍‌ନା ଫଲକ୍ ଲାଗିଛେ। ସେଥିରୁ ଯାହା ବୁଝାପଡୁଛେ, କମସରା ବାଲିଖମାର ରାସ୍ତାରୁ କର୍ଲାମୁହାଣ, ରାଏକେଡା ଗ୍ରାମ୍ୟ ରାସ୍ତାର ୩.୫ କି.ମି.କେ ତିଆର କରବାର ଲାଗି ୧କୋଟି ୨୦ ଲକ୍ଷ ୨୩ ହଜାର ଟଁକା ଖରଚ୍ ହେଇଛେ। ଇତାର ସଂଗେ ଇ ରାସ୍ତାର ଦେଖ୍‌ରେଖ୍, ମରାମତି ଲାଗି ୫ ବଛରିଆ ବୁଝାମନା ବି ଠିକାଦାର ଚନ୍ଦ୍ର ଶେଖର ମହାପାତ୍ରଙ୍କର ନାଁରେ କରାଯାଇଛେ। ଇ ରାସ୍ତା ତିଆରି କାମ୍ ଆର୍ ଦେଖ୍‌ରେଖ୍, ଅନୁଦାନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଭାରତ ସରକାରଙ୍କର ଜରିଆରେ ରାସ୍ତାର କ୍ରମିକ ନଂ. ଓଆର୨୯୭୮ ଏଗ୍ରିମେଣ୍ଟ ନଂ ୩୮ ପିଏମଜିଏୱାଇ ୨୦.୦୨.୨୦୧୩ ବଲି ସୂଚ୍‌ନା ଲେଖା ରହିଛେ। ସୂଚ୍‌ନା ଫଲକ୍ ଅନ୍‌ସାରେ ଫଲକ୍ ଗୁଟେ ଜାଗାରେ ଲାଗିଥିଲାବେଲେ ଆର୍ ଗୁଟେ ଜାଗାରେ ରାସ୍ତା ତିଆର ହେଇଛେ। ଫଲକ୍‌ରେ ରାସ୍ତା ତିଆରି ମୂଲ୍ ହେବାର ତାରିଖ୍ ଥିଲାବେଲେ ଶେଷ ହେବାର ତାରିଖ୍ ନାଁଇନ। ଅଂଚଲ୍‌ବାସୀକର କହେବାର ହିସାବେ ରାସ୍ତା କାମ୍ ବହୁତ୍ ଡେରିରେ ଆରମ୍ ହେଇଛେ ଆର୍ ଶେଷ୍ ବି ହେଇଛେ। ହେଲେ ଏହେଦେ ଇ ରାସ୍ତାର ଅବସ୍ତା କହେଲେ ନାଇଁସରେ। ରାସ୍ତାର ବହୁତ୍ ଜାଗାରେ ପିଚୁ ଉଠିଯାଇ ଗାଡ଼୍‌ଖାଲ୍‌ରେ ପୂରିଯାଇଛେ। ଇ ରାସ୍ତା ଉପ୍‌ରେ ପାଖାପାଖି ୧୦ଟା ଗାଁର ଲୋକ୍ ନିର୍‌ଭର କରୁଛନ୍। ରାସ୍ତାର ଏନ୍‌ତା ଅବସ୍ତା ଲାଗି ଭିନେ ଭିନେ ସମିଆରେ ଲୋକ୍ ହିଟିହାବ୍‌ଡି ପଡି ଖଁଡ଼ିଆ ଡଁଡିଆ ହେଉଛନ୍। ଇ ବାବ୍‌ଦେ ମତାମତ୍ ଲାଗି ସୋନପୁର ଆର୍.ଡି. ଏସଡିଓଙ୍କୁଁ ଫୋନ୍ ଜରିଆରେ ଯୋଗାଯୋଗ୍ କରାଯାଇଥିଲେ ବି ସମ୍‌ଭବ୍ ନାଇଁ ହେଇପାରି। ଗଲା ୨୦ ତାରିଖ୍ ତରଭା ବ୍ଲକ୍‌ରେ ହେଇଥିବାର ଜନଶୁନାନୀରେ ଜିଲାପାଲ ମଧୁସୂଦନ ମିଶ୍ରଙ୍କୁଁ ଅଭିଯୋଗ୍ କରାଯାଇଥିଲା। ତଦଁତ୍ କରି ଅଲପ୍ ଦିନ୍ ଭିତ୍‌ରେ ରାସ୍ତାର ମରାମତି କରାଯିବା ବଲି ଜିଲାପାଲ ଲୁକ୍‌କୁ ଆଶାସନା ଦେଇଥିଲେ।



ରାଏକେଡାକେ ଯାଇଥିବାର ପ୍ରଧାନମନ୍ତ୍ରୀ ସଡ଼କ ।

## ସଂକ୍ଷେପରେ

### କୁଳଦୀପ ନାୟାରଙ୍କ ବିୟୋଗରେ ଶୋକସଭା

**ବୌଦ୍ଧ,୨୪।୮(ସ୍ୱ.ପ୍ର):** ବରିଷ୍ଠ ସାମ୍ବାଦିକ କୁଲଦୀପ ନାୟାରଙ୍କ ବିୟୋଗରେ ବୌଦ୍ଧ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶୋକ ପ୍ରକଟ କରାଯାଇଛି । ସଭାପତି ସମ୍ପଦ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ସଂଘ ଅଫିସ୍‌ରେ ଅନୁଷ୍ଠିତ ଶୋକ ସଭାରେ ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ସ୍ୱର୍ଗତ ନାୟାରଙ୍କ ଅମରଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ପରେ ରବିନ୍ଦ୍ର କୁମାର ରାଉତ, ମନୋରଞ୍ଜନ ଦାଶ, ଦେବାଶିଷ ପୁରୋହିତ ପ୍ରମୁଖ ସ୍ୱର୍ଗତ ନାୟାରଙ୍କ ବଳିଷ୍ଠ ଲେଖନୀ ଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ସହସମ୍ପାଦକ ଅଜିତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୌଦ୍ଧ ପଞ୍ଚାୟତ ସମିତିରେ ଉନ୍ନୟନ ସମୀକ୍ଷା ବୈଠକ

**ବୌଦ୍ଧ,୨୪।୮(ସ୍ୱ.ପ୍ର):** ବୌଦ୍ଧ ପଞ୍ଚାୟତ ସମିତିର ଉନ୍ନୟନ ସମୀକ୍ଷା ବୈଠକ ସଭାଗୃହ ଠାରେ ଶୁକ୍ରବାର ଅଧ୍ୟକ୍ଷା ରେବତୀ ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ବିଡିଓ ନିହାର ରଞ୍ଜନ କହଁର ପଞ୍ଚାୟତ ଗୁଡିକରେ ଚାଲିଥିବା ସରକାରୀ ଯୋଜନାଗୁଡିକ ସଠିକ୍ କାର୍ଯ୍ୟକାରୀ କରାଇବା ନେଇ ଉପସ୍ଥିତ ସରପଞ୍ଚ, ସମିତି ସଦସ୍ୟ ଓ ପଞ୍ଚାୟତ ସମିତିର କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ । ଗ୍ରାମୀଣ ଆବାସ, ସ୍ୱଚ୍ଛଭାରତ, ଖାଦ୍ୟ ସୁରକ୍ଷା, ଜୀବିକା ମିଶନ, ସାମାଜିକ ସୁରକ୍ଷା ଆଦି ଯୋଜନା ଗୁଡିକର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବିଡିଓ କହଁର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପ ଗୁଡିକ ସମାପ୍ତ କରିବା, ପ୍ରକଳ୍ପ କାର୍ଯ୍ୟକାରୀ କରାଇବାରେ ସ୍ୱଚ୍ଛତା ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ଗ୍ରାମପଞ୍ଚାୟତ ଗୁଡିକ ସଚେତନ ହୋଇ ସହଯୋଗ କଲେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସହିତ ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାର ଲାଭ ପାଇପାରିବେ ବୋଲି ମତପ୍ରକାଶ ପାଇଥିଲା। ସରପଞ୍ଚ, ସମିତି ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଉଦ୍‌ଘାଟନକୁ ବର୍ଷେ ବିତିଲା

# କାମରେ ଲାଗୁନି ଛାତ୍ରୀ ନିବାସ

**ଜହ୍ନାପଙ୍କ, ୨୪।୮(ଡି.ଏନ.ଏ.)**

ବୌଦ୍ଧ ଜିଲା ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ ବୁଢିପଦରର ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲ ପରିସରରେ ଏସ୍‌ସିଏସ୍‌ଟି ବିଭାଗ ତରଫରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟନକୁ ବର୍ଷେ ବିତିଯାଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ । ବର୍ତ୍ତମାନ ସୁଦ୍ଧା ଏହି କୋଠାକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାବେଳେ ପାଚେରୀ ମଧ୍ୟ ନିର୍ମାଣ ହୋଇନାହିଁ । ଏହାସାଙ୍ଗକୁ କୋଠାର ଚାବି ହସ୍ତାନ୍ତର ହୋଇ ନ ଥିବାରୁ ଏହା କାର୍ଯ୍ୟରେ ଲାଗି ପାରୁନାହିଁ ।

ଅନୁସୂଚିତ ଜାତି ଓ ଉପଜାତି ଛାତ୍ରୀମାନଙ୍କ ପାଇଁ ବୁଢିପଦରର ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲ ପରିସରରେ ଛାତ୍ରୀ ନିବାସ ନିର୍ମିତ ହୋଇଛି । କୋଠାକାମ ସମ୍ପୂର୍ଣ୍ଣ ହେଲା ପରେ ଠିକାଦାର ବ୍ଲକ ପ୍ରଶାସନକୁ ଏହାକୁ ହସ୍ତାନ୍ତର କରିଥିଲେ । ହେଲେ ତରବରିଆ ଭାବେ କାମ କରାଯାଇଥିବାରୁ ବ୍ୟବହାର ପୂର୍ବରୁ ଶୌଚାଳୟଗୁଡିକର କବାଟ ଭାଙ୍ଗି ଯାଇଥିବା ଶିକ୍ଷକମାନେ କୁହନ୍ତି । ପୁନଶ୍ଚ ଶୌଚାଳୟକୁ ସଂଯୋଗ କରୁଥିବା ପାଇପ୍‌ଗୁଡିକ ନ ପୋତି ଖୋଲା ଛଡାଯାଇଛି । ପାଇଖାନା ଟାଙ୍କିଗୁଡିକ ମଧ୍ୟ ମାଟି ଫିଲିଂ ନ ହୋଇ ଖୋଲା ରହିଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି । ଏ ସମ୍ପର୍କରେ ବିଡିଓ ନିହାର ରଞ୍ଜନ କୁଅଁରଙ୍କୁ ପଚାରିବାରୁ ଆମେ ଉକ୍ତ କୋଠା ଡିଡବ୍ଲ୍ୟୁଓଙ୍କୁ ହସ୍ତାନ୍ତର କରି ଦେଇଛୁ ବୋଲି କହିଥିଲେ । ତେବେ ଡିଡବ୍ଲ୍ୟୁଓ ତରୁଣ ସୁନାଙ୍କୁ ଯୋଗାଯୋଗ କରିବାରୁ ମୁ ନୂଆ ଜଏନ କରିଛି । ସେ ସ୍କୁଲ ବାବଦରେ ଜାଣିନାହିଁ । ଭୁବନେଶ୍ୱରରୁ ଫେରିଲେ କହିବି ବୋଲି ଉତ୍ତର ଦେଇଥିଲେ ।



ଅବ୍ୟବହୃତ ହୋଇ ପଡିଛି ରହିଛି ଛାତ୍ରୀ ନିବାସ ।

## ସ୍ୱାସ୍ଥ୍ୟ, ଆରୋଗ୍ୟକେନ୍ଦ୍ର ଉଦ୍‌ଘାଟିତ

**ଜହ୍ନାପଙ୍କ, ୨୪।୮ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ମୁଣ୍ଡାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ମୁଖ୍ୟଅତିଥି ବୌଦ୍ଧ ଜିଲା ପରିଷଦ ଅଧକ୍ଷା ଜ୍ୟୋସ୍ନା ଭୋଇ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ସସ୍ମିତା ମଲ୍ଲିକ, ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ସିଡିଏମଓ ଡା. ବୀଜନ କିଶୋର ମହାନ୍ତି, ପରିବାର କଲ୍ୟାଣ ବିଭାଗ ଏଡିଏମଓ ଡା. ବନଲତା ଦେବୀ, ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଅନ୍ତର୍ଯାମୀ ବେହେରା, ମୁଣ୍ଡାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରାଜୀବ ରଞ୍ଜନ ନାଏକ, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଆଶା ପ୍ରବନ୍ଧକ ପ୍ରଫୁଲ୍ଲ କୁମାର ସାହୁ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କେନ୍ଦ୍ର ଦ୍ୱାରା ୩୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କର କ୍ୟାନସର, ଡାଇବେଟିସ୍, ରକ୍ତଚାପ, ହୃଦ୍‌ଘାତ, ମାନସିକ ଅସ୍ଥିରତା ଏବଂ ଅନ୍ୟାନ୍ୟ ରୋଗର ଚିହ୍ନଟକରଣ କରି ଶୀଘ୍ର ଚିକିତ୍ସା ପାଇଁ ପ୍ରେରଣ କରିବା ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟଅତିଥି ଭୋଇ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହାପରେ ୨୦ଜଣ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପ୍ରଦାନ କରାଯାଇଥିଲା ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ।

## ଓଡ଼ିଶା ମୋଟର ଚାଳକ ସଂଘ ବୈଠକ

**ମନମୁଣ୍ଡା, ୨୪।୮ (ଡି.ଏନ.ଏ)**

ବୌଦ୍ଧ ଜିଲା ଦହ୍ୟା ହାଟପଦା ଦୁର୍ଗ ମଣ୍ଡପଠାରେ ଓଡିଶା ମୋଟର ଚାଳକ ସଂଘର ଏକ ସାଧାରଣ ବୈଠକ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବୌଦ୍ଧ ଶାଖା ସଭାପତି ରବିନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ସମ୍ପାଦକ ପ୍ରକାଶ କର ମୁଖ୍ୟଅତିଥି ଭାବେ ଯୋଗଦେଇ ସୁରକ୍ଷିତ ଗାଡି ଚାଳନା, ପୋଲିସ ଓ ପରିବହନ ବିଭାଗ ସହ ଯୋଗାଯୋଗ ଓ ସମନ୍ୱୟ ରକ୍ଷା ଉପରେ ଆଲୋକପାତ କରିଥିଲେ । ବୈଠକରେ ମାସିକ ଚାନ୍ଦା, ଇଡି କାର୍ଡ ରିନ୍ୟୁ, ଚାଳକ କଲ୍ୟାଣ ପାଣ୍ଠି ଚାନ୍ଦା, ମାସିକ ମିଟିଂ, ଅଫିସ ଗୃହ ବିଷୟରେ ଆଲୋଚନା ହୋଇଥିଲା । ସଭ୍ୟ ସୁବାଷ ସାହୁ, ବଳ ମେହେର, ଲୋକନାଥ ବାଘ, ଚିନୁ ମେହେର, ଦଣ୍ଡଧର ମଲିକ, ଠାକୁର ମେହେର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଶ୍ୱକର୍ମା ପୂଜା ପାଳନ ସହ ଚାଳକ ଦିବସରେ ୧ଲକ୍ଷ ଚାଳକ ସଚେତନ ପ୍ରଚାରପତ୍ର ବଣ୍ଟନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନିତ୍ୟରଞ୍ଜନ ମେଣ୍ଡିଲି ସଭା ପରିଚାଳନା ଓ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଲୋମଶ କନ୍ୟା ରେବତୀଙ୍କୁ ପ୍ରଶାସନର ଉପହାସ

**ତଳଗାଁ,୨୪।୮(ଡି.ଏନ.ଏ.)**

ବୌଦ୍ଧ ଜିଲାର ଲୋମଶ କନ୍ୟା ରେବତୀ ଦିନେ ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିବା ବେଳେ ଏବେ କିନ୍ତୁ ଅସହାୟ ଅବସ୍ଥାରେ ରହିଛି । ବୌଦ୍ଧ ଜିଲା ପଣପାହାଡ ଘେରା ତଳଗାଁ ପଞ୍ଚାୟତର ଖଳିସାହି ଗ୍ରାମରେ ତାଙ୍କର ଜନ୍ମ । ନିଜ ଶରୀରରେ ଲୋମ ଓ ଭାଲୁ ପରି ମୁହଁ ଦିଶୁଥିବାରୁ ତାଙ୍କ ମୁହଁ ଓ ଓଠକୁ ଅପରେସନ କରିବା ସହ ଦେହର ଲୋମ ସଜଡାଯାଇଥିଲା । ସରକାର କିଛି ବର୍ଷ ଔଷଧ ଦେଇଥିଲେ । ତେବେ ୫ ବର୍ଷ ହେଲା ସରକାର ସବୁ ଭୁଲି ଯାଇଥିବାରୁ ପୁନର୍ବାର ରେବତୀଙ୍କ ଶରୀର ପୂର୍ବାବସ୍ଥାକୁ ଆସିବାରେ ଲାଗିଛି । ସେ ଏବେ ବାପା ମା’ ଛେଉଣ୍ଡ ହୋଇ ଏକ ଭଙ୍ଗା ଚାଳଘରେ ଏକୁଟିଆ ରହୁଛନ୍ତି । ତାଙ୍କୁ ସାହା ହେବାକୁ କେହି ନାହାନ୍ତି । ସେ ପ୍ରତିଦିନ ଗାଁର କିଛି ଲୋକଙ୍କ ଛେଳି ଚରାଇ ନିଜ ପେଟ ପୋଷୁଛନ୍ତି । ଗତବର୍ଷ ସେପ୍ଟେମ୍ବର ୫ ତାରିଖରେ ବ୍ଲକ ପ୍ରଶାସନ ପକ୍ଷରୁ ତଳଗାଁ ଗ୍ରାମପଞ୍ଚାୟତ ଠାରେ କାର୍ଯ୍ୟାଦେଶ ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତ, ସେ ସମୟର ଜିଲାପାଳ ମଧୁସୁଦନ ମିଶ୍ର, ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର ଓ ଜିଲା ସ୍ତରୀୟ ପଦାଧିକାରୀ ମାନେ ଯୋଗ ଦେଇଥିଲେ । ରେବତୀ ସେଠାକୁ ଯାଇ ନିଜର ଅସହାୟତା ପ୍ରକାଶ କରିଥିଲେ । ତାଙ୍କର ଏଭଳି ଅବସ୍ଥା ଦେଖି ବାଚସ୍ପତି ଓ ଜିଲାପାଳ ତୁରନ୍ତ ରେବତୀଙ୍କୁ ଏକ ବିଜୁ ପକାଘର ମଞ୍ଜୁର ପାଇଁ ନିର୍ଦ୍ଦେଶ ଦେଇଥିଲେ । ଦୀର୍ଘ ୧୧ ମାସ ବିତିଯାଇଥିଲେ ମଧ ତାଙ୍କୁ ଘର ଖଣ୍ଡିଏ ମିଳିପାରିଲା ନାହିଁ । ରେବତୀଙ୍କ ପ୍ରତି ପ୍ରଶାସନ ଓ ନିବାଚିତ ପ୍ରତିନିଧିଙ୍କ ପ୍ରତିଶ୍ରୁତି ପାଣିର ଗାର ବୋଲି ଆଲୋଚନା ହେଉଛି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ପୁରୁଣାକଟକ ଏ ଚାମ୍ପିୟନ

**ପୁରୁଣାକଟକ,୨୪।୮(ଡି.ଏନ.ଏ.)**

ବୌଦ୍ଧ ଜିଲା ପୁରୁଣାକଟକ ମିନି ଷ୍ଟାଡିୟମ ଠାରେ ଶୁକ୍ରବାର ଏକଦିବସୀୟ ମା ଭୈରବୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି । ପୁରୁଣାକଟକ ବିଜୁ ଯୁବ ବାହିନୀ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲରେ ପୁରୁଣାକଟକ (ଏ) ଦଳ ଭେଜିଗୋରା ଦଳକୁ ୨-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଏଥିରେ ପରଗଲପୁର, ସାଲକଟା, ଭେଜିଗୋରା, ତିଲେଶ୍ୱର, ବଡବନ୍ଧ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ, ପୁରୁଣାକଟକ (ଏ) ଓ ପୁରୁଣାକଟକ (ବି) ମୋଟ ୮ଟି ଦଳ ଭାଗ ନେଇଥିଲେ। ମଧୁସୁଦନ ବେହେରା, ସୀତାଂଶୁ ମହାରଣା ଓ ଅବିନାଶ ସେଠୀ ମ୍ୟାଚ୍‌ଗୁଡିକୁ ପରିଚାଳନା କରିଥିଲେ । ବିଜୁ ଯୁବ ବାହିନୀ ହରଭଙ୍ଗା ବ୍ଲକ କୋର୍ଡିନେଟର କିଶୋର ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବୌଦ୍ଧ ଜିଲା ପରିଷଦ ଉପାଧକ୍ଷ ଅକ୍ରୁର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ପୁରୁଣାକଟକ ବିଜୁ ଯୁବ ବାହିନୀ ସଭାପତି ଅମିତ ବେହେରା, ସମ୍ପାଦକ ନରେଶ ସାହୁ, କୋଷାଧକ୍ଷ ସୁବ୍ରତ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।


ଅତିଥିଙ୍କ ଗହଣରେ ଫାଇନାଲ ମ୍ୟାଚ୍‌ର ଖେଳାଳିମାନେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

**FINANCE**
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ଭିମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**ADMISSION OPEN FOR 2018-20**
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**FINANCE**
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
7347695603
8941029381

**SRI RAM FINANCE LTD.**
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ । ସୁଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି ।
Help Line No.
8658665629
7894259095
finance0102018@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750




**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍।
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
**OM FINANCE**
9557124359
7895699233

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଛି କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି । କଲ୍ କରନ୍ତୁ SAMIR MONAL
07363008993
07363008928

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୫ ଅଗଷ୍ଟ, ୨୦୧୮



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ବୃଦ୍ଧାଙ୍କ ପୋତା ଶବ ନଦୀରେ ଭାସିଲା

**ପାଇକମାଳ,୨୪।୮(ଡି.ଏନ.ଏ):** ପାଇକମାଳ ବ୍ଲକ ଦୁଦୁକିଝରିଆ ନଦୀରେ ଶୁକ୍ରବାର ଏକ ଅଜଣା ଶବ ଭାସୁଥିବା ଦେଖି ଲୋକେ ପାଇକମାଳ ଥାନାକୁ ଜଣାଇଥିଲେ । ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଶବ ଉଦ୍ଧାର କରିଥିଲା । ଗାଁ ଲୋକେ ଶବ ଚିହ୍ନଟ କରିବା ପରେ ଜଣାପଡିଲା ଯେ ୧୫ ଦିନ ତଳେ ଦୁଦୁକିଝରିଆ ଗ୍ରାମର ବୃଦ୍ଧା ଗୁର ବିହା ମୃତ୍ୟୁବରଣ କରିବାରୁ ତାଙ୍କୁ ପରିବାର ଲୋକେ ପୋତି ଦେଇଥିଲେ । ବର୍ଷା ଯୋଗୁ ଶବଟି ନଦୀରେ ଭାସି ଯାଇ ଗୋଟିଏ ଗଛରେ ଲାଗିରହିଥିଲା । ମୃତ ବୃଦ୍ଧାଙ୍କ ଜ୍ୱାଇଁ ଚୂଡ଼ାମଣି ବରିହା ଓ ପରିବାର ଲୋକେ ଶବଟିକୁ ପୋଡି ଦେଇଥିଲେ ।

### ଛେଳି ଚୋରି କରି ଜେଲ୍ ଗଲେ

**ବିଜେପୁର, ୨୪।୮(ଡି.ଏନ.ଏ.):** ବିଜେପୁର ଥାନା ଅନ୍ତର୍ଗତ ବୁଡାପାଲି ଗ୍ରାମରୁ ଦୁଇ ଛେଳିଚୋରଙ୍କୁ ପୋଲିସ ଗିରଫ କରି ଶୁକ୍ରବାର ସୋହେଲା କୋର୍ଟକୁ ଚାଲାଣ କରିଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସୋହେଲା ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ଭୈରାପୁର ଗାଁର ପବନ ଭୁଏ (୬୦) ଏବଂ ଅତାବିରା ଥାନା ଟୋପ ଗାଁର ତଥା ଅଧୁନା ଲେମଧର ଗ୍ରାମରେ ରହୁଥିବା ବ୍ରମଞ୍ଚ ବୁଡେକ (୨୬) । ବୁଡାପାଲି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭୁଏ ତାଙ୍କର କିଛି ଛେଳି ଚୋରି ହୋଇଯାଇଥିବା ବିଜେପୁର ଥାନାରେ ଅଭିଯୋଗ କରିଥିଲେ । ଅପରପକ୍ଷେ ଉଭୟ ଅଭିଯୁକ୍ତ ଅଖାବସ୍ତାରେ ଦୁଇଟି ଛେଳିକୁ ଭର୍ତ୍ତି କରି ଯାଉଥିବାବେଳେ ବୁଡାପାଲି ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଥିଲେ। ଏ ନେଇ ପୂର୍ଣ୍ଣଚନ୍ଦ୍ର ଭୁଏଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୧୩୪/୧୮) ରୁଜୁ କରିଛି ।

### ମୋଟର ଚାଳକ ସଂଘ ବୈଠକ

**ଝାରବନ୍ଧ, ୨୪।୮(ଡି.ଏନ.ଏ.):** ଝାରବନ୍ଧ ବ୍ଲକ ମୋଟର ଚାଳକ ସଂଘର ବାର୍ଷିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ ସଭାପତିତ୍ୱ କରିଥିଲେ। ସଂଘ ସଭାପତି ଗୋବିନ୍ଦ ସାହୁ ପ୍ରାରମ୍ଭିକ ସୂଚନା ଦେବା ପରେ ସମ୍ପାଦକ ଗଗନ ବାଗ ବିବରଣୀ ପଠନ କରିଥିଲେ । ଏହି ଅବସରରେ ସଂଘର ସଦସ୍ୟତା ଗ୍ରହଣ ଓ ବିଶ୍ୱକର୍ମା ପୂଜା ପ୍ରଭୃତି ଉପରେ ଆଲୋଚନା ହୋଇଥିଲା । ଏଥିରେ ତୁଳା ନାଗଙ୍କୁ ସଭାପତି ଓ ଗୋବିନ୍ଦ ସାହୁଙ୍କୁ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ଏହି ବୈଠକରେ ଭୀମା ନିଆଲ, ଶୁଭେନ୍ଦ ସାହୁ, ଉପେନ୍ଦ୍ର ଥପା, ସହଦେବ ରଣା,ଘାସି ନାଏକ, ବଞ୍ଜାରୀ ଲାଲ ପଟେଲ, ଧନରଞ୍ଜନ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ପଞ୍ଚାୟତ ରାସ୍ତା ଶୋଚନୀୟ

**ଅତାବିରା, ୨୪।୮(ଡି.ଏନ.ଏ.):** ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାଟିକ୍ରା ଭାୟା ପତ୍ରାପାଲି ମୁଖ୍ୟ ପଞ୍ଚାୟତ ରାସ୍ତା ଶୋଚନୀୟ ହୋଇପଡିଛି । ଏହାର ମରାମତି କରାଯାଉ ନ ଥିବାରୁ ସ୍କୁଲ କଲେଜକୁ ଯାଉଥିବା ଛାତ୍ରୀଛାତ୍ରମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ହେଲା ରାସ୍ତାରେ ମୋରମ ପକାଯାଇ ନ ଥିବାରୁ ବର୍ଷାଦିନେ କାଦୁଅରେ ଅଞ୍ଚଳବାସୀ ଯିବା ଆସିବା କରୁଛନ୍ତି । ଏ ନେଇ ସରପଞ୍ଚ ପୁଷ୍ପକାନ୍ତି ସେଟଙ୍କୁ ପଚରାଯିବାରୁ ଉକ୍ତ ରାସ୍ତାର ମରାମତି କରାଯିବ ବୋଲି କହିଥିଲେ ।

### ପାଇକମାଳରେ ଆଶା ତାଲିମ ଶିବିର

**ପାଇକମାଳ,୨୪।୮(ଡି.ଏନ.ଏ):** ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଓ ଅଜକାର ଅନୁଷ୍ଠାନର ମିଳିତ ସହଯୋଗରେ ପାଇକମାଳ ସାଲେପାଲି ସ୍ଥିତ ତାଲିମ କେନ୍ଦ୍ରରେ ୫ ଦିନ ଧରି ଚାଲିଥିବା ଆଶା ତାଲିମ ଶିବି ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଏହି ଶିବିରରେ ବରଗଡ ସହରାଞ୍ଚଳର ୩୮ ଜଣ ଆଶା ତାଲିମ ଗ୍ରହଣ କରିଥିଲେ । ମମତା ମେହେର, ସନ୍ତୋଷିନୀ ମହାପାତ୍ର ତାଲିମ ପ୍ରଦାନ କରିଥିଲେ । ଏଡିଏମଓ ଡା. ଚୂଳବତୀ ସାହୁ ଯୋଗଦେଇ ଆଶାମାନଙ୍କ ତାଲିମ ବିଷୟରେ ଆଲୋଚନା କରିଥିଲେ। ନିତ୍ୟାନନ୍ଦ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କମଳ ସାହୁ ସହଯୋଗ କରିଥିଲେ ।

# ଅସୁରକ୍ଷିତ ହୋଇଛି ଜୀବନଯାତ୍ରା

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୪।୮**

ବରଗଡ଼ ଜିଲାରେ ବେପରୁଆ ଗାଡ଼ି ଚାଳନା ଏବଂ ଅସୁରକ୍ଷିତ ଯାତ୍ରା ଚିନ୍ତାର ବିଷୟ ହୋଇଛି । ଏଥିଯୋଗୁ ସଡ଼କ ଦୁର୍ଘଟଣା ଘଟୁଛି ଏବଂ ମୃତାହତ ସଂଖ୍ୟା ବଢ଼ିବାରେ ଲାଗିଛି । ନିକଟରେ ସହର ଉପକଣ୍ଠ ପାଣିଛତ୍ର ନିକଟ ରେଲୱେ ଓଭରବ୍ରିଜରୁ ଏକ ଯାତ୍ରୀବାହୀ ବସ୍ ୩୦ଫୁଟ ତଳକୁ ଖସି ପଡ଼ିଥିଲା। ସୌଭାଗ୍ୟବଶତଃ ସେତେବେଳେ ସେହି ବସ୍‌ରେ କୌଣସି ଯାତ୍ରୀ ନ ଥିଲେ । ମାତ୍ର ସେହି ବସ୍ ଅନ୍ୟ ଏକ ବାଇକ୍ ଚାଳକଙ୍କ ଉପରେ ପଡ଼ିବାରୁ ଘଟଣାସ୍ଥଳରେ ତାଙ୍କ ଜୀବନ ଚାଲି ଯାଇଥିଲା । ସେହିପରି ଜିଲାର ବରଗଡ଼ ସହର ସମେତ ଅନ୍ୟ ଅଞ୍ଚଳରେ ଥିବା ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଛାତ୍ରୀଛାତ୍ରଙ୍କ ଯାତାୟାତ ମଧ୍ୟ ନିରାପଦ ନୁହେଁ । ରିକ୍ସା, ଅଟୋଠାରୁ ଆରମ୍ଭ କରି ଟ୍ୟାକ୍ସି, ବସ୍ ଗୁଡ଼ିକରେ ନର୍ସରୀ, ଶ୍ରେଣୀର କୋମଳମତି ପିଲାଙ୍କଠୁ କଲେଜ ଛାତ୍ରୀଛାତ୍ର ନିୟମିତ ଯାତାୟାତ କରୁଛନ୍ତି । ଜିଲାରେ ସରକାରୀ ଭାବେ ପାଖାପାଖି ୮୦ଟି ସ୍କୁଲ ବସ୍ ଥିବା କୁହାଯାଉଥିବା ବେଳେ ବେସରକାରୀ ଭାବେ ଏହା ଶହେ ଟପିବ । ଏହା ସାଙ୍ଗକୁ ସ୍କୁଲ, କଲେଜକୁ ଯାଉଥିବା ଟ୍ୟାକ୍ସି, ଅଟୋ, ରିକ୍ସା ସଂଖ୍ୟା ତାହାଠାରୁ ଢେର ଗୁଣରେ ଅଧିକ ହେବ। ଆଉ ସେହି ଗାଡ଼ି ଗୁଡ଼ିକ ମଧ୍ୟରୁ ଅନେକ ପୁରୁଣା ହୋଇଥିବାବେଳେ ଅନଭିଜ୍ଞ ଗାଡ଼ି ଚାଳକ ସେଗୁଡିକୁ ଚଳାଉଛନ୍ତି । ଗୁରୁବାର ବରଗଡ଼ ସହର ମଧ୍ୟରେ ଏକ ସ୍କୁଲବସ୍‌ର ବେପରୁଆ ଗାଡ଼ି ଚାଳନା ସେଥିରେ ବସିଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ଲୋକଙ୍କୁ ଚକିତ କରିଥିଲା । ନିଶାସକ୍ତ ଅବସ୍ଥାରେ ଚାଳକ ଜଣକ ବସ୍ ଚଳାଉ ଥିବାରୁ ତାହା ଭାରସାମ୍ୟ ହରାଇଥିଲା । ବସ୍ ଭିତରେ ଥାଇ ଛୋଟପିଲାଙ୍କଠାରୁ ଶିକ୍ଷୟିତ୍ରୀମାନେ ଗାଡ଼ି ରଖିବାକୁ ପାଟି କରିଥିଲେ ମଧ୍ୟ ଡ୍ରାଇଭର ତାକୁ କର୍ଣ୍ଣପାତ କରି ନ ଥିଲେ। ପରେ ସ୍ଥାନୀୟ କିଛି ଲୋକ ବସ୍‌ଟିକୁ ଅଟକାଇଥିଲେ ଏବଂ ନିଶ୍ଚିତ ଦୁର୍ଘଟଣାରୁ ସେହି ବସ୍‌ଟି ବର୍ତ୍ତି ଯାଇଥିଲା ।

ଏଭଳି ବେଆଇନ ଗାଡ଼ି ଚାଳନା ରୋକିବାକୁ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ବେଳେବେଳେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ମାତ୍ର ତାହା ବି ଧର୍ମକୁ ଆଖିଠାର ଭଳି । ଗତ ଜୁଲାଇ ମାସରେ ହେଲମେଟ୍ ବାବଦକୁ ଜିଲାରେ ୧୧୭୦ଟି ମାମଲା ହୋଇଛି ଏବଂ ୧ଲକ୍ଷ ୩୨ହଜାର ୯୦୦ ଟଙ୍କା ଜରିମାନା ଅସୁଲି ହୋଇଛି । ସେହିପରି ଜୁଲାଇରେ ୨୯୯ଟି ଡିସିଆର ଇସ୍ୟୁ ହୋଇ ୪୧ଲକ୍ଷ ୨୩ହଜାର ୫୧୨ ଟଙ୍କା ଏବଂ ପୋଲିସ ଓ ପରିବହନ ବିଭାଗର ମିଳିତରେ ହୋଇଥିବା ଜିରୋ ଟଲେରାନ୍ସ ଡେରେ ୭ଦିନ ତନଖି ହୋଇ ୪୧ ମାମଲା ସହିତ ୯୮ହଜାର ୫୦୦ ଟଙ୍କା ଅସୁଲ ହୋଇଛି। ଭୁଲ୍ ପାର୍ଶ୍ୱରେ ପାର୍କିଂ, ଡ୍ରାଇଭିଂରେ ସେହି ମାସ ୭ଟି ମାମଲା ରୁଜୁ ହୋଇ ୩୫୦୦ ଟଙ୍କା ଅସୁଲି ହୋଇଥିବାବେଳେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ଯୋଗୁ ୨୬ଟି ମାମଲା ହୋଇଛି । ଆଉ ଜୁଲାଇ ମାସରେ ୪୩୦ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଛି। ସେଥିମଧ୍ୟରେ ବରଗଡ଼ ଜିଲାର କେବଳ ୩୪ଜଣ ଡ୍ରାଇଭର ଅଛନ୍ତି ଏବଂ ବାକି ଡ୍ରାଇଭର ଜିଲା ତଥା ରାଜ୍ୟ ବାହାରର ବୋଲି ସ୍ଥାନୀୟ ଆର୍‌ଟିଓ ଅଫିସ୍ ସୂତ୍ରରୁ ଜଣାପଡ଼ିଛି। ପରିବହନ ଓ ପୋଲିସ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନ ପର୍ଯ୍ୟାପ୍ତ ହେଉନାହିଁ ଏବଂ ତାହା ବେପରୁଆ ଗାଡ଼ି ଚାଳନାର ପ୍ରମୁଖ କାରଣ ବୋଲି ମତପ୍ରକାଶ ପାଇଛି ।

**ବରଗଡ଼ ଜିଲା**



ବରଗଡ଼ ସହର ପୁରୁଣା ଜାତୀୟ ରାଜପଥରେ ଅସୁରକ୍ଷିତ ଅବସ୍ଥାରେ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେକର ।



"ଦୁର୍ଘଟଣାଜନିତ ଆହତ, ମୃତ୍ୟୁହାର ହ୍ରାସ କରିବା ଲକ୍ଷ୍ୟ ନେଇ ପ୍ରତିମାସରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା କମିଟିର ବୈଠକ ବସୁଛି । ବୈଠକରେ ସୁରକ୍ଷିତ, ନିରାପଦ ଯାତ୍ରା ଉପରେ ଆଲୋଚନା ହେଉଛି । ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ ମଧ୍ୟ କରାଯାଉଛି । ଜନସାଧାରଣ ଏଥିରେ ସହଯୋଗ କରି ଦୁଇ ଚକିଆ ଗାଡ଼ି ଚଳାଇବା ବେଳେ ହେଲମେଟ୍, ଚାରିଚକିଆ ଯାନ ଚଳାଇବାବେଳେ ବେଲ୍ଟ ବ୍ୟବହାର ସହିତ ନିଶାସେବନରୁ ଦୂରେଇ ରହିଲେ ଦୁର୍ଘଟଣାରୁ ବର୍ତ୍ତିବା ସହ ଆହତ, ମୃତ୍ୟୁହାର କମିବ ।

-କେଶବ ଚନ୍ଦ୍ର ନାୟକ, ବରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ

## ଲକ୍ଷ୍ମୀକାନ୍ତଙ୍କ ମୁହଁରେ ଫୁଟିଲା ହସ

**ବରଗଡ଼ ଅଫିସ୍,୨୪।୮**



ଲକ୍ଷ୍ମୀକାନ୍ତ ବାଗ ।

ବରଗଡ଼ ଜିଲା ଅତାବିରା ଥାନା ସୋର୍ଣ୍ଣ (ଖିଲିମିଣ୍ଡା) ଗ୍ରାମର ଲକ୍ଷ୍ମୀକାନ୍ତ ବାଗ। ସେମାନେ ୩ ଭଉଣୀ ଭାଇ । ଲକ୍ଷ୍ମୀକାନ୍ତ ସବା ବଡ଼ । ପିଲାଟି ଦିନରୁ ଗୋଟିଏ ବର୍ଷ ମଧ୍ୟରେ ମା' ବାପାଙ୍କୁ ହରାଇ ଅନାଥ ହୋଇ ପଡ଼ିଥିଲେ ଏବଂ ଅବିବାହିତ କାକା ଦଶରଥଙ୍କ ଉପରେ ସେମାନଙ୍କ ବୋଝ ପଡ଼ିଥିଲା । ବଡ଼ଭାଇଙ୍କ ୩ସନ୍ତାନଙ୍କୁ ନିଜ ଝିଅପୁଅ ଭାବେ ପାଳନ କରିଥିଲେ ଦଶରଥ । କିନ୍ତୁ ସେ ଜଣେ ଦିନ ମଜୁରିଆ ହୋଇଥିବାରୁ ୩ସନ୍ତାନଙ୍କ ଭବିଷ୍ୟତ ଗଠନ ଦଶରଥଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଥିଲା । ଏ ନେଇ ଜିଲା ଶିଶୁ କଲ୍ୟାଣ ସମିତିକୁ ଫେରାଦ ହେବା ପରେ ସମିତିର ସହଯୋଗରେ ସାନ ଦୁଇ ଭଉଣୀ ଭାଇ ପାଇକମାଳ କସ୍ତୁରବା ଗାନ୍ଧୀ ମାତୃ ନିକେତନରେ ରହୁଥିବାବେଳେ ଏବେ ଏହି ସମିତିର ଉଦ୍ୟମକ୍ରମେ ଲକ୍ଷ୍ମୀକାନ୍ତ ସ୍ଥାନୀୟ ବିକାଶ ପରିଚାଳିତ କୋଣାର୍କ ଆଇଟିଆଇରେ ମାଗଣା ତାଲିମ, ରହିବା ଏବଂ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ସୁବିଧା ପାଇଛନ୍ତି । ଏହା ତାଙ୍କ ମୁହଁରେ ହସ ଫୁଟାଇଛି ।

ସ୍ୱର୍ଗତ ମେଘୁ ନାଗ ଓ ରକ୍ମିଣୀ ନାଗଙ୍କ ନିର୍ମିତ ଦୁଇ ବଖରା ଘର, ସରକାରଙ୍କ ୨୫କି.ଗ୍ରା ଚାଉଳ, ଦଶରଥଙ୍କ କୁଲି ମଜୁରୀ କାମରେ ମିଳୁଥିବା ଟଙ୍କାରେ ସମସ୍ତେ ଚଳିବା କଷ୍ଟସାଧ୍ୟ ହୋଇ ପଡ଼ିଥିଲା । ଫଳରେ ଭୂମିହୀନ ଦଶରଥ ବାଧ୍ୟହୋଇ ଲକ୍ଷ୍ମୀକାନ୍ତଙ୍କ ସାନ ଦୁଇ ଭାଇ, ଭଉଣୀଙ୍କୁ ବରଗଡ଼ ଜିଲା ଶିଶୁ ମଙ୍ଗଳ ସମିତି ମାଧ୍ୟମରେ ପାଇକମାଳ ସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ଆଶ୍ରମରେ ଥଇଥାନ କରିଥିଲେ । ସେତେବେଳେ ଦଶମ ପଢୁଥିବା ଲକ୍ଷ୍ମୀକାନ୍ତଙ୍କ ସ୍କୁଲ ଛାଡ଼ିବା ସମ୍ଭବ ହୋଇ ନ ଥିଲା । ପାଠପଢ଼ାରେ ସବୁବେଳେ ଆଗୁଆ ଲକ୍ଷ୍ମୀକାନ୍ତ ମାଟ୍ରିକ ପରୀକ୍ଷାରେ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିଲେ । ତାଙ୍କ ଭବିଷ୍ୟତ ପାଇଁ ପୁଣି ସେ ଶିଶୁ ମଙ୍ଗଳ ସମିତିରେ ଦ୍ୱାରସ୍ଥ ହୋଇଥିଲେ । ଲକ୍ଷ୍ମୀକାନ୍ତଙ୍କୁ ସହଯୋଗ କରିବା ପାଇଁ ଜିଲା ଶିଶୁ ମଙ୍ଗଳ ସମିତି ମଧ୍ୟ ଆଗେଇ ଆସିଥିଲା । ଏହାପରେ ଜିଲା ଶିଶୁ ମଙ୍ଗଳ ସମିତିର ଅନୁରୋଧ କ୍ରମେ ବିକାଶ ଗ୍ରୁପ ଅଫ ଏଜୁକେଶନ ଅନ୍ତର୍ଭୁକ୍ତ କୋଣାର୍କ ବୈଷୟିକ ତାଲିମ ସଂସ୍ଥା(ଆଇଟିଆଇ) ସମ୍ପୂର୍ଣ୍ଣ ଭାବେ ତାଲିମ, ଖାଦ୍ୟ, ରହିବା ତଥା ଅନ୍ୟାନ୍ୟ ଆନୁସଙ୍ଗିକ ରକ୍ଷଣାବେକ୍ଷଣର ଦାୟିତ୍ୱ ସହ ଲକ୍ଷ୍ମୀକାନ୍ତଙ୍କୁ ଆପଣେଇ ନେଇଛି । ଭବିଷ୍ୟତରେ ସେ ପୋଲିସ ବିଭାଗରେ କାର୍ଯ୍ୟ କରି ଲୋକଙ୍କୁ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ।

## ପଥର ଚୋରାଚାଲାଣ, ୧ଲକ୍ଷ ଜରିମାନା

**ଅମ୍ବାଭୋନା, ୨୪।୮(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ତହସିଲ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ପଥର ଚୋରାଚାଲାଣ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି । ଏଭଳି ପଥର ଚାଲାଣ କରୁଥିବାବେଳେ ଶୁକ୍ରବାର କୁମ୍ଭୋ ପଞ୍ଚାୟତ ଅନ୍ତର୍ଗତ ସାନସରାଇପାଲି ଗ୍ରାମରେ ଏକ ପଥର ବୋଝେଇ ଟ୍ରାକ୍ଟର (ନଂ. ଓଡ଼ି୧୭ସି/୪୩୧୮) ଧରାପଡ଼ିଥିଲା। ସ୍ଥାନୀୟ ତହସିଲଦାର ସଦାକର କୁମ୍ଭାର ଟ୍ରାକ୍ଟରକୁ ଧରି ଥାନାକୁ ଆଣିଥିଲେ । ବିନା ରୟାଲଟି ଏବଂ ବିନା ଅନୁମତିରେ ପଥର ଚାଲାଣ କରାଯାଉ ଥିବାରୁ ଟ୍ରାକ୍ଟର ମାଲିକ ପପୁ ଅଗ୍ରୱାଲଙ୍କୁ ୧ଲକ୍ଷ ୨ହଜାର ଟଙ୍କା ଜରିମାନା କରାଯାଇଥିଲା। ଚଢ଼ାଉରେ ଅତିରିକ୍ତ ତହସିଲଦାର ଜୟନ୍ତ ସାହୁ, ସୁପରଭାଇଜର ମୀନକେତନ ଧରୁଆ, କଣ୍ଡପଲା ରାଜସ୍ୱ ନିରୀକ୍ଷକ ସେବକ ବାଗ ସାମିଲ ହୋଇଥିଲେ ।

## ରାଜପଥରେ ଗର୍ତ୍ତ, ଯାତାୟାତରେ ବାଧା

**ବରପାଲି, ୨୪।୮(ଡି.ଏନ.ଏ.)**

ବରପାଲିରୁ ବରଗଡ ବଲାଙ୍ଗୀରକୁ ସଂଯୋଗ କରୁଥିବା ଏନଏଚ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ଷ୍ଟେଟବ୍ୟାଙ୍କ ନିକଟରେ ଥିବା ରାସ୍ତାରେ ୧ ଫୁଟର ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ଗାନ୍ଧୀ ଛକରେ ମଧ୍ୟ ଅନୁରୂପ ଅବସ୍ଥା। ଏହା ଚାରିଆଡକୁ ଗମନାଗମନ କରୁଥିବା ଅଞ୍ଚଳର ଏକ ପ୍ରମୁଖ ରାସ୍ତା ହୋଇଛି। ପ୍ରତ୍ୟେହ ହଜାର ହଜାର ଲୋକ ଓ ଅନେକ ଦ୍ରୁତଗାମୀ ଯାନବାହନ ଏହି ରାସ୍ତା ଦେଇ ଚଳାଚଳ କରୁଛନ୍ତି । ରାସ୍ତାରେ ଗର୍ତ୍ତ ଯୋଗୁ ବିଭିନ୍ନ ସମୟରେ ବାଇକ ଏବଂ ସାଇକେଲ ଆରୋହୀ ଛୋଟବଡ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ବରପାଲି ଖବରଦାତା ସଂଘ ଶୁକ୍ରବାର ତହସିଲଦାର ଯୁଧିଷ୍ଠିର ମେହେରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।



ବରଗଡ-ବଲାଙ୍ଗୀର ରାସ୍ତା ଶୋଚନୀୟ ହୋଇପଡିଛି ।

## ଗଙ୍ଗାଧର ସାହିତ୍ୟ ଉପରେ ପ୍ରତିଯୋଗିତା

**ଭେଡ଼େନ,୨୪।୮(ଡ଼ି.ଏନ.ଏ)**

ଭେଡ଼େନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲ ଠାରେ ଶୁକ୍ରବାର ଗଙ୍ଗାଧର ସାହିତ୍ୟ ଉପରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଗଙ୍ଗାଧରୀୟ ସାହିତ୍ୟରେ ନାରୀ ଚରିତ୍ର ଶୀର୍ଷକ ବକ୍ତୃତା, ପ୍ରବନ୍ଧ ତଥା ଆବୃତ୍ତି ପ୍ରତିଯୋଗିତାରେ ବିଭିନ୍ନ ହାଇସ୍କୁଲ ୭ମରୁ ଦଶମ ଶ୍ରେଣୀର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିନିୟର ବିଭାଗର ପ୍ରବନ୍ଧରେ ଲିପ୍‌ସାରାଣୀ ସାହୁ, ବକ୍ତୃତାରେ ସୁବ୍ରତ ଛଞ୍ଚାନ, ଆବୃତ୍ତିରେ ସୀତାଞ୍ଜଳି ଛନ୍ଦ, ଜୁନିୟର ବିଭାଗ ବକ୍ତୃତାରେ ଅନିଶ କୁମାର ବେହେରା ଓ ଆବୃତ୍ତିରେ ଅନୁପମା ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ହାଇସ୍କୁଲ ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଯୋଗିତାରେ ଭେଡ଼େନ ବିଇଓ ମଛିନ୍ଦ୍ର ମଲିକ, ଏବିଇଓ ଭୂପାଳ ପଟେଲ, ସିଆରସିସି ପଞ୍ଚାନନ ଭୋଇ, ଗଣେଷ ମହାଲିଙ୍ଗ, କ୍ଷୀତେଶ୍ୱର ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷକ ଗୋପାଳ ଚନ୍ଦ୍ର ଭୋଇ, ବନମାଳି ମେହେର, ଭି. ରବିଶଙ୍କର, ଜୟନ୍ତୀ ବାରିକ, ଅଞ୍ଜଳି ସାହୁ, ନରେଶ ଦାଶ, ସୁଷମା ଦାଶ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ ।

## ବିଜୁ ଯୁବ ବାହିନୀର ବୃକ୍ଷରୋପଣ



ଗାଇସିଲେଟରେ ବିଜୁ ଯୁବ ବାହିନୀ ସଦସ୍ୟମାନେ ବୃକ୍ଷରୋପଣ କରୁଛନ୍ତି ।

**ଗାଇସିଲେଟ,୨୪।୮(ଡି.ଏନ୍.ଏ)**

ଗାଇସିଲେଟ ବିଜୁ ଯୁବ ବାହିନୀ ତରଫରୁ ବୁରୋମୁଣ୍ଡା ଗ୍ରାମପଞ୍ଚାୟତର ବଇଦପାଲି ଯୁଗିମୁଠ ରାସ୍ତା କଡ଼ରେ ବିଜୁ ଯୁବ ବାହିନୀ ଉପଦେଷ୍ଟା କୀର୍ତ୍ତନ ଦାଶଙ୍କ ଉଦ୍ୟମରେ ବୃକ୍ଷ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବଇଦପାଲି ଗ୍ରାମ ସଭାପତି ସୁଶାନ୍ତ ସାଗର, ସମ୍ପାଦକ ଅଶୋକ ତାଣ୍ଡି ଓ କୋଷାଧ୍ୟକ୍ଷ ଶୁକ୍ରୁ ସାହୁ, ସଭ୍ୟ ପ୍ରଫୁଲ୍ଲ ବେହେରା, ସମୀର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କ୍ୟାନସର ହସ୍ପିଟାଲ ପାଇଁ ଦାବିପତ୍ର ପ୍ରଦାନ

**ପଦ୍ମପୁର, ୨୪।୮(ଡି.ଏନ.ଏ.)**

ବରଗଡ ଜିଲାରେ କ୍ୟାନ୍‌ସର ହସ୍ପିଟାଲର ଦାବି ତୀବ୍ର ହେବାରେ ଲାଗିଛି । ଏହି ଆନ୍ଦୋଳନକୁ ଆହୁରି ଦୃଢ କରିବା ପାଇଁ ପଦ୍ମପୁରରେ ୫୦୦୦ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ଥାନୀୟ ରିକ୍ରେଶନ ସେଣ୍ଟରଠାରୁ ଏକ ଶୋଭାଯାତ୍ରା ବାହାରି ଥାନାଛକ, ପୁରୁଣାବସ୍ତି, ଶାସ୍ତ୍ରୀ ଛକ, ଭେଉଁରିଆ ଛକ ଦେଇ ଉପଜିଲାପାଳଙ୍କ ଅଫିସ୍‌ରେ ପହଞ୍ଚିଥିଲା । ଚିନ୍ମୟ କୁମାର ପଣ୍ଡା ଦାବିପତ୍ର ପଠନ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଦୌଲତ ଚନ୍ଦ୍ରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ବାର୍ ଆସୋସିଏସନ, ବସ୍ ମାଲିକ ସଂଘ, ଟ୍ରାକ୍ଟର ମାଲିକ ସଂଘ, ବୋରାସମ୍ବର ସ୍ପୋର୍ଟିଂ, ନେହେରୁ ସ୍ପୋର୍ଟିଂ, ବଣିକ ସଂଘ, ମାରୱାଡି ଯୁବାମଞ୍ଚ, ପଦ୍ମପୁର ସଂଗୀତ ସମିତି, ଅବର୍ଣ୍ଣଗୁଁଡା ନାଟ୍ୟ ସଂସଦ, ଜେନିଥ ସ୍କୁଲ, ପବ୍ଲିକ ସ୍କୁଲ, ଅଞ୍ଚଳ କଲେଜ, ମୂଳନିବାସୀ ସଂଘ, ଲାୟନ୍ସ କ୍ଲବ, ଆଶା ସତ୍କାର, ଏବିସିଡି ଏବଂ ପଦ୍ମପୁରର ପ୍ରାୟ ସମସ୍ତ ଅନୁଷ୍ଠାନର ସଦସ୍ୟ ଯୋଗଦାନ କରିଥିଲେ ।

■ ବୀମା ବିଭ୍ରାଟ ପ୍ରତିବାଦରେ ତେଜିଲା ଆନ୍ଦୋଳନ

# ୨୯ରେ ବ୍ୟାଙ୍କ, ସମବାୟ ସମିତି ଅଚଳ କରିବେ ଚାଷୀ

**ବରଗଡ଼ ଅଫିସ୍,୨୪।୮**

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନରେ ହୋଇଥିବା ବିଭ୍ରାଟକୁ ନେଇ ଦେଖାଯାଇଥିବା ଅସନ୍ତୋଷ ଥମିବା ନାଁ ନେଉ ନାହିଁ । ଶୁକ୍ରବାର ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ସଲେପାଲି ଗ୍ରାମର ଚାଷୀମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏବଂ ସହକାରୀ ସମବାୟ ନିବନ୍ଧକ(ଏଆରସିଏସ) ଦିବାକର ଭୋଇଙ୍କୁ ଫେରାଦ ହୋଇଥିଲେ । ବୀମା କ୍ଷତିପୂରଣ ପ୍ରଦାନ ତାଲିକାରେ ପ୍ରଥମରୁ ସାଲେପାଲି ପଞ୍ଚାୟତକୁ ସାମିଲ କରାଯାଇଥିବାବେଳେ ଏବେ ଏହି ପଞ୍ଚାୟତକୁ ବାଦ୍ ଦିଆଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ସମାଧାନ କରା ନ ଗଲେ ଆସନ୍ତା ୨୯ତାରିଖରେ ଶଳିମାଲ ସେବା ସମବାୟ ସମିତି ଏବଂ ସୋହେଲା ସମବାୟ ବ୍ୟାଙ୍କରେ ତାଲା ପକାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଗତ ୨୦୧୭ ଖରିଫରେ ଜିଲାରେ ବ୍ୟାପକ ଫସଲକ୍ଷତି ହୋଇଥିଲା । ମରୁଡ଼ି ଏବଂ ଚକଡ଼ା ରୋଗପୋକ ଯୋଗୁ ଜିଲାର ସବୁ ବ୍ଲକ ଏଥିରେ ପ୍ରଭାବିତ ହୋଇଥିଲା । ସେତେବେଳେ କ୍ରପ୍‌କଟିଂ କରି କ୍ଷୟକ୍ଷତି ଆକଳନ ରିପୋର୍ଟ ପ୍ରସ୍ତୁତ ହୋଇଥିଲା ଏବଂ ବୀମା କମ୍ପାନୀକୁ ପ୍ରଦାନ କରାଯାଇଥିଲା । ମାତ୍ର ବୀମା କମ୍ପାନୀ ଚାଷୀମାନଙ୍କଠାରୁ ବୀମା ପ୍ରିମିୟମ ରାଶି ଆଗୁଆ ନେଇସାରିଥିଲେ ହେଁ ଏବେ କ୍ଷତିପୂରଣ ପ୍ରଦାନବେଳେ ଦୋମୁହାଁ ନୀତି କରୁଛି । ନାନା ଆଳ ଦେଖାଇ ବୀମା କମ୍ପାନୀ ପ୍ରିମିୟମ ଭରିଥିବା ସବୁ ଚାଷୀଙ୍କୁ କ୍ଷୟକ୍ଷତି ଆକଳନ ଭିତ୍ତିରେ ବୀମା କ୍ଷତିପୂରଣ ପ୍ରଦାନ କରିବା ବଦଳରେ ସେଥିରେ ନାନା ବିଭ୍ରାଟ କରୁଛି । ଅନେକ ଚାଷୀଙ୍କୁ ବୀମା କ୍ଷତିପୂରଣରୁ ବାଦ୍ ଦିଆଯାଇଥିବାବେଳେ ଆହୁରି କେତେକ ଚାଷୀଙ୍କୁ ନିର୍ଦ୍ଧାରିତ ପରିମାଣରୁ ଯଥେଷ୍ଟ କମ୍ ବୀମା କ୍ଷତିପୂରଣ ପ୍ରଦାନ କରିବା ପାଇଁ ମସୁଧା ଚଳାଇଛି । ସାଲେପାଲି ପଞ୍ଚାୟତର ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଉପୁଜି ଥିବାରୁ ଚାଷୀନେତା ପଞ୍ଚାନନ ଦଳପତିଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲାପାଳ, ଏଆରସିଏସଙ୍କୁ ଭେଟି ନିଜ ଦାବି ଉପସ୍ଥାପନ କରିଥିଲେ ।



ଚାଷୀମାନେ ଏକାଠି ହୋଇ ଦାବି ଉପସ୍ଥାପନ ପାଇଁ ଜିଲାପାଳ ଅଫିସ ସମ୍ମୁଖରେ ଛିଡା ହୋଇଛନ୍ତି ।

## ନୂଆଖାଇ ଭେଟଘାଟ ପ୍ରସ୍ତୁତି

**ଅତାବିରା, ୨୪।୮(ଡି.ଏନ.ଏ.)**

ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା ନାଗରିକ କମିଟି ପକ୍ଷରୁ ୧୨ତମ ନୂଆଖାଇ ଭେଟଘାଟ ପାଇଁ ଏକ ପ୍ରସ୍ତୁତି ବୈଠକ ଗୋଡଭଗା ସମଲେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାଗରିକ କମିଟି ସଭାପତି ହାରାଧନ ବାରିକ ଅଧ୍ୟକ୍ଷତା କରିଥିଲେ । ଆସନ୍ତା ସେପ୍ଟେମ୍ବର ୨୩ ତାରିଖରେ ନୂଆଁଖାଇ ଭେଟଘାଟ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଚଳିତବର୍ଷ ଅଞ୍ଚଳର ଜଣେ ଶିକ୍ଷାବିତ୍‌ଙ୍କୁ ସାରସ୍ୱତ ନାଗରିକ ସମ୍ମାନ, ମାଟ୍ରିକ, ଯୁକ୍ତ ଦୁଇ, ଯୁକ୍ତ ତିନି ଅଞ୍ଚଳର ଯେଉଁ ଛାତ୍ରୀଛାତ୍ରୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି ସେମାନଙ୍କୁ ସମ୍ମାନିତ କରାଯିବ । ୫ଜଣ ବୟୋଜ୍ୟେଷ୍ଠ ନାଗରିକ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବାର ପ୍ରସ୍ତାବ ଗ୍ରହଣ କରାଯାଇଛି । ସୋମନାଥ ବିଶୋଇ, ଦିବ୍ୟ କିଶୋର ଭୋଇ, ହାଡୁ କର୍ଣ୍ଣ ଯୋଗଦେଇ ଆଲୋଚନା କରିଥିଲେ। ଉପେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ
ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



## ସଂକ୍ଷେପରେ

### ଜରାସିଂହା ମିନି ଷ୍ଟାଡିୟମରେ ନକ୍ ଆଉଟ ଲିଗ୍ ପାଇଁ ପ୍ରସ୍ତୁତି

**ଦେଓଗାଁ,୨୪।୮(ଡି.ଏନ୍,ଏ):** ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ମିନିଷ୍ଟାଡିୟମରେ ଜିଲାସ୍ତରୀୟ ନକ୍ଆଉଟ ଫୁଟବଲ ଲିଗ ଟୁର୍ନାମେଣ୍ଟ ଗ୍ରୁପ -ଜି ର ମ୍ୟାଚ ଗୁଡିକ ଚିଳିତମାସ ୨୯ ତାରିଖରୁ ଆରମ୍ଭ ହେବ । ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ସ୍ଥାନୀୟ ବିଏନଏଏ ଆନୁକୂଲ୍ୟରେ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଗ୍ରୁପ 'ଜି'ରେ ଜରାସିଂହା, ବର୍ଲା, କରେଲଧୂଆ, ଶିରାବାହାଲ, ତୁଷୁରା, ହାତିସରା, ଦେଓଗାଁ, ଘୁଚିପାଲି, ମୁରସିଂ, ମହିପୁର, ଭୂତିଆରବାହାଲ ଓ ଟିକ୍ରାପଡା ଆଦି ଦଳ ପରସ୍ପରକୁ ଭେଟିବେ। ଏଠାରେ କୃତି ଦଳ ବଲାଙ୍ଗୀରରେ ହେବାକୁ ଥିବା ମ୍ୟାଚରେ ଯୋଗଦେବେ ବୋଲି ବରିଷ୍ଠ କ୍ରୀଡାବିତ ସୁନ୍ଦରମଣି ଦଣ୍ଡସେନା ସୂଚନା ଦେଇଛନ୍ତି ।



### ବ୍ୟାଙ୍କ ଅଫ୍ ବରୋଦାର ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ

**ବେଲପଡା,୨୪।୮(ଡି.ଏନ.ଏ.):** ବେଲପଡା କୀର୍ତ୍ତନ୍ୟ ଏମଇସ୍କୁଲ ଷ୍ଟଲ ପରିସରରେ ବ୍ୟାଙ୍କ ଅଫ୍ ବରୋଦା କଣ୍ଟାବାଞ୍ଜିର ଏକ ଶାଖା କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । କଣ୍ଟାବାଞ୍ଜି ଶାଖା ପରିଚାଳକ ସୁନୀଲ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶାଖା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ପାତ୍ର ଯୋଗଦେଇ ନୂତନ ବ୍ୟାଙ୍କ ଶାଖା ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବାପାଇଁ ଉଦ୍ୟମ ଜାରି ରଖିବ ବୋଲି କହିଥିଲେ। ଖୁବଶୀଘ୍ର ବେଲପଡାରେ ବ୍ୟାଙ୍କ ଅଫ ବରୋଦାର ଏଟିଏମ କାଉଣ୍ଟର ଖୋଲାଯିବା ବୋଲି ସେ କହିଥିଲେ । ବେଲପଡା ବ୍ୟାଙ୍କର ଶାଖା ପରିଚାଳକ ସଞ୍ଜୀବ କୁମାର ପାତ୍ର, ସୁନୀଲ କୁମାର ବେହେରା, ଲୋକନାଥ ସାହୁଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

### ଚନ୍ଦ୍ରପୁରରେ ବରଲକ୍ଷ୍ମୀ ବ୍ରତ

**ଦେଓଗାଁ,୨୪।୮ (ଡି.ଏନ,ଏ):** ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁରରେ ଶୁକ୍ରବାର ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ବରଲକ୍ଷ୍ମୀ ବ୍ରତ ଅନୁଷ୍ଠିତ ହୋଇଯାଇଛି। ଆବାହକ କୁମାର ଷାଣ୍ଢଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ଦିନ ପ୍ରାତଃରେ ନଗର ସଂକୀର୍ତ୍ତନ୍ୟ ପରେ ସେବାଦଳ ପକ୍ଷରୁ ଗ୍ରାମସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ କୁମାର ତ୍ରିପାଠୀ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ଏଥିରେ ୯ ଜଣ ବ୍ରତୀ ଉପବାସ ରହି ବରଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରିଥିଲେ । କଳ୍ପନା ନାଗ, ଟୁମକି ପୁଟେଲ, ବୃହସ୍ପତି ପୁଟେଲ, ଶୋଭାଗିନୀ ପୁଟେଲ, କୁନୀ ପୁଟେଲ ପ୍ରମୁଖ ବ୍ରତୀ ଉପସ୍ଥିତ ଥିଲେ ।

# ସରକାରୀ ଯୋଜନାରୁ ବଂଚିତ୍ ବାଦ୍ୟଯନ୍ତ୍ର କାରିଗର

**ଲୋଇସିଂହା,୨୪।୮(ଡି.ଏନ.ଏ)**

କଳାକାର ଭିନେ ଭିନେ ପର୍‌କାର ଅଛନ୍। ହେଲେ ବାଦ୍ୟଯନ୍ତ୍ର ବନଉଥିବାର କଳାକାର ସେମାନ୍‌କର ଭିତ୍‌ରୁ ଅଲଗ୍ ଆଏ। କାରନ୍ ଗୁଟେ ବାଦ୍ୟଯନ୍ତ୍ର ବନାବାର ଲାଗି ହେଲେ ବହୁତ୍ ପରିଶ୍ରମ ଦର୍‌କାର ଗିଆଁନ୍ କଉଶଲ୍ ଦର୍‌କାର। ବଜା ତିଆର ହେଲା ଉତାରୁ ଠିକ୍ ଶବଦ୍ ବାହାର୍‌ବାର ଦର୍‌କାର ନେହେଲେ ସବୁ ଶୁଖୁଆପୁତା। ବାଦ୍ୟଯନ୍ତ୍ର ତିଆର କରୁଥିବାର କଳାକାରମାନ୍‌କୁ ବାଦ୍ୟଯନ୍ତ୍ରର ଜନମ୍ ଦାତା କହେଲେ କିଛି କମ୍ ନାଇଁ ହୁଏ। ହେଲେ ଆଏଜ୍‌କାଲି ଇ କାରିଗରିଟା ସମାଜ୍‌ରୁ ମେଟିଯିବାକେ ବସ୍‌ଲାନ। ବଜାର୍‌କେ ବି ଭିନେ ଭିନେ କିସ୍‌ମର ଇଲେକ୍ଟ୍ରୋନିକ୍ସ, ପ୍ଲାଷ୍ଟିକ୍ ବଜାମାନ୍ ଆଏଲାନ। ଯେନ୍‌ଥିର୍‌ଲାଗି ପାରଂପରିକ୍ ବଜାଗଜାର ଆଦର ଦିନୁଦିନ୍‌କେ କମିଯାଉଛେ ଆର୍ ଇ ବୁର୍‌ତିକେ ଆଦ୍‌ରି ଥିବାର ହାତ୍ ଗନ୍‌ତି କେତେ କଳାକାର ବି ଭୁଖେ ମର୍‌ବାର ଥିତିକେ ଆସିଗଲେନ। ଏନ୍‌ତା ଝନେ ପୁର୍‌ଖା କଳାକାର ହେଉଛନ୍ ବଲାଙ୍ଗିର ଜିଲା ଆଗଲପୁର ବ୍ଲକ୍ କବଟି



ତବଲାର ଝାଁଚ୍ କରୁଛନ୍ ଲେକୃ।

ଗାଁର ଲେକୃ ସେନ୍ଦ୍ରିଆ(୬୫)। ୪୦ ବଛର୍ ହେଲେ ସେ ନିଜର କୁଲ୍‌ବୁର୍‌ତି ଚମଡା ଛାଇଁ ବାଦ୍ୟଯନ୍ତ୍ର ବନାବାକେ ଆଦ୍‌ରି ନେଇଛନ୍। ଇଥ୍‌ରୁ ମିଳୁଥିବାର ଟଁକା ପଏସାରେ ସେ ୮ ପରାନି ପରିବାରକେ ଚଲେଇ ଆସୁଛନ୍। ହେଲେ ଦିନୁ ଦିନ୍‌କେ ବଜାରକେ ଭିନେ ଭିନେ କିସ୍‌ମର ଇଲେକ୍ଟ୍ରୋନିକ୍ସ, ପ୍ଲାଷ୍ଟିକ୍ ବଜା ଆଏଲାଦିନୁ ତାକର କୁଲ୍‌ବେଉସା ଉପ୍‌ରେ ମାଡ଼ ପଡୁଛେ। ବାପ୍ ଅଜାକଁରନୁ ଶିଖିଥିବାର ବୁର୍‌ତିକେ ବଁଚେଇ ରଖିଛନ୍ ଲେକୃ।

ଆଗଲପୁର ବ୍ଲକ୍ ବକଟି ସଦର ଗାଁରେ ଲେକୃକଁର ଘର୍। ଲେକୃ ବାଦ୍ୟଯନ୍ତ୍ରରେ ଚମଡା ଛାଉଁଥିବାର ଝନେ ପୁର୍‌ଖା କାରିଗର। ତାଁକର ହାତ୍ ତିଆରି ମୁର୍‌ଦୁଁଗ୍, ତବଲା, ମାଦଲ୍, ଢୋଲ,ନିଶାନର ଚାହିଦା କାହିଁରେ କେତେ। ତାକର ହାତର ଯାଦୁଗରି କଳାକାରମାନକୁ କାହିଁ କେନ୍ ଭୁବନେଶ୍ୱର, କୋରାପୁଟ, ଅନୁଗୋଳ, ସମ୍ବଲପୁର ଲେଖେନ୍ ଦୂରିଆ ଜାଗାରୁ ବଗଟି ଗାଁକେ ଘିଚିଆନୁଛେ। ବାପାରନୁ ଶିଖିଥିବାର ଇ ବୁର୍‌ତିରେ ଭଲ୍ ଦୁଇପଏସା ରୁଜ୍‌ଗାର କରି ପରିବାର ଚଲଉଥିଲେ। ହେଲେ ଆଏଜ୍‌କାଲି ଆର୍ ସେ ସମିଆ ନାଁଇଁନ। ଗୁଟେ ବଜା ତିଆର କର୍‌ବାକେ ହେଲେ ମାଏଟ୍, ଚମଡା, ସୂତା ଲେଖେନ୍ ସାମାନ୍ ଲାଗ୍‌ସି, ସେ ସବୁ ଘିନ୍‌ବାକେ ପଡୁଛେ। ଦିନୁ ଦିନ୍‌କେ ସବୁଥିର ଦାମ୍ ବଢ଼ତେଲ ଯାଉଛେ। ଗୁଟେ ମୁର୍‌ଦୁଁଗ୍ କି ତବଲା ତିଆରି ଲାଗି ୩ରୁ ୪ ଦିନ୍ ସମିଆ ଲାଗ୍‌ସି। ସେନ୍‌ତା ସବୁ ଖର୍‌ଚାବର୍‌ଚା ଯାଇ ଗୁଟେ ବଜାରୁ ୫ଶହ ଟଁକା ମିଲ୍‌ସି। ଅଧିକା ଦେଇ କଳାକାର ନେବାକେ ନାକ୍ ଟେକୁଛନ୍। ଏନ୍‌ତା ପରିସ୍ଥିତିରେ କୁଟୁମ୍ ପୁଷ୍‌ବାରଟା ବହୁତ୍ ଭିଡ୍ ହେଇଯାଉଛେ। ଇ ପେସାକେ ବଡ଼ଖା ପୁଓ ମୁହୁଁମୁରି ହାଟ୍ ହଟ୍‌ଲିରେ ମୂଷାମରା, ଫୁକା ବିକି ତାର କୁଟୁମ୍ ପୁଷୁଛେ। ହେଲେ ସାନ୍ ପୁଓର ପାଠ୍‌ପଢ଼ାରେ ଗଏଁଠ୍ ପଡ଼ଲା ଉତାରୁ ସେ ନିଜର କୁଲ୍‌ବୁର୍‌ତିକେ ଆଦ୍‌ରି ନେଇଛନ୍। ସେ ବାଏଦ୍ ଯନ୍ତର ତିଆରିରେ ସାହାଯ୍ କରୁଥିବାର ଲେକୃ କହିଛନ୍। ଲେକୃ ଦୁଖ୍‌ମନା ହେବାର କାରନ୍ ହେଲା, କଳାକାରମାନେ ଆମରନୁ ବାଦ୍ୟଯନ୍ତ୍ର ନେଇ ଭିନେ ଭିନେ ସାଁସ୍କୁର୍‌ତିକ୍ କାୟ୍‌କରମ୍‌ମାନ୍ ପରିବେଷନ୍ କରୁଛନ୍, ସରକାରଠାନୁ କଳାକାର ଭତା ହାତଉଛନ୍। ହେଲେ ଆମେ ବାଦ୍ୟଯନ୍ତ୍ର ତିଆର କର୍‌ବାର କାରିଗର ହେଇ ବି କନ୍‌ଠେଁସା ହେଇ ପଡ଼ିଛୁ ବଲି ଲେକୃ କହିଛନ୍। ସେନ୍‌ତା ଇ ଗରିବ୍ ପରିବାର ସବୁ ପର୍‌କାର ସରକାରୀ ଯୋଜ୍‌ନାରୁ ବଁଚିତ୍ ହେଇଥିବାର ଅଭିଯୋଗ୍ କରିଛନ୍। ବୁଢ଼ୀବୁଢ଼ା ଭତା, ରାଶନ କାର୍ଡ, ପକ୍କାଘର ଲେଖେନ୍ ସରକାରୀ ଯୋଜ୍‌ନାରୁ ପରିବାରଟା ବାଦ୍ ପଡ଼ିଛନ୍। ଇ କାରିଗର ପରିବାରକେ ଜିଲା ପର୍‌ଶାସନ୍ ଦୁରୁଷ୍ଟି ଦେଇ ଭିନେ ଭିନେ ପର୍‌କାର ସରକାରୀ ସୁବିଧା ଯୁଗେଇ ଦେବାର ସଂଗେ ତାଁକର କଳାକେ ବଁଚେଇ ରଖ୍‌ବାର ଜତନ୍ କର୍‌ବାକେ ସାଧାରନ୍‌ରେ ଦାବି ହେଉଛେ।

### ଭତ୍ତା ରାଶି ବୃଦ୍ଧି ଦାବିରେ ତହସିଲ ଅଫିସ ଘେରାଉ

**କଣ୍ଟାବାଞ୍ଜି ,୨୪।୮(ଡି.ଏନ୍.ଏ.)**

ବିଧବା, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ଅବିବାହିତ ଭତ୍ତା ରାଶି ୩ଶହଟଙ୍କାରୁ ୧୫୦୦ଟଙ୍କାକୁ ବୃଦ୍ଧି କରିବା ଦାବି କରି କଣ୍ଟାବାଞ୍ଜି ବିକାଶ ମଞ୍ଚ ତରଫରୁ ଶୁକ୍ରବାର କଣ୍ଟାବାଞ୍ଜି ତହସିଲ ଅଫିସ ଘେରାଉ କରାଯାଇଥିଲା। ଅଜୟ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ମଞ୍ଚର ସଦସ୍ୟ ଓ ହିତାଧିକାରୀ ଏକ ଶୋଭାଯାତ୍ରରେ ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଅନୁଷ୍ଠିତ ପ୍ରତିବାଦ ସଭାରେ ପରିବର୍ତ୍ତିତ ସମୟରେ ଭତ୍ତା ରାଶିକୁ ବୃଦ୍ଧି କରିବାକୁ ଦାବି କରାଯାଇଥିଲା। ପରେ ଆବାହକ ଭୁବନାନନ୍ଦ ମହାନ୍ତିଙ୍କ ଦ୍ୱାରା ସ୍ମାରକ ପତ୍ର ପଠନ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ସୁବାଷ ଚନ୍ଦ୍ର ସେଠିଆଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚିତ୍ରଭାନୁ ବେହେରା, ସୁଧୀର ବେହେରା, ସରୋଜ ରଣା, କମଳ ଅଗ୍ରୱାଲ, ଅଶ୍ୱିନୀ ପୁଟା, ମନୋଜ ପଟ୍ଟନାୟକ, ଶୁକଦେବ ମହାନ୍ତି, ସୁକାନ୍ତ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟ ଛାତ୍ରୀମାନେ ଦେଶ ସୁରକ୍ଷାରେ ନିୟୋଜିତ ଥିବା ଯବାନମାନଙ୍କ ପାଖକୁ ରାଖୀ ପଠାଉଛନ୍ତି ।



ବଲାଙ୍ଗୀର ରୁଗୁଡିପଡା ମାଛ ବଜାର ନିକଟ ରାସ୍ତା ଉପରେ ଦୀର୍ଘ ଏକ ମାସ ଧରି ପଡିରହିଥିବା ଏକ ଅଜଣା ମାରୁତି କାରକୁ ଟାଉନ୍ ପୋଲିସ ଯାଞ୍ଚ କରିବା ପରେ ଥାନାକୁ ନେଇଛନ୍ତି । (ଫଟୋ: ସୁନୀଲ)

କ୍ଷତିପୂରଣ ନ ଦେଇ କ୍ଷେତରେ ରାସ୍ତା ତିଆରିକୁ ବିରୋଧ

# ଗଛ ପକାଇ ଚାଷୀଙ୍କ ରାସ୍ତାରୋକୋ

**ଖପ୍ରାଖୋଲ ୨୪।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବାଘମୁଣ୍ଡଠାରୁ ଲୁହୁରେଟ ରାସ୍ତାରେ ପୋଲ ଓ ରାସ୍ତା ନିର୍ମାଣ ଚାଲିଛି। ରାସ୍ତା ପାଇଁ ଆବଶ୍ୟକ ହେଉଛି ଜମି। ହେଲେ ଚାଷୀଙ୍କୁ କ୍ଷତିପୂରଣ ନ ଦେଇ ଚାଷ ଜମି ଉପରେ ରାସ୍ତା ନିର୍ମାଣକୁ ବିରୋଧ ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନେ ଶୁକ୍ରବାର ରାସ୍ତା ଉପରେ ମାଟି ହାଣିବା ସହ ଗଛ ପକାଇ ପ୍ରତିବାଦ କରିଛନ୍ତି। ରାସ୍ତାକାମ ଗତ ବର୍ଷରୁ ଆରମ୍ଭ ହୋଇଥିବା ବେଳେ ଆଜି ଯାଏଁ ଚାଷୀଙ୍କୁ କ୍ଷତିପୂରଣ ମିଳିନାହିଁ। ଗ୍ରାମ୍ୟଉନ୍ନୟନ ବିଭାଗ ତରଫରୁ ଚାଲିଥିବା ଶୁକତେଲ ନଦୀରେ ବିଜୁ ସେତୁ ଯୋଜନା ପୋଲ ଓ ରାସ୍ତା କାମ ଚାଲିଛି। ଏହି କାମରେ ବାଘମୁଣ୍ଡ ଗାଁର ହୃଷିକେଶ ବରିହା, ଥବୀର ବରିହା, ଭକ୍ତପ୍ରସାଦ ବରିହା ଏବଂ ଦିବାକର ବରିହାଙ୍କ ମୋଟ ୧ଏକର ୧୨ଡିସିମିଲ ଜମି ରାସ୍ତା ନିର୍ମାଣ ପାଇଁ ଦଖଲ କରାଯାଇଛି। ସେହିପରି ଲୁହୁରେଟ ଗାଁର ଫାଲଗୁନି ସାହୁଙ୍କ ୪୨ଡିସିମିଲ ଓ ଲାଲସାହେବ ସାହୁ ଏବଂ ହେମସାଗର ସାହୁଙ୍କ ୩୬ଡିସିମିଲ ଚାଷ ଜମି ଦଖଲ ହୋଇ ରାସ୍ତା ନିର୍ମାଣ ହୋଇଛି। କାମ ଆରମ୍ଭରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ବାବଦ ଟଙ୍କା ଦେବାପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରତିଶ୍ରୁତି ଦେଇଥିଲା। ହେଲେ ଆଜିଯାଏଁ ଟଙ୍କା ନ ମିଳିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଖବର ପାଇ ଖପ୍ରାଖୋଲ ତହସିଲଦାର ମୋତିଲାଲ ସୁଲିଆ, ଲରମ୍ବା ଥାନା ଅଧିକାରୀ କିଶୋର ପ୍ରଧାନ, ଜିଲା ପରିଷଦ ସଭ୍ୟା ଜୋସ୍ନାମୟୀ ସାହୁ, ରବି ସାହୁ ପ୍ରମୁଖ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କୁ ବୁଝାସୁଝା କରିଥିଲେ। ୧୫ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ତହସିଲଦାର ପ୍ରତିଶ୍ରୁତି ଦେଲା ପରେ ଚାଷୀମାନେ ଶାନ୍ତ ପଡିଥିଲେ। ଏ ସମ୍ପର୍କରେ ପାଟଣଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ତପନ କୁମାର ବେହେରାଙ୍କୁ ପଚାରିବାରୁ ଜମି ଅଧିଗ୍ରହଣ ପାଇଁ ଜମି ସତ୍ୱ ସମ୍ପର୍କିତ ପ୍ରମାଣପତ୍ର ସକାଶେ ତହସିଲଦାରଙ୍କୁ କୁହାଯାଇଛି। ରିପୋର୍ଟ ମିଳିଲା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ବାବଦ ଟଙ୍କା ମିଳିବ ବୋଲି କହିଛନ୍ତି।



ଚାଷୀମାନେ ଗଛ ପକାଇ ରାସ୍ତା ଅବରୋଧ କରିଛନ୍ତି।

# ଚାଉଳବାଞ୍ଜିରେ ପହଞ୍ଚିଲେ ଡାକ୍ତରୀ ଦଳ

**ଖପ୍ରାଖୋଲ ୨୪।୮(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମହାରାପଦର ପଞ୍ଚାୟତ ଅନ୍ତର୍ଗତ ଚାଉଳବାଞ୍ଜି ଗାଁରେ ଅଜଣା ଜ୍ୱରରେ ୪୦ ଶିଶୁ ଆକ୍ରାନ୍ତ ସମ୍ପର୍କିତ ଖବର ପ୍ରସାରଣ ପରେ ଶୁକ୍ରବାର ଗାଁରେ ପହଞ୍ଚିଥିଲେ ଏକ ଡାକ୍ତରୀ ଦଳ। ଖପ୍ରାଖୋଲ ମେଡିକାଲ ଅଫିସର ଡା.ପ୍ରହଲାଦ ମେହେରଙ୍କ ନିର୍ଦ୍ଦେଶରେ ଡା. ମୀନତି ହେମ୍ବ୍ରମଙ୍କ ନେତୃତ୍ୱରେ ପହଞ୍ଚିଥିବା ଡାକ୍ତରୀ ଦଳ ଶିଶୁ ତଥା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ୮୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରେ ୩୦ଜଣଙ୍କୁ ଥଣ୍ଡା, ୨୪ଜଣଙ୍କୁ ଜ୍ୱର ହେଉଥିବା ବେଳେ ଅନ୍ୟମାନଙ୍କୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିକିତ୍ସା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଥଣ୍ଡା ଯୋଗୁଁ ଶିଶୁଙ୍କୁ ଜ୍ୱର ଲାଗିରହୁଥିବା ବେଳେ ସେପରି କୌଣସି ସମସ୍ୟା ନାହିଁ। ଶିଶୁଙ୍କୁ ବର୍ଷା ଦିନେ ଉପଯୁକ୍ତ ଯତ୍ନ ନେବାକୁ ଅଭିଭାବକଙ୍କୁ ଡାକ୍ତରୀ ଦଳ ପରାମର୍ଶ ଦେଇଥିଲା। ଏହି ଅବସରରେ ଫାର୍ମାଶିଷ୍ଟ ଶ୍ରୀଧର ନାଗ, ଏଏନଏମ ପ୍ରିୟଦର୍ଶିନୀ ଭୋଇ, ଦୀନବନ୍ଧୁ ବେହେରା, ସ୍ୱାସ୍ଥ୍ୟକର୍ମୀ ସୁଶିଳ କୁମାର ଭୋଇ, ଆଶାକର୍ମୀ ରାଜକୁମାରି ଧରୁଆ, ଅଙ୍ଗନବାଡି କର୍ମୀ ଜୟମତି ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, କିଛି ଦିନ ହେଲା ଜନ୍ମରୁ ୭ ବର୍ଷ ମଧ୍ୟରେ ଶିଶୁଙ୍କୁ ବାରମ୍ବାର ଜ୍ୱର ହେଉଥିବା ନେଇ ଅଭିଯୋଗ ହୋଇଥିଲା।



ଚାଉଳବାଞ୍ଜି ଗାଁରେ ଖପ୍ରାଖୋଲ ଡାକ୍ତରଖାନାର ଏକ ଟିମ୍ ଯାଇ ରୋଗୀଙ୍କ ପରୀକ୍ଷା କରୁଛନ୍ତି।

### ବିଦ୍ୟାଳୟ ସମୂହ କ୍ରୀଡା ସଂସଦ ବାର୍ଷିକ ବୈଠକ

**ବଲାଙ୍ଗୀର ଅଫିସ, ୨୪।୮**

ସ୍ଥାନୀୟ କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ବଲାଙ୍ଗୀର ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡା ସଂସଦର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେଢଗାଁ ହାଇସ୍କୁଲ ଖେଳ ଶିକ୍ଷକ ମଥାମଣି ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବଲାଙ୍ଗୀର ବଚ୍‌ପନ୍ ସ୍କୁଲର ଅଧ୍ୟକ୍ଷ ଅଜିତ ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସଂସଦ ସମ୍ପାଦକ ତଥା ଚନ୍ଦନଭାଟି ପଞ୍ଚାୟତ ହାଇସ୍କୁଲ ଖେଳ ଶିକ୍ଷକ ଚନ୍ଦ୍ରଶେଖର ମେହେର ବାର୍ଷିକ ବିବରଣୀ ପାଠ କରିବା ସହ ଗତବର୍ଷର ଖର୍ଚ୍ଚ ବୈଠକରେ ଉପସ୍ଥାପନ କରିଥିଲେ । ବୈଠକରେ ଚଳିତବର୍ଷର ଆୟବ୍ୟୟ ହିସାବ ଚିଠା ପ୍ରସ୍ତୁତ କରାଯାଇଥିଲା । ପ୍ରଫୁଲ୍ଲ ପ୍ରଧାନ ସ୍ୱାଗତ ବକ୍ତବ୍ୟ ଓ କସ୍ତୁରୀ ରଥ ସଭା ପରିଚାଳନା କରିଥିଲେ । ଆସନ୍ତା ୨୯ ତାରିଖରେ ବଲାଙ୍ଗୀର ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ବାଳିକା, ବାଳକ ୧୭ ବର୍ଷ ବର୍ଗର ଫୁଟବଲ ଖେଳ, ୩୦ ତାରିଖରେ ଚନ୍ଦନଭାଟି ହାଇସ୍କୁଲ ପଡିଆରେ ଉଭୟ ବାଳିକା ଓ ବାଳକ ୧୪ ଓ ୧୭ ବର୍ଷ ବର୍ଗର ଖୋଖୋ ଖେଳ ଏବଂ ୩୧ ତାରିଖରେ ଖୁଜେନ୍‌ପାଲି ବିଶ୍ୱାତ୍ମ ବିଦ୍ୟାମନ୍ଦିରଠାରେ ବାଳିକା, ବାଳକ ୧୪ ଓ ୧୭ ବର୍ଷ ବର୍ଗରେ କବାଡି ବ୍ଲକସ୍ତରୀୟ ଖେଳାଳୀ ଚୟନ କରାଯିବାକୁ ସ୍ଥିର କରାଯାଇଥିଲା । ସମସ୍ତ ଖେଳ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବ ବୋଲି କମିଟି ପକ୍ଷରୁ ସ୍ଥିର କରାଯାଇଛି।

# ଯଶ ମେଡିକାଲ ଷ୍ଟୋର ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୨୪।୮**

ଯଶ ମେଡିକାଲ ଷ୍ଟୋର ଶୁକ୍ରବାର ବଲାଙ୍ଗୀରଠାରେ ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀରାମ ପାଦୁକା ପ୍ରାଇଭେଟ ଲିମିଟେଡ ସତ୍ତ୍ୱାଧିକାରୀ ସୁଧାକର ମେହେର ଓ ଚନ୍ଦ୍ରାବତୀ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଡିକାଲ ଷ୍ଟୋରର ଶୁଭ ଉଦ୍‌ଘାଟନ କରିଥିଲେ। ଜନସାଧାରଣଙ୍କୁ ଉନ୍ନତମାନର ଔଷଧ ଯୋଗାଇ ଦେବା ଲକ୍ଷ୍ୟରେ ଯଶ ମେଡିକାଲ ଷ୍ଟୋରର ପରିକଳ୍ପନା କରାଯାଇଛି। ଏହାକୁ ବ୍ୟବସାୟ ସହ ସମାଜ ସେବାଭାବେ ଆମେ ଗ୍ରହଣ କରିଛୁ ବୋଲି ଷ୍ଟୋରର ସତ୍ତ୍ୱାଧିକାରୀ ସଚିନ୍ଦ୍ର ମେହେର ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡା.ଗୋବର୍ଦ୍ଧନ ମେହେର ସମ୍ମାନିତ ଅତିଥି ଥିଲେ। ସେହିପରି ଅଞ୍ଚଳର ଶିକ୍ଷୟିତ୍ରୀ,ଶିକ୍ଷକ ଓ ଜନସାଧାରଣ ସାମିଲ ଥିଲେ।



ଶୁକ୍ରବାର ବଲାଙ୍ଗୀରଠାରେ ଯଶ ମେଡିକାଲ ଷ୍ଟୋରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ସୋନଗଡ ନଦୀରେ ଆଡିବନ୍ଧ ନିର୍ମାଣ

# ବର୍ଷାରେ ଧୋଇଯାଉଛି ପଥରସୋଲିଂ

**ଦେଓଗାଁ,୨୪।୮(ଡି.ଏନ,ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲିରେ ଆଡିବନ୍ଧ ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହେଉଛି । ସାଲେପାଲି ନିକଟ ସୋନଗଡ ନଦୀପଠାରେ ଜିଲା ଜଳସେଚନ ବିଭାଗ ତରଫରୁ କରାଯାଇଥିବା ପଥରସୋଲିଂ କାର୍ଯ୍ୟ ନିମ୍ନ ମାନର କରାଯାଇଥିବାରୁ ବର୍ତ୍ତମାନ ବର୍ଷାପାଣିରେ ପଥରଗୁଡିକ ଖସି ମାଟି ଧସିଯାଉଥିବା ଅଭିଯୋଗ ହେଉଛି। ଫଳରେ ନଦୀକୂଳକୁ ଲାଗି ରହିଥିବା ଚାଷ ଜମିର ଭବିଷ୍ୟତକୁ ନେଇ ଚିନ୍ତାରେ ପଡିଛନ୍ତି ସ୍ଥାନୀୟ ଚାଷୀ । ସୂଚନାନୁସାରେ ୫/୬ ମାସ ତଳେ ସାଲେପାଲି ନିକଟସ୍ଥ ସୋନଗଡ ନଦୀ ବଅରାପିଟା ସ୍ଥଳରୁ ପୁରନ୍ଦର ପଧାନଙ୍କ ଚାଷ ଜମି ପର୍ଯ୍ୟନ୍ତ ନୂତନଭାବେ ଆଡିବନ୍ଧ କରି ପଥରସୋଲିଂ କାମ କରାଯାଇଥିଲା । ହାରାହାରି ୯୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କରାଯାଇଥିବା ଆଡିବନ୍ଧ ବା ପଥରସୋଲିଂ କାମ ନିମ୍ନମାନର କରାଯାଇଥିବାରୁ ବର୍ତ୍ତମାନ ନଦୀରେ ଆସୁଥିବା ପାଣିରେ କୂଳଖାଇ ଯାଇ ପଥର ଭୁଶୁଡିବାରେ ଲାଗିଛି । ଯଦ୍ୱାରା ଏହାକୁ ଲାଗି ରହିଥିବା ବଳରାମ ସାମଲ, ସଚ୍ଚିଦାନନ୍ଦ ପାଢ଼ି, ପୁରନ୍ଦର ପଧାନ ପ୍ରମୁଖଙ୍କ ୫ ଏକର ଜମି ନଷ୍ଟହେବା ନିଶ୍ଚିତ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିସହ ଉକ୍ତ କାର୍ଯ୍ୟ କରୁଥିବା ଠିକାଦାର ଆଡିବନ୍ଧ କାମ ଅଧାପନ୍ତରିଆ ଛାଡି ଦେଇଥିବା ଚାଷୀ ସଚ୍ଚିଦାନନ୍ଦ ପାଢୀ ଅଭିଯୋଗ କରିଛନ୍ତି। ଉକ୍ତ କାର୍ଯ୍ୟ ଉପରେ ଦୁର୍ନୀତି ନିବାରଣ ବିଭାଗ ହସ୍ତକ୍ଷେପ କରି ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରାଙ୍କୁ ଯୋଗାଯୋଗ କରିବାରୁ ମୁଁ ଅଭିଯୋଗ ପାଇ ନ ଥିଲି। ସହକାରୀ ଯନ୍ତ୍ରୀଙ୍କୁ ପଠାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ



ସାଲେପାଲି ନିକଟସ୍ଥ ସୋନଗଡ ନଦୀକୂଳରେ ହୋଇଥିବା ପଥରସୋଲିଂ ପାଣି ମାଡି ଧସିଯାଉଛି ।

- ନଦୀକୂଳ ଚାଷ ଜମି କ୍ଷତିଗ୍ରସ୍ତ ଆଶଙ୍କାରେ ଚାଷୀ
- ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ

## ସଂକ୍ଷେପରେ



### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୋକସରା,୨୪।୮(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଟେମରା ପଞ୍ଚାୟତ ହଂସପଡା ଗ୍ରାମର ବିଦ୍ୟାଧର ହଂସ (୪୦) ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ କୋକସରା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁସାରେ ବିଦ୍ୟାଧର ଶୁକ୍ରବାର ଭୋର ସକାଳେ ମହିମା ଡୋଙ୍ଗରି ପାଖରେ ଥିବା ନିଜ ଚାଷ ଜମିକୁ ଯାଉଥିଲେ । ଏହି ସମୟରେ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ଭାଗ୍ୟବଶତଃ କୌଣସି ମତେ ଭାଲୁ ହାବୁଡରୁ ରକ୍ଷା ପାଇଥିଲେ । ଖବର ପାଇ ମଧ ବନବିଭାଗର କୌଣସି କର୍ମଚାରୀ ଆସି ନ ଥିବା ବେଳେ କ୍ଷତି ପୂରଣ ପାଇଁ ପରିବାର ଦାବି କରିଛନ୍ତି ।



### ଚଣ୍ଡୀ ମନ୍ଦିରରୁ ମୂର୍ତ୍ତି ଚୋରି

ଜୁନାଗଡ,୨୪।୮(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଥିବା ଚଣ୍ଡୀ ମନ୍ଦିରରୁ ଶୁକ୍ରବାର କେହି ଦୁର୍ବୃତ୍ତ ଚଣ୍ଡୀ ମୂର୍ତ୍ତି ଚୋରି କରିନେଇଥିବା ଜଣାପଡିଛି। ମନ୍ଦିର କର୍ତ୍ତୃପକ୍ଷ ମନ୍ଦିର ଭିତରକୁ ପଶିଲା ବେଳେ ସିଂହାସନରେ ଚଣ୍ଡୀ ମୂର୍ତ୍ତି ନ ଥିବା ଦେଖିବାକୁ ପାଇଥିଲେ। ଫଳରେ ଏହାକୁ କେହି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏହି ମୂର୍ତ୍ତିଟି ପ୍ରାଚୀନ ହୋଇଥିବା ବେଳେ ଏହାକୁ ସିଂହାସନରେ ବସାଯାଇଥିଲା।

# ବନ୍ୟାକ୍ଲିଷ୍ଟ କେରଳରୁ ଫେରିଲେ ୩ ଶ୍ରମିକ

ବଲାଙ୍ଗୀର ଅଫିସ, ୨୪।୮

ଶତାବ୍ଦୀର ମହାପ୍ରଳୟଙ୍କାରୀ ବନ୍ୟାକ୍ଲିଷ୍ଟ କେରଳରୁ ଶୁକ୍ରବାର ବଲାଙ୍ଗୀର ଫେରିଛନ୍ତି ୩ ଶ୍ରମିକ । ସେମାନେ ହେଲେ ବଲାଙ୍ଗୀର ଲକ୍ଷ୍ମୀଯୋରପଡାର ଶଙ୍କର କୁମ୍ଭାର, ଟିଟିଲାଗଡ ଭାଟିପଡାର କୁନୁ ମାଝି ଓ କଳାହାଣ୍ଡି ଜିଲା ଦେପୁର ଗାଁର ବିଶିକେଶନ ମାଝି । ଦୀର୍ଘ ୨୦ଦିନ ଧରି ଏମାନେ କେରଳରେ ଜଳବନ୍ଦୀ ଭାବେ ଅକଥନୀୟ ଦୁର୍ଦ୍ଦଶା ଭୋଗିଥିବା ସୂଚନା ଦେଇଛନ୍ତି । ବଲାଙ୍ଗୀରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ତରଫରୁ ଆର୍ଥିକ ସହାୟତା ପଠାଇବା ପରେଏହି ୩ ଜଣ ଶ୍ରମିକ ଶୁକ୍ରବାର ଏଡାକୁ ଫେରିଛନ୍ତି । ଏ ସଂକ୍ରାନ୍ତରେ ବଲାଙ୍ଗୀର ଶ୍ରମିକ ମଙ୍ଗଳ ଭବନଠାରେ ଫାଉଣ୍ଡେସନ୍‌ର ସୋମନାଥ ମିଶ୍ର, ବିବେକାନନ୍ଦ ପଟେଲ ସୂଚନା ଦେଇଛନ୍ତି । ଦୀର୍ଘ ୧୦ ବର୍ଷ ହେଲା ଶ୍ରମିକ ଭାବେ ଶଙ୍କର କୁମ୍ଭାର କେରଳର କୋଟ୍ଟୟାମ୍ ଜିଲାର କାନମ୍‌ଠାରେ ଥିବା ଏକ କମ୍ପାନୀରେ ୱେଲଡିଂ କାମ କରୁଥିଲେ । ସେହି ଜିଲାର ଆଡେଇପାରାଠାରେ ଥିବା ଏକ ରବର କମ୍ପାନୀରେ ଶ୍ରମିକ କୁନୁ ମାଝି ଓ ବିଶିକେଶନ ମାଝି କାମ କରୁଥିଲେ । ଭୟଙ୍କର ବର୍ଷା ଓ ବନ୍ୟା ପରେ ସେମାନେ ପାହାଡ ଉପର ଏକ ସ୍ଥାନରେ ଅଟକି ରହିଥିଲେ । ସେହି ସ୍ଥାନକୁ କୌଣସି ପ୍ରକାର ଖାଦ୍ୟ ସାମଗ୍ରୀ ପହଞ୍ଚି ପାର ନ ଥିଲା । ବର୍ଷା ପାଣି କମିଯିବା ପରେ ସେମାନେ ତଳକୁ ଓହ୍ଲାଇ ସେମାନେ ରହୁଥିବା ସ୍ଥାନକୁ ଫେରି ଦେଖିବାବେଳେ ସମସ୍ତ ସାମଗ୍ରୀ ପାଣିରେ ବୁଡି ନଷ୍ଟ ହୋଇଯାଇଥିଲା । ବନ୍ୟା ଯୋଗୁଁ କମ୍ପାନୀମାନେ ମଧ ଭୀଷଣ ଭାବେ କ୍ଷତିରେ ପଡିଥିଲେ । ଫଳରେ କୌଣସି କାମ ନ ହେବାରୁ ସେମାନେ ମଜୁରି ମଧ ପାଇ ନ ଥିଲେ । ଟଙ୍କା ଅଭାବରୁ ଘରକୁ ଫେରିବା ବଡ କଷ୍ଟକର ହୋଇପଡିଥିଲା । ବଲାଙ୍ଗୀରର ଶ୍ରମିକ ଶଙ୍କର କୌଣସି ମତେ ସେଠାରୁ ଆର୍ଥିକ ସହାୟତା ପାଇଁ ବିଙ୍ଗ୍ ହ୍ୟୁମାନ୍ ସଂଗଠନ ସଦସ୍ୟଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ । ଏହାପରେ ଏହି ସଂଗଠନ ପକ୍ଷରୁ ୫ ହଜାର ଟଙ୍କା ଶଙ୍କରଙ୍କ ବ୍ୟାଙ୍କ ଆକାଉଣ୍ଟରେ ପଠାଇବା ପରେ ୩ ଓଡିଆ ଶ୍ରମିକ ଗତ ୩ ଦିନ ଧରି ବିଭିନ୍ନ ଟ୍ରେନ୍‌ରେ ଆସି ଶୁକ୍ରବାର ବଲାଙ୍ଗୀରରେ ପହଞ୍ଚିଥିଲେ । ସେଠାରୁ ଫେରିଥିବା ତିନି ଶ୍ରମିକ କେରଳ ବନ୍ୟାର ବିଭୀଷିକା ସମ୍ପର୍କରେ ସୂଚନା ଦେଇ ସୌଭାଗ୍ୟକ୍ରମେ ବଞ୍ଚିଯାଇଥିବା ସୂଚନା ଦେଇଥିଲେ ।



କେରଳରୁ ଫେରିଥିବା ତିନି ଶ୍ରମିକ ।

# ଜରାସିଂହା କଲେଜରେ ସ୍ୱାଗତ ସମାରୋହ

ଦେଓଗାଁ,୨୪।୮(ଡି.ଏନ.ଏ.)

ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତଦୁଇ କଲେଜରେ ଶୁକ୍ରବାର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବିମଳ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି ଉମା ଶଙ୍କର ସିଂ ଯୋଗଦେଇଥିଲେ। ବିଦ୍ୟାର୍ଥୀ ମାନଙ୍କ ପରିଭାଷା ଓ ତାଙ୍କ କର୍ତ୍ତବ୍ୟ ଉପରେ ସେ ମାର୍ଗ ଦର୍ଶନ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁସୂୟା ସାମଲ ଓ ହରିଶ୍ଚନ୍ଦ୍ର ପଶାୟତ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ଅଧ୍ୟାପକ ଧୋବାଇ ଚରଣ ପଟେଲ, ବସନ୍ତ କୁମାର ମନହିରା, ଅଚ୍ୟୁତରାମ ମେହେର, ଦୁର୍ବାଦଳ ଘିଭେଲା ନିଜ ନିଜ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଶୁଭଶ୍ରୀ ସାହୁ, ସୁନିତା ମେହେର, ଅଧ୍ୟାପକ ବସୁଦେବ ମେହେର, ବାଳ ଶଙ୍କର ମେହେର, ପ୍ରଶାନ୍ତ କୁମାର ଥନାପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ତପସ୍ୱିନୀ ମେହେରଧନ୍ୟବାଦଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଜରାସିଂହା କଲେଜରେ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଚାଲିଛି ।

# ଜନପ୍ରତିନିଧି, ବ୍ଲକ ପ୍ରଶାସନର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ଲାଞ୍ଜିଗଡ଼,୨୪।୮(ଡି.ଏନ.ଏ.)

ଏଥର ଲଘୁଚାପ ଜନିତ ବର୍ଷାରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଲଗାଣ ବର୍ଷାରେ ଚାଷବାସ ସହ ବ୍ଲକର ଘାଟି ଅଞ୍ଚଳରେ ରାସ୍ତା କଟି ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଯୋଗାଯୋଗ ବିଚ୍ଛିନ୍ନ ମାଳିଯୁବାଙ୍ଗ, ବିଜେପୁର ଓ ପାହାଡପଦର ପଞ୍ଚାୟତ କ୍ଷତିଗ୍ରସ୍ତ ଅଞ୍ଚଳକୁ ବିଧାୟକ ବଳଭଦ୍ର ମାଝି, ବ୍ଲକ ଅଧକ୍ଷ ଇଂ. ଫକୀର ମୋହନ ମାଝି, ପ୍ରଶାସନ ପକ୍ଷରୁ ବିଡିଓ ବାସୁଦେବ ନାୟକ, ଏବିଡିଓ ବିଭୂତିଭୂଷଣ ଶତପଥୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ବୁଲି ଦେଖିଛନ୍ତି । ଏଥିସହ କ୍ଷୟକ୍ଷତି ତାଲିକା ପ୍ରସ୍ତୁତ କରିବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ ତଥା କୃଷି ବିଭାଗ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲଗାଣ ବର୍ଷା ଯୋଗୁ ମାଳିଯୁବାଙ୍ଗ ପଞ୍ଚାୟତ ବଙ୍କାକୁଣ୍ଡୁଠାରୁ ପୁଇଗୁଡା ରାସ୍ତା ନଷ୍ଟ ହୋଇଯାଇଥିବା ବେଳେ ଏଥି ଯୋଗୁ କେନ୍ଦୁପେଟ୍, ଭେଜରାଂ, ଦୁରପଦର, ଚାଚାଗାଁ, ଇଦରୂପା, ଥୁଆଗୁଡା, ଘୁମେର, ସାଇମସ୍କା, ଟୁରିସିମେଲ, ପିଟସାର ଓ ସର୍ଗିଗୁଡା ଆଦି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡିଛନ୍ତି । ସେହିପରି ବଙ୍କାକୁଣ୍ଡୁ-ମାଣ୍ଡିପିଟା ଓ ପୋଖେର ରାସ୍ତାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ନିର୍ମାଣାଧୀନ ପୋଖେର-ଦନାରଗୁଡା ପ୍ରଧାନମନ୍ତ୍ରୀ ରାସ୍ତା ମଧ ବ୍ୟାପକ କ୍ଷୟକ୍ଷତି ହୋଇଛି । ସେହିପରି ପାହାଡପଦର, ବିଜେପୁର ଓ ମାଳିଯୁବାଙ୍ଗ ପଞ୍ଚାୟତ ଶହଶହ ଏକର ଜମି ବାଲିଚର ପାଲଟିଥିବାବେଳେ ଶତାଧିକ ଏକର ଜମିର କପାଚାଷ ନଷ୍ଟ ହୋଇଛି । ବିଧାୟକ ଓ ବ୍ଲକ ପଦାଧିକାରୀ ନିରୀକ୍ଷଣ ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଜିଲା ପ୍ରଶାସନ ସହ ଆଲୋଚନା କରି କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ନିର୍ମାଣ ଓ ମରାମତି ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।



ଅଧିକାରୀମାନେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ବାହାନା

# ମଧ୍ୟାହ୍ନଭୋଜନ ପରେ ସ୍କୁଲ ଛୁଟି

ଜୁନାଗଡ,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବକ୍ସିତୁଳସୀପାଲି ଅପଗ୍ରେଡ ହାଇସ୍କୁଲ ଶୁକ୍ରବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ବାହାନାରେ ମଧ୍ୟାହ୍ନ ଭୋଜନ ପରେ ସ୍କୁଲ ଛୁଟି ହୋଇଯାଇଥିବା ଛାତ୍ରୀଛାତ୍ର, ଗ୍ରାମବାସୀଙ୍କଠୁ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବକ୍ସିତୁଳସୀପାଲି ଅପଗ୍ରେଡ ହାଇସ୍କୁଲରେ ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଥିଲା। ଏହି ବାହାନାରେ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପରେ ଛୁଟି କରି ଦିଆଯାଇଥିଲା। ତେବେ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ କେବଳ ହାତଗଣତିକିଛି ଲୋକ ଯୋଗଦେଇଥିଲେ। ଫଳରେ ଏହି କାର୍ଯ୍ୟକ୍ରମଟିକୁ ବାତିଲ କରାଯାଇଥିଲା। ପରେ ସ୍କୁଲରେ ତାଲା ପକାଇ ଦିନ ୨ଟା ପରେ ଶିକ୍ଷକମାନେ ଚାଲିଯାଇଥିଲେ। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନଞ୍ଜୟ ପାଢୀଙ୍କୁ ପଚାରିବାରୁ ମୋ ସ୍କୁଲ କାର୍ଯ୍ୟକ୍ରମ ଥିବାରୁ ମଧ୍ୟାହ୍ନ ଭୋଜନ ପରେ ଛାତ୍ରୀଛାତ୍ରଙ୍କୁ ଛୁଟି କରାଯାଇଥିଲା। ମୋ ସ୍କୁଲ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଡକାଯାଇଥିଲା । କେବଳ ୨/୪ଜଣ ଆସିଥିଲେ ବୋଲି କହିଥିଲେ। ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ କରାଗଲେ ବି ଅପରାହ୍ନ ୪ଟା ଯାଏଁ ଛାତ୍ରୀଛାତ୍ର, ଶିକ୍ଷକମାନେ ରହିବାର କଥା, ଏ ବିଷୟରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

**FINANCE**
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

Get Instant Cash Against Gold
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN FOR 2018-20
**B.Ed**
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**FINANCE**
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
7347695603
8941029381

**SRI RAM FINANCE LTD.**
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ । ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି ।
Help Line No.
8658665629
7894259095
finance0102018@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

GET INSTANT CASH AGAINST GOLD
**Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750


9911436726, 8750311430

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍—୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍। ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
**OM FINANCE**
9557124359
7895699233

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/-ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି । କଲ୍ କରନ୍ତୁ SAMIR MONAL
07363008993
07363008928



ଅନ୍ତର ଭିତରେ ପ୍ରସନ୍ନତା ଅଛି କି ନାହିଁ,
ତାହା ଚେହେରାରୁ ଜଣାପଡ଼ିଯିବ।
- ଥୋମାସ୍ ବାର୍ଥୋଲିନ୍



## ସଂକ୍ଷେପରେ



### ହିମାଂଶୁ ଭୂଷଣ ନୂତନ ସିଡବ୍ଲ୍ୟୁସି ଅଧ୍ୟକ୍ଷ

**ସୋନପୁର,୨୪।୮(ନି.ପ୍ର.):** ବରିଷ୍ଠ ଆଇନଜୀବୀ ହିମାଂଶୁ ଭୂଷଣ ନାୟକ ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲ୍ୟୁସି)ର ଅଧକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ନଂ ୧୪୫୨୦/୨୩।୮।୧୮ ଅନୁସାରେ ନାୟକଙ୍କୁ ଏହି ନୂତନ ନିଯୁକ୍ତି ମିଳିଛି। ସେହିପରି କମିଟି ସଭ୍ୟଭାବେ ବରିଷ୍ଠ ଆଇନଜୀବୀ ମଧୁସୂଦନ ପ୍ରଧାନ, ବରୁଣ କୁମାର ମହାନ୍ତି ଓ ଦିଲ୍ଲିପ କୁମାର ମୁଖିଙ୍କୁ ନିଆଯାଇଛି । ଶିଶୁ ଯତ୍ନ ଓ ସୁରକ୍ଷା ଦିଗରେ ଏହି କମିଟି କାର୍ଯ୍ୟ କରିବ ବୋଲି ନବ ନିଯୁକ୍ତ ଅଧକ୍ଷ ନାୟକ କହିଛନ୍ତି।

### କୁଳଦୀପ ନାୟାରଙ୍କ ବିୟୋଗରେ ଶୋକସଭା

**ବୌଦ୍ଧ,୨୪।୮(ସ୍ୱ.ପ୍ର):** ବରିଷ୍ଠ ସାମ୍ବାଦିକ କୁଳଦୀପ ନାୟାରଙ୍କ ବିୟୋଗରେ ବୌଦ୍ଧ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶୋକ ପ୍ରକଟ କରାଯାଇଛି । ସଭାପତି ସମ୍ପଦ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ସଂଘ ଅଫିସ୍‌ରେ ଅନୁଷ୍ଠିତ ଶୋକ ସଭାରେ ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ସ୍ୱର୍ଗତ ନାୟାରଙ୍କ ଅମରଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ପରେ ରବିନ୍ଦ୍ର କୁମାର ରାଉତ, ମନୋରଞ୍ଜନ ଦାଶ, ଦେବାଶିଷ ପୁରୋହିତ ପ୍ରମୁଖ ସ୍ୱର୍ଗତ ନାୟାରଙ୍କ ବଳିଷ୍ଠ ଲେଖନୀ ଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ସହସମ୍ପାଦକ ଅଜିତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଥୁଆମୂଳ ରାମପୁରରେ ଝାଡ଼ାବାନ୍ତି, ୩ ଆକ୍ରାନ୍ତ

**ଭବାନୀପାଟଣା,୨୪।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ପୁଣି ଝାଡାବାନ୍ତି ରୋଗ ବ୍ୟାପିଛି। ଏହି ରୋଗରେ ଏବେ ବ୍ଲକ୍‌ର କାଣିଗୁମା ଗାଁର କୌଶଲ୍ୟା ମାଝି (୩୦), ବାଗଡିଆଣି ପଞ୍ଚାୟତ କୁମାରକାନି ଗାଁର ହରିଶ୍ଚନ୍ଦ୍ର ଛତ୍ରିଆ (୪୦) ଓ ଗୁଣପୁର ପଞ୍ଚାୟତ ବାଲିସରା ଗ୍ରାମର ସୁରେନ୍ଦ୍ରେ ଚଲାନ (୧୮) ଆକ୍ରାନ୍ତ ହୋଇଛନ୍ତି । ଗୁରୁବାର ସେମାନଙ୍କୁ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି । ପ୍ରକାଶ ଯେ, ଗତ ୧୪ ତାରିଖରେ ତେନ୍ତୁଲିପଦର ଗ୍ରାମର କାଳିଆ ମାଝି ଓ ସେମେଲପଦର ଗାଁର ବିଜୟ ମାଝିଙ୍କ ଝାଡାବାନ୍ତିରେ ମୃତ୍ୟୁ ହୋଇଥିଲା । ୧୦ରୁ ଅଧିକ ଆକ୍ରାନ୍ତ ହୋଇଥିଲେ । ଏ ନେଇ ଥୁଆମୂଳ ରାମପୁର ମୁଖ୍ୟଚିକିତ୍ସା ଅଧିକାରୀ ଡା.ଅବିନାଶ ତିର୍କୀଙ୍କୁ ପଚାରିବାରୁ ଆମର ଦୁଇଟି ମେଡିକାଲ ଟିମ ବିଭିନ୍ନ ଅଞ୍ଚଳ ଯାଇଛନ୍ତି । ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଆମର ପାଖରେ ଖବର ପହଞ୍ଚି ପାରୁନାହିଁ ।

### ସାଧାରଣ ନିର୍ବାଚନ ପାଇଁ ଇଭିଏମ୍ କଳାହାଣ୍ଡିରେ ପହଞ୍ଚିଲା

**ଭବାନୀପାଟଣା,୨୪।୮(ଡି.ଏନ.ଏ.):** ୨୦୧୯ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଜାତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ କାଳାହାଣ୍ଡି ଜିଲା ଲୋକ ସଭା ଏବଂ ୫ଟି ବିଧାନ ସଭା ନିର୍ବାଚନ ପାଇଁ ଇଭିଏମ୍ (୩୪୯୦ ବେଲଟ୍ ୟୁନିଟ୍ ଏବଂ ୩୪୭୯ଟି କଣ୍ଟ୍ରୋଲ ୟୁନିଟ୍) ୮ଟି କଣ୍ଟେନର ଗାଡିରେ ଭବାନୀପାଟଣାରେ ଆସି ପହଞ୍ଚିଛି । ଏହାକୁ କଡା ସୁରକ୍ଷା ମଧ୍ୟରେ ସ୍ଥାନୀୟ ଆରଏମସି ଗୋଦାମରେ ସୁରକ୍ଷିତ ଭାବେ ରଖାଯାଛି । ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଇଭିଏମ୍ ଟ୍ରେନ ଯୋଗ ଝାରସୁଗୁଡା ଆସିଥିଲା । ସେଠାରୁ କଡା ସୁରକ୍ଷା ଓ ସିଲ କରାଯାଇ ୮ଟି କଣ୍ଟେନର ଗାଡିରେ କାଳାହାଣ୍ଡି ଜିଲାର ଲୋକ ସଭା ଏବଂ ୫ଟି ବିଧାନସା ନିର୍ବାଚନ ପରିଚାଳନା କରିବା ପାଇଁ ଇଭିଏମ୍ ଭବାନୀପାଟଣାକୁ ପଠାଯାଇଛି । ଏହି ୮ଟି କଣ୍ଟେନର ଗାଡି ବେଲଟ୍ ୟୁନିଟ୍ ଓ କଣ୍ଟ୍ରୋଲ ୟୁନିଟ୍ ଭବାନୀପାଟଣାର ଆରଏମସି ଗୋଦାମରେ ପହଞ୍ଚିବା ପରେ କଳାହାଣ୍ଡି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଗାଭିଲ ପରାଗ ହର୍ଷଦ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟୋପୋ, ନିର୍ବାଚନ ଅଧିକାରୀ ରୁକ୍ମଣ ମେହେର ଏବଂ ଜିଲା ନିର୍ବାଚନ କାର୍ଯ୍ୟାଳୟ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ।

ଆସିଲେନି ବୀମା କମ୍ପାନୀ, ଜିଲାସ୍ତରୀୟ ଅଧିକାରୀ

# ପ୍ରଶାସନ ସହ ତୃତୀୟ ବୈଠକ ବିଫଳ

**ଟିଟିଲାଗଡ଼, ୨୪।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡର ଚାଷୀ ବୀମା ରାଶିରୁ ବଞ୍ଚିତ ହେବା ନେଇ ଶୁକ୍ରବାର ପ୍ରଶାସନ ସହ ତୃତୀୟ ବୈଠକ ମଧ୍ୟ ବିଫଳ ହୋଇଛି। ଏ ନେଇ ଚାଷୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଟିଟିଲାଗଡ ଉପଜିଲାପାଳଙ୍କ ଦ୍ୱାରା ଆହୂତ ବୈଠକକୁ ବୀମା କମ୍ପାନୀ ଏବଂ ଜିଲାସ୍ତରୀୟ ଅଧିକାରୀ ନ ଆସିବାରୁ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ। ଉପଜିଲାପାଳଙ୍କ ପ୍ରକୋଷ୍ଠରେ ବୈଠକ ଚାଲିଥିବା ବେଳେ ବାହାରେ ଶତାଧିକ ଚାଷୀ ଠୁଳ ହୋଇଥିଲେ । ହେଲେ ଚାଷୀଙ୍କ ୨୦୧୬ ଏବଂ ୨୦୧୭ ଖରିଫ ବୀମା ରାଶି ନେଇ କୌଣସି ଫଳାଫଳ ବାହାରି ପାରିଲାନି। ତେବେ ବୈଠକକୁ ନିମନ୍ତ୍ରିତ ଜିଲା ପ୍ଲାନିଙ୍ଗ ଏଣ୍ଡ ମନିଟରିଂ ୟୁନିଟର ଅଧିକାରୀ ଏବଂ ଚୋଲାମଣ୍ଡଳ ଏବଂ ରିଲାଏନ୍ସ ବୀମା କମ୍ପାନୀର କେହି ମଧ୍ୟ ନ ଆସିବାରୁ ବୈଠକ ବିଫଳ ହୋଇଥିବା ଜଣାଯାଇଛି। ଚାଷୀ ସମସ୍ୟା ନେଇ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକକୁ ସରକାରୀ ଅଧିକାରୀଙ୍କ ସହ ବୀମା କମ୍ପାନୀ ଅବହେଳା କରିବା ଚରମ ଉପହାସ ବୋଲି ଚାଷୀ ନେତା ବିକ୍ଷୋଦ୍‌ଗାର କରିଛନ୍ତି। ବୈଠକରେ ଉପଜିଲାପାଳ ସୁଧାକର ନାୟକଙ୍କ ସମେତ ଜିଲା ସମବାୟ ସମିତି ସମୂହ ନିବନ୍ଧକ ବଙ୍କିମଚନ୍ଦ୍ର ମୁଣ୍ଡ, ଟିଟିଲାଗଡ କୃଷି ଜିଲା ଅଧିକାରୀ ବାଲକୃଷ୍ଣ ଗୌଡ, ଟିଟିଲାଗଡ ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ଅତିରିକ୍ତ ତହସିଲଦାର ନରେନ୍ଦ୍ର ପ୍ରଧାନ, ସଇଁନ୍ତଲା ତହସିଲଦାର ସ୍ୱଦୀପ ଟପୋ, ମୁରିବାହାଲ ତହସିଲଦାର ଜୟେନ୍ଦ୍ର ସେଠୀ, କନ୍ଧାବାଞ୍ଜି ଅତିରିକ୍ତ ତହସିଲଦାର ରତନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କ ୨୦୧୬ ଏବଂ ୨୦୧୭ ଖରିଫର ବୀମା ରାଶି ନ ମିଳିବା ନେଇ କୌଣସି ଜବାବ ରଖିପାରି ନ ଥିଲେ। ଚାଷୀ ନେତା ରାଜୁ ନାଏକ, ବାଲକୃଷ୍ଣ ଷାଣ୍ଢ, ଜିତୁ ସାହୁ, ସତ୍ୟନାରାୟଣ ପଣ୍ଡା, ଜିଲା ଚାଷୀ ମୂଳିଆ ସଂଘ ସଭାପତି ପ୍ରେମ ଭୋଇ, ଜିଲା ଆଇଏନଟିୟୁସି ସଭାପତି କୃଷ୍ଣଚନ୍ଦ୍ର ସାହୁ, ଘିନୁ ଆଡଯୁଆଡ, ପିତାମ୍ବର ବେହେରା, ଜ୍ୟୋତି ପ୍ରସାଦ ସାହୁ, ନଗର କଂଗ୍ରେସ ସଭାପତି ପ୍ରଭାସ ବହିଦାର, ବ୍ଲକ କଂଗ୍ରେସ ସଭାପତି ତୁଳସି ସାହୁ, ନଗର ଭାଜପା ସଭାପତି ଚେୟାରମେନ ବାଗ, ଆଲୋକ ନାୟକ, ଶିବ ବିଶି, ଉତ୍ତମ ପଟେଲ, ଜିଲା ପରିଷଦ ସଭ୍ୟ ଶଙ୍କର ଛୁରା, ଉଦ୍ଧବ ବେହେରା ପ୍ରମୁଖ ଯୋଗଦେଇ ଅଧିକାରୀଙ୍କ ସହ ଆଲୋଚନା ପରେ ନିରାଶ ହୋଇ ଫେରିଥିଲେ। ଏନେଇ ବାହାରେ ଅପେକ୍ଷାରତ ଶତାଧିକ ଚାଷୀ ପ୍ରଶାସନକୁ ଦାୟୀ କରି ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି କହିଛନ୍ତି। ପୂର୍ବରୁ ଚାଷୀ ରାସ୍ତା ଅବରୋଧ ତଥା ଆମରଣ ଅନଶନ ଭଳି ଆନ୍ଦୋଳନ ନେଇ ଚଳିତ ମାସ ୭ ଏବଂ ୧୮ ତାରିଖରେ ଦୁଇଟି ପର୍ଯ୍ୟାୟରେ ଟିଟିଲାଗଡ ଉପଜିଲାପାଳ ତଥା ଅନ୍ୟ ଅଧିକାରୀ ଚାଷୀଙ୍କ ସହ ଆଲୋଚନା କରିଥିଲେ। ତେବେ ଏଥିରେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ନ ଥିଲା। ଅପରପକ୍ଷରେ ବୀମା କମ୍ପାନୀର ଚଞ୍ଚକତା ନେଇ ଶୁକ୍ରବାର ବଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂଦେଓ ଏବଂ ବିଧାୟିକା ଟୁକୁନି ସାହୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ଦପ୍ତରର ଅଧିକାରୀଙ୍କୁ ସାକ୍ଷାତ କରି ଅଭିଯୋଗ ପତ୍ର ପ୍ରଦାନ କରିଥିବା ଜଣାଯାଇଛି। ଚାଷୀଙ୍କୁ ତୁରନ୍ତ ବୀମା ରାଶି ପ୍ରଦାନ ନେଇ ସମ୍ପୃକ୍ତ ବୀମା କମ୍ପାନୀକୁ ତାଗିଦ୍ କରିବାକୁ ଉଭୟ ନେତା ଏଥିରେ ଅନୁରୋଧ କରିଥିବା ଜଣାଯାଇଛି। ଅପରପକ୍ଷରେ ଖୁବ୍‌ଶୀଘ୍ର ଏନେଇ ଏକ ବୈଠକ ଡାକି ସମସ୍ୟାର ତୁରନ୍ତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଦପ୍ତରରୁ ପ୍ରତିଶ୍ରୁତି ମିଳିଥିବା ଜଣାଯାଇଛି। ଉଭୟ ନେତାଙ୍କ ସାକ୍ଷାତ ସମୟରେ ଟିଟିଲାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର, ଗୋଲକ ବିହାରୀ ସିଂଭୋଇ, ନରେଶ ଅଗ୍ରୱାଲ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।

**ବୀମା ରାଶି ନ ପାଇ ଚାଷୀ ବାରଦୁଆର**



ଟିଟିଲାଗଡ ଉପଜିଲାପାଳଙ୍କ ସହିତ ଚାଷୀ ନେତାମାନେ ଆଲୋଚନା କରୁଛନ୍ତି।

## ଛାତ୍ରୀଙ୍କୁ ରାସ୍ତାରେ ଦୁର୍ବ୍ୟବହାର, ମାରପିଟ

**ଲୋଇସିଂହା, ୨୪।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳର ଜଣେ ଛାତ୍ରୀ ତାଙ୍କ ୨ସାଥୀଙ୍କ ସହ ସ୍ଥାନୀୟ ଏକ କଲେଜକୁ ପଢିବାକୁ ଯାଉଥିବା ବାଟରେ ଗୁରୁବାର ଜଣେ ଯୁବକଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଯୁବକଙ୍କ ଉଦ୍ଦଣ୍ଡ କାଣ୍ଡକୁ ନେଇ ଛାତ୍ରୀ ଜଣ ସାଙ୍ଗମାନଙ୍କ ସହ ଆସି ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ବାଟରେ ଗଲାବେଳେ ଖାରମୁଣ୍ଡା ଗ୍ରାମର ଉକ୍ତ ଯୁବକ ସେମାନଙ୍କୁ ଅଟକାଇ ମାରଧର କରିବା ସହ ଦୁର୍ବ୍ୟବହାର କରିଥିଲେ। ପରେ ସେମାନଙ୍କ ସାଇକେଲକୁ କଚାଡି ଦେଇଥିଲେ। ଏହି ଘଟଣା ପରେ ଛାତ୍ରୀମାନେ ଭୟଭୀତ ହୋଇ ଗାଁକୁ ଫେରି ଯାଇଥିଲେ । ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକଙ୍କ ବିରୋଧରେ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯୁବକଙ୍କ ମାରପିଟରେ ଖଣ୍ଡଆଖାବରା ହୋଇଥିବା ଛାତ୍ରୀଙ୍କ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆଗକୁ ବଢାଇଛି ବୋଲି ଏଏସଆଇ ଆର୍ତ୍ତତ୍ରାଣ ସାହୁ ପ୍ରକାଶ କରିଛନ୍ତି।

## କେନ୍ଦ୍ର ସରକାର ବିରୋଧରେ ଯୁବ କଂଗ୍ରେସର ସଚେତନତା ଅଭିଯାନ

**ସୋନପୁର,୨୪।୮(ନି.ପ୍ର.)**

ମୋଦି ସରକାରଙ୍କ ବିରୋଧରେ ଜନସଚେତନତା ସୃଷ୍ଟି ପାଇଁ କଂଗ୍ରେସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହିକ୍ରମରେ ଯୁବ କଂଗ୍ରେସ ପକ୍ଷରୁ ସୋନପୁର ସହରର ବୁଢାରାଜା ଛକଠାରୁ ଶୁକ୍ରବାର ପୋଷ୍ଟର ମରା ଅଭିଯାନ ଆରମ୍ଭ ହୋଇଥିଲା। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ସଭାପତି ସୁମିତ ପୂଜାହାରୀଙ୍କ ନେତୃତ୍ୱରେ ଦଳୀୟ କର୍ମୀ ପୋଷ୍ଟର ଲଗାଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ରାଫେଲ ଯୁଦ୍ଧ ବିମାନ କିଣିବାରେ ଦୁର୍ନୀତି ହୋଇଥିବା କଂଗ୍ରେସ ଅଭିଯୋଗ କରି ମୋଦି ସରକାରଙ୍କୁ ଟାର୍ଗେଟ୍ କରିଛି। ବିନା ଟେଣ୍ଡରରେ ଓ ପ୍ରକ୍ରିୟାକରଣରେ ଫାନ୍ସଠାରୁ କିଭଳି ଏହି ବିମାନ କିଣାଗଲା କଂଗ୍ରେସ ପ୍ରଶ୍ନ କରିଛି। ଶିଳ୍ପପତି ଅନୀଲ ଅମ୍ବାନୀଙ୍କ କମ୍ପାନୀକୁ ଫାଇଦା ଦିଆଯାଇଥିବା କଂଗ୍ରେସ ଅଭିଯୋଗ ଆଣିଛି। ଶୁକ୍ରବାର କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, ପିସିସି ସଭ୍ୟ ଗୌରିଶଙ୍କର ମହାପାତ୍ର, ମାଧବ କୁମ୍ଭାର, ସୁଧୀର ପଣ୍ଡା, ବରୁଣ ସୁନା, ଚନ୍ଦନ ଦେହୁରୀ, ଅଚ୍ୟୁତ ପୂଜାରୀ, ବିଶ୍ୱଜିତ ମିଶ୍ର, ଶେଷଦେବ ମେହେର, ନିମାଇଁ ପାଣିଗ୍ରାହୀ ଓ ଲକ୍ଷ୍ମଣ ପଶାୟତ ଉପସ୍ଥିତ ଥିଲେ।

## କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା କଲା ଯୁବକ ସଂଘ

**ରେଢାଖୋଲ/ଅମରପାଲି, ୨୪।୮(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଅନ୍ତର୍ଗତ ବଡମାଲରେ ସ୍ଥାନୀୟ ଜୟ ଜଗନ୍ନାଥ ୟୁଥ କ୍ଲବର ସଦସ୍ୟମାନେ କେରଳରେ ବନ୍ୟା ପୀଡିତଙ୍କୁ ସହାୟତା ହାତ ବଢାଇଛନ୍ତି । ସେମାନେ ଶୁକ୍ରବାର ନିଜେ କିଛି ଟଙ୍କା ବାହାର କରିବା ସହିତ କେତେକ ବଦାନ୍ୟ ବ୍ୟକ୍ତିଙ୍କଠାରୁ ପ୍ରାୟ ୫ହଜାର ଟଙ୍କା ସଂଗ୍ରହ କରିଛନ୍ତି। କ୍ଲବର ଦୀପକ କୁମାର ସାହୁ, ଚିଣ୍ଟୁ ବିଶ୍ୱାଳ, ଟିଙ୍କୁ ସିଂହ, ରାଜା ପ୍ରଧାନ, ଚକ୍ର ମିର୍ଦ୍ଧା, ରିକୁ ଭୋଇ, ଟିଲୁ ମିର୍ଦ୍ଧା, ଶହଦେବ ମିର୍ଦ୍ଧା, ଟିକୁନ ବାରିକ, ବବୁନ ପାତ୍ର, ସନାତନ ମିର୍ଦ୍ଧା ପ୍ରମୁଖ ଯୁବକ ଆଜି ଏହି ଟଙ୍କା ସଂଗ୍ରହ କରି କେରଳ ବନ୍ୟା ପୀଡିତଙ୍କୁ ସହାୟତା ରାଶି ପଠାଇଛନ୍ତି। ଯୁବକଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରିଛନ୍ତି।



ବଡମାଲଠାରେ ଯୁବକମାନେ କେରଳ ବନ୍ୟା ପୀଡିତାଙ୍କୁ ସହାୟତା ପାଇଁ ଆର୍ଥିକ ରାଶି ସଂଗ୍ରହ କରୁଛନ୍ତି ।

## ସମ୍ବିଧାନ ବଞ୍ଚାଅ ଅଭିଯାନର ସ୍ମାରକପତ୍ର ପ୍ରଦାନ

**କଣ୍ଟାବାଞ୍ଜି ,୨୪।୮(ଡି.ଏନ୍.ଏ.)**

ସମ୍ବିଧାନ ବଞ୍ଚାଅ ଅଭିଯାନ ପରିପ୍ରେକ୍ଷୀରେ ଶୁକ୍ରବାର ମଧ୍ୟାହ୍ନରେ ଏସସି, ଏସ୍‌ଟି, ଓବିସି ଓ ମାଇନରୋଟି ଯୁଗ୍ମ ଆକ୍ସନ କମିଟି ତରଫରୁ ସ୍ଥାନୀୟ ଇନ୍ଦିରା ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହା ପରେ ଏକ ଶୋଭାଯାତ୍ରରେ କମିଟି ସମସ୍ୟମାନେ ସହର ପରିକ୍ରମା କରି ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଏବଂ ସୁପ୍ରିମ୍ କୋର୍ଟର ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସେମାନେ ତହସିଲଦାର ସୁବାଷ ଚନ୍ଦ୍ର ସେଠିଆଙ୍କୁ ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ ଦେଶ ସ୍ୱାଧୀନର ଅଗଷ୍ଟ ବିପ୍ଳବ ଦିବସରେ ନୂଆଦିଲ୍ଲିର ଯନ୍ତରମନ୍ତରଠାରେ କେତେକ ରାଷ୍ଟ୍ରଦ୍ରୋହୀ ସମ୍ବିଧାନ ପୋଡିଦେବା ସହ ବିଭିନ୍ନ ସ୍ଲୋଗାନ ସହ ଦଳିତ ଜାତି ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହାର ପ୍ରତିବାଦ ସ୍ୱରୂପ ସ୍ଥାନୀୟ ଆକ୍ସନ କମିଟି ତରଫରୁ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ରସିଆନନ୍ଦ ରାଏଙ୍କ ନେତୃତ୍ୱରେ ସମ୍ପାଦକ କୈଳାସ ଦୀପ, ପରାମର୍ଶଦାତା ଚୌବନ ମାଝୀ, ଅବଦୁଲ ଗଫାର, ଗୋବିନ୍ଦ ତାଣ୍ଡି, ବ୍ଲକ ଆଦିବାସୀ ସଂଘ ସମ୍ପାଦକ ନରୋତ୍ତମ ମାଝୀଙ୍କ ସହ ଶତାଧିକ ଯୁବକ ଓ କ୍ରିୟାନଷ୍ଠାନ କମିଟିର ସଦସ୍ୟାସଦସ୍ୟ ସାମିଲ ହୋଇଥିଲେ।

ଚେତି ଶୁଇଛେ ସୁବର୍ଣ୍ଣପୁର ଆର୍.ଡି. ବିଭାଗ୍

## ମରନ୍‌ଫାଁଦା ପାଲ୍‌ଟିଛେ ପ୍ରଧାନମନ୍ତ୍ରୀ ସଡ଼କ୍

**ତରଭା ୨୪।୮(ଡି.ଏନ.ଏ.)**

କେନ୍ଦ୍ର ଆର୍ ରାଏଜ୍ ସରକାର ଶିକ୍ଷା, ସୁଆସ୍‌ତିଅ, ରାସ୍‌ତାଘାଟ୍‌ର ଉନ୍‌ନତି ଲାଗି ପାଏନ୍ ଲେଖେଁ କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ବିଭାଗୀୟ ଅଧିକାରୀମାନ୍‌କର ମନ୍‌ମୁଖି କାମ୍ ଲାଗି ଲକ୍ଷ ଲକ୍ଷ ଟଁକା ଖରଚ୍‌ରେ ତିଆର ହେଉଥିବାର ରାସ୍‌ତା ଅଲପ୍ ଦିନେ ଖରାପ୍ ହେଇଯାଉଛେ। ଯେନ୍‌ଟା କି ଲୋକ୍ ବେଭାର କଲା ଲେଖେନ୍ ଅବସ୍‌ତାରେ ନାଇଁ ରହେବାର। ଜନସାଧାରନ୍ ଅଭିଯୋଗ୍ କଲେ ବି ବିଭାଗୀୟ ଅଧିକାରୀମାନେ ବେଡା ଲେଖେନ୍ ଚୁପ୍‌ମାରି ବସୁଛନ୍। ଯେନ୍‌ଥିର୍‌ଲାଗି ସାଧାରନ୍‌ରେ ଦିନୁଦିନ୍‌କେ ଅସନ୍‌ତୋଷ ଦେଖା ଦେଉଛେ। ଜନାଯାଇଛେ ଯେ ତରଭା ଚାରଭଟା ଆର୍.ଡି ରାସ୍‌ତାର ପଣ୍ଡକିମାଲ ଛକ୍‌ଠାନେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜ୍‌ନାର ସୂଚ୍‌ନା ଫଲକ୍ ଲାଗିଛେ। ସେଥିରୁ ଯାହା ବୁଝାପଡୁଛେ, କମସରା ବାଲିଖମାର ରାସ୍‌ତାରୁ କର୍ଲାମୁହାଣ, ରାଏକେଡା ଗ୍ରାମ୍ୟ ରାସ୍‌ତାର ୩.୫ କି.ମି.କେ ତିଆର କରବାର ଲାଗି ୧କୋଟି ୨୦ ଲକ୍ଷ ୨୩ ହଜାର ଟଁକା ଖରଚ୍ ହେଇଛେ। ଇତାର ସଂଗେ ଇ ରାସ୍‌ତାର ଦେଖ୍‌ରେଖି, ମରାମତି ଲାଗି ୫ ବଛରିଆ ବୁଝାମନା ବି ଠିକାଦାର ଚନ୍ଦ୍ର ଶେଖର ମହାପାତ୍ରକଁର ନାଁରେ କରାଯାଇଛେ। ଇ ରାସ୍‌ତା ତିଆରି କାମ୍ ଆର୍ ଦେଖ୍‌ରେଖି, ଅନୁଦାନ ଗ୍ରାମ୍ୟ ଉନ୍‌ନୟନ ମନ୍ତ୍ରଣାଳୟ ଭାରତ ସରକାରକଁର ଜରିଆରେ ରାସ୍‌ତାର କ୍ରମିକ ନଂ. ଓଆର୨୯୭୮ ଏଗ୍ରିମେଣ୍ଟ ନଂ ୩୮ ପିଏମଜିଏୱାଇ ୨୦.୦୨.୨୦୧୩ ବଲି ସୂଚ୍‌ନା ଲେଖା ରହିଛେ। ସୂଚ୍‌ନା ଫଲକ୍ ଅନ୍‌ସାରେ ଫଲକ୍ ଗୁଟେ ଜାଗାରେ ଲାଗିଥିଲାବେଲେ ଆର୍ ଗୁଟେ ଜାଗାରେ ରାସ୍‌ତା ତିଆର ହେଇଛେ। ଫଲକ୍‌ରେ ରାସ୍‌ତା ତିଆରି ମୂଳ୍ ହେବାର ତାରିଖ୍ ଥିଲାବେଲେ ଶେଷ ହେବାର ତାରିଖ୍ ନାଁଇଁନ। ଅଂଚଲ୍‌ବାସୀକର କହେବାର ହିସାବେ ରାସ୍‌ତା କାମ୍ ବହୁତ୍ ଡେରିରେ ଆରମ୍ ହେଇଛେ ଆର୍ ଶେଷ୍ ବି ହେଇଛେ। ହେଲେ ଏହେଦେ ଇ ରାସ୍‌ତାର ଅବସ୍‌ତା କହେଲେ ନାଇଁସରେ। ରାସ୍‌ତାର ବହୁତ୍ ଜାଗାରେ ପିଚୁ ଉଠିଯାଇ ଗାଡ଼୍‌ଖାଲ୍‌ରେ ପୂରିଯାଇଛେ। ଇ ରାସ୍‌ତା ଉପ୍‌ରେ ପାଖାପାଖି ୧୦ଟା ଗାଁର ଲୋକ୍ ନିର୍‌ଭର କରୁଛନ୍। ରାସ୍‌ତାର ଏନ୍‌ତା ଅବସ୍‌ତା ଲାଗି ଭିନେ ଭିନେ ସମିଆରେ ଲୋକ୍ ହିଟିହାବ୍‌ଡି ପଡି ଖଁଡ଼ିଆ ଡଁଡିଆ ହେଉଛନ୍। ଇ ବାବ୍‌ଦେ ମତାମତ୍ ଲାଗି ସୋନପୁର ଆର୍.ଡି. ଏସଡିଓକୁଁ ଫୋନ୍ ଜରିଆରେ ଯୋଗାଯୋଗ୍ କରାଯାଇଥିଲେ ବି ସମ୍‌ଭବ୍ ନାଇଁ ହେଇପାରି। ଗଲା ୨୦ ତାରିଖ୍ ତରଭା ବ୍ଲକ୍‌ରେ ହେଇଥିବାର ଜନଶୁନାନୀରେ ଜିଲାପାଲ ମଧୁସୂଦନ ମିଶ୍ରକୁଁ ଅଭିଯୋଗ୍ କରାଯାଇଥିଲା। ତଦଁତ୍ କରି ଅଲପ୍ ଦିନ୍ ଭିତ୍‌ରେ ରାସ୍‌ତାର ମରାମତି କରାଯିବା ବଲି ଜିଲାପାଲ ଲୁକ୍‌କୁ ଆଶାସନା ଦେଇଥିଲେ।



ରାଏକେଡାକେ ଯାଇଥିବାର ପ୍ରଧାନମନ୍ତ୍ରୀ ସଡ଼କ ।

## ଖଇରଟିକ୍ରା ସ୍କୁଲର ସହକାରୀ ଶିକ୍ଷକ ନିଲମ୍ବିତ

**ସୋନପୁର,୨୪।୮(ନି.ପ୍ର.)**

ସରକାରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା ଅଭିଯୋଗରେ ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତ ଖଇରଟିକ୍ରା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଉମାକାନ୍ତ ମିଶ୍ରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସୋନପୁର ବ୍ଲକ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ତାଙ୍କ କାର୍ଯ୍ୟାଳୟର ଆଦେଶ ସଂଖ୍ୟା ୧୩୧୧ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଖଇରଟିକ୍ରା ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ମିଶ୍ର ଅଧିକାଂଶ ଦିନ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ। ଫଳରେ ଛାତ୍ରୀଛାତ୍ର ଗଣିତ ଓ ବିଜ୍ଞାନ ବିଷୟରେ ପାଠ ପଢି ପାରୁ ନଥିଲେ। ଏପରିକି ମିଶ୍ର ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ କରୁଥିଲେ ହେଁ ୨୦୧୩ ମସିହାରୁ ତାହା ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିଲା। ଅନ୍ୟପକ୍ଷରେ ବିଦ୍ୟାଳୟ ନିର୍ମାଣରେ ବ୍ୟବହୃତ ସିମେଣ୍ଟ, ରଡ ଆଦି ଜିନିଷ ସବୁକୁ ବିଦ୍ୟାଳୟର ଏକ କୋଠରିରେ ଦୀର୍ଘ ବର୍ଷ ଧରି ସମ୍ପୃକ୍ତ ଶିକ୍ଷକ ତାଲା ପକାଇ ରଖିଥିଲେ। ପ୍ରତିବାଦରେ ଅଭିଭାବକ ଓ ଗ୍ରାମବାସୀ ଗତ ୨୧ ତାରିଖ ବିଦ୍ୟାଳୟ ଫାଟକରେ ତାଲା ପକାଇ ଥିବା ବେଳେ ଛାତ୍ରୀଛାତ୍ର ବସ୍ତାନି ଧରି ଧାରଣାରେ ବସିଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ନିଲମ୍ବନ ସମୟରେ ସମ୍ପୃକ୍ତ ଶିକ୍ଷକ ମିଶ୍ରଙ୍କୁ ମୟୂରଉଡାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟକୁ ମୁଖ୍ୟାଳୟ ଭାବରେ ସ୍ଥିର କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ନ ଛାଡିବାକୁ ନିର୍ଦ୍ଦେଶ ରହିଛି।

ରବିରତୁରେ କୁଆପଥର ମାଡ ଯୋଗୁ ଧାନ ଫସଲ ନଷ୍ଟ

## ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ନାମକୁ ମାତ୍ର ସହାୟତା

**ସୋନପୁର,୨୪।୮(ନି.ପ୍ର.)**

ଗତ ରବିରତୁରେ କୁଆ ପଥର ମାଡ ଯୋଗୁଁ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତର ହୁଡୁମା ଗ୍ରାମରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା । ମେ ମାସ ୧ତାରିଖ ସନ୍ଧ୍ୟାରେ କୁଆପଥର ମାଡ ଯୋଗୁଁ ଫସଲ କ୍ଷତିଜନିତ ଦୁଃଖରେ ଚାଷୀ ଭାଙ୍ଗି ପଡିଥିଲେ। ଏହି ଗାଁରେ ସର୍ବାଧିକ ୧୨୦୦ଏକର ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଥିଲା। ରାଜସ୍ୱ ଓ କୃଷି ବିଭାଗର ଅଧିକାରୀଙ୍କ ମିଳିତ ତଦନ୍ତ ପରେ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ କ୍ଷୟକ୍ଷତି ରିପୋର୍ଟ ପଠାଯାଇଥିଲା। ସରକାର ସହାୟତା ରାଶି ପ୍ରଦାନ କରିଥିଲେ। ତେବେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ନାମକୁ ମାତ୍ର ସହାୟତା ଦିଆ ଯାଉଥିବା ବେଳେ କ୍ଷତିଗ୍ରସ୍ତ ହୋଇ ନଥିବା ଚାଷୀ ଅଧିକ ସହାୟତା ପାଉଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ହେକ୍ଟର ପ୍ରତି ୨ରୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଅଭିଯୋଗ ହେଉଛି । ଗତ ଖରିଫରେ ଚକଡା ପୋକ ଯୋଗୁଁ ଫସଲ କ୍ଷତି ହୋଇଥିବା ବେଳେ ଏହି ଗ୍ରାମର ଚାଷୀ ସହାୟତା ପାଇ ପାରିଲେନି। ଅଭିଯୋଗ କଲେ ମଧ କେହି ଶୁଣିଲେନି। ଜିଲାର ଶେଷ ସୀମାରେ ଥିବା ହୁଡୁମା ଗ୍ରାମର ଚାଷୀ ନାମକୁ ମାତ୍ର ସହାୟତା ପାଇଥିବା ବେଳେ ପଡୋଶୀ ଜିଲାର ଚାଷୀ ହେକ୍ଟର ପ୍ରତି ୧୩ହଜାର ୫୦୦ଟଙ୍କା ସହାୟତା ପାଇଛନ୍ତି। ତେଣୁ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଚାଷୀ ନିତ୍ୟାନନ୍ଦ ସାହୁ, ନୀଳାମ୍ବର ବାଗ, ଘନଶ୍ୟାମ ପଲିତା, ଠିକାଦାର ରଣା, ସୁଦାମ କାଣ୍ଡ, ଗଣନାଥ ସାହୁ, ଗୁରୁଦେବ ବାଗ, ଟଙ୍କଧର ଦାସ, ଧନେଶ୍ୱର ପୁଟେଲ ଓ ପ୍ରହଲ୍ଲାଦ ପୁଟେଲ ପ୍ରମୁଖ ଦାବି କରିଛନ୍ତି। ଶୁକ୍ରବାର ସେମାନେ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଭେଟି ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ହୁଡୁମା ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।



“ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବିଟିଏମ୍ ଯନ୍ତ୍ରାଂଶ ଚୋରି: ୪ ଗିରଫ

**ଝାରସୁଗୁଡ଼ା ଅଫିସ,୨୪।୮:** ଝାରସୁଗୁଡ଼ା ଭାସ୍କର ଟେକ୍ସଟାଇଲ ମିଲ୍ (ବିଟିଏମ୍) ବନ୍ଦ ହୋଇଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ସୁରକ୍ଷାକର୍ମୀ ମୁତୟନ ଅଛନ୍ତି। ତଥାପି କାରଖାନା ଭିତରୁ ଯନ୍ତ୍ରାଂଶ ଚୋରି ହେବା ଘଟଣା ସନ୍ଦେହ ଘେରକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ମୁତୟନ ହୋଇଥିବା ସୁରକ୍ଷାକର୍ମୀଙ୍କ ସହାୟତାରେ କାରଖାନା ଭିତରୁ ଚାଲାଣ ହେଉଛି ଯନ୍ତ୍ରାଂଶ। ଗୁରୁବାର ବିଟିଏମ୍ରୁ ୩୫୦ କେଜି (ଯନ୍ତ୍ରାଂଶ) ସ୍କ୍ରାପ୍ ଚୋରି କରି ୪ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିଟିଏମ୍ ଅଞ୍ଚଳର ସୁଜିତ ଦାସ, ସୁଶାନ୍ତ କୁମାର ଦାସ, ପ୍ରେମଚାନ୍ଦ ଜୟସ୍ୱାଲ ଏବଂ କୌଶଲ କୁମାର ସାହୁ। ବିଟିଏମ୍ ଫାଣ୍ଡି ପୋଲିସ ଏମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି।

### ସମ୍ବିଧାନ ବଞ୍ଚାଅ ଦାବିରେ ବାଇକ୍ ଶୋଭାଯାତ୍ରା

**ଝାରସୁଗୁଡ଼ା ଅଫିସ,୨୪।୮:** ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ସମ୍ବିଧାନ ବଞ୍ଚାଅ ଦାବିରେ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ଆମ୍ବେଡକର ଛକରୁ ବାହାରି ଜିଲାପାଳ ଅଫିସରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ତ୍ରିନାଥ ଗୁଆଲ, ବୁନ୍ଦେ ଧୁରୁଆ, ରତ୍ନାକର ପ୍ରଧାନ, ସଞ୍ଜୟ ସେଠୀ, ଲକ୍ଷ୍ମୀଚରଣ ପାଲ ଉଦ୍‌ବୋଧନ ଦେଇଥିଲେ। ସୂଚନାଯୋଗ୍ୟ, ଅଗଷ୍ଟ ୯ ତାରିଖରେ ସଂସଦ ମାର୍ଗ ପୋଲିସ ଥାନା ନିକଟରେ ୫୦ରୁ ୬୦ ଜଣ ବ୍ୟକ୍ତି ସମ୍ବିଧାନ ପୋଡ଼ିବା ସହ ଆମ୍ବେଡକରଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏଭଳି କାର୍ଯ୍ୟକୁ ଦେଶସାରା ନିନ୍ଦା କରାଯାଇଥିଲା। ଏହି ଘଟଣା ପ୍ରତିବାଦରେ ଦେଶର ୫ଶହ ଥାନାରେ ଏତଲା ଦିଆଯାଇଥିବା ବେଳେ ଝାରସୁଗୁଡ଼ାରେ ବାଇକ୍ ଶୋଭାଯାତ୍ରା ଏବଂ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ପ୍ରତିବାଦ ସଭା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଭାକର ଓରାମ, ପଦ୍ମଲୋଚନ ବୁଢୁଲା, ଫକୀର ନାଏକ, ବସନ୍ତ ଭୋଇ, ପ୍ରେମସାଗର ଦେହେରିଆ, ଅଶୋକ କଣ୍ଟା, ଜିତେନ୍ଦ୍ର ମଲିକ, କିଶୋର କିଷାନ, କାର୍ତ୍ତିକ ଘୁଘର ପ୍ରମୁଖ ଉପସ୍ଥିତ ଥିଲେ।

■କେନ୍ଦ୍ରୀୟ ସ୍ୱଚ୍ଛ ପରିମଳ ପର୍ଯ୍ୟବେକ୍ଷକ ଦଳର ଲଖନପୁର ବ୍ଲକ ଗସ୍ତ

# ସ୍ୱଚ୍ଛ ପରିମଳ ବାସ୍ତବତାଠାରୁ ବହୁ ଦୂରରେ

■ଗସ୍ତକୁ ନେଇ ବ୍ଲକ ପ୍ରଶାସନର ତରବରିଆ ପଦକ୍ଷେପ
■ପର୍ଯ୍ୟବେକ୍ଷକ ଚାଲିଯିବା ପରେ ଡଷ୍ଟବିନ୍ ଚୋରି
■ପର୍ଯ୍ୟବେକ୍ଷକଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାତିଅଧିଆ ସଫେଇ

**ଲଖନପୁର,୨୪।୮(ଡି.ଏନ୍.ଏ.)**

ଦେଶରେ ସ୍ୱଚ୍ଛ ପରିମଳ ବ୍ୟବସ୍ଥା କିପରି ଚାଲିଛି ତାହାର ଅନୁଧାନ ପାଇଁ ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ-୨୦୧୮ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ କେନ୍ଦ୍ରୀୟ ପାନୀୟଜଳ ଓ ପରିମଳ ପର୍ଯ୍ୟବେକ୍ଷଣ ସମିତି ପକ୍ଷରୁ ଏକ ପ୍ରତିନିଧି ଦଳ ଶୁକ୍ରବାର ୨ଦିନିଆ ଲଖନପୁର ବ୍ଲକ ଗସ୍ତରେ ଆସିଛନ୍ତି। ଏହି ଦଳ ୨ଭାଗରେ ବିଭକ୍ତ ହୋଇ ଶୁକ୍ରବାର ଗୋଟିଏ ଦଳ ବନ୍ଧବାହାଲ ଓ ଅନ୍ୟଟି ବଞ୍ଜାରୀ ପଞ୍ଚାୟତ ଗସ୍ତ କରିଥିଲେ। ଏହି ଦଳ ସହ ଜିଲା ଓ ବ୍ଲକ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଛନ୍ତି। ଏହି ଦଳ ବନ୍ଧବାହାଲ ପଞ୍ଚାୟତ ଶାନ୍ତିନଗର ଅଙ୍ଗନୱାଡି କେନ୍ଦ୍ର, କଲୋନୀ ହାଇସ୍କୁଲ, ଜଗନ୍ନାଥ ମନ୍ଦିର, ଉପ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଓ ବଜାର ପରିଦର୍ଶନ କରିଥିଲେ। ଏହିସବୁ ସ୍ଥାନରେ ଥିବା ପାଇଖାନା, ପାନୀୟଜଳ, ରାସ୍ତାଘାଟ ଆଦି ପରିଦର୍ଶନ କରିଥିଲେ। ସ୍ୱଚ୍ଛ ପରିମଳ ସମ୍ପର୍କରେ ଉପରୋକ୍ତ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କଲୋନୀ ହାଇସ୍କୁଲ, ଏମ୍ଇ ସ୍କୁଲ ଓ ପ୍ରାଥମିକ ସ୍କୁଲ ସମ୍ମୁଖରେ ଥିବା ଡ୍ରେନ୍‌ରେ ବହୁ ଆବର୍ଜନା ରହିଛି। ସେଥିରୁ ଦୁର୍ଗନ୍ଧ ବାହାରି ସ୍କୁଲ ପରିବେଶ ଅସ୍ୱାସ୍ଥ୍ୟକର ହେଉଛି। ମଧ୍ୟାହ୍ନ ଭୋଜନ ରନ୍ଧାଯାଉଥିବା ଘର ଅସୁରକ୍ଷିତ ଅବସ୍ଥାରେ ରହିଛି। ବର୍ଷା ପାଣି ଜମାହୋଇ ସ୍କୁଲ କ୍ୟାମ୍ପସ ସନ୍ତସନ୍ତିଆ ରହୁଛି। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ କେନ୍ଦ୍ରୀୟ ଦଳର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ଦଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଗନ୍ନାଥ ମନ୍ଦିର ପଛପାର୍ଶ୍ୱରେ ଯାଇଥିବା ଏମ୍‌ସିଏଲ୍ କଲୋନୀ ଡ୍ରେନ୍‌ରୁ ନିର୍ଗତ ଦୁର୍ଗନ୍ଧ ମନ୍ଦିର ପରିବେଶକୁ ନଷ୍ଟ କରୁଛି। ବନ୍ଧବାହାଲ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଇଖାନା ଥିଲେ ମଧ୍ୟ ପାଣି ପାଇପ୍ ସଂଯୋଗ ହୋଇନାହିଁ। ବଜାରରେ ଆବର୍ଜନା ପଡ଼ିରହୁଛି। କେନ୍ଦ୍ରୀୟ ଦଳ ଏସବୁର ଫଟୋ ଉଠାଇ ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ରିପୋର୍ଟ ବିଭାଗୀୟ ମନ୍ତ୍ରଣାଳୟକୁ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିସରରେ ଏକ ସମୀକ୍ଷା ବୈଠକ କରାଯାଇଥିଲା। ଏଥିରେ କେନ୍ଦ୍ରୀୟ ଦଳର ସେନାପତି ନାଏକ, ଖୁସିରାମ ଭୋଇ, ଡିଡବ୍ଲ୍ୟୁଏସ୍ ଡିଟିସି ଅର୍ଚ୍ଚିସ୍ମା ମହାରଣା, ସରପଞ୍ଚ ରାଜେନ୍ଦ୍ର ନାୟକ, ସହକାରୀ ନିର୍ବାହୀଯନ୍ତ୍ରୀ ଧନଞ୍ଜୟ ସେଠ, କନିଷ୍ଠ ଯନ୍ତ୍ରୀ ଗୌରୀଶଙ୍କର ରାୟ, ବୃଷଭାନୁ ଭୋଇ, ଏବିଇଓ ଅଭିନ୍ନ ରାଉତ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଯୋଗଦେଇ ମତ ରଖିଥିଲେ। ସେହିଭଳି ଅନ୍ୟ ଦଳ ବଞ୍ଜାରୀ ପଞ୍ଚାୟତର ଚାଉଁରିମହୁଲ ଗ୍ରାମ ପରିଦର୍ଶନ କରିଥିଲେ। ପରେ ଗ୍ରାମ କ୍ଲବରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ କେନ୍ଦ୍ରୀୟ ଦଳର ଅଧିକାରୀ ଉଦୟ ମେହେର, ସହକାରୀ ନିର୍ବାହୀଯନ୍ତ୍ରୀ ହରିବନ୍ଧୁ ସାହୁ, ବିଜୟ ଓଟି, ଅର୍ପିତା ମହାନ୍ତି, ସରପଞ୍ଚ କୃଷ୍ଣଚନ୍ଦ୍ର ସେଠ, ସମିତିସଭ୍ୟ ଗୁଣନିଧି ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କେନ୍ଦ୍ରୀୟ ପର୍ଯ୍ୟବେକ୍ଷଣ ଦଳର ଅଚାନକ ଗସ୍ତ ସମ୍ପର୍କରେ ବ୍ଲକ ପ୍ରଶାସନ ଗୁରୁବାର ରାତିରେ ପଞ୍ଚାୟତକୁ ଖବର ଦେଇଥିଲେ। ପଞ୍ଚାୟତ ଅଞ୍ଚଳ ସଫେଇ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ରାତିରେ କିଭଳି ସଫେଇ କରାଯିବ ସେ ନେଇ ଚିନ୍ତାରେ ପଡ଼ିଯାଇଥିଲେ ପଞ୍ଚାୟତ କର୍ତ୍ତୃପକ୍ଷ। ତଥାପି ରାତାରାତି ଡଷ୍ଟବିନ୍ ଯୋଗାଡ଼ କରିଥିଲେ। ଜେସିବି ଓ ଟ୍ରାକ୍ଟର ଲଗାଇ ସଫେଇ କରାଯାଇଥିଲା। ଏଥିପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ନାକେଦମ ହେବାକୁ ପଡ଼ିଥିଲା। କେନ୍ଦ୍ରୀୟ ଦଳକୁ ଦେଖାଇବା ପାଇଁ ବନ୍ଧବାହାଲ ବଜାରର ବିଭିନ୍ନ ସ୍ଥାନରେ ୧୭ ଡଷ୍ଟବିନ୍ ରଖାଯାଇଥିଲା। ବଜାର ସଫେଇ ଓ ଡଷ୍ଟବିନ ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ କେନ୍ଦ୍ରୀୟ ଦଳ ପରିଦର୍ଶନ କରି ଚାଲିଯିବା ପରେ ରଖାଯାଇଥିବା କେତେକ ଡଷ୍ଟବିନ୍ ଉଭାନ ହୋଇଯାଇବା ଦେଖିବାକୁ ମିଳିଥିଲା।



କେନ୍ଦ୍ରୀୟ ଦଳ ବନ୍ଧବାହାଲ ଉପସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

## ଢାବାରେ ଚଢ଼ାଉ: ମଦ ଜବତ, ଜଣେ ଗିରଫ

**କୋଲାବିରା,୨୪।୮(ଡି.ଏନ୍.ଏ.)**

କୋଲାବିରା ପୋଲିସ ଶୁକ୍ରବାର ସନ୍ଧ୍ୟା ସାଢ଼େ ୭ଟାରେ ପତ୍ରାପାଲି ଛକରେ ଥିବା ଜିତୁ ଢାବାରେ ଚଢ଼ାଉ କରି ବିପୁଳ ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଏଠାରେ ଚୋରା ମଦ କାରବାର ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଥାନାଧିକାରୀ ସୁକୁମାର ତ୍ରିପାଠୀ, ଏଏସ୍ଆଇ ପି.ସି. ଦଲାଇ ଏବଂ ଜି.ଡି. ପ୍ରଧାନଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ସମ୍ପୃକ୍ତ ଢାବାରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଢାବାରେ ଥିବା ଗ୍ରାହକ ଓ ମାଲିକ ଫେରାର ହୋଇଯାଇଥିଲେ। ପୋଲିସ ଗୋପାଲ ଭୋଇ (୩୮) ନାମକ ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ଢାବାରୁ ବିଭିନ୍ନ ବ୍ରାଣ୍ଡର ବିଅର, ହ୍ୱିସ୍କି ଓ ରମ୍ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଝାରସୁଗୁଡ଼ାରୁ କୋଲାବିରା ଦେଇ କୁଚିଣ୍ଡା ଯାଇଥିବା ୪୯ନଂ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଅଧିକାଂଶ ଢାବାରେ ଅବାଧରେ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି। ତେବେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଯୁବଗୋଷ୍ଠୀ ଏହାର ଶିକାର ହୋଇ ସେମାନଙ୍କ ଭବିଷ୍ୟତ ନଷ୍ଟ କରୁଛନ୍ତି। ଅନ୍ୟପକ୍ଷରେ ନିଶା ସେବନ କରି ଗାଡ଼ି ଚଲାଇବା ଦ୍ୱାରା ଦୁର୍ଘଟଣା ମଧ୍ୟ ବଢୁଛି। ମଦ ମିଳୁଥିବାରୁ ଟ୍ରକଗୁଡ଼ିକ ମଧ୍ୟ ଢାବା ସାମ୍ନାରେ ଦୀର୍ଘ ସମୟ ଠିଆହୋଇ ରହୁଛି। ଫଳରେ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ପୋଲିସ ନିୟମିତ ଏପରି ଚଢ଼ାଉ ଜାରି ରଖିବାକୁ ସାଧାରଣରେ ଦାବି ହେଉଛି।



ଜବତ ମଦ ସହ ଗିରଫ ଅଭିଯୁକ୍ତ।

### କୁଲଦୀପଙ୍କ ବିୟୋଗରେ ଶୋକ

**ଝାରସୁଗୁଡ଼ା ଅଫିସ,୨୪।୮-** ବରିଷ୍ଠ ଖବରଦାତା କୁଲଦୀପ ନାୟରଙ୍କ ବିୟୋଗରେ ଝାରସୁଗୁଡ଼ା ପ୍ରେସ୍ କ୍ଲବ୍ ପକ୍ଷରୁ ଶୁକ୍ରବାର ଅପରାହ୍ଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟାଳୟର ଖବରଦାତାମାନେ ଯୋଗଦେଇ ସ୍ୱର୍ଗତ ନାୟରଙ୍କ ସମ୍ବାଦ ପରିବେଷଣ ଶୈଳୀ, ସାହିତ୍ୟ କ୍ଷେତ୍ରରେ ପାରଦର୍ଶିତା ଏବଂ ଜଣେ ସ୍ତମ୍ଭକାର ଭାବେ ସ୍ୱଷ୍ଟ ଉପସ୍ଥାପନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଖବରଦାତା ରାଜ କୁମାର ଶର୍ମା, ତପସ୍ୱୀଲାଲ ତିୱାରୀ, ସଞ୍ଜୟ ଲୋଧା, ପ୍ରଶାନ୍ତ କୁମାର ମିଶ୍ର, ମେହେବୁବ ମାହାତାବ, ସୁଦାମ ସାହୁ, ସୁରେନ୍ଦ୍ର ବାରିକ, ବିଜୟ ଦାଶ, ଭାଗୀରଥି ସାହୁ, ମୁକେଶ ପ୍ରଧାନ, ପ୍ୟାରେଲାଲ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ।

■ଆଇସିଏମ୍ଏଆଇ ଫଳାଫଳ

## ଜାତୀୟ ସ୍ତରରେ ୪୪ତମ ର୍‍ୟାଙ୍କ ପାଇଲେ ଆଞ୍ଚଲ

**ଝାରସୁଗୁଡ଼ା ଅଫିସ,୨୪।୮**

ସଦ୍ୟ ପ୍ରକାଶିତ ଇନଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟସ୍ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ) ଇଣ୍ଟର ପରୀକ୍ଷାରେ ଝାରସୁଗୁଡ଼ାର ଜଣେ ମହିଳା କୃତିତ୍ୱ ହାସଲ କରିଛନ୍ତି। ସେ ହେଲେ ସମ୍ବଲପୁର ଜିଲାର ପ୍ରଦୀପ ଏବଂ ଉଷା ଦେବୀଙ୍କ ଝିଅ ତଥା ଝାରସୁଗୁଡ଼ାର ସଞ୍ଜୟ ଅଗ୍ରୱାଲଙ୍କ ସ୍ତ୍ରୀ ଆଞ୍ଚଲ ସବ୍ଲକା। ଆଞ୍ଚଲ ଆଇସିଏମ୍ଏଆଇ ଇଣ୍ଟର ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୪୪ତମ ର୍‍ୟାଙ୍କ ହାସଲ କରିଛନ୍ତି। ସେ ବର୍ତ୍ତମାନ ଝାରସୁଗୁଡ଼ାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ଆଞ୍ଚଲଙ୍କ ଏହି ସଫଳତା ପାଇଁ ପରିବାର, ବନ୍ଧୁବର୍ଗ, ସହକର୍ମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଆଞ୍ଚଲ ସବ୍ଲକା




ଖବରଦାତା ସମ୍ମିଳନୀରେ ମେହେର ସମାଜର କର୍ମକର୍ତ୍ତା।

## ଜୟନ୍ତୀ ଉତ୍ସବରେ ଉନ୍ମୋଚନ ହେବ ସ୍ୱଭାବ କବିଙ୍କ ବୋଞ୍ଜ ପ୍ରତିମୂର୍ତ୍ତି

**ଝାରସୁଗୁଡ଼ା ଅଫିସ,୨୪।୮**

ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାପନ ହେବ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି। ୯ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ୮ ଫୁଟ ଉଚ୍ଚତାର ଏହି ପ୍ରତିମୂର୍ତ୍ତି ରବିବାର କବିଙ୍କ ଜୟନ୍ତୀ ଅବସରରେ ଉନ୍ମୋଚନ ହେବ ବୋଲି ଝାରସୁଗୁଡ଼ା ମେହେର (ଭୁଲିଆ) ସମାଜ ତରଫରୁ ସୂଚନା ଦିଆଯାଇଛି। ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମେହେର ସମାଜର କର୍ମକର୍ତ୍ତା କହିଲେ, ଓଡ଼ିଆ ସାହିତ୍ୟ ପ୍ରତି ସ୍ୱଭାବକବିଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କୁ ମନେ ପକାଇବା ପାଇଁ ଜନ୍ମ ଜୟନ୍ତୀରେ ପ୍ରତିମୂର୍ତ୍ତି ସ୍ଥାପନ ସହ ବହୁବିଧ କାର୍ଯ୍ୟକ୍ରମ ରହିଛି। ଜୟନ୍ତୀ ସଭାରେ ଝାରସୁଗୁଡ଼ା ସମେତ ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼ ଜିଲାରୁ ମେହେର ସମାଜର କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବରଗଡ଼ ଏମ୍‌ପି, ଝାରସୁଗୁଡ଼ା ବିଧାୟକଙ୍କ ସମେତ ବହୁ ଅତିଥିଙ୍କ ଗହଣରେ ଏହା ଉନ୍ମୋଚିତ ହେବ ବୋଲି ଜିଲା ମେହେର ସମାଜର ଚନ୍ଦ୍ର ଶେଖର ମେହେର, ରାହାସ ବିହାରୀ ମେହେର, ଶତ୍ରୁଘ୍ନ ମେହେର, ଗୋପୀନାଥ ମେହେର, ପ୍ରଦୀପ କୁମାର ମେହେର, ରୋହିତ ମେହେର ଏବଂ ପ୍ରମୋଦ ମେହେର ପ୍ରମୁଖ କହିଛନ୍ତି।

■ବହୁବିଧ ଦାବି ପୂରଣ ଉଦ୍ଦେଶ୍ୟ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଝାରସୁଗୁଡ଼ା ପ୍ରତିନିଧି

**ଝାରସୁଗୁଡ଼ା ଅଫିସ,୨୪।୮**

ବହୁବିଧ ଦାବିନେଇ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସଙ୍କ ନେତୃତ୍ୱରେ ଚାମ୍ବର ଅଫ କମର୍ସ, ବାର୍ ଆସୋସିଏଶନ ଏବଂ ବଣିକ ସଂଘର ପ୍ରତିନିଧି ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଝାରସୁଗୁଡ଼ାର ସମ୍ପ୍ରସାରଣ, ଲଖନପୁର ବ୍ଲକରେ ସୁପର ସ୍ପେଶିଆଲିଟି ହସ୍ପିଟାଲ, ହାର୍ଟ ଏବଂ କର୍କଟ ହସ୍ପିଟାଲ କାମ ତ୍ୱରାନ୍ୱିତ କରିବା, କୋଇଲା ପରିଚାଳନା ଜନିତ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ କୋଲ କରିଡର ପ୍ରତିଷ୍ଠା କରିବା, ଏଲ୍.ଏନ୍. କଲେଜର ଜମି ଏବଂ କୋଠା ହସ୍ତାନ୍ତର ପାଇଁ ଅନୁଦାନ ପ୍ରଦାନ କରିବାକୁ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଝାରସୁଗୁଡ଼ା ସହରରେ ଜନସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଏଠାକାର ରାସ୍ତା ସମ୍ପ୍ରସାରିତ ହୋଇନାହିଁ। ତେଣୁ ସହରାଞ୍ଚଳକୁ ଅନ୍ୟତ୍ର ସମ୍ପ୍ରସାରଣ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଚାମ୍ବର ଅଫ କମର୍ସର ରମେଶ ଗାନ୍ଧୀ, ହୀରାଲାଲ ଲୋକଚନ୍ଦାନୀ, ବାର୍ ସଭାପତି ରଘୁମଣି ପଟେଲ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ଝାରସୁଗୁଡ଼ା ପ୍ରତିନିଧି।

## ୪୮ ଘଣ୍ଟାରେ ଲଘୁଚାପ

**ଭୁବନେଶ୍ୱର,୨୪।୮(ବ୍ୟୁରୋ)**



ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୨୬ରେ ବର୍ଷା ବଢ଼ିବ। ୩ ଦିନ ଧରି ଆଭ୍ୟନ୍ତରୀଣ ଓ ଉପକୂଳରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଦୁଇଦିନ ହେବ ରାଜ୍ୟରେ ମୌସୁମୀ ଦୁର୍ବଳ ରହିଛି। ତେବେ କାଁ ଭାଁ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ୧୪.୬, କୋରାପୁଟରେ ୧୭.୮ ଏବଂ ଦାରିଙ୍ଗିବାଡିରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

■ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ

## ପାପଡ଼ାହାଣ୍ଡି ସଂଗ୍ରାମ ଉପରେ ପ୍ରକାଶ ପାଇବ ସ୍ୱତନ୍ତ୍ର ପୁସ୍ତକ

**ଭୁବନେଶ୍ୱର,୨୪।୮(ବ୍ୟୁରୋ)**

୧୯୪୨ ଅଗଷ୍ଟ ବିପ୍ଳବ ସମୟରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିଠାରେ ସଙ୍ଗଠିତ ସଂଗ୍ରାମ ଓ ତା'ର ପରିଣତି ଉପରେ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରକାଶ ପାଇବ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ପୁସ୍ତକ ପ୍ରକାଶ କରାଯିବ। ଏହାଦ୍ୱାରା ପାପଡ଼ାହାଣ୍ଡି ସଂଗ୍ରାମୀମାନଙ୍କ ବଳିଦାନ ସମ୍ପର୍କରେ ଆମ ଉତ୍ତରପିଢ଼ିମାନେ ଅବଗତ ହୋଇପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ। ଏହାସହ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଳନ ନିମନ୍ତେ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

୧୯୪୨ ମସିହା ଅଗଷ୍ଟ ୨୪ରେ ଭାରତ ଛାଡ଼ ଡାକରାରେ ଡାବୁଗାଁରେ ଏକ ସମାବେଶ କରିବାକୁ ବହୁ ସରଳ, ନିରୀହ ଆଦିବାସୀ ଜନତା ଯାଉଥିବା ବେଳେ ପୋଲିସର ନିର୍ମମ ଗୁଳିଚାଳନାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ୧୧ଜଣ ପ୍ରାଣ ହରାଇଥିଲେ। ସେହିଭଳି ଚିକିତ୍ସାଧୀନ ଅବସ୍ଥାରେ ୮ଜଣ ଓ କାରାବରଣ କରୁଥିବା ଅବସ୍ଥାରେ ୨୪ଜଣ ସଂଗ୍ରାମୀଙ୍କ ମୃତ୍ୟୁ ଘଟିଥିଲା। ଶତାଧିକ ଆହତ ହୋଇଥିଲେ। ଏହି ଘଟଣା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଲିପିବଦ୍ଧ ରହିଥିବା ବେଳେ ଏହାକୁ ପରବର୍ତ୍ତୀ ସମୟରେ ପାପଡ଼ାହାଣ୍ଡି ସଂଗ୍ରାମ କୁହାଗଲା ବୋଲି ଏମ୍‌ପି ବଳଭଦ୍ର ମାଝି, ଝିନ୍ନ ହିକକା, ବିଧାୟକ ତାରାପ୍ରସାଦ ବାହିନୀପତି ଓ ବିଧାୟକ ମାନସ ମାଡକାମୀ ପ୍ରମୁଖ କହିଥିଲେ।




ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ଉତ୍ସବରେ ଅତିଥିଗଣ।

### ବାଜପେୟୀଙ୍କ ଚିତାଭସ୍ମ ଶୋଭାଯାତ୍ରାକୁ ଅଣ୍ଡାମାଡ଼ ଘଟଣା: ଜଣେ ଗିରଫ

**ପୁରୀ ଅଫିସ, ୨୪।୮**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ ମହୋଦଧିରେ ବିସର୍ଜନ ଲାଗି ଗୁରୁବାର ଭୁବନେଶ୍ୱରରୁ ପୁରୀ ଆସୁଥିଲା। ଚନ୍ଦନପୁର ଥାନା ନିକଟରେ ଏହି ଶୋଭାଯାତ୍ରା ଗାଡ଼ି ଉପରକୁ ଅଣ୍ଡାମାଡ଼ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଚନ୍ଦନପୁର ପୋଲିସ ସେହି ଅଞ୍ଚଳର ଦୀପକ ମହାପାତ୍ର(୨୫)ଙ୍କୁ ଗୁରୁବାର ବିଳମ୍ବିତ ରାତିରେ ଗିରଫ କରିଛି। ଏ ନେଇ ପୁରୀ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ଗୁରୁବାର ରାତିରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗିରଫ ଅଭିଯୁକ୍ତ ବିଜୁ ଯୁବ ବାହିନୀର ଜଣେ କର୍ମୀ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଶୋଭାଯାତ୍ରା ଚାଲିଥିବା ସମୟରେ ଥାନା ନିକଟରେ ଦୀପକ ଚିତାଭସ୍ମ ଗାଡିକୁ ଲକ୍ଷ୍ୟକରି ଅଣ୍ଡାମାଡ଼ କରିଥିଲେ। ତେବେ ଅଣ୍ଡାଟି ଟ୍ରକ୍‌ର ଡାହାଣ ପାର୍ଶ୍ୱରେ ପଡିଥିଲା।



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ଆର୍‌ଏସ୍‌ପି କର୍ମଚାରୀଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୨୪।୮-** ସେକ୍ଟର ୮ ଅଞ୍ଚଳର ଆର୍‌ଏସ୍‌ପି କର୍ମଚାରୀ ଶୁକ୍ରବାର ସକାଳେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାଁ ଆଶିଷ ଟେଟେ (୪୦)। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

### ଷ୍ଟୋଭ୍ ଫାଟି ଯୁବକ ମୃତ

**ରାଉରକେଲା ଅଫିସ,୨୪।୮-** ଷ୍ଟୋଭ୍ ଫାଟିଯିବାରୁ ଶୁକ୍ରବାର ଷ୍ଟେଶନ ନିକଟ ଗୁରୁଦ୍ୱାର ରୋଡ୍ ଅଞ୍ଚଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାଁ ବିନୋଦ ଶାହା (୪୦)। ମିଳିଥିବା ସୂଚନା ଅନୁଯାୟୀ, ବିନୋଦ ସକାଳେ ପିଲାଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କରୁଥିବା ବେଳେ ଷ୍ଟୋଭ୍ ଫାଟିଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ବିସ୍ଫୋରଣ ଶବ୍ଦ ଶୁଣି ପଡ଼ୋଶୀମାନେ ପହଞ୍ଚି ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।



ଜବତ ସାମଗ୍ରୀ ସହ ଗିରଫ ବ୍ୟକ୍ତି ଓ ଅବକାରୀ ବିଭାଗ କର୍ମଚାରୀ।

### ଦେଶୀ ମଦ କାରବାର, ୬ ଗିରଫ

**ରାଉରକେଲା ଅଫିସ,୨୪।୮-** ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ଦେଶୀମଦ କାରବାର ଅଭିଯୋଗରେ ୬ଜଣଙ୍କୁ ଗିରଫ କରାଯାଇଛି। ଏମାନେ ହେଲେ ଗାନ୍ଧାରୀ ଲାକ୍ରା, ଚେରିଆ ଖେସ, ବିବିଆନା ମିଞ୍ଜ, ସଞ୍ଜୟ ମୋଚି, ଏନ୍. ଓରାମ ଓ ଜି. ଲାକ୍ରା। ଏମାନଙ୍କଠାରୁ ୨୧୫ ଲିଟର ଦେଶୀମଦ, ୮୫୦ କିଲୋଗ୍ରାମ ପୋଚ ଜବତ କରାଯାଇଛି। ଏଥିସହ ମଦ ଭର୍ତ୍ତି ଟିୟୁବ, ହାଣ୍ଡି, ଜାର୍ ଓ ପ୍ଲାଷ୍ଟିକ ଡ୍ରମ୍ ଆଦି ଜବତ କରାଯାଇଛି।

### ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ ପ୍ରସଙ୍ଗ

# ସରକାର ମାଗଣା ଜମି ପ୍ରଦାନ, ରେଜିଷ୍ଟ୍ରେଶନ ଫି ଛାଡ଼ କରନ୍ତୁ

**ରାଉରକେଲା ଅଫିସ,୨୪।୮**

ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସମସ୍ତ ସହଯୋଗ କରିବାକୁ ଆହ୍ୱାନ ଦେଇଛି ରାଉରକେଲା ଉତ୍ତର ଓଡ଼ିଶା ରେଳ ବିକାଶ ଓ ସମନ୍ୱୟ ସମିତି। ଏକ ବିବୃତିରେ ସଂଗଠନ ସାଧାରଣ ସମ୍ପାଦକ ସଂଗ୍ରାମ ମହାନ୍ତି କହିଛନ୍ତି, ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବା ବେଳେ ଏନେଇ ସହରବାସୀଙ୍କ ସମର୍ଥନ ବାସ୍ତବିକ ଉତ୍ସାହପ୍ରଦ ସାବ୍ୟସ୍ତ ହୋଇଛି। ଏହି ଅବସରରେ ସେ ପୂର୍ବ କଥାକୁ ସ୍ମରଣ କରାଇ ଆଗାମୀ ଦିନରେ ଏହା ଆମକୁ ପ୍ରେରଣା ପ୍ରଦାନ କରିବ ବୋଲି କହିଛନ୍ତି। ରାଉରକେଲା ଇସ୍ପାତ କାରଖାନା ନିର୍ମାଣ ସମୟରେ ଜର୍ମାନରୁ ଆସିଥିବା କିଛି ଯନ୍ତ୍ରୀ ପାରାଦୀପ ବନ୍ଦର ସହ ରେଳ ସଂଯୋଗ ନେଇ ଗୁରୁତ୍ୱାରୋପ କରିଥିଲେ। ମାତ୍ର ୧୧୦ କିଲୋମିଟର ରେଳପଥ ନିର୍ମାଣ କରାଯାଇଥିଲେ ରାଉରକେଲା-ପାରାଦୀପ ବନ୍ଦର ମଧ୍ୟରେ ଦୂରତା (ଖଡ଼ଗପୁର ଦେଇ) ୬୭୦ କିଲୋମିଟର ପରିବର୍ତ୍ତେ ୪୪୯ କିଲୋମିଟରରେ ସୀମିତ ରହିଥାନ୍ତା। କିନ୍ତୁ ପାରଦୀପ ଦେଇ ରାଞ୍ଚି ତଥା ଉତ୍ତର ଭାରତକୁ ସର୍ବନିମ୍ନ ଦୂରତ୍ୱ ପଥରେ ମାଲ ପରିବହନ କରାଗଲେ ହଳଦିଆ ବନ୍ଦର ଉପେକ୍ଷିତ ହେବ। ଏହି ଆଶଙ୍କାରେ ପଶ୍ଚିମବଙ୍ଗର କିଛି ଅଧିକାରୀ ସେତେବେଳେ ଏହାକୁ ଭଣ୍ଡୁର କଲେ। ସର୍ଭେ ଆଳରେ ବାରମ୍ବାର ବିମଳାଗଡ଼-ତାଳଚେର ରେଳପଥ ନିର୍ମାଣ ନେଇ ସମୟ ଗଡ଼ାଇ ଚାଲିଲେ। ତତ୍କାଳୀନ ରାଜ୍ୟ ସରକାର ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଲେ ନାହିଁ। ଗତ ୧୯୬୯ରେ ଏହି ଗୁରୁତ୍ୱପୂର୍ଣ୍ଣ ରେଳପଥ ନିର୍ମାଣ ନେଇ ରାଉରକେଲା ଠାରେ ଯେଉଁ ଆନ୍ଦୋଳନ ଆରମ୍ଭ କରାଯାଇଥିଲା ତାହା ସରକାରଙ୍କ ନିଦ ଭାଙ୍ଗିବାକୁ ବାଧ୍ୟ କରିଥିଲା। ଫଳରେ ସେତେବେଳର ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ଆଣି ଏହି ରେଳପଥ ତୁରନ୍ତ ନିର୍ମାଣ କରିବାକୁ କେନ୍ଦ୍ର ସରକାର ଉପରେ ଚାପ ପକାଇଲେ। ହେଲେ ସବୁ କିଛି ନିଷ୍ଫଳ ହେଲା। ସରକାରଙ୍କ ପ୍ରସ୍ତାବକୁ ଶୀତଳ ଭଣ୍ଡାରରେ ଚାପି ରଖି ଦିଆଗଲା। ପରେ ଯିଏ ଯେତେ ପାଟିତୁଣ୍ଡ କଲେ ବି କେନ୍ଦ୍ର ସରକାର ଆଉ ଏଥିପ୍ରତି ଦୃଷ୍ଟି ଦେଲେ ନାହିଁ। ତାଳଚେର-ବିମଳାଗଡ଼ ରେଳପଥ ଦାବିରେ ଆନ୍ଦୋଳନକୁ ଏବେ ୫୦ବର୍ଷ ପୂରିବାକୁ ଯାଉଛି। ପୁନଃ ଏକାଠି ହୋଇଛନ୍ତି ୧୯୬୯ ଆନ୍ଦୋଳନ ବେଳର କିଛି ସଂଗ୍ରାମୀ। ଏନେଇ ଭଞ୍ଜଭବନଠାରେ ଏକ ସଫଳ ସମ୍ମିଳନୀ ମଧ୍ୟ ଶେଷ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇ ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ ଅନିବାର୍ଯ୍ୟ ବୋଲି ଦାବି କରିଥିଲେ। ଏଣୁ ଉତ୍ତର ଓଡ଼ିଶା ରେଳ ସମନ୍ୱୟ ସମିତି ଏହି ଆନ୍ଦୋଳନ ପ୍ରତି ପୂର୍ଣ୍ଣ ସମର୍ଥନ ଘୋଷଣା କରୁଛି ବୋଲି କହିଛନ୍ତି ଅନୁଷ୍ଠାନର ସାଧାରଣ ସମ୍ପାଦକ ମହାନ୍ତି। ସରକାର ଏଥିରେ ପୂର୍ଣ୍ଣ ସମର୍ଥନ କରନ୍ତୁ। ମାଗଣାରେ ଜମି ଯୋଗାଇବା ସହ ରେଜିଷ୍ଟ୍ରେଶନ ଫି ଛାଡ଼ କରନ୍ତୁ ବୋଲି ସଂଗଠନ ଦାବି କରିଛି।

## ମୋ ରାଉରକେଲା

# ଗାଁକୁ ଗଲେ ତୁରନ୍ତ ଏଠିକୁ ଫେରିବାକୁ ମନ ଟାଣେ



ସତ୍ୟ ଶର୍ମା, ସଭାପତି, ଓକିଲ ସଂଘ

**କେ**ନ୍ଦ୍ରାପଡ଼ା ଜିଲା ଚଣ୍ଡିଆଗଡ଼ି ଗାଁ ଛାଡ଼ି ୧୯୯୪ରେ ରାଉରକେଲା ଆସିଥିଲି। ସେତେବେଳେ ଜାଣି ନ ଥିଲି ଯେ ଦିନେ ମୁଁ ପକ୍କା ରାଉରକେଲିଆ ବନିଯିବି। ଏ ପାଣି ପବନରେ କି ଆକର୍ଷଣ ରହିଛି ମୁଁ ଜାଣେନା। କେବେ କେମିତି ଗାଁକୁ ଗଲେ ତୁରନ୍ତ ଏଠିକୁ ଫେରିବାକୁ ମନ ଟାଣେ। ରାଜ୍ୟର ଉପାନ୍ତ ଅଞ୍ଚଳ ସ୍ମାର୍ଟସିଟି ରାଉରକେଲା ବହୁଭାଷୀଙ୍କ ସହର। ହେଲେ ଏମାନଙ୍କ ମଧ୍ୟରେ ରହିଥିବା ସମନ୍ୱୟ ବେଶ୍ ଚମତ୍କାର ଲାଗେ। ସହରର ଆଭିଜାତ୍ୟ ଅଞ୍ଚଳ ସହ ଶତାଧିକ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଯେଉଁ ନିବିଡ଼ ସମ୍ପର୍କ ରହିଛି ତାହା ନିଶ୍ଚିତ ଏହାକୁ ଅନନ୍ୟ କରିଛି। ଏଠାରେ ସମସ୍ତଙ୍କ ସହଯୋଗରେ ମୁଁ ଆଜି ଉଭୟ ପଦ ଓ ପ୍ରତିଷ୍ଠା ହାସଲ କରିଛି। ସମ୍ମାନ ପାଇଛି। ଲୋକଙ୍କଠାରୁ ଅଯାଚିତ ସ୍ନେହମମତା ପାଇ ନିଜ ପରିଚୟ ନିଜେ ସୃଷ୍ଟି କରିପାରିଛି। ଏଠାକାର କଳା ସଂସ୍କୃତି, ଆଞ୍ଚଳିକ ପର୍ବପର୍ବାଣି, ମେଳା ମହୋତ୍ସବ, ବେଦବ୍ୟାସ, ହନୁମାନ ବାଟିକା, ରିଂ ରୋଡ୍, ପିତାମହଲ ଓ ମନ୍ଦିରା ଡ୍ୟାମ୍ ମୋର ଅତ୍ୟନ୍ତ ପ୍ରିୟ। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାର ସରଳ ମଣିଷ, ଅରଣ୍ୟରାଜି, ନଈ, ପାହାଡ଼ ଝରଣା ଆଦି ପ୍ରାକୃତିକ ଶୋଭାରାଜି ସବୁବେଳେ ମୋ ପାଇଁ ଅଭୁଲା ହୋଇ ରହିଥିବ।

## ବର୍ଷାକାଳୀନ ରୋଗ ସମ୍ପର୍କିତ ସଚେତନତା

**ରାଉରକେଲା ଅଫିସ,୨୪।୮**

ସେକ୍ଟର-୨୨ ଇସ୍ପାତ ହସ୍ପିଟାଲ ପରିସରରେ ଶୁକ୍ରବାର ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମେଡିକାଲ ଭାରପ୍ରାପ୍ତ ଅଧିକାରୀ ଡା. ଇନ୍ଦ୍ରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଡା. ରାହାସବିହାରୀ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସେ କହିଲେ, ବର୍ଷାକାଳୀନ ରୋଗ ଦାଉରୁ ସୁରକ୍ଷିତ ରହିବାକୁ ହେଲେ ଆମକୁ ନିର୍ଦ୍ଦିଷ୍ଟ କେତେକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଏହି ଋତୁରେ ଡାଇରିଆ, ଡିସେଣ୍ଟ୍ରି, ବାୟୁ ଜନିତ ବିଭିନ୍ନ ରୋଗ, ଟାଇଫଏଡ୍, ଜଣ୍ଡିସ୍, ମ୍ୟାଲେରିଆ, ଡେଙ୍ଗୁ ଓ ଚିକୁନଗୁନିଆ ଆଦି ରୋଗ ହୋଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ଦୂଷିତ ଖାଦ୍ୟ ପାନୀୟଠାରୁ ଦୂରେଇ ରହିବା ସହ ସ୍ୱାସ୍ଥ୍ୟକର ପରିବେଶ ଆପଣାଇବାକୁ ହେବ। ନିଜ ଆବାସିକ ଅଞ୍ଚଳ କିପରି




ଇସ୍ପାତ ହସ୍ପିଟାଲ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ସଚେତନତା ଶିବିରରେ ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ କରୁଛନ୍ତି ଜଣେ ମହିଳା।

ପରିବେଶ ଅନୁକୂଳ ରହିବ ସେ ଦିଗରେ ଚେଷ୍ଟା କରିବାକୁ ହେବ। ସତର୍କ ରହିଲେ ଏଭଳି ରୋଗ ଦାଉରୁ ସୁରକ୍ଷା ମିଳିପାରିବ ବୋଲି ଡା. ମହାପାତ୍ର କହିଥିଲେ। ଏଥିରେ ସମାଇ ସୋରେନ, କ୍ଷୀରୋଦ ପଶାୟତ, ସନାତନ ସାହୁ, ଗୌରାଙ୍ଗ ଦାସ, ସିଆର ନନ୍ଦ ଓ ମୁରଲୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତରୁ ଖସି ମୃତ୍ୟୁ

**ରାଉରକେଲା ଅଫିସ,୨୪।୮**

ଉଦିତନଗର ସେଲ୍ସ ଟ୍ୟାକ୍ସ କଲୋନୀ ବସ୍ତି ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଛାତରୁ ଖସି ଜଣଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାଁ ପ୍ରେମାନନ୍ଦ ଧଳ (୬୫)। ସେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା। ଛାତ ପିଟୁ କାମ ତଦାରଖ କରୁଥିବା ବେଳେ ଧଳ ଅନ୍ୟମନସ୍କ ହୋଇ ତଳକୁ ଖସିପଡ଼ିଥିବା ଅନୁମାନ କରାଯାଇଛି। ଉଦିତନଗର ପୋଲିସ ଘଟଣାର ତଦନ୍ତ କରୁଛି।

## ଟ୍ରେନ ଦୁର୍ଘଟଣାରେ ଜଣେ ମୃତ

**ବାମରା, ୨୪।୮ (ସ୍ୱ.ପ୍ର.)**

ବାମରା ରେଳଷ୍ଟେଶନ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଟ୍ରେନ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସେ ୩ ନମ୍ବର ପ୍ଲାଟଫର୍ମରୁ ରେଳଲାଇନ ଅତିକ୍ରମ କରି ୧ କିମ୍ବା ୨ ନମ୍ବର ପଟକୁ ଯାଉଥିଲେ। ଡାଉନ ଲାଇନରେ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା।

## ଭିଟିଏସ୍ ହଟାଇବାକୁ ଦାବି

**ଟେନସା,୨୪।୮(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ ଭିଟିଏସ ବାଧ୍ୟତାମୂଳକ କରିବା ପରେ କୋଇଡା ଅଞ୍ଚଳରେ ୧୩୦୦୦ରୁ ଊର୍ଦ୍ଧ୍ୱ ଟ୍ରକ ଓ ଟିପ୍ପର ପରିଚାଳନା ବନ୍ଦ ହୋଇଯାଇଛି। ସମସ୍ତ ଗାଡି ମାଲିକ ଏହି ୟୁନିଟ ୧୫୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରି ଗାଡିରେ ଲଗାଇଥିଲେ ମଧ୍ୟ ତାହା କାର୍ଯ୍ୟରତ ହୋଇପାରୁନାହିଁ। ସିଷ୍ଟମ ତ୍ରୁଟି ଯୋଗୁ ଏହା ଟ୍ୟାଗ ହୋଇ ନାହିଁ। କୋଇଡା ଖଣି ଅଞ୍ଚଳରେ ଆଉ କିଛି ବ୍ୟାପାର ନ ଥିବା ବେଳକୁ ଏଠାରେ ଲୋକେ କିସ୍ତିରେ ଗାଡି କିଣି ଚଳାଉଛନ୍ତି। ହେଲେ ଭିଟିଏସ ତ୍ରୁଟି ଯୋଗୁ ଗାଡି ମାଲିକଙ୍କୁ ବହୁ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି। ଏହାର ପ୍ରତିବାଦରେ ସ୍ଥାନୀୟ ଟ୍ରକ ଓ ଟିପ୍ପର ସଂଘ ନେତୃତ୍ୱରେ ଶହ ଶହ ଗାଡି ମାଲିକ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଭିଟିଏସ ହଟାଯାଉ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷରେ କୋଇଡା ଖଣି ଉପନିର୍ଦ୍ଦେଶକ ସଲିଲ ବେହେରା ଏହି ତ୍ରୁଟି ଧିରେ ଧିରେ ଅପଡେଟ ହେବ ବୋଲି କହିଛନ୍ତି।



ଗାଡ଼ି ମାଲିକଙ୍କ ଦ୍ୱାରା ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ଢାବାରୁ ମଦ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୨୪।୮**

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଫେଟକଲ ପେଟ୍ରୋଲ ପମ୍ପ ନିକଟରେ ଖୋଲାଯାଇଥିବା ଏକ ଢାବାରେ ବିପୁଳ ମଦ କାରବାର ହେଉଥିବା ନେଇ ବାରମ୍ବାର ଅଭିଯୋଗ ପରେ ଟାଙ୍ଗରପାଲି ପୋଲିସ ଶୁକ୍ରବାର ସନ୍ଧ୍ୟାରେ ସେଠାରେ ଚଢ଼ାଉ କରିଥିଲା। ଢାବାରୁ ୧୦ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ପ୍ରଶାନ୍ତ ସାହୁ ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ହେଲେ ଢାବା ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଢାବା ମାଲିକ ଜଣକ ଏକ ଖବରକାଗଜର ପ୍ରତିନିଧି ହୋଇଥିବାରୁ ପୋଲିସ ତାଙ୍କୁ ଘଣ୍ଟ ଘୋଡ଼ାଉଥିବା ଚର୍ଚ୍ଚା ହେଉଛି।

## ସେଲ୍ ଅଧ୍ୟକ୍ଷଙ୍କ ଗୋପନୀୟ ଗସ୍ତକୁ ନେଇ ଚର୍ଚ୍ଚା

**ରାଉରକେଲା ଅଫିସ,୨୪।୮**

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍) ଅଧ୍ୟକ୍ଷ ସରସ୍ୱତୀ ପ୍ରସାଦ ଗତ ୨୧ ତାରିଖରେ ଦୁଇଦିନିଆ ରାଉରକେଲା ଗସ୍ତରେ ଆସି ଫେରିଯାଇଛନ୍ତି। ଏହି ଅବସରରେ ସେ ଆର୍‌ଏସ୍‌ପିର କେତେକ ବିଭାଗ ବୁଲି ଦେଖିଥିଲେ। ତେବେ ସରସ୍ୱତୀଙ୍କ ଏଭଳି ଗୋପାନୀୟ ଆର୍‌ଏସ୍‌ପି ପରିଦର୍ଶନ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି ବୋଲି ରାଉରକେଲା ମଜଦୁର ସଭା ପକ୍ଷରୁ କୁହାଯାଇଛି। ଏନେଇ ୟୁନିୟନ ପକ୍ଷରୁ ଗୁରୁବାର ଜାରି ଏକ ପ୍ରେସ ବିବୃତିରେ ସରସ୍ୱତୀଙ୍କ ଗସ୍ତକୁ ସନ୍ଦେହଜନକ ବୋଲି ଦର୍ଶାଯାଇଛି। କାରଣ ନୂଆ ଅଧ୍ୟକ୍ଷଙ୍କ ଗସ୍ତ ନେଇ ଆର୍‌ଏସ୍‌ପି କର୍ମଚାରୀ ଓ ସହରବାସୀ ସୁରାକ ନ ପାଇବା ଏହା ପ୍ରମାଣିତ କରୁଛି ବୋଲି ୟୁନିୟନ କହିଛି। ଅଧ୍ୟକ୍ଷଙ୍କ ପ୍ରଥମ ଗସ୍ତକୁ ନେଇ ସ୍ୱାଭାବିକ କର୍ମଚାରୀ ମହଲରେ ଉତ୍ସାହ ପ୍ରକାଶ ପାଇଥିଲା। କିନ୍ତୁ ଯେଉଁଭଳି ଢଙ୍ଗରେ ତାଙ୍କ ଗୋପନୀୟ ଗସ୍ତ ଶେଷ କରାଗଲା ତା' ପଛରେ ଅନେକ ରହସ୍ୟ ଲୁଚି ରହିଛି। ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସେଲ୍ ଅଧ୍ୟକ୍ଷଙ୍କୁ ଖବରଦାତା, କର୍ମଚାରୀ ସଂଗଠନ ଓ ବିଭିନ୍ନ ସାମାଜିକ ସଂଗଠନଠାରୁ ଦୂରେଇ ରଖିବା ରହସ୍ୟଜନକ ମନେହେଲା। ଏପରି କରିବାକୁ ଅଧ୍ୟକ୍ଷ ନିଜେ ଆଗ୍ରହ ପ୍ରକାଶ କରିଥିଲେ ନା ଆର୍‌ଏସ୍‌ପି କର୍ତ୍ତୃପକ୍ଷ ନିଜ ଆଡୁ ଏହା କଲେ ତାହା ନିଶ୍ଚିତ ଭାବେ ଏକ ଜଟିଳ ପ୍ରଶ୍ନ ବୋଲି ଆର୍‌ଏମ୍‌ଏସ୍ ପକ୍ଷରୁ କୁହାଯାଇଛି। କାରଖାନାର ଉତ୍ପାଦନ, ଉତ୍ପାଦକତା, ଲାଭାର୍ଜନ ତଥା ସାମଗ୍ରିକ ସଫଳତା ନେଇ ସମସ୍ତେ ଉତ୍ସାହିତ। ଏହା ସତ୍ତ୍ୱେ ଅଧ୍ୟକ୍ଷ କର୍ମଚାରୀ ସଂଗଠନ ପ୍ରତି ଅଣଦେଖା ମନୋଭାବକୁ ସହଜରେ କେହି ହଜମ କରିପାରି ନାହାନ୍ତି। ଆର୍‌ଏସ୍‌ପି କର୍ମଚାରୀଙ୍କୁ ସଫଳତାର ଶ୍ରେୟ ପ୍ରଦାନ କରିବା ନେଇ ଏକ ମତ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରିବାରେ କର୍ତ୍ତୃପକ୍ଷଙ୍କ ଟାଳଟୁଳ ମନୋଭାବ ଉଚିତ ହୋଇ ନାହିଁ ବୋଲି ଆର୍‌ଏମ୍‌ଏସ୍ ପକ୍ଷରୁ କୁହାଯାଇଛି। ଅଧ୍ୟକ୍ଷ ସରସ୍ୱତୀ ତରବରିଆ ଭାବେ ଆର୍‌ଏସ୍‌ପିର କେତେକ ବିଭାଗ ପରିଦର୍ଶନ କରିଥିଲେ ହେଁ ଏହା କର୍ମଚାରୀଙ୍କ ମନରେ ଉତ୍ସାହ ସୃଷ୍ଟି କରିପାରିନି। ଇସ୍ପାତ ଶ୍ରମିକ କର୍ମଚାରୀ ବହୁବିଧ ସମସ୍ୟା ଦେଇ ଗତି କରୁଥିବା ବେଳେ ଅଧ୍ୟକ୍ଷଙ୍କ ଅଣଦେଖା ମନୋଭାବକୁ ନିନ୍ଦା କରିଛି ୟୁନିୟନ।

## ଚକ୍ଷୁ ପରୀକ୍ଷା ଶିବିର

**ରାଉରକେଲା ଅଫିସ,୨୪।୮**

ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ ଆନୁକୂଲ୍ୟରେ ଦୁଇଦିନିଆ ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଲାଠିକଟା ବ୍ଲକ ବିରଡ଼ା ଏବଂ ଟାଇଁସର ଅଞ୍ଚଳରେ ଆୟୋଜନ କରାଯାଇଥିଲା। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ରୋଗୀ ଚକ୍ଷୁ ପରୀକ୍ଷା କରାଇଥିଲେ। ଦଲପ୍ରୀତ ସିଂ ଛାବ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ସଭାପତି ଅମିତ ଅଗ୍ରୱାଲ, ରାଧିକା ଗୌତମ, ସନ୍ଦିପ ଗୌତମ, ଭରତ ଲଖାନୀ, ଅଜୟ ପୁରୋହିତ ଓ ସଞ୍ଜୀବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରୋଗୀମାନଙ୍କୁ ଆଗାମୀ ଦିନରେ ଲାୟନ୍ସ କ୍ଲବ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି।




ସମ୍ଭାଗସ୍ତରୀୟ ବାଳିକା ଶିକ୍ଷା କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିମାନେ।

## ସମ୍ଭାଗସ୍ତରୀୟ ବାଳିକା ଶିକ୍ଷା କର୍ମଶାଳା

**କୁଆଁରମୁଣ୍ଡା,୨୪।୮(ଡି.ଏନ.ଏ.)**

କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷା ବିକାଶ ସମିତି ପଶ୍ଚିମ ସମ୍ଭାଗ ପକ୍ଷରୁ ୩ ଦିନିଆ ସମ୍ଭାଗସ୍ତରୀୟ ବାଳିକା ଶିକ୍ଷା କର୍ମଶାଳା ଗୁରୁବାର ଆୟୋଜିତ ହୋଇଯାଇଛି। ଏହି କର୍ମଶାଳା ଶନିବାର ଅପରାହ୍ନରେ ଉଦ୍‌ଯାପିତ ହେବ ବୋଲି କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଅଚାର୍ଯ୍ୟ ଜନ୍ମେଜୟ ସୁଆର ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ବ୍ଲକ ସହକାରୀ ଶିକ୍ଷା ଅଧକାରୀ ଗୁରୁଚରଣ ସାହୁ ଯୋଗଦେଇ କୈଶୋର ଅବସ୍ଥାରେ ଛାତ୍ରୀମାନେ କିଭଳି ନିଜର କାର୍ଯ୍ୟଶୈଳୀରେ ନିୟନ୍ତ୍ରଣ ରଖିପାରିବେ ଓ ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ପାରିବେ ସେ ନେଇ ଉପଯୁକ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଶିଶୁ ମନ୍ଦିରର ରାଉରକେଲା ବିଭାଗ ପ୍ରମୁଖ ଶିବପ୍ରସାଦ ମହାପାତ୍ର, ବିଭାଗ ନିରୀକ୍ଷକ ଯୋଗେନ୍ଦ୍ର ମହାନ୍ତ, ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ପ୍ରମୁଖ ଅରୁଣ ବାଗ୍, ରାମଚନ୍ଦ୍ର ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଦ୍ୟାଳୟର ଗୁରୁମା କଲ୍ୟାଣୀ ଦାସ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ପଶ୍ଚିମ ସମ୍ଭାଗ ଅନ୍ତର୍ଗତ ୭୦ରୁ ଊର୍ଦ୍ଧ୍ୱ ଶିଶୁ ମନ୍ଦିରରୁ ଜଣେ ଲେଖାଏଁ ଗୁରୁମା ଅଂଶ ଗ୍ରହଣ କରିଛନ୍ତି।

### ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ପକ୍ଷରୁ ବିକ୍ଷୋଭ

# ସମ୍ବିଧାନ ବିରୋଧୀଙ୍କୁ ଉଚିତ ଦଣ୍ଡ ଦିଅ

**ରାଉରକେଲା ଅଫିସ,୨୪।୮**

ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଡକରଙ୍କୁ ଅପମାନିତ କରିବା ସହ ସମ୍ବିଧାନ ଜାଳିବା ପ୍ରତିବାଦରେ ଶୁକ୍ରବାର ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ମହିଳା ଏକତା ମଞ୍ଚ ପକ୍ଷରୁ ରାଉରକେଲା ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଏକତା ମଞ୍ଚ ପକ୍ଷରୁ ଉପସ୍ଥିତ କର୍ମକର୍ତ୍ତା ଅଭିଯୋଗ କରିଥିଲେ ଯେ ଅଗଷ୍ଟ ୯ କ୍ରାନ୍ତି ଦିବସରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ କିଛି ମନୁବାଦୀ




ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଆମ୍ବେଡକରଙ୍କ ମୁର୍ଦ୍ଦାବାଦ ଧ୍ୱନି ଦେବା ସହ ସମ୍ବିଧାନ ପୋଡ଼ିଥିଲେ। ପୋଲିସ ଉପସ୍ଥିତିରେ ଏଭଳି ଦେଶଦ୍ରୋହ କାର୍ଯ୍ୟ କରିଥିବା ଅପରାଧୀଙ୍କୁ ଦଣ୍ଡ ଦିଆଯିବା ଉଚିତ। ଦେଶ ଓ ସମ୍ବିଧାନ ବିରୋଧୀଙ୍କୁ କୌଣସି ପ୍ରକାର ସୁରକ୍ଷା ଅର୍ଥ ଆମ ସାର୍ବଭୌମତ୍ୱ ପ୍ରତି ବିପଦ। ତୁରନ୍ତ ଦୋଷୀମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ସଂଗଠନର କର୍ମକର୍ତ୍ତା। ପରେ ଏନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସଭାପତି ମହେନ୍ଦ୍ର କୁମ୍ଭାରଙ୍କ ସମେତ ସଂଗଠନର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ



### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୋକସରା,୨୪।୮(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଟେମରା ପଞ୍ଚାୟତ ହଂସପଡା ଗ୍ରାମର ବିଦ୍ୟାଧର ହଂସ (୪୦) ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ କୋକସରା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁସାରେ ବିଦ୍ୟାଧର ଶୁକ୍ରବାର ଭୋର ସକାଳେ ମହିମା ଡୋଙ୍ଗରି ପାଖରେ ଥିବା ନିଜ ଚାଷ ଜମିକୁ ଯାଉଥିଲେ । ଏହି ସମୟରେ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ଭାଗ୍ୟବଶତଃ କୌଣସି ମତେ ଭାଲୁ ହାବୁଡରୁ ରକ୍ଷା ପାଇଥିଲେ । ଖବର ପାଇ ମଧ ବନବିଭାଗର କୌଣସି କର୍ମଚାରୀ ଆସି ନ ଥିବା ବେଳେ କ୍ଷତି ପୂରଣ ପାଇଁ ପରିବାର ଦାବି କରିଛନ୍ତି ।



### ଚଣ୍ଡୀ ମନ୍ଦିରରୁ ମୂର୍ତ୍ତି ଚୋରି

ଜୁନାଗଡ,୨୪।୮(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଥିବା ଚଣ୍ଡୀ ମନ୍ଦିରରୁ ଶୁକ୍ରବାର କେହି ଦୁର୍ବୃତ୍ତ ଚଣ୍ଡୀ ମୂର୍ତ୍ତି ଚୋରି କରିନେଇଥିବା ଜଣାପଡିଛି। ମନ୍ଦିର କର୍ତ୍ତୃପକ୍ଷ ମନ୍ଦିର ଭିତରକୁ ପଶିଲା ବେଳେ ସିଂହାସନରେ ଚଣ୍ଡୀ ମୂର୍ତ୍ତି ନ ଥିବା ଦେଖିବାକୁ ପାଇଥିଲେ। ଫଳରେ ଏହାକୁ କେହି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏହି ମୂର୍ତ୍ତିଟି ପ୍ରାଚୀନ ହୋଇଥିବା ବେଳେ ଏହାକୁ ସିଂହାସନରେ ବସାଯାଇଥିଲା।

# ବନ୍ୟାକ୍ଲିଷ୍ଟ କେରଳରୁ ଫେରିଲେ ୩ ଶ୍ରମିକ

ବଲାଙ୍ଗୀର ଅଫିସ, ୨୪।୮

ଶତାବ୍ଦୀର ମହାପ୍ରଳୟଙ୍କାରୀ ବନ୍ୟାକ୍ଲିଷ୍ଟ କେରଳରୁ ଶୁକ୍ରବାର ବଲାଙ୍ଗୀର ଫେରିଛନ୍ତି ୩ ଶ୍ରମିକ । ସେମାନେ ହେଲେ ବଲାଙ୍ଗୀର ଲକ୍ଷ୍ମୀଯୋରପଡାର ଶଙ୍କର କୁମ୍ଭାର, ଟିଟିଲାଗଡ ଭାଟିପଡାର କୁନୁ ମାଝି ଓ କଳାହାଣ୍ଡି ଜିଲା ଦେପୁର ଗାଁର ବିଶିକେଶନ ମାଝି । ଦୀର୍ଘ ୨୦ଦିନ ଧରି ଏମାନେ କେରଳରେ ଜଳବନ୍ଦୀ ଭାବେ ଅକଥନୀୟ ଦୁର୍ଦ୍ଦଶା ଭୋଗିଥିବା ସୂଚନା ଦେଇଛନ୍ତି । ବଲାଙ୍ଗୀରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ତରଫରୁ ଆର୍ଥିକ ସହାୟତା ପଠାଇବା ପରେଏହି ୩ ଜଣ ଶ୍ରମିକ ଶୁକ୍ରବାର ଏଡାକୁ ଫେରିଛନ୍ତି । ଏ ସଂକ୍ରାନ୍ତରେ ବଲାଙ୍ଗୀର ଶ୍ରମିକ ମଙ୍ଗଳ ଭବନଠାରେ ଫାଉଣ୍ଡେସନ୍ର ସୋମନାଥ ମିଶ୍ର, ବିବେକାନନ୍ଦ ପଟେଲ ସୂଚନା ଦେଇଛନ୍ତି । ଦୀର୍ଘ ୧୦ ବର୍ଷ ହେଲା ଶ୍ରମିକ ଭାବେ ଶଙ୍କର କୁମ୍ଭାର କେରଳର କୋଟ୍ଟୟାମ୍ ଜିଲାର କାନମ୍ଠାରେ ଥିବା ଏକ କମ୍ପାନୀରେ ୱେଲଡିଂ କାମ କରୁଥିଲେ । ସେହି ଜିଲାର ଆଡେଇପାରାଠାରେ ଥିବା ଏକ ରବର କମ୍ପାନୀରେ ଶ୍ରମିକ କୁନୁ ମାଝି ଓ ବିଶିକେଶନ ମାଝି କାମ କରୁଥିଲେ । ଭୟଙ୍କର ବର୍ଷା ଓ ବନ୍ୟା ପରେ ସେମାନେ ପାହାଡ ଉପର ଏକ ସ୍ଥାନରେ ଅଟକି ରହିଥିଲେ । ସେହି ସ୍ଥାନକୁ କୌଣସି ପ୍ରକାର ଖାଦ୍ୟ ସାମଗ୍ରୀ ପହଞ୍ଚି ପାର ନ ଥିଲା । ବର୍ଷା ପାଣି କମିଯିବା ପରେ ସେମାନେ ତଳକୁ ଓହ୍ଲାଇ ସେମାନେ ରହୁଥିବା ସ୍ଥାନକୁ ଫେରି ଦେଖିବାବେଳେ ସମସ୍ତ ସାମଗ୍ରୀ ପାଣିରେ ବୁଡି ନଷ୍ଟ ହୋଇଯାଇଥିଲା । ବନ୍ୟା ଯୋଗୁଁ କମ୍ପାନୀମାନେ ମଧ ଭୀଷଣ ଭାବେ କ୍ଷତିରେ ପଡିଥିଲେ । ଫଳରେ କୌଣସି କାମ ନ ହେବାରୁ ସେମାନେ ମଜୁରି ମଧ ପାଇ ନ ଥିଲେ । ଟଙ୍କା ଅଭାବରୁ ଘରକୁ ଫେରିବା ବଡ କଷ୍ଟକର ହୋଇପଡିଥିଲା । ବଲାଙ୍ଗୀରର ଶ୍ରମିକ ଶଙ୍କର କୌଣସି ମତେ ସେଠାରୁ ଆର୍ଥିକ ସହାୟତା ପାଇଁ ବିଙ୍ଗ୍ ହ୍ୟୁମାନ୍ ସଂଗଠନ ସଦସ୍ୟଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ । ଏହାପରେ ଏହି ସଂଗଠନ ପକ୍ଷରୁ ୫ ହଜାର ଟଙ୍କା ଶଙ୍କରଙ୍କ ବ୍ୟାଙ୍କ ଆକାଉଣ୍ଟରେ ପଠାଇବା ପରେ ୩ ଓଡିଆ ଶ୍ରମିକ ଗତ ୩ ଦିନ ଧରି ବିଭିନ୍ନ ଟ୍ରେନ୍‌ରେ ଆସି ଶୁକ୍ରବାର ବଲାଙ୍ଗୀରରେ ପହଞ୍ଚିଥିଲେ । ସେଠାରୁ ଫେରିଥିବା ତିନି ଶ୍ରମିକ କେରଳ ବନ୍ୟାର ବିଭୀଷିକା ସମ୍ପର୍କରେ ସୂଚନା ଦେଇ ସୌଭାଗ୍ୟକ୍ରମେ ବଞ୍ଚିଯାଇଥିବା ସୂଚନା ଦେଇଥିଲେ ।



କେରଳରୁ ଫେରିଥିବା ତିନି ଶ୍ରମିକ ।

# ଜରାସିଂହା କଲେଜରେ ସ୍ୱାଗତ ସମାରୋହ

ଦେଓଗାଁ,୨୪।୮(ଡି.ଏନ.ଏ.)

ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତଦୁଇ କଲେଜରେ ଶୁକ୍ରବାର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିମଳ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି ଉମା ଶଙ୍କର ସିଂ ଯୋଗଦେଇଥିଲେ। ବିଦ୍ୟାର୍ଥୀ ମାନଙ୍କ ପରିଭାଷା ଓ ତାଙ୍କ କର୍ତ୍ତବ୍ୟ ଉପରେ ସେ ମାର୍ଗ ଦର୍ଶନ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁସୂୟା ସାମଲ ଓ ହରିଶ୍ଚନ୍ଦ୍ର ପଶାୟତ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ଅଧ୍ୟାପକ ଧୋବାଇ ଚରଣ ପଟେଲ, ବସନ୍ତ କୁମାର ମନହିରା, ଅଚ୍ୟୁତରାମ ମେହେର, ଦୁର୍ବାଦଳ ଘିଭେଲା ନିଜ ନିଜ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଶୁଭଶ୍ରୀ ସାହୁ, ସୁନିତା ମେହେର, ଅଧ୍ୟାପକ ବସୁଦେବ ମେହେର, ବାଳ ଶଙ୍କର ମେହେର, ପ୍ରଶାନ୍ତ କୁମାର ଥନାପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ତପସ୍ୱିନୀ ମେହେରଧନ୍ୟବାଦଅର୍ପଣ କରିଥିଲେ।ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଜରାସିଂହା କଲେଜରେ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଚାଲିଛି ।

# ଜନପ୍ରତିନିଧି, ବ୍ଲକ ପ୍ରଶାସନର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ଲାଞ୍ଜିଗଡ଼,୨୪।୮(ଡି.ଏନ.ଏ.)

ଏଥର ଲଘୁଚାପ ଜନିତ ବର୍ଷାରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଲଗାଣ ବର୍ଷାରେ ଚାଷବାସ ସହ ବ୍ଲକର ଘାଟି ଅଞ୍ଚଳରେ ରାସ୍ତା କଟି ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଯୋଗାଯୋଗ ବିଚ୍ଛିନ୍ନ ମାଳିଯୁବାଙ୍ଗ, ବିଜେପୁର ଓ ପାହାଡପଦର ପଞ୍ଚାୟତ କ୍ଷତିଗ୍ରସ୍ତ ଅଞ୍ଚଳକୁ ବିଧାୟକ ବଳଭଦ୍ର ମାଝି, ବ୍ଲକ ଅଧ୍ୟକ୍ଷ ଇଂ. ଫକୀର ମୋହନ ମାଝି, ପ୍ରଶାସନ ପକ୍ଷରୁ ବିଡିଓ ବାସୁଦେବ ନାୟକ, ଏବିଡିଓ ବିଭୂତିଭୂଷଣ ଶତପଥୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ବୁଲି ଦେଖିଛନ୍ତି । ଏଥିସହ କ୍ଷୟକ୍ଷତି ତାଲିକା ପ୍ରସ୍ତୁତ କରିବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ ତଥା କୃଷି ବିଭାଗ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲଗାଣ ବର୍ଷା ଯୋଗୁ ମାଳିଯୁବାଙ୍ଗ ପଞ୍ଚାୟତ ବଙ୍କାକୁଣ୍ଡୁଠାରୁ ପୁଇଗୁଡା ରାସ୍ତା ନଷ୍ଟ ହୋଇଯାଇଥିବା ବେଳେ ଏଥି ଯୋଗୁ କେନ୍ଦୁପେଟ୍, ଭେଜରାଂ, ଦୁରପଦର, ଚାଚାଗାଁ, ଇଦରୂପା, ଥୁଆଗୁଡା, ଘୁମେର, ସାଇମସ୍କା, ଟୁରିସିମେଲ, ପିଟସାର ଓ ସର୍ଗିଗୁଡା ଆଦି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡିଛନ୍ତି । ସେହିପରି ବଙ୍କାକୁଣ୍ଡୁ-ମାଣ୍ଡିପିଟା ଓ ପୋଖେର ରାସ୍ତାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ନିର୍ମାଣାଧୀନ ପୋଖେର-ଦନାରଗୁଡା ପ୍ରଧାନମନ୍ତ୍ରୀ ରାସ୍ତା ମଧ ବ୍ୟାପକ କ୍ଷୟକ୍ଷତି ହୋଇଛି । ସେହିପରି ପାହାଡପଦର, ବିଜେପୁର ଓ ମାଳିଯୁବାଙ୍ଗ ପଞ୍ଚାୟତ ଶହଶହ ଏକର ଜମି ବାଲିଚର ପାଲଟିଥିବାବେଳେ ଶତାଧିକ ଏକର ଜମିର କପାଚାଷ ନଷ୍ଟ ହୋଇଛି । ବିଧାୟକ ଓ ବ୍ଲକ ପଦାଧିକାରୀ ନିରୀକ୍ଷଣ ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଜିଲା ପ୍ରଶାସନ ସହ ଆଲୋଚନା କରି କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ନିର୍ମାଣ ଓ ମରାମତି ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।



ଅଧିକାରୀମାନେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ବାହାନା

# ମଧ୍ୟାହ୍ନଭୋଜନ ପରେ ସ୍କୁଲ ଛୁଟି

ଜୁନାଗଡ,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବକ୍ସିତୁଲସୀପାଲି ଅପଗ୍ରେଡ ହାଇସ୍କୁଲ ଶୁକ୍ରବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ବାହାନାରେ ମଧ୍ୟାହ୍ନ ଭୋଜନ ପରେ ସ୍କୁଲ ଛୁଟି ହୋଇଯାଇଥିବା ଛାତ୍ରୀଛାତ୍ର, ଗ୍ରାମବାସୀଙ୍କଠୁ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବକ୍ସିତୁଲସୀପାଲି ଅପଗ୍ରେଡ ହାଇସ୍କୁଲରେ ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଥିଲା। ଏହି ବାହାନାରେ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପରେ ଛୁଟି କରି ଦିଆଯାଇଥିଲା। ତେବେ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ କେବଳ ହାତଗଣତି କିଛି ଲୋକ ଯୋଗଦେଇଥିଲେ। ଫଳରେ ଏହି କାର୍ଯ୍ୟକ୍ରମଟିକୁ ବାତିଲ କରାଯାଇଥିଲା। ପରେ ସ୍କୁଲରେ ତାଲା ପକାଇ ଦିନ ୨ଟା ପରେ ଶିକ୍ଷକମାନେ ଚାଲିଯାଇଥିଲେ। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନଞ୍ଜୟ ପାଢୀଙ୍କୁ ପଚାରିବାରୁ ମୋ ସ୍କୁଲ କାର୍ଯ୍ୟକ୍ରମ ଥିବାରୁ ମଧ୍ୟାହ୍ନ ଭୋଜନ ପରେ ଛାତ୍ରୀଛାତ୍ରଙ୍କୁ ଛୁଟି କରାଯାଇଥିଲା। ମୋ ସ୍କୁଲ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଡକାଯାଇଥିଲା । କେବଳ ୨/୪ଜଣ ଆସିଥିଲେ ବୋଲି କହିଥିଲେ। ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ କରାଗଲେ ବି ଅପରାହ୍ନ ୪ଟା ଯାଏଁ ଛାତ୍ରୀଛାତ୍ର, ଶିକ୍ଷକମାନେ ରହିବାର କଥା, ଏ ବିଷୟରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,000,00/- ପାଆନ୍ତୁ ଓ ମାସକୁ ଭଡା ୨0,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

**FINANCE**
MG Financial Solution
୨ଦିନ ମଧରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧରେ ମିଳିବ। 2% ସୁଧ।
M: 8337957615
7064797490

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**ADMISSION OPEN FOR 2018-20**
B.Ed CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**FINANCE**
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସଂପର୍କ କରନ୍ତୁ
7347695603
8941029381

**SRI RAM FINANCE LTD.**
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ । ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି ।
Help Line No.
8658665629
7894259095
finance0102018@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ ୧୨୮୦ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

9911436726, 8750311430

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍। ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
**OM FINANCE**
9557124359
7895699233

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ଫ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time
ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି । କଲ୍ କରନ୍ତୁ SAMIR MONAL
07363008993
07363008928



> ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
> - ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ଭତ୍ତା ରାଶି ବୃଦ୍ଧି ଦାବିରେ ତହସିଲ ଅଫିସ ଘେରାଉ

**କଣ୍ଟାବାଞ୍ଜି ,୨୪।୮(ଡି.ଏନ୍.ଏ.)**- ବିଧବା, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ଅବିବାହିତ ଭତ୍ତା ରାଶି ୩ଶହଟଙ୍କାରୁ ୧୫୦୦ଟଙ୍କାକୁ ବୃଦ୍ଧି କରିବା ଦାବି କରି କଣ୍ଟାବାଞ୍ଜି ବିକାଶ ମଞ୍ଚ ତରଫରୁ ଶୁକ୍ରବାର କଣ୍ଟାବାଞ୍ଜି ତହସିଲ ଅଫିସ ଘେରାଉ କରାଯାଇଥିଲା। ଅଜୟ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ମଞ୍ଚର ସଦସ୍ୟ ଓ ହିତାଧିକାରୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନୁଷ୍ଠିତ ପ୍ରତିବାଦ ସଭାରେ ପରିବର୍ତ୍ତିତ ସମୟରେ ଭତ୍ତା ରାଶିକୁ ବୃଦ୍ଧି କରିବାକୁ ଦାବି କରାଯାଇଥିଲା। ପରେ ଆବାହକ ଭୁବନାନନ୍ଦ ମହାନ୍ତିଙ୍କ ଦ୍ୱାରା ସ୍ମାରକ ପତ୍ର ପଠନ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ସୁବାଷ ଚନ୍ଦ୍ର ସେଠିଆଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚିତ୍ରଭାନୁ ବେହେରା, ସୁକାନ୍ତ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# କଲ୍ୟାଣ ମଣ୍ଡପ କାମ ନିମ୍ନମାନର ଅଭିଯୋଗ

**ରାଜଗାଙ୍ଗପୁର,୨୪।୮(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ବସଷ୍ଟାଣ୍ଡ ନିକଟରେ ଥିବା କମ୍ୟୁନିଟି ସେଣ୍ଟର ପରିସରରେ ପ୍ରାୟ ଦୁଇ ବର୍ଷ ହେବ ପୌରପରିଷଦ ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ତିଆରି କାମ ଚାଲୁଛି। ତେବେ ଏହି କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । କଲ୍ୟାଣ ମଣ୍ଡପଟି ଉଦ୍‌ଘାଟନ ହେବା ପୂର୍ବରୁ କାନ୍ଥ ଗୁଡିକରେ ଫାଟ ଦେଖିବାକୁ ମିଳିଛି । ଏହାକୁ ନେଇ ଠିକାଦାରଙ୍କ ବିରୋଧରେ ଏକ ଉଚ୍ଚସ୍ତରୀୟ ତଦନ୍ତ ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଏହି କାର୍ଯ୍ୟରେ ପ୍ରଥମେ ୪୩ଲକ୍ଷ ୪୮ ହଜାର ୨୨୨ଟଙ୍କା ମଞ୍ଜୁରି କରାଯାଇଥିବା ଏକ ଆରଟିଆଇ ରିପୋର୍ଟରୁ ସୂଚନା ମିଳିଛି। ତେବେ ବର୍ତ୍ତମାନ ଏହି ଯୋଜନାରେ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଯାଇଥିବାବେଳେ ପାଖାପାଖି ଦୁଇ ବର୍ଷ ହୋଇ ଯାଇଥିଲେ ମଧ୍ୟ ତିଆରି କାର୍ଯ୍ୟ ସମାପ୍ତ ହୋଇନାହିଁ। ଦିନକୁ ଦିନ ଏହି ଯୋଜନାରେ ମୋଟା ଅର୍ଥ ମଞ୍ଜୁରି କରାଯାଇଥିବାବେଳେ କାର୍ଯ୍ୟ ଗୁଡିକ ବିନା ଯୋଜନାରେ ତଥା ଅତି ନିମ୍ନମାନର ହେଉଥିବାରୁ ଅର୍ଥ ଆତ୍ମସାତର ଏକ ବଡଧରଣ ଯୋଜନା କରାଯାଉଥିବା ଅଭିଯୋଗ ହେଉଛି । ଏହି କଲ୍ୟାଣ ମଣ୍ଡପର ଚାରିପଟେ ୧୩ଲକ୍ଷ ବ୍ୟୟରେ ଡ୍ରେନ କାମ କରାଯାଇଛି । ହେଲେ ଏହି ଡ୍ରେନ ଗୁଡିକରୁ ପାଣି ନିଷ୍କାସନ ହେବା ବଦଳରେ ପାଣି ଜମି ରହୁଥିବାର ଦେଖିବାକୁ ମିଳୁଛି । ଅତି ତରବରିଆ ଭାବେ ଅର୍ଥ ମଞ୍ଜୁରି କରି ଡ୍ରେନ କାମ କରାଯାଇଥିବାରୁ ପାଣି ନିଷ୍କାସନ ପ୍ରତି ଦୃଷ୍ଟି ଦିଆଯାଇ ନ ଥିବା ଅଭିଯୋଗ ହେଉଛି । ଏହି ଡ୍ରେନ ଗୁଡିକରେ ପାଣି ଜମି ମଶା ସୃଷ୍ଟି କରୁଥିବାରୁ ବସଷ୍ଟାଣ୍ଡ ଅଞ୍ଚଳରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବାର ସମ୍ଭାବନା ଥିବା ଅଭିଯୋଗ କରାଯାଇଛି । ଏହା ଛଡା ରାଜଗାଙ୍ଗପୁର ସହରର ଗଣେଷ ପୂଜା, ଦୁର୍ଗାପୂଜା ଭଳି ବିଭିନ୍ନ ପର୍ବ ପର୍ବାଣି ସାଙ୍ଗକୁ ବିଭିନ୍ନ ଉତ୍ସବ ଓ ସଭା ସମିତି ଆୟୋଜନ କରାଯାଉଥିବାବେଳେ ଏହି କଲ୍ୟାଣ ମଣ୍ଡପ ତିଆରି ଯୋଗୁ ଏଠାରେ ସ୍ଥାନଟି ସଂକୀର୍ଣ୍ଣ ହୋଇଯାଇଥିବା ଅଭିଯୋଗ ହେଉଛି । ଏ ନେଇ ରାଜଗାଙ୍ଗପୁର ପୌର ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ଲଲାଟ ଲୋହାଙ୍କୁ ପଚାରିବାରୁ ଅଭିଯୋଗକୁ ଭିତ୍ତି କରି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିଦର୍ଶନ କରିବା ସହ କାନ୍ଥ ଗୁଡିକରେ ଫାଟ ଥିବା ଦେଖିବାକୁ ପାଇଛନ୍ତି । ଏଣୁ ସେ କିଛି ଅଭିଜ୍ଞ ଯନ୍ତ୍ରୀଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଥିଲେ। ଯଦି ନିମ୍ନମାନର କାର୍ଯ୍ୟ ହୋଇଥିବା ପ୍ରମାଣ ମିଳେ ତା'ହେଲେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉତ୍ତର ଦେଇଥିଲେ ।



ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ନିର୍ମାଣ କାମ ଚାଲିଛି।

**ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ**
- ଉଦ୍‌ଘାଟନ ପୂର୍ବରୁ କାନ୍ଥରେ ଫାଟ
- କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

# ଅତିରିକ୍ତ ଶାସନ ସଚିବଙ୍କ ସୁନ୍ଦରଗଡ଼ ଗସ୍ତ

**ସୁନ୍ଦରଗଡ,୨୪।୮(ଡି.ଏନ୍.ଏ.)**

ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନସଚିବ ଧନଞ୍ଜୟ ସ୍ୱାଇଁ ଶୁକ୍ରବାର ୨ଦିନିଆ ସୁନ୍ଦରଗଡ ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ୨ଦିନ ଧରି ଟାଙ୍ଗରପାଲି ଓ ଲେଫ୍ରିପଡା ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ତଥା ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ, ପାଠ୍ୟପୁସ୍ତକ ବଣ୍ଟନ, ଉଜ୍ଜ୍ୱଳ, ଉତ୍‌ଥାନ ଓ ଉତ୍କର୍ଷ କାର୍ଯ୍ୟକ୍ରମର କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି । ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ବନ୍ଧପାଲି ଉଚ୍ଚ ବିଦ୍ୟାଳୟ, ମହୁଲପାଲି ପ୍ରାଥମିକ ବିଦ୍ୟାଳୟ ତଥା ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର ସମେତ ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଓଏବି ସୁର୍ଗୁଡା ପ୍ରାଥମିକ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଲେଫ୍ରିପଡା ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦି ପରିଦର୍ଶନ କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଓ ଜିଲା ପ୍ରକଳ୍ପ ସଂଯୋଜକଙ୍କ ଉପସ୍ଥିତିରେ ସ୍ଥାନୀୟ ସର୍କିଟ ହାଉସ ଠାରେ କୋର୍ଟ କେସ୍, ପେନସନ୍, ପାଠ୍ୟପୁସ୍ତକ ବିତରଣ, ଓଡିଶା ଆଦର୍ଶ ବିଦ୍ୟାଳୟ, ମଧ୍ୟାହ୍ନ ଭୋଜନ ଇତ୍ୟାଦି ଉପରେ ସମୀକ୍ଷା କରିଥିଲେ । କ୍ଷେତ୍ର ପରିଦର୍ଶନ ସମୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ବରିଷ୍ଠ ବୈଷୟିକ ପରାମର୍ଶଦାତା, ମହେଶ ପତି ପ୍ରମୁଖ ଉପସ୍ଥିତ ଥିଲେ ।



ସୁନ୍ଦରଗଡ଼ ଜିଲା ଗସ୍ତ ଅବସରରେ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**କୁଆଁରମୁଣ୍ଡା,୨୪।୮(ଡି.ଏନ.ଏ.)**

କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ସମସ୍ତ କର୍ମଚାରୀ ଓ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ ଏବଂ ସମସ୍ତ ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ । ସେହିପରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, କୃଷି, ପ୍ରାଣୀ ସମ୍ପଦ ବିକାଶ, ଶିକ୍ଷା, ବିଦ୍ୟୁତ, ଜଙ୍ଗଲ ଇତ୍ୟାଦି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜର ବିଭାଗ ପକ୍ଷରୁ ବ୍ଲକ ଅଞ୍ଚଳରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଜନ ପ୍ରତିନିଧିମାନଙ୍କୁ ଜଣାଇଥିଲେ । ଏହି ଅବସରରେ ଡୁମେରଯୋର ପଞ୍ଚାୟତରେ ପାନୀୟ ଜଳ ସମସ୍ୟାର ସମାଧାନ ଓ ଏକ ସ୍କୁଲର ପ୍ରଧାନଶିକ୍ଷକଙ୍କ ମନମୁଖି କାର୍ଯ୍ୟ ନେଇ ଡୁମେରଯୋର ସମିତି ସଭ୍ୟ ତଥା ବ୍ଲକ ବିଜେଡ଼ି ସଭାପତି ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅପରପକ୍ଷେ ଏହାକୁ ମଧ୍ୟ ଉକ୍ତ ପଞ୍ଚାୟତର ସରପଞ୍ଚ ସୁକରାମ ଓରାମ ସମର୍ଥନ କରିଥିଲେ । ସେହିପରି ପଦମପୁର ପଞ୍ଚାୟତର ଲାଞ୍ଜିବେର୍ଣ୍ଣାଠାରେ ନିର୍ମିତ ସୋଲାର ପମ୍ପ ଅଚଳ ହୋଇପଡିଥିବା ନେଇ ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ ଉପସ୍ଥିତ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଚଳିତ ବର୍ଷ ବିଂଶ ତମ ଗୃହପାଳିତ ପଶୁ ଗଣନା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ଧିରେନ୍ଦ୍ର କୁମାର ବେହେରା ସୂଚନା ଦେଇଛନ୍ତି । ଏହି ବୈଠକଟି କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ମାଗଦାଲି କୋନ୍‌ଗାଡି, ଉପାଧକ୍ଷ ଶ୍ୟାମସୁନ୍ଦର ସାହୁ, ଜିଲା ପରିଷଦ ସଭ୍ୟା ସୁନୀତା ଅହିର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ବଡାଇକ, ଜିପିଇଓ ନିରଞ୍ଜନ ନାଏକ, ବିଏସ୍‌ଏସ୍‌ଓ ସୁନୀଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ନୀରଜ ସାହୁ, ପିଆରଖାନ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସଞ୍ଚାଳନ କରିଛନ୍ତି ।



କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀମାନେ ।

# କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

**ବଡଗାଁ, ୨୪।୮(ଡି.ଏନ.ଏ.)**

**ବଡଗାଁ ପଞ୍ଚାୟତ ସମିତି ବୈଠକ**

ବଡଗାଁ ପଞ୍ଚାୟତ ସମିତିର ଚତୁର୍ଥ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ। ଏଥିରେ ଉପାଧକ୍ଷ ସାରଥୀ ପାଣ୍ଡେ, ବିଡିଓ ସୁଶାନ୍ତ କୁମାର ସିଂ, ଏବିଡିଓ ଚୋକା ଓରାମ୍, ଜିଲା ପରିଷଦ ସଭ୍ୟା ସ୍ନେହଲତା ବେଜି, ଅଶୋକ ଲାକ୍ରା, ବଡଗାଁ ତହସିଲଦାର ସୋନାଲି ଚାନ୍ଦ, ଏମ୍‌ପିଙ୍କ ପ୍ରତିନିଧି ବସନ୍ତ ସାହୁ, ତଲସରା ବିଧାୟକଙ୍କ ପ୍ରତିନିଧି ଅଶୋକ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଜିପିଓ ମୁକ୍ତେଶ୍ୱର ସା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଏହାପରେ ଏମଜିଏନଆରଇଜିଏସ ଏବଂ ଶିକ୍ଷା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଆରଡି, ପିଡବ୍ଲୁଡି, ୱାଟର ସେଡ ମିଶନ, ସ୍ୱାସ୍ଥ୍ୟ, ଅଗ୍ନିଶମ, ଉଦ୍ୟାନ କୃଷି, ଆରଡବ୍ଲୁଏସଏସ, ଶିଶୁ ବିକାଶ ଯୋଜନାର ବିଭାଗୀୟ ଅଧିକାରୀ କିମ୍ବା କୌଣସି କର୍ମଚାରୀ ଉପସ୍ଥିତ ନ ଥିଲେ । ଫଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଇଓ ସାରଙ୍ଗଧର ବରିହା, ସାମାଜିକ ସୁରକ୍ଷା ଅଧିକାରୀ ଅମ୍ବିକା ନାଏକ, ଏଇ ସହଦେବ ମୁଣ୍ଡାରୀ, ମତ୍ସ୍ୟ ଅଧିକାରୀ ନକୁଳ ତ୍ରିପାଠୀ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଏମଜିଏନଆରଇଜିଏସର ସମୀକ୍ଷା କରି ବିଡିଓ ସିଂ ବ୍ଲକରେ ୫ହଜାର ୭୩୧ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯାଇଥିବା ସୂଚନା ଦେଇଥିଲେ। ୧୫ହଜାର ୬୮୪ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ଜଣାଇଥିଲେ । କାର୍ଯ୍ୟର ୮୭ ପ୍ରତିଶତ ସରିଥିଲାବେଳେ ୧୩ ହଜାର ୭ଶହ ଶ୍ରମିକ ଦିବସ ବାକିଥିବା ସୂଚନା ଦେଇଥିଲେ । ଶ୍ରମିକଙ୍କୁ ୧୫ ଦିନ ଅନ୍ତରରେ ପାଉଣା ପ୍ରଦାନ କରାଯାଇଥିବା କହିଥିଲେ । ବିଇଓ ବରିହା ଶିକ୍ଷାର ବିକାଶ ପାଇଁ ଉଜ୍ଜ୍ୱଳ, ଉତ୍କର୍ଷ ଓ ଉତ୍‌ଥାନ ପ୍ରଶିକ୍ଷଣ ଦିଆଯାଉଥିବା ଏବଂ ହାତଧୁଆ ସ୍ୱଚ୍ଛତା, ମେଧାବୃତ୍ତି, ଓଡିଆ ଭାଷାରେ ଅଗ୍ରଣୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର, ବ୍ଲକରେ ଶ୍ରେଷ୍ଠ ବିବେଚିତ ୩ଟି ସ୍କୁଲ ବଡଗାଁ ବାଳକ ପ୍ରାଥମିକ, ଏକମା ହାଇସ୍କୁଲ ଓ ଡୁଡାଲଗା କନ୍ୟାଶ୍ରମକୁ ୧ଲକ୍ଷ ଲେଖାଏଁ ପୁରସ୍କୃତ କରାଯିବ ବୋଲି ସୂଚନା ଦେଇଥିଲେ । ମୋ ସ୍କୁଲ ଅଭିଯାନରେ ସଂଗୃହୀତ ଅର୍ଥର ୨ ଗୁଣା ସରକାରୀ ସାହାଯ୍ୟ ଏବଂ ବ୍ଲକରେ ମଡେଲ ସ୍କୁଲ ହେବ ବୋଲି କହିଥିଲେ । ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବଡଗାଁ ସିଏଚସିରେ ଡାକ୍ତର ଅଭାବ, ୨୦୧୬-୧୭ର ପାରିପାର୍ଶ୍ୱିକ ପାଣ୍ଠି ଖର୍ଚ୍ଚ ନ ହୋଇ ପଡି ରହିବା ଉପରେ ସମିତି ସଭ୍ୟ ଚନ୍ଦ୍ରଭାନୁ ପରୁଆ ଅଭିଯୋଗ ଉଠାଇଥିଲେ ।



୪ର୍ଥ ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଅତିଥିମାନେ।

# ବିଡିଓଙ୍କୁ ଅଭିଯୋଗ କଲେ ୭୫ ହିତାଧିକାରୀ

**ବାଲିଶଙ୍କରା,୨୪।୮(ଡି.ଏନ.ଏ.)**

ବୟସର ଅପରାହ୍ନରେ ପହଞ୍ଚିଥିବା ବୃଦ୍ଧାବୃଦ୍ଧମାନଙ୍କ ଆର୍ଥିକ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ଭତ୍ତାର ବନ୍ଦୋବସ୍ତ କରିଛନ୍ତି । ହେଲେ ଜନପ୍ରତିନିଧି ତଥା ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁ ପ୍ରକୃତ ହିତାଧିକାରୀ ଉକ୍ତ ଯୋଜନାର ଲାଭ ପାଇବାରୁ ବଞ୍ଚିତ ରହୁଛନ୍ତି । ଏପରିକି ଏକ ନଗ୍ନ ଉଦାହରଣ ନଜରକୁ ଆସିଛି ବେହରୋଡିହି ପଞ୍ଚାୟତ ୫ଟି ଗ୍ରାମରେ । ୭୫ଜଣ ହିତାଧିକାରୀ ଗୁରୁବାର ବାଲିଶଙ୍କାର ବ୍ଲକକୁ ଆସି ବିଡିଓଙ୍କ ଅନୁପସ୍ଥିତି ଯୋଗୁ ଅତିରିକ୍ତ ବିଡିଓ ସଚିଦାନନ୍ଦ ପଟେଲଙ୍କୁ ଏକ ଲିଖିତ ଅଭିଯୋଗ ଜଣାଇଛନ୍ତି । ଉକ୍ତ ପଞ୍ଚାୟତରେ ଅନେକ ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ଓ ବିଧବା ଭତ୍ତା ମଧ୍ୟ ଅନେକ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି । ସେହିପରି ଅନେକ ଦିବ୍ୟାଙ୍ଗ ବିଭିନ୍ନ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି । ସରକାରଙ୍କ ନିୟମ ଅନୁସାରେ ବିଧବା, ଦିବ୍ୟାଙ୍ଗଙ୍କ ଭତ୍ତାର କୌଣସି ସମୟ ସୀମା ନାହିଁ। ତେବେ ଅତି ପରିତାପର ବିଷୟ କି ପଞ୍ଚାୟତ ବ୍ଲକ ପ୍ରଶାସନର ଅଣଦେଖା ଯୋଗୁ ଆମ୍ଭେ ମାନେ ଏଥିରୁ ବଞ୍ଚିତ ହୋଇଛୁ ବୋଲି ଦୁଃଖର ସହ ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଅପରପକ୍ଷେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀମାନଙ୍କୁ ସରକାରଙ୍କ ଯୋଜନାରେ ସାମିଲ କରିବା ସହ ବେହେରାଡିହି ଗ୍ରାମପଞ୍ଚାୟତ ବାସୀଙ୍କ ଅଭିଯୋଗକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି ।

# ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ସୁନ୍ଦରଗଡ,୨୪।୮(ଡି.ଏନ୍.ଏ)**

ସ୍ଥାନୀୟ ଏକ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଶୁକ୍ରବାର ସ୍କୁଲ ଯିବା ରାସ୍ତାରୁ ଅପହରଣ ହୋଇଥିବା ନେଇ ସନ୍ଧ୍ୟାରେ ଟାଉନ ଥାନାରେ ଏକ ଅଭିଯୋଗ ହୋଇଛି । ଏ ନେଇ ପରିବାର ଲୋକେ ଖୋଜାଖୋଜି କରିବା ପରେ କୌଣସି ଖବରପାଇ ନ ଥିଲେ । ସହପାଠୀଙ୍କ ସୂଚନା ଅନୁଯାୟୀ ଏକ ବୋଲେରୋରେ ୩ଜଣ ଯୁବକ ଆସି ଛାତ୍ରୀଙ୍କୁ ଉଠାଇ ନେଇ ଫେରାର ହୋଇଯାଇଥିଲେ । ପୋଲିସ ଏ ନେଇ ଏକ ଅପହରଣ ମାମଲା ରୁଜୁ କରି ଛି ।

# ଓଏସଆରଟିସି ବସ ଚଳାଚଳ ସ୍ୱାଭାବିକ

**ଭବାନୀପାଟଣା,୨୪।୮(ଡି.ଏନ.ଏ.)**

ଓଡିଶା ରାଜ୍ୟ ପରିବହନ ନିଗମ କର୍ମଚାରୀମାନେ ୪ ଦଫା ଦାବି ନେଇ ଗତ ୩ ଦିନ ଧରି ଚଳାଇଥିବା ଧର୍ମଘଟ ପ୍ରତ୍ୟାହାର ହୋଇଛି । ଫଳରେ ଶୁକ୍ରବାରଠାରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି । ଗତ ୩ ଦିନ ଧରି ବସ ବନ୍ଦ ହେବା ଯୋଗୁ ଭବାନୀପାଟଣାଠାରୁ ଦୂରଦୂରାନ୍ତକୁ ଯାଉଥିବା ୧୦ଟି ରାସ୍ତା ସମସ୍ତ ବସ ଚଳାଚଳ ବାଧା ପ୍ରାପ୍ତ ହୋଇଥିଲା। ଯାତ୍ରୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। କର୍ମଚାରୀମାନଙ୍କ ୪ ଟି ଦଫା ଦାବିକୁ ନେଇ ସରକାର ବିଚାର କରୁଛନ୍ତି ବୋଲି ଜଣାପଡିବା ପରେ ଏହି ଧର୍ମଘଟ ପ୍ରତ୍ୟାହାର ହୋଇଛି। ସମସ୍ତ ଠିକା କର୍ମଚାରୀଙ୍କୁ ନିୟମିତ କରିବା, କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଲାଗୁ କରିବା ଏବଂ କର୍ମଚାରୀଙ୍କ ଉପରେ ବେଆଇନ ଭାବେ ରାତିଅଧିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବନ୍ଦ କରାଯିବା ଆଦି ଦାବି ନେଇ କର୍ମଚାରୀ ସଂଘ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତି କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ ।

## ଫଟୋରେ ଖବର



ବଡଗାଁ ଥାନା ଅଧୀନ ଡୁଡାଲଗା ବସ୍‌ଷ୍ଟାଣ୍ଡରେ ଶୁକ୍ରବାର ପୂର୍ବାହ୍ନ ୧୦.୧୩ସମୟରେ ରାଉରକେଲାରୁ କୁଚିଣ୍ଡା ଯାଉଥିବା ଏକ ଘରୋଇ ବସ୍‌ରେ କଲେଜ ଛାତ୍ରଙ୍କ ବିପଦସଙ୍କୁଳ ଯାତ୍ରା ।

### ରେଲଓ୍ୱେ ସାଇଡିଂ ଦ୍ୱାରା ଖଣି ସମ୍ମତି ପତ୍ରର ଉଲ୍ଲଂଘନ

# ପ୍ରଦୂଷିତ ହେଉଛି ଚାଷଜମି, ଜଳାଶୟ

**ସୁନ୍ଦରଗଡ, ୨୪।୮(ଡି.ଏନ୍.ଏ.)**

ହେମଗିର ବ୍ଲକରେ ଥିବା କୁଲଡା ଖୋଲାମୁହଁ କୋଇଲା ଖଣିରୁ କନିକା ରେଲଓ୍ୱେ ସାଇଡିଂକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଟ୍ରକ ଓ ଡମ୍ପର ଯୋଗେ କୋଇଲା ପରିବହନ ହେଉଛି । ତେବେ ୨୦୦୬ରୁ କନିକା ରେଲଓ୍ୱେ ସାଇଡିଂରେ ଥିବା କୋଇଲା ଗଦାରୁ ବାହାରୁଥିବା ମଇଳା ପାଣି ସିଧାସଳଖ ଚାଷ ଜମିରେ ମିଶୁଛି । ଫଳରେ ସେହି ଜମି ଆଉ ଚାଷପୋଯୋଗୀ ହୋଇପାରୁ ନାହିଁ । ମୁଖ୍ୟ ରାସ୍ତାରେ ଟ୍ରକ, ଡମ୍ପର ଚଳାଚଳ ଯୋଗୁ ଘରଛାତ, ଘରର ଆସବାବପତ୍ର ଓ ରାସ୍ତା ପାର୍ଶ୍ୱସ୍ଥ ଗଛ ଲତା ଉପରେ ମଧ୍ୟ କୋଇଲାଗୁଣ୍ଡର ଆସ୍ତରଣ ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଯାହାଦ୍ୱାରା ଲୋକେ ପ୍ରଦୂଷିତ ଜଳ ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଥିବାବେଳେ ପରିବେଶ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଉଛି । ଅଞ୍ଚଳବାସୀଙ୍କ ତରଫରୁ ବାରମ୍ବାର ଏ ନେଇ ବସୁନ୍ଧରା କୋଇଲା ଖଣି ପ୍ରକଳ୍ପର ଜେନେରାଲ ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ରେଲଓ୍ୱେ ସାଇଡିଂ ଗାଇଡଲାଇନ ଅନୁସାରେ କୋଇଲା ପରିବହନ ହେଉଥିବା ରାସ୍ତାରେ ଧୂଳିଗୁଣ୍ଡକୁ ନିୟନ୍ତ୍ରଣ ପାଇଁ ନିୟମିତ ପାଣି ସିଞ୍ଚନ କରାଯିବା, ବୃକ୍ଷରୋପଣ କରାଯିବା, ରେଲଓ୍ୱେ ସାଇଡିଂରେ ଷ୍ଟକୟାର୍ଡର ସ୍ଥାନରେ ୩ମିଟର ଉଚ୍ଚତାର ପାଚେରି ନିର୍ମାଣ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇ ନାହିଁ । ବେଆଇନ ଭାବରେ ରେଲଓ୍ୱେ ସାଇଡିଂ ଦ୍ୱାରା ପରିବହନ କାର୍ଯ୍ୟ ଚାଲିଛି । ଗତ ଜୁଲାଇ ୩୧ତାରିଖ ମଧ୍ୟରେ ରେଲଓ୍ୱେ ସାଇଡିଂ ନିକଟରେ ଥିବା କୂଅ, ପୋଖରୀ ଓ ଚାଷଜମିରେ ଥିବା କୋଇଲା ଗୁଣ୍ଡ ଆସ୍ତରଣକୁ ସଫା କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏମ୍‌ସିଏଲ ବସୁନ୍ଧରା କୋଇଲା ଖଣି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଏହି କାର୍ଯ୍ୟ ମଧ୍ୟ ହୋଇ ପାରିନାହିଁ । ରେଲଓ୍ୱେ ସାଇଡିଂ ମାଧ୍ୟମରେ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କର୍ତ୍ତୃପକ୍ଷ ଯଥାଶୀଘ୍ର ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।




କନିକା ରେଲଓ୍ୱେ ସାଇଡିଂ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଚାଷଜମି।

**ରାଜ୍ୟସ୍ତରୀୟ ହାଇସ୍କୁଲ ଫୁଟବଲ ପ୍ରତିଯୋଗିତା ନେଇ ବୈଠକ**
କଳାହାଣ୍ଡି ଜିଲା କେସିଙ୍ଗା ବିଦ୍ୟାପୀଠ ନୋଡାଲ ହାଇସ୍କୁଲର ସଭାଗୃହରେ ରାଜ୍ୟସ୍ତରୀୟ ହାଇସ୍କୁଲ ଫୁଟବଲ ପ୍ରତିଯୋଗିତା ପାଇଁ ବିଇଓ ନିଳମାଧବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।

## ସଂକ୍ଷେପରେ

### ଗଳିତ ଶବ ଉଦ୍ଧାର

ଧର୍ମଗଡ,୨୪।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା ଧର୍ମଗଡ ଏନଏସି ଅନ୍ତର୍ଗତ କାଶିବାହଲଠାରେ ଗୁରୁବାର ଏକ ନାଳ ନିକଟରୁ ଏକ ଗଳିତ ଶବ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି । ଶବ ପାଣିରେ ପଡି ରହି ପଚି ଯାଇଥିବା ବେଳେ ଲଗାଣ ବର୍ଷାରେ କେଉଠୁ ଭାସି ଆସିଥିବା ଅନୁମାନ କରାଯାଇଛି । ସ୍ଥାନୀୟ ଗ୍ରାମ ରକ୍ଷୀଙ୍କଠାରୁ ଖବର ପାଇ ପୋଲିସ ଶବ ଜବତ କରିଥିବା ବେଳେ ମୃତ ବ୍ୟକ୍ତିଙ୍କ ବେକରେ ଗୋଟିଏ ଲୁଙ୍ଗି ବନ୍ଧା ହୋଇଥିବା ଦେଖିବାକୁ ମିଳିଥିବା ବେଳେ ସେ ଆତ୍ମହତ୍ୟା କରିଥାଇ ପାରେ ବୋଲି ପୋଲିସ ସନ୍ଦେହ କରିଛି। ବ୍ୟବଚ୍ଛେଦ କରି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଶବ ସତ୍କାର କରାଯାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୦୧୮) ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଅଶୋକ ବିଶୋଇ ସୂଚନା ଦେଇଛନ୍ତି ।

### ରିଷିଡାରେ ଚିନ୍ତନ ବୈଠକ

ରିଷିଡା,୨୪।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପଞ୍ଚାୟତ ସଭାକକ୍ଷରେ ସ୍ଥାନୀୟ ବରିଷ୍ଠ ନାଗରିକ ଲୋକ ପ୍ରତିନିଧି ଓ ଯୁବ ସମାଜକୁ ନେଇ ଏକ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଣେ ପ୍ରତିନିଧି ଦକ୍ଷ ହେବା ସହ କର୍ମଯୋଗୀ ହେବା ଉଚିତ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ମତ ପ୍ରକାଶ କରିଥିବା ବେଳେ ରିଷିଡା ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ବରିଷ୍ଠ ସାମାଜିକ କର୍ମୀ ନରେତ୍ତମ ସେଲମା ଲିଖିତ ଦାବି ଉପସ୍ଥାପନ କରିଥିଲେ । ରିଷିଡା ବିକାଶ ପରିଷଦର ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଭଜଶ୍ୟାମ ସାହୁ, କମ୍ବୁପାଣ ସାହୁ, ନେମଚନ୍ଦ ଜୈନ, ମାର୍କଣ୍ଡସାହୁ, ଧର୍ମାନନ୍ଦ କୁମାର, ପିଣ୍ଟୁ ପାତ୍ର, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥାପନ କରିଥିଲେ ।



### ତଳକଣ୍ଟାବାଞ୍ଜି ପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ

ଭବାନୀପାଟଣା,୨୪।୮(ଡି.ଏନ.ଏ.)
ଭବାନୀପାଟଣା ବ୍ଲକ୍ ତଳକଣ୍ଟାବାଞ୍ଜି ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି । କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସୁଧିର କୁମାର ରଥ ପରିଚାଳନା କରିଥିବା ବେଳେ ଏଥିରେ ବ୍ଲକ୍ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ ଯୋଗଦେଇ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ ନିତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ । ପ୍ରଧାନ ଶିକ୍ଷକ ରଥ ବିଦ୍ୟାଳୟ କାର୍ଯ୍ୟକ୍ରମ ପରେ ଗ୍ରାମର ଘରେ ଘରେ ସମସ୍ତ ଗ୍ରାମବାସୀ ଗଛ ଲଗାଇବା ପାଇଁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଆରସିସି ମଧୁସୁଧନ ସାହୁ, ଶିକ୍ଷୟିତ୍ରୀ ଅବନ୍ତି କୁମାରୀ ସାହୁ, ବିଦ୍ୟାଳୟ ସଭାପତି ଲୋଚନ ଚଲାନ ଓ ଲାଲୁ ଚଲାନ ପ୍ରମୁଖ ଯୋଗଦେଇଥିଲେ ।

# ନୂତନ ଟ୍ରାନ୍ସଫର୍ମର ଯୋଗାଣ ଦାବି

ଜୁନାଗଡ,୨୪।୮(ଡି.ଏନ.ଏ.)



ଫୁଣ୍ଡା ବାସୀ ଜୁନାଗଡ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛନ୍ତି ।

- ଫୁଣ୍ଡା ଗାଁର ଟ୍ରାନ୍ସଫର୍ମର ପୋଡିବାର ୨ ମାସ ବିତିଲା
- ନୂତନ ଲାଗିଲାନି
- ଅନ୍ଧାରରେ ରହୁଛନ୍ତି ପଡ଼ାବାସୀ

କଳାହାଣ୍ଡି ଜିଲା ଜୁନାଗଡ ବିଦ୍ୟୁତ ବିଭାଗ ଅଧୀନରେ ଥିବା ଗୋଲାମୁଣ୍ଡା ବ୍ଲକ ଫୁଣ୍ଡା ଗାଁରେ ଲାଗିଥିବା ଟ୍ରାନ୍ସଫର୍ମର ପୋଡ଼ିବାର ୨ ବିତିଲା । ଆଜିଯାଏ ତାହା ସଜଡ଼ା ଯାଇନି କିମ୍ବା ନୂତନ ଟ୍ରାନ୍ସଫର୍ମର ଲଗାଯାଇ ନାହିଁ । ଏହାକୁ ନେଇ ଫୁଣ୍ଡାବାସୀଙ୍କ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି । ଶୁକ୍ରବାର ଫୁଣ୍ଡାବାସୀ ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଜୁନାଗଡ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ, ଗତ ୨ମାସ ହେବ ଗ୍ରାମର କଲୋନୀପଡାଠାରେ ବିପିଏଲ ପରିବାରଙ୍କ ପାଇଁ ଲାଗିଥିବା ୧୬ କେଭି ଟ୍ରାନ୍ସଫର୍ମର ପୋଡିଯାଇଛି। ଫଳରେ ସେହି ଦିନଠାରୁ ପଡାବାସୀ ଅନ୍ଧାରରେ ରହି ଆସୁଛନ୍ତି। ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ମଶାମାଛିଙ୍କ ପ୍ରକୋପ ଯୋଗୁ ରାତ୍ରିବେଳା ପଡାବାସୀ ଶାନ୍ତିରେ ଶୋଇପାରୁନାହାନ୍ତି। ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ବିପିଏଲ ପରିବାରଙ୍କ ପାଇଁ ଲାଗିଥିବା ଉକ୍ତ ୧୬ କେଭି ଟ୍ରାନ୍ସଫର୍ମରରେ ୮୨ ଜଣ ବିପିଏଲ ବିଦ୍ୟୁତ ଉପଭୋକ୍ତାଙ୍କ ସହ ହାଇସ୍କୁଲ,ଏମଇସ୍କୁଲ ଓ ପଞ୍ଚାୟତକୁ ମଧ୍ୟ ବିଦ୍ୟୁତ ସଂଯୋଗ କରାଯାଇଛି। ଫଳରେ ଅଧିକ ଉପଭୋକ୍ତାଙ୍କ ସଂଯୋଗ ଯୋଗୁ ଲୋଭୋଲଟେଜ ସମସ୍ୟା ଲାଗି ରହିବା ସହ ଅତ୍ୟଧିକ ବିଦ୍ୟୁତ ଚାପ (ଲୋଡ) ଯୋଗୁ ପ୍ରାୟ ସମୟରେ ଜଣାପଡିଛି । ଟ୍ରାନ୍ସଫର୍ମର ମଧ ଅନ୍ୟପକ୍ଷରେ ପୋଡିଯାଉଥିବା ପଡାରେ ଥିବା ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା ଅନୁଯାୟୀ ଏଠାରେ ୬୩ କିମ୍ବା ୧୦୦ କେଭି ଟ୍ରାନ୍ସଫର୍ମର ଲଗାଯିବା ବଦଳରେ ମାତ୍ର ୧୬ କେଭି ଟ୍ରାନ୍ସଫର୍ମର ଲଗାଯାଇଛି। ଏ ନେଇ ଜୁନାଗଡ ବିଦ୍ୟୁତ ବିଭାଗର ଏସଡିଓ ମନୋଜ ପଟ୍ଟନାୟକଙ୍କ ପଚାରିବାରୁ ତାଙ୍କର ଟ୍ରାନ୍ସଫର୍ମର ଏଲୋଟମେଣ୍ଟ ହୋଇଯାଇଛି। ଶନିବାର ଗ୍ରାମବାସୀ ନୂତନ ଟ୍ରାନ୍ସଫର୍ମର ନେବେ ବୋଲି କହିଥିଲେ।

# ରାଜ୍ୟସ୍ତରୀୟ ହାଇସ୍କୁଲ ଫୁଟବଲ ପ୍ରତିଯୋଗିତା ନେଇ ବୈଠକ

କେସିଙ୍ଗା,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବିଦ୍ୟାପୀଠ ନୋଡାଲ ହାଇସ୍କୁଲର ସଭାଗୃହରେ ରାଜ୍ୟସ୍ତରୀୟ ହାଇସ୍କୁଲ ଫୁଟବଲ ପ୍ରତିଯୋଗିତା ପାଇଁ ବିଇଓ ନିଳମାଧବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ଆସନ୍ତା ସେପ୍ଟେମ୍ବର ୪ ରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ୬ଦିନ ବ୍ୟାପି ଚାଲିବା । ଏଥିପାଇଁ ୧୫ଟି କୋର କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏହି ପ୍ରତିଯୋଗୀତାରେ ଖେଳାଳିମାନେ ଯୋଗଦେବେ । ଖେଳାଳିମାନଙ୍କ ଖାଇବା, ରହିବା ପାଇଁ ବ୍ୟବସ୍ଥା କରାଯବ । ଏହା ଶିକ୍ଷା ବିଭାଗ ପକ୍ଷରୁ ପରିଚାଳିତ ହେବ । ଏହି ରାଜ୍ୟସ୍ତରୀୟ ହାଇସ୍କୁଲ ଫୁଟବଲ ପ୍ରତିଯୋଗୀତା ପାଇଁ ଆବଶ୍ୟକ ସୁରକ୍ଷା, ପାନୀୟଜଳ, ବିଦ୍ୟୁତ, ଖାଦ୍ୟପେୟ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ବୈଠକରେ ବିଇଓ ନିଳମାଧବ ପଣ୍ଡା, ଏବିଇଓ ବଂଶିଧର ବାଗ, ରାଘବ ମାଝି, ପ୍ରଧାନଶିକ୍ଷକ ମଳୟ ଭୋଇ, ପ୍ରଦୀପ୍ତ ରାୟ ପ୍ରମୁଖ ଏହି ପ୍ରତିଯୋଗୀତା ପାଇଁ ବିଷଦ ଭାବେ ଆଲୋଚନା କରିଥିଲେ । ଏଥିରେ ସମଗ୍ର କେସିଙ୍ଗା ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତ ସମସ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ, ଖେଳ ଶିକ୍ଷକ, ସିଆରସି ଯୋଗଦାନ କରିଥିଲେ ।




ପ୍ରତିଯୋଗିତା ବିଷୟରେ ମଞ୍ଚାସୀନ ଅଧିକାରୀ ସୂଚନା ଦେଉଛନ୍ତି ।

# ପୂର୍ବତନ ବିଇଓ ଦ୍ୱାରା ବେଆଇନ ଶିକ୍ଷକ ବଦଳି ବାତିଲ ଦାବି

ମ.ରାମପୁର,୨୪।୮(ଡି.ଏନ.ଏ.)

ଶିକ୍ଷକଙ୍କ ଗୋଟିଏ ସ୍ଥାନରୁ ଅନ୍ୟତ୍ର ବଦଳି କରିବା କ୍ଷମତା ନ ଥିବା ବେଳେ ପ୍ରାକ୍ତନ ବିଇଓ ଏଠାରୁ ରିଲିଭ ହେବା ଅବ୍ୟବହିତ ପୂର୍ବରୁ ୬ଜଣ ଶିକ୍ଷକଙ୍କୁ ବଦଳି କରିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରିବା ସହ ଅସନ୍ତୋଷ ପ୍ରକାଶ କରାଯାଇଛି । ଏ ନେଇ ମ.ରାମପୁର ସମିତି ସଭ୍ୟ କବି ନାଗ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉକ୍ତ ବେଆଇନ ବଦଳିର ତଦନ୍ତ ଓ ବାତିଲ ଦାବି କରିଛନ୍ତି । ଏ ନେଇ ପ୍ରାକ୍ତନ ଜିଲାପାଳ ଅଞ୍ଜନ କୁମାର ମାଣିକ ବିରକ୍ତିଭାବ ପ୍ରକାଶ କରି ଜିଲା ଶିକ୍ଷାଧିକାରୀଙ୍କ ଏ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିଲେ । ୩ ସପ୍ତାହ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଗତ ୨୦ ତାରିଖରେ ବ୍ଲକ ଅଧକ୍ଷ ଦିବେଶ ପଣ୍ଡା ଜିଲା କର୍ତ୍ତୃପକ୍ଷଙ୍କ ପୁଣି ଦୃଷ୍ଟି ଗୋଚର କରିଛନ୍ତି । ପୂର୍ବତନ ବିଇଓ ଜଗନ୍ନାଥ ଧରୁଆ ଜୁନ ଶେଷ ବେଳକୁ ଏଠାରୁ ବଲାଙ୍ଗୀର ଜିଲା ମୁରିବାହାଲକୁ ବଦଳି ହୋଇଥିଲା । ଏହାର ଅବ୍ୟବହିତ ପୂର୍ବରୁ ଜୁନ ୨୮ରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୮୨, ୫୮୬, ୫୯୮, ୫୯୦, ୫୯୪ ଆଦିରେ ୬ଜଣ ଶିକ୍ଷକଙ୍କୁ ବଦଳି କରିଛନ୍ତି । ଆଦିବାସୀ ଅଧୁଷିତ ପାଦିକେରୀ ପିୟୁପିଏସର ଶିକ୍ଷା ସହାୟିକା ସୁଶ୍ରୀ ସରସ୍ୱତୀ ମହାକୁଡଙ୍କୁ ମ.ମରାପୁର ବ୍ଲକ କଲୋନୀ ପିୟୁପିଏସକୁ ବଦଳି କରିଛନ୍ତି । ଆଦିବାସୀ ଅଧୁଷିତ ଉର୍ଲାଦାନୀ ପିୟୁପିଏସଠାରୁ ମୃତ୍ୟୁଞ୍ଜୟ ପୁଟେଲଙ୍କୁ ବ୍ଲକ କଲୋନୀ ପିୟୁପିଏସ, କାମରଙ୍ଗେ ଏନପିଏସରୁ ଲୋଚନ ପାତ୍ରଙ୍କୁ ଆଣି କରି ପିୟୁପିଏସ, ଜାମୁଲି ଏନପିଏସରୁ ଜୟକୃଷ୍ଣ ସାହୁଙ୍କୁ ଅରସବୁଗା ପିୟୁପିଏସ, ଅସରକୁପା ପିୟୁପିଏସଠାରୁ ମୀନାକ୍ଷି ମାଝିଙ୍କୁ ଡୁଟାମୁଣ୍ଡା ଏନପିଏସ, ଡୁଟାମୁଣ୍ଡା ଏନପିଏସରୁ ଯୁଧିଷ୍ଠିର ବାଗଙ୍କୁ ଅରସକୃପା ପିୟୁପିଏସକୁ ବଦଳି କରାଯାଇଛି । ଏ ନେଇ ବିଇଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୯୯ ତା ୩।୮।୧୮ ପକାରେ ସୂଚନା ଅଧିକାର କର୍ମୀଙ୍କୁ ବେଆଇନ ବଦଳୀ ହୋଇଥିବା ଦସ୍ତାବିଜ ଓ ପ୍ରତ୍ୟୁତ୍ତର ପ୍ରଦାନ କରାଯାଇଛି । ବିଇଓଙ୍କ କୌଣସି ବଦଳି କ୍ଷମତା ନାହିଁ, ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନାହିଁ ବୋଲି ତଥ୍ୟରେ ଦର୍ଶାଯାଇଛି । ଏ ନେଇ ଏବିଓ ରଘୁନାଥ ବହେରୋ କହନ୍ତି ପୂର୍ବତନ ବିଇଓଙ୍କ ବଦଳି ଜନିତ କାର୍ଯ୍ୟଧାରା ତଥ୍ୟରେ ଯାହା ଦର୍ଶାଯାଇଛି ତାହା ଠିକ୍ । ଏ ନେଇ ପୂର୍ବତନ ବିଇଓ ଜଗନ୍ନାଥ ଧରୁଆଙ୍କ ମୋବାଇଲ ନଂ ୯୧୭୮୮୩୧୨୦୬କୁ ଯୋଗାଯୋଗ କରାଯିବାବେଳେ ସେ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ନିରାପଦ ଦୂରତ୍ୱ ରକ୍ଷା କରିବା ଧାରାରେ ଫୋନ ରିସିଭ କରିନାହାନ୍ତି ।

## ଲୋପ ପାଉଛେ ପାରଂପାରିକ୍ ଖେଲ୍ ଗହ୍ଣାଡେଗା

ଭବାନୀପାଟଣା,୨୪।୮(ଡି.ଏନ.ଏ.)

ଆଧୁନିକତାର ଛାପ୍‌ରେ ଦିନୁ ଦିନ୍‌କେ ଲୋକ୍ ସଁସ୍‌କୁର୍‌ତି, ପରଂପରା, ଖେଲ୍‌କୁଦ୍ ଲୋପ୍ ପାଏବାକେ ବସ୍‌ଲାନ। ଗମ୍‌ହାପୁନି ଗୁଟେ ଏନ୍‌ତା ପରଂପରା କୃଷୀ ଅର୍ କୃଷକ୍‌ର ଜୀବନଚର୍‌ଯା ସଂଗେ ଜଡିତ ହେଇ ରହିଛେ। ଇଟା ଗୁଟେ କୃଷିଭିତିକ୍ ପରବ୍। ହେଲେ ଆଏଜ୍‌କାଲି ଇ ସବୁ ହଜି ଯିବାକେ ବସଲାନ। ପୁରାଣ ହିସାବେ ଇ ଦିନ ମହାପର୍‌ଭୁ ବଳଭଦ୍ର ଜନମ୍ ହେଇଥିଲେ। ସେଥିର୍‌ଲାଗି ଗାଁ ଗଁଲିନୁ ଆରମ୍ କରି ସହର ତକ୍ ସବୁନେ ଗୁଡିମାନ୍‌କେ ପରଂପାରିକ୍ ପିଠାପନା କରାଯାଇ ପୂଜାପାଠ୍ ହେସି। ସେନ୍‌ତା ଇ ଦିନ ଗାଇ, ବଲଦ୍‌ମାନେ ନିରୁଜ୍ ରହେବେ ବଲି ତାହାକୁ ପୂଜା କର୍‌ବାର ସଂଗେ ରାକ୍ଷୀ ପିଁଧା ଯାଏସି। ଇ ସମିଆରେ ଚାଷୀମାନେ ନିଜର ଚାଷ୍‌ବାସ୍ କାମ୍ ସାରି ଖୁସିମନେ ଗମ୍‌ହାପୁନି ପରବ୍ ମନଉଥିଲେ। ହେଲେ ଆଏଜ୍‌କାଲି ଚାଷ୍‌ବାସ୍‌ରେ ବଲଦ୍‌ର ଠାନ୍ ନେଇଛେ ଟ୍ରାକ୍ଟର, ପାଓ୍ୱାର ଟିଲର, ଯେନ୍‌ଥିର୍‌ଲାଗି ଗାଁ ଗଁଲିରେ ପଶୁସଁପଦ୍ ବି କମିଗଲେନ। ଏହେଦେ ଇ ପରବ୍‌ଟା ରାକ୍ଷୀ ବଁଧାରେ ସୀମିତ୍ ହେଇଗଲାନ। ପୁରାଣ ହିସାବେ ଇ ଦିନ ପର୍‌ଭୁ ବଳଭଦ୍ରକଁର ହାତେ ଗହ୍ଣାସୁରର ମୁର୍‌ତୁ ହେଇଥିଲା, ସେଥିର୍‌ଲାଗି ଲୋକ୍ ଇ ଦିନ୍‌କେ ଗମ୍‌ହାପୁନି ହିସାବେ ବି ମାନ୍‌ସନ୍। ଗାଁଗଲିନୁ ମୂଲ୍ କରି ସହର ତକ୍ ସବୁନେ ଲୋକ୍ ଗହ୍ଣାଡେଗା ଖେଲ୍ ଖେଲ୍‌ସନ୍। ହେଲେ ଇ ପରଂପରା ଆର୍ ଖେଲ୍ ଦିନୁଦିନ୍‌କେ ଲୋପ୍ ପାଏବାକେ ବସ୍‌ଲାନ। କେତେ ହାତ୍ ଗନ୍‌ତି ଗାଁକେ ଛାଡିଦେଲେ ଆଏଜ୍‌କାଲି ସହରମାନ୍‌କେ ଇ ସବୁ ଖେଲ୍‌କୁଦ୍ ଦେଖିବାକେ ନାଇଁ ମିଲ୍‌ବାର।

### ଶାରଦୀୟ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ

# କ୍ରୀଡ଼ା ଶାରୀରିକ, ମାନସିକ ବିକାଶରେ ସହାୟକ ହୁଏ

ଧର୍ମଗଡ,୨୪।୮(ଡି.ଏନ.ଏ.)

ଶରିରକୁସୁସ୍ଥ ଏବଂ ସର୍ବଦା ଫିଟ୍‌ରଖିବା ପାଇଁ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ । କ୍ରୀଡା ଉଭୟ ଶାରୀରିକ ଏବଂ ମାନସିକ ବିକାଶରେ ସାହାଯ୍ୟ ହୋଇଥାଏ । ଆମେ ସମସ୍ତେ କ୍ରୀଡାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କଳାହାଣ୍ଡି ଜିଲା ଧର୍ମଗଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଶାରଦୀୟ କ୍ରୀଡା ସମାରୋହ ଉଦଘାଟନ ଅବସରରେ ଉପସ୍ଥିତ ଅତିଥିମାନେ କହିଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଧର୍ମଗଡ ଏନଏସି ଅଧକ୍ଷା ହିରା ବାଗ, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ପ୍ରତାପ କିଶୋର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ଶିକ୍ଷା ଜିଲା ଅଧିକାରୀ କିଶୋର କୁମାର ଖମାରୀ, ଅତିରିକ୍ତ ଶିକ୍ଷା ଅଧିକାରୀ ନବ କିଶୋର ସାହୁ, ଶିକ୍ଷକ ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ଖୋଖୋ, କବାଡି ଏବଂ ଫୁଟବଲ ଭଳି ପ୍ରତିଯୋଗିତା ହୋଇଥିଲା । ୧୦୫ ଜଣ ବାଳକ ଏବଂ ୯୯ ଜଣ ବାଳିକା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୪୦ ଜଣ ଛାତ୍ରୀଛାତ୍ର ଜିଲା କ୍ରୀଡା ସମାରୋହରେ ଭାଗ ନେବା ପାଇଁ ଯୋଗ୍ୟ ହୋଇଛନ୍ତି । ବିଦ୍ୟାଳୟ ଖେଳ ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ ଖେଳ ପରିଚାଳନ ଦାୟିତ୍ୱରେ ରହିଥିବା ବେଳେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୦ ଜଣ ଖେଳ ଶିକ୍ଷକ ସହେଯାଗ କରିଥିଲେ। ସମାରୋହରେ ଶିକ୍ଷକ ସରୋଜ କୁମାର ପଣ୍ଡା, ତପନଜିତ ଦାସ, ଶ୍ରିକାନ୍ତ କୁମାର ଜେନା, ଗଦାଧର ବାରିକ, ଶ୍ରବଣ ଜାଲ, ବରୁଣ ଭଇଁସାଲ, ଅଭିମନ୍ୟୁ ମୁଣ୍ଡ, ହେମନ୍ତ ଗୋପାଳ, ଅମିତ ମୁଣ୍ଡ, ବୀଣାପାଣି ନାଏକ ପ୍ରମୁଖ ସହେଯାଗ କରିଥିଲେ ।



ଧର୍ମଗଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଶାରଦୀୟ କ୍ରୀଡା ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ଅତିଥି ବୃନ୍ଦ ।

# ଓଏସଆରଟିସି ବସ ଚଳାଚଳ ସ୍ୱାଭାବିକ

ଭବାନୀପାଟଣା,୨୪।୮(ଡି.ଏନ.ଏ.)

ଓଡିଶା ରାଜ୍ୟ ପରିବହନ ନିଗମ କର୍ମଚାରୀମାନେ ୪ ଦଫା ଦାବି ନେଇ ଗତ ୩ ଦିନ ଧରି ଚଳାଇଥିବା ଧର୍ମଘଟ ପ୍ରତ୍ୟାହାର ହୋଇଛି । ଫଳରେ ଶୁକ୍ରବାରଠାରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି । ଗତ ୩ ଦିନ ଧରି ବସ ବନ୍ଦ ହେବା ଯୋଗୁ ଭବାନୀପାଟଣାଠାରୁ ଦୂରଦୂରାନ୍ତକୁ ଯାଉଥିବା ୧୦ଟି ରାସ୍ତା ସମସ୍ତ ବସ ଚଳାଚଳ ବାଧା ପ୍ରାପ୍ତ ହୋଇଥିଲା। ଯାତ୍ରୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। କର୍ମଚାରୀମାନଙ୍କ ୪ ଟି ଦଫା ଦାବିକୁ ନେଇ ସରକାର ବିଚାର କରୁଛନ୍ତି ବୋଲି ଜଣାପଡିବା ପରେ ଏହି ଧର୍ମଘଟ ପ୍ରତ୍ୟାହାର ହୋଇଛି। ସମସ୍ତ ଠିକା କର୍ମଚାରୀଙ୍କୁ ନିୟମିତ କରିବା, କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଲାଗୁ କରିବା ଏବଂ କର୍ମଚାରୀଙ୍କ ଉପରେ ବେଆଇନ ଭାବେ ରାତିଅଧିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବନ୍ଦ କରାଯିବା ଆଦି ଦାବି ନେଇ କର୍ମଚାରୀ ସଂଘ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତି କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ ।

### କେରଳ ବନ୍ୟାରେ ଫସିଥିବା ଅନେକ ଦାଦନ ଶ୍ରମିକଙ୍କ ପତ୍ତା ମିଳୁନି

# ଚିନ୍ତାରେ ପରିବାରବର୍ଗ, ଉଦ୍ଧାର ପାଇଁ ନିବେଦନ

ଭବାନୀପାଟଣା,୨୪।୮(ଡି.ଏନ.ଏ.)

କଳହାଣ୍ଡି ଜିଲାର ଅନେକ ଶ୍ରମିକ କେରଳ ବନ୍ୟାରେ ଫସି ରହିଛନ୍ତି । ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ଏବେ ଭୟର ବାତାବରଣ ପରିଲକ୍ଷିତ ହେଉଛି । ସେଠାରେ କାହାର ପୁଅ ତ ଆଉ କାହାର ସ୍ୱାମୀ ଏଭଳି ଅନେକ ବ୍ୟକ୍ତି କେରଳକୁ କାମ କରିବାକୁ ଯାଇ ବନ୍ୟାରେ ଫସି ରହିଯାଇଥିବା ଜଣାପଡ଼ିଛି । ବନ୍ୟା ଯୋଗୁ ସେମାନଙ୍କ ସହ ଯୋଗାଯୋଗ ହୋଇପାରୁ ନ ଥିବାରୁ ସେମାନେ ସେଠାରେ କିପରି ଓ କେଉଁ କିଭଳି ଅବସ୍ଥାରେ ଅଛନ୍ତି ସେ ଚିନ୍ତା ପରିବାର ଲୋକଙ୍କୁ ଘାରିଛି । ଜିଲା ଆଦିବାସୀ ଅଧୁଷିତ ଥୁଆମୁଳରାମପୁର ବ୍ଲକ୍‌ର ଶତାଧିକ ଯୁବକ ଦାଦନ ଖଟିବା ପାଇଁ କେରଳ ଯାଇଛନ୍ତି । ଯିବା ପୂର୍ବରୁ କୌଣସି ପଞ୍ଜୀକରଣ କରାଇ ନ ଥିବାରୁ ଏମାନେ କେରଳର କେଉଁ ଅଞ୍ଚଳରେ ନିୟୋଜିତ ଅଛନ୍ତି ସେ ନେଇ ପରିବାର ଲୋକଙ୍କୁ ଜଣାନାହିଁ । ଯେଉଁଥି ପାଇଁ ବର୍ତ୍ତମାନ କେରଳ ବନ୍ୟାରେ ଥିବା ଦାଦନ ଶ୍ରମିକଙ୍କ ସୁରକ୍ଷା ନେଇ ସେମାନଙ୍କ ପରିବାର ଚିନ୍ତାରେ ପଡିଛନ୍ତି । କିଛି ଦାଦନ ଶ୍ରମିକଙ୍କ ପରିବାର ଲୋକ ଫୋନ୍ ମାଧ୍ୟମରେ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗ କରିଥିବା ବେଳେ ଅନ୍ୟ କିଛି ଲୋକଙ୍କ ସହିତ ଯୋଗାଯୋଗ ହେଇ ପାରିନାହିଁ । ଯେଉଁମାନଙ୍କ ସହିତ ଯୋଗାଯୋଗ ହୋଇପାରିଛି ସେମାନେ ବନ୍ୟା ଦ୍ୱାରା ପ୍ରଭାବିତ ହୋଇ ହେଲିକେପ୍ଟର ମାଧ୍ୟମରେ ଦିଆଯାଉଥିବା ରିଲିଫ ଖାଇ ଜୀବନ ବଞ୍ଚାଇଥିବା ସମ୍ପର୍କ ପରିବାର ଲୋକଙ୍କୁ କହିଛନ୍ତି । ବିଶେଷ ଭାବେ ଥୁଆମୂଳରାମପୁର ବ୍ଲକ୍ ଅନ୍ତର୍ଗତ ଥୁଆମୂଳ ପଞ୍ଚାୟତର ଥୁଆମୂଳ, ଭଟ୍ଟାଗୁପା ସମେତ ଅନ୍ୟ ଅଞ୍ଚଳର ବହୁ ଯୁବକ ଏବେ କେରଳରେ ଦାଦନ ଶ୍ରମିକ ଭାବେ ନିୟୋଜିତ ଅଛନ୍ତି । ସେମାନେ ହେଲେ ଭଟ୍ଟାଗୁଡାର ଫଗୁ ମାଝି, ସୁଦର୍ଶନ ମାଝି, ମଙ୍ଗଳେଶ୍ୱର ନାୟକ, ଫକୀର ନାୟକ, ରାଏସିଙ୍ଗ ମାଝି, ଛତ୍ରପତି ମାଝି, ଘେନୁ ପ୍ରଧାନୀ, ଜନାର୍ଦ୍ଦନ ଜାନୀ, ଧନସିଙ୍ଗ ମାଝି, ସୁବାସିଙ୍ଗ ମାଝି, ସମ୍ବାରୁ ଜାନୀ, ଲକ୍ଷ୍ମଣ ଜାନୀ, ଅଭିମନ୍ୟୁ ନାୟକ ପ୍ରମୁଖଙ୍କ ସମେତ ଏହି ଗାଁର ୫୦ରୁ ଅଧିକ ଯୁବକ କେରଳର ବିଭିନ୍ନ ଅଞ୍ଚଳରେ ଦାଦନ ଶ୍ରମିକ ଭାବେ ନିୟୋଜିତ ଥିଲେ । ଥୁଆମୂଳରୁ ଜଗବନ୍ଧୁ ଗଉଡ, ବୀରେନ୍ଦ୍ର ବିଷି, ତ୍ରିନାଥ ପୂଝାରୀ, ବଳରାମ ମାଝି, ଘାସି ରାମ ମାଝି, ସୁରେନ୍ଦ୍ର ନାୟକ ପ୍ରମୁଖ କେରଳରେ ଥିବା ଗାଁ ଲୋକେ ସୂଚନା ଦେଇଛନ୍ତି । କେବଳ ଏହି ଦୁଇ ଗାଁ ନୁହେଁ ଇନ୍ଦ୍ରବତୀ ଜଳ ଭଣ୍ଡାର ମଧ୍ୟରେ ଥିବା ପୋଡାପଦର, ତଳନାଗୀ ସମେତ ଗୋପିନାଥପୁର, ମାଳିଗାଁ, ଅଡ୍ରି, କେରପାଇ, ନାଗରୁଣ୍ଡି, ସିଲେଟ ଆଦି ଅଞ୍ଚଳରୁ ବହୁ ଦାଦନ ଶ୍ରମିକ କେରଳରେ ଦାଦନ ଶ୍ରମିକ ଭାବେ ନିୟୋଜିତ ରହିଛନ୍ତି । ତୁରନ୍ତ ବ୍ୟବସ୍ଥା କରି ଥୁଆମୂଳ ପଞ୍ଚାୟତରୁ କେରଳରେ ନିୟୋଜିତ ଥିବା ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ସରପଞ୍ଚ ସୁଶିଳା ମାଝି ଓ ଦାଦନ ଶ୍ରମିକ ଭାବେ ଯାଇଥିବା ପ୍ରରିବାର ଲୋକେ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ନିକଟରେ ଅନୁରୋଧ କରିଛନ୍ତି ।

### ନିର୍ମାଣାଧୀନ ପ୍ରଧାନ ମନ୍ତ୍ରୀ ରାସ୍ତା ଶୋଚନୀୟ

# ଯାତାୟାତରେ ସାଜୁଛି ବାଧକ

କୋକସରା,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରାଠାରୁ କର୍ଲାଗୁଡା ଦେଇ ଡେଙ୍ଗାଗୁଡା ରାସ୍ତା ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଠିକାଦାର ଉକ୍ତ ରାସ୍ତାରେ ମାଟି ପକାଇ ଲେବୁଲ ସମତୁଲ କରିଥିବା ଦେଖିବାକୁ ମିଳିଛି। ବର୍ଷା ହେବାରୁ ପକାଯାଇଥିବା ମାଟି ବର୍ତ୍ତମାନ କାଦୁଅ ହୋଇଛି । ଫଳରେ ସ୍ଥାନୀୟ ଗ୍ରାମବାସୀଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ତୁରନ୍ତ ବିକଳ୍ପ ବ୍ୟବସ୍ଥା ନ କଲେ ଏହି ରାସ୍ତାରେ ଯିବା ଅସିବା କରିବା ସମ୍ଭବ ନିହେଁ ବୋଲି ଟେମରା, କର୍ଲାଗୁଡା ଓ ଡେଙ୍ଗାଗୁଡା ଗ୍ରାମବାସୀ କହିଛନ୍ତି। ମିଳିଥିବା ସୂଚନା ଅନୁସାରେ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଟେମରାଠାରୁ କର୍ଲାଗୁଡା ଦେଇ ଡେଙ୍ଗାଗୁଡା ସଂଯୋଗ କରିଥିବା ରାସ୍ତା ପୁନରୁଦ୍ଧାର ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ସାମିଲ କରାଯାଇଛି । ଉକ୍ତ ଯୋଜନାରେ ଅନୁଦାନ ମିଳିବା ପରେ ଟେଣ୍ଡର ଆହ୍ୱାନ କରାଯାଇ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଗତ ୨ ମାସ ତଳେ ଆରମ୍ଭ କରାଯାଇଥିଲା । ଟେଣ୍ଡର ପାଇଥିବା ଠିକାଦାର କାମ ଆରମ୍ଭ କରି ରାସ୍ତାର ସମତୁଲ ପାଇଁ ୪ କି.ମି. ଯାଏଁ ମାଟି ପକାଇଥିଲା। ମାଟି କାମ ପରେ ମୋରମ କି ଗେଡି ନ ପକାଇ ଛାଡି ଦିଆଯାଇଛି। ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପଡିଥିବା ମାଟି କାଦୁଅରେ ପରିଣତ ହୋଇଛି। ଏପରି କି କିଛି ସ୍ଥାନରେ ବଡବଡ ଗାତ ସୃଷ୍ଟି ହୋଇ କାଦୁଅ ପାଣି ଭର୍ତ୍ତି ହୋଇ ରହିଥିବା ଦେଖିବାକୁ ମିଳିଛି। ଶୋଚନୀୟ ରାସ୍ତାରେ ଗମନାଗମନ ବାଧକ ସାଜିବା ପରେ ଗ୍ରାମବାସୀ ବିଭାଗୀୟ ଜେଇଙ୍କୁ ମୌଖିକ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ କାମ ତଦାରଖ କରୁଥିବା ବିଭାଗୀୟ ଜେଇ ସମାଧାନ ପାଇଁ ତୁରନ୍ତ ବ୍ୟବସ୍ଥା କରାଯିବ କହି ନିରବ ରହିଯାଇ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଜେଇ ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେବା ପରେ ଟେମରା ଓ କର୍ଲାଗୁଡାବାସୀ ସ୍ଥାନୀୟ ବିଧାୟକଙ୍କୁ ଜଣାଇ ତୁରନ୍ତ ନିରାକରଣ କରିବା ପାଇଁ ଦାବି କରିଥିବା ଜଣାପଡିଛି। ତୁରନ୍ତ ଗମନାଗମନ ପାଇଁ ବିକଳ୍ପ ବ୍ୟବସ୍ଥା ନ କଲେ ଟେମରା, କର୍ଲାଗୁଡା ଓ ଡେଙ୍ଗାଗୁଡା ଗ୍ରାମବାସୀ ଆସନ୍ତା ଦିନରେ ହେବାକୁ ଥିବା ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସୁମିତ ମିଞ୍ଜଙ୍କୁ ପଚାରିବାରୁ ବର୍ତ୍ତମାନ ବର୍ଷା ହେଉଛି। ବର୍ଷା ଛାଡିଲେ ତୁରନ୍ତ ରାସ୍ତା କାମ ଆରମ୍ଭ କରାଯାଇ ଗମନାଗମନ ସମସ୍ୟା ଦୂର କରାଯିବ ବୋଲି କହିଥିଲେ।



## ସଂକ୍ଷେପରେ



### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୋକସରା,୨୪।୮(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଟେମରା ପଞ୍ଚାୟତ ହଂସପଡା ଗ୍ରାମର ବିଦ୍ୟାଧର ହଂସ (୪୦) ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ କୋକସରା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁସାରେ ବିଦ୍ୟାଧର ଶୁକ୍ରବାର ଭୋର ସକାଳେ ମହିମା ଡୋଙ୍ଗରି ପାଖରେ ଥିବା ନିଜ ଚାଷ ଜମିକୁ ଯାଉଥିଲେ । ଏହି ସମୟରେ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ଭାଗ୍ୟବଶତଃ କୌଣସି ମତେ ଭାଲୁ ହାବୁଡରୁ ରକ୍ଷା ପାଇଥିଲେ । ଖବର ପାଇ ମଧ ବନବିଭାଗର କୌଣସି କର୍ମଚାରୀ ଆସି ନ ଥିବା ବେଳେ କ୍ଷତି ପୂରଣ ପାଇଁ ପରିବାର ଦାବି କରିଛନ୍ତି ।



### ଚଣ୍ଡୀ ମନ୍ଦିରରୁ ମୂର୍ତ୍ତି ଚୋରି

ଜୁନାଗଡ,୨୪।୮(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଥିବା ଚଣ୍ଡୀ ମନ୍ଦିରରୁ ଶୁକ୍ରବାର କେହି ଦୁର୍ବୃତ୍ତ ଚଣ୍ଡୀ ମୂର୍ତ୍ତି ଚୋରି କରିନେଇଥିବା ଜଣାପଡିଛି। ମନ୍ଦିର କର୍ତ୍ତୃପକ୍ଷ ମନ୍ଦିର ଭିତରକୁ ପଶିଲା ବେଳେ ସିଂହାସନରେ ଚଣ୍ଡୀ ମୂର୍ତ୍ତି ନ ଥିବା ଦେଖିବାକୁ ପାଇଥିଲେ। ଫଳରେ ଏହାକୁ କେହି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏହି ମୂର୍ତ୍ତିଟି ପ୍ରାଚୀନ ହୋଇଥିବା ବେଳେ ଏହାକୁ ସିଂହାସନରେ ବସାଯାଇଥିଲା।

# ବନ୍ୟାକ୍ଲିଷ୍ଟ କେରଳରୁ ଫେରିଲେ ୩ ଶ୍ରମିକ

ବଲାଙ୍ଗୀର ଅଫିସ, ୨୪।୮

ଶତାବ୍ଦୀର ମହାପ୍ରଳୟଙ୍କାରୀ ବନ୍ୟାକ୍ଲିଷ୍ଟ କେରଳରୁ ଶୁକ୍ରବାର ବଲାଙ୍ଗୀର ଫେରିଛନ୍ତି ୩ ଶ୍ରମିକ । ସେମାନେ ହେଲେ ବଲାଙ୍ଗୀର ଲକ୍ଷ୍ମୀଯୋରପଡାର ଶଙ୍କର କୁମ୍ଭାର, ଟିଟିଲାଗଡ ଭାଟିପଡାର କୁନୁ ମାଝି ଓ କଳାହାଣ୍ଡି ଜିଲା ଦେପୁର ଗାଁର ବିଶିକେଶନ ମାଝି । ଦୀର୍ଘ ୨୦ଦିନ ଧରି ଏମାନେ କେରଳରେ ଜଳବନ୍ଦୀ ଭାବେ ଅକଥନୀୟ ଦୁର୍ଦ୍ଦଶା ଭୋଗିଥିବା ସୂଚନା ଦେଇଛନ୍ତି । ବଲାଙ୍ଗୀରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ତରଫରୁ ଆର୍ଥିକ ସହାୟତା ପଠାଇବା ପରେଏହି ୩ ଜଣ ଶ୍ରମିକ ଶୁକ୍ରବାର ଏଠାକୁ ଫେରିଛନ୍ତି । ଏ ସଂକ୍ରାନ୍ତରେ ବଲାଙ୍ଗୀର ଶ୍ରମିକ ମଙ୍ଗଳ ଭବନଠାରେ ଫାଉଣ୍ଡେସନ୍‌ର ସୋମନାଥ ମିଶ୍ର, ବିବେକାନନ୍ଦ ପଟେଲ ସୂଚନା ଦେଇଛନ୍ତି । ଦୀର୍ଘ ୧୦ ବର୍ଷ ହେଲା ଶ୍ରମିକ ଭାବେ ଶଙ୍କର କୁମ୍ଭାର କେରଳର କୋଟ୍ଟୟାମ୍ ଜିଲାର କାନମ୍‌ଠାରେ ଥିବା ଏକ କମ୍ପାନୀରେ ୱେଲଡିଂ କାମ କରୁଥିଲେ । ସେହି ଜିଲାର ଆଡେଇପାରାଠାରେ ଥିବା ଏକ ରବର କମ୍ପାନୀରେ ଶ୍ରମିକ କୁନୁ ମାଝି ଓ ବିଶିକେଶନ ମାଝି କାମ କରୁଥିଲେ । ଭୟଙ୍କର ବର୍ଷା ଓ ବନ୍ୟା ପରେ ସେମାନେ ପାହାଡ ଉପର ଏକ ସ୍ଥାନରେ ଅଟକି ରହିଥିଲେ । ସେହି ସ୍ଥାନକୁ କୌଣସି ପ୍ରକାର ଖାଦ୍ୟ ସାମଗ୍ରୀ ପହଞ୍ଚି ପାର ନ ଥିଲା । ବର୍ଷା ପାଣି କମିଯିବା ପରେ ସେମାନେ ତଳକୁ ଓହ୍ଲାଇ ସେମାନେ ରହୁଥିବା ସ୍ଥାନକୁ ଫେରି ଦେଖିବାବେଳେ ସମସ୍ତ ସାମଗ୍ରୀ ପାଣିରେ ବୁଡି ନଷ୍ଟ ହୋଇଯାଇଥିଲା । ବନ୍ୟା ଯୋଗୁଁ କମ୍ପାନୀମାନେ ମଧ ଭୀଷଣ ଭାବେ କ୍ଷତିରେ ପଡିଥିଲେ । ଫଳରେ କୌଣସି କାମ ନ ହେବାରୁ ସେମାନେ ମଜୁରି ମଧ ପାଇ ନ ଥିଲେ। ଟଙ୍କା ଅଭାବରୁ ଘରକୁ ଫେରିବା ବଡ କଷ୍ଟକର ହୋଇପଡିଥିଲା । ବଲାଙ୍ଗୀରର ଶ୍ରମିକ ଶଙ୍କର କୌଣସି ମତେ ସେଠାରୁ ଆର୍ଥିକ ସହାୟତା ପାଇଁ ବିଙ୍ଗ୍ ହ୍ୟୁମାନ୍ ସଂଗଠନ ସଦସ୍ୟଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ । ଏହାପରେ ଏହି ସଂଗଠନ ପକ୍ଷରୁ ୫ ହଜାର ଟଙ୍କା ଶଙ୍କରଙ୍କ ବ୍ୟାଙ୍କ ଆକାଉଣ୍ଟରେ ପଠାଇବା ପରେ ୩ ଓଡିଆ ଶ୍ରମିକ ଗତ ୩ ଦିନ ଧରି ବିଭିନ୍ନ ଟ୍ରେନ୍‌ରେ ଆସି ଶୁକ୍ରବାର ବଲାଙ୍ଗୀରରେ ପହଞ୍ଚିଥିଲେ । ସେଠାରୁ ଫେରିଥିବା ତିନି ଶ୍ରମିକ କେରଳ ବନ୍ୟାର ବିଭୀଷିକା ସମ୍ପର୍କରେ ସୂଚନା ଦେଇ ସୌଭାଗ୍ୟକ୍ରମେ ବଞ୍ଚିଯାଇଥିବା ସୂଚନା ଦେଇଥିଲେ ।



କେରଳରୁ ଫେରିଥିବା ତିନି ଶ୍ରମିକ ।

# ଜରାସିଂହା କଲେଜରେ ସ୍ୱାଗତ ସମାରୋହ

ଦେଓଗାଁ,୨୪।୮(ଡି.ଏନ.ଏ.)

ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତଦୁଇ କଲେଜରେ ଶୁକ୍ରବାର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିମଳ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି ଉମା ଶଙ୍କର ସିଂ ଯୋଗଦେଇଥିଲେ। ବିଦ୍ୟାର୍ଥୀ ମାନଙ୍କ ପରିଭାଷା ଓ ତାଙ୍କ କର୍ତ୍ତବ୍ୟ ଉପରେ ସେ ମାର୍ଗ ଦର୍ଶନ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁସୂୟା ସାମଲ ଓ ହରିଶ୍ଚନ୍ଦ୍ର ପଶାୟତ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ଅଧ୍ୟାପକ ଧୋବାଇ ଚରଣ ପଟେଲ, ବସନ୍ତ କୁମାର ମନହିରା, ଅଚ୍ୟୁତରାମ ମେହେର, ଦୁର୍ବାଦଳ ଘିଭେଲା ନିଜ ନିଜ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଶୁଭଶ୍ରୀ ସାହୁ, ସୁନିତା ମେହେର, ଅଧ୍ୟାପକ ବସୁଦେବ ମେହେର, ବାଳ ଶଙ୍କର ମେହେର, ପ୍ରଶାନ୍ତ କୁମାର ଥନାପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ତପସ୍ୱିନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଜରାସିଂହା କଲେଜରେ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଚାଲିଛି ।

# ଜନପ୍ରତିନିଧି, ବ୍ଲକ ପ୍ରଶାସନର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ଲାଞ୍ଜିଗଡ଼,୨୪।୮(ଡି.ଏନ.ଏ.)

ଏଥର ଲଘୁଚାପ ଜନିତ ବର୍ଷାରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଲଗାଣ ବର୍ଷାରେ ଚାଷବାସ ସହ ବ୍ଲକର ଘାଟି ଅଞ୍ଚଳରେ ରାସ୍ତା କଟି ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଯୋଗାଯୋଗ ବିଚ୍ଛିନ୍ନ ମାଳିଯୁବାଙ୍ଗ, ବିଜେପୁର ଓ ପାହାଡପଦର ପଞ୍ଚାୟତ କ୍ଷତିଗ୍ରସ୍ତ ଅଞ୍ଚଳକୁ ବିଧାୟକ ବଳଭଦ୍ର ମାଝି, ବ୍ଲକ ଅଧ୍ୟକ୍ଷ ଇଂ. ଫକୀର ମୋହନ ମାଝି, ପ୍ରଶାସନ ପକ୍ଷରୁ ବିଡିଓ ବାସୁଦେବ ନାୟକ, ଏବିଡିଓ ବିଭୂତିଭୂଷଣ ଶତପଥୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ବୁଲି ଦେଖିଛନ୍ତି । ଏଥିସହ କ୍ଷୟକ୍ଷତି ତାଲିକା ପ୍ରସ୍ତୁତ କରିବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ ତଥା କୃଷି ବିଭାଗ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲଗାଣ ବର୍ଷା ଯୋଗୁ ମାଳିଯୁବାଙ୍ଗ ପଞ୍ଚାୟତ ବଙ୍କାକୁଣ୍ଡଠାରୁ ପୁଇଗୁଡା ରାସ୍ତା ନଷ୍ଟ ହୋଇଯାଇଥିବା ବେଳେ ଏଥି ଯୋଗୁ କେନ୍ଦୁପେଟ୍, ଭେଜରାଂ, ଦୁରପଦର, ଚାଚାଗାଁ, ଇଦରୂପା, ଥୁଆଗୁଡା, ଘୁମେର, ସାଇମସ୍କା, ଟୁରିସିମେଲ, ପିଟସାର ଓ ସର୍ଗିଗୁଡା ଆଦି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡିଛନ୍ତି । ସେହିପରି ବଙ୍କାକୁଣ୍ଡ-ମାଣ୍ଡିପିଟା ଓ ପୋଖେର ରାସ୍ତାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ନିର୍ମାଣାଧୀନ ପୋଖେର-ଦନାରଗୁଡା ପ୍ରଧାନମନ୍ତ୍ରୀ ରାସ୍ତା ମଧ ବ୍ୟାପକ କ୍ଷୟକ୍ଷତି ହୋଇଛି । ସେହିପରି ପାହାଡପଦର, ବିଜେପୁର ଓ ମାଳିଯୁବାଙ୍ଗ ପଞ୍ଚାୟତ ଶହଶହ ଏକର ଜମି ବାଲିଚର ପାଲଟିଥିବାବେଳେ ଶତାଧିକ ଏକର ଜମିର କପାଚାଷ ନଷ୍ଟ ହୋଇଛି । ବିଧାୟକ ଓ ବ୍ଲକ ପଦାଧିକାରୀ ନିରୀକ୍ଷଣ ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଜିଲା ପ୍ରଶାସନ ସହ ଆଲୋଚନା କରି କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ନିର୍ମାଣ ଓ ମରାମତି ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।



ଅଧିକାରୀମାନେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ବାହାନା

# ମଧ୍ୟାହ୍ନଭୋଜନ ପରେ ସ୍କୁଲ ଛୁଟି

ଜୁନାଗଡ,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବକ୍ସିତୁଲସୀପାଲି ଅପଗ୍ରେଡ ହାଇସ୍କୁଲ ଶୁକ୍ରବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ବାହାନାରେ ମଧ୍ୟାହ୍ନ ଭୋଜନ ପରେ ସ୍କୁଲ ଛୁଟି ହୋଇଯାଇଥିବା ଛାତ୍ରୀଛାତ୍ର, ଗ୍ରାମବାସୀଙ୍କଠୁ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବକ୍ସିତୁଲସୀପାଲି ଅପଗ୍ରେଡ ହାଇସ୍କୁଲରେ ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଥିଲା। ଏହି ବାହାନାରେ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପରେ ଛୁଟି କରି ଦିଆଯାଇଥିଲା। ତେବେ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ କେବଳ ହାତଗଣତି କିଛି ଲୋକ ଯୋଗଦେଇଥିଲେ। ଫଳରେ ଏହି କାର୍ଯ୍ୟକ୍ରମଟିକୁ ବାତିଲ କରାଯାଇଥିଲା। ପରେ ସ୍କୁଲରେ ତାଲା ପକାଇ ଦିନ ୨ଟା ପରେ ଶିକ୍ଷକମାନେ ଚାଲିଯାଇଥିଲେ। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନଞ୍ଜୟ ପାଢୀଙ୍କୁ ପଚାରିବାରୁ ମୋ ସ୍କୁଲ କାର୍ଯ୍ୟକ୍ରମ ଥିବାରୁ ମଧ୍ୟାହ୍ନ ଭୋଜନ ପରେ ଛାତ୍ରୀଛାତ୍ରଙ୍କୁ ଛୁଟି କରାଯାଇଥିଲା। ମୋ ସ୍କୁଲ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଡକାଯାଇଥିଲା । କେବଳ ୨/୪ଜଣ ଆସିଥିଲେ ବୋଲି କହିଥିଲେ। ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ କରାଗଲେ ବି ଅପରାହ୍ନ ୪ଟା ଯାଏଁ ଛାତ୍ରୀଛାତ୍ର, ଶିକ୍ଷକମାନେ ରହିବାର କଥା, ଏ ବିଷୟରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା ୨୦,୦୦୦/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

**FINANCE**
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ । 2% ସୁଧ ।
M: 8337957615
7064797490

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**ADMISSION OPEN FOR 2018-20**
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**FINANCE**
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସଂପର୍କ କରନ୍ତୁ
7347695603
8941029381

**SRI RAM FINANCE LTD.**
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ । ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି ।
Help Line No.
8658665629
7894259095
finance0102018@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ ୧୨୮୦ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

9911436726, 8750311430



**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍। ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
**OM FINANCE**
9557124359
7895699233

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ଫ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୭୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି । କଲ୍ କରନ୍ତୁ SAMIR MONAL
07363008993
07363008928

## ସଂକ୍ଷେପରେ

### ସାଧାରଣ ନିର୍ବାଚନ ପାଇଁ ଇଭିଏମ୍ କଳାହାଣ୍ଡିରେ ପହଞ୍ଚିଲା

ଭବାନୀପାଟଣା,୨୪।୮(ଡି.ଏନ.ଏ.)

୨୦୧୯ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଜାତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ କାଳାହାଣ୍ଡି ଜିଲା ଲୋକ ସଭା ଏବଂ ୫ଟି ବିଧାନ ସଭା ନିର୍ବାଚନ ପାଇଁ ଇଭିଏମ୍ (୩୪୯୦ ବେଲଟ୍ ୟୁନିଟ୍ ଏବଂ ୩୪୭୯ଟି କଣ୍ଟ୍ରୋଲ ୟୁନିଟ୍ ) ୮ଟି କଣ୍ଟେନର ଗାଡିରେ ଭବାନୀପାଟଣାରେ ଆସି ପହଞ୍ଚିଛି । ଏହାକୁ କଡା ସୁରକ୍ଷା ମଧରେ ସ୍ଥାନୀୟ ଆରଏମସି ଗୋଦାମରେ ସୁରକ୍ଷିତ ଭାବେ ରଖାଯାଛି । ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଇଭିଏମ୍ ଟ୍ରେନ ଯୋଗ ଝାରସୁଗୁଡା ଆସିଥିଲା । ସେଠାରୁ କଡା ସୁରକ୍ଷା ଓ ସିଲ କରାଯାଇ ୮ଟି କଣ୍ଟେନର ଗାଡିରେ କାଳାହାଣ୍ଡି ଜିଲାର ଲୋକ ସଭା ଏବଂ ୫ଟି ବିଧାନସା ନିର୍ବାଚନ ପରିଚାଳନା କରିବା ପାଇଁ ଇଭିଏମ୍ ଭବାନୀପାଟଣାକୁ ପଠାଯାଇଛି । ଏହି ୮ଟି କଣ୍ଟ୍ରେନର ଗାଡି ବେଲଟ୍ ୟୁନିଟ୍ ଓ କଣ୍ଟ୍ରୋଲ ୟୁନିଟ୍ ଭବାନୀପାଟଣାର ଆରଏମସି ଗୋଦାମରେ ପହଞ୍ଚିବା ପରେ କଳାହାଣ୍ଡି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଗାଭିଲ ପରାଗ ହର୍ଷଦ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟୋପୋ, ନିର୍ବାଚନ ଅଧିକାରୀ ରୁକ୍ମଣ ମେହେର ଏବଂ ଜିଲା ନିର୍ବାଚନ କାର୍ଯ୍ୟାଳୟ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ପରେ ଏହି ଅଧିକାରୀଙ୍କ ଉପସ୍ଥିତିରେ ଇଭିଏମ୍‌କୁ ଆରଏମସି ଗୋଦାମ ପରିସରରେ କଡା ସୁରକ୍ଷା ଭିତରେ ରଖାଯାଇ ଯାଞ୍ଚ କରାଯାଉଛି ।



### ବାଜପେୟୀଙ୍କ ସ୍ମୃତିରେ ରକ୍ତ ଦାନ ଶିବିର

ଧର୍ମଗଡ,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ରକ୍ତ ଭଣ୍ଡାରଠାରେ ଶୁକ୍ରବାର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଭାରତ ରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଭାଜପା ନବରଙ୍ଗପୁର ଜିଲା ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଗ ଉଦଘାଟନ କରିଥିଲେ। ଏହି ଅବସରରେ ବାଜପେୟୀଙ୍କ ସ୍ମୃତି ଚାରଣ କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶିବିରରେ ଧର୍ମଗଡର ସମସ୍ତ ଯୁବ ମୋର୍ଚ୍ଚା ସଦସ୍ୟମାନେ ରକ୍ତ ଦାନ କରିଥିଲେ। ଏହି ରକ୍ତକୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଥିବା ରକ୍ତହିନ ଏବଂ ଆବଶ୍ୟକ କରୁଥିବା ରୋଗୀମାନଙ୍କ ଉଦ୍ଦେଶରେ ଉତ୍ସର୍ଗୀକୃତ ବୋଲି ଯୁବ ମୋର୍ଚ୍ଚା ତରଫରୁ ସୂଚନା ଦିଆଯାଇଛି। ବ୍ଲଡ ବ୍ୟାଙ୍କ ଟେକନିସିଆନ ପ୍ରକଶ କୁମାର ପଣ୍ଡା ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରବୀଣ କୁମାର ପଣ୍ଡା, ଲକ୍ଷ୍ମୀକାନ୍ତ ଧଙ୍ଗଡାମାଝି, ସାମାଜିକ କର୍ମୀ ପ୍ରହଲ୍ଲାଦ ଅଗ୍ରୱାଲଙ୍କ ସମେତ ଯୁବ ମୋର୍ଚ୍ଚାର ବହୁ ସଦସ୍ୟ ଯୋଗଦେଇଥିଲେ।

# ଥଇଥାନ, ପୁନର୍ବାସ ଦାବିରେ ରାସ୍ତାରୋକୋ

ନୂଆପଡା ଅଫିସ,୨୪।୮

ଜିଲାର ସର୍ବବୃହତ ଜଳସେଚନ ପ୍ରକଳ୍ପ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ନିର୍ମାଣ କାମ ଶେଷ ହୋଇଥିବାବେଳେ ବର୍ତ୍ତମାନ ପାଣି ରଖିବା ପ୍ରକ୍ରିୟା ଆରମ୍ଭ କରାଯାଇଛି । ଫଳରେ ବୁଡି ଅଞ୍ଚଳର ଲୋକେ ଘର ଦ୍ୱାର ଛାଡି ଛିନ୍ନଛତ୍ର ହୋଇପଡିଛନ୍ତି । କ୍ଷତିଗ୍ରସ୍ତ ସମ୍ପୂର୍ଣ୍ଣ ଏବଂ ଆଂଶିକ ବୁଡି ଅଞ୍ଚଳର ହିତାଧିକାରୀମାନଙ୍କୁ କ୍ଷତିପୂରଣ ରାଶି ମିଳି ନାହିଁ । ଏହାକୁ ନେଇ ଶୁକ୍ରବାର ୩୦ଖଣ୍ଡ ଗାଁର ଲୋକ ଜାତୀୟ ରାଜପଥକୁ ଓହ୍ଲାଇଛନ୍ତି । ଥଇଥାନ ଏବଂ ପୁନର୍ବାସ ଦାବିରେ କୋମନା ଥାନା ଅନ୍ତର୍ଗତ ଡୁମେରବାହାଲ ଗାଁ ନିକଟରେ ଜାତୀୟ ରାଜପଥ ୩୫୩କୁ ଦୀର୍ଘ ୪ ଘଣ୍ଟା ଧରି ଅବରୋଧ କରିଥିବା ବେଳେ ପ୍ରକଳ୍ପ କର୍ତ୍ତୃପକ୍ଷ ଆନ୍ଦୋଳନସ୍ଥଳୀକୁ ଆସି ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନରୁ ହଟିଛନ୍ତି । ଆସନ୍ତା ମାସକ ମଧ୍ୟରେ ଦାବି ପୂରଣ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାଇ ଦେଇଛନ୍ତି ।

ଲୋୟର ଇନ୍ଦ୍ର ଜନସଚେତନ ମଞ୍ଚ ଆହ୍ୱାନରେ ଶୁକ୍ରବାର ସକାଳ ସାଢେ ୭ଟାରୁ ଡୁମେରପଦର ଛକ ନିକଟରେ ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା । ନେତୃତ୍ୱ ନେଉଥିବା ମଞ୍ଚ ସଭାପତି କିଶୋର କୁମାର କଠାରଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା । ଏଥିରେ ବିସ୍ଥାପିତ ସହାୟତା ସମିତି ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, କ୍ଷମା ସିଂ ନିଆଲ, କରୁଣାକର ହୋତା, ପିରିତରାମ ରାଉତ, ତୁକାରାମ ସଗରିଆ, ହରେରାମ କଠାର, ଯୁଧିଷ୍ଠିର ପଟେଲ ପ୍ରମୁଖ ପ୍ରଶାସନର ଅବହେଳାକୁ ନେଇ ବିଷୋଦଗାର କରିଥିଲେ। ପ୍ରଶାସନ କେବଳ ଡ୍ୟାମ ନିର୍ମାଣ କାମକୁ ବେଶି ଗୁରୁତ୍ୱ ଦେଇଥିବାବେଳେ ଲୋକଙ୍କୁ ଥଇଥାନ କରିବାରେ ଅବହେଳା କରିଛନ୍ତି । ବର୍ତ୍ତମାନ ଡ୍ୟାମ ନିର୍ମାଣ କାମ ସରିଯାଇଛି । ପ୍ରଶାସନ ଏଥିରେ ପାଣି ଅଟକାଇବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ସମ୍ପୂର୍ଣ୍ଣ ବୁଡି ଗ୍ରାମଗୁଡିକରେ ପାଣି ଆସି ଘର ଗୁଡିକୁ ବୁଡାଇସାରିଛି । ହେଲେ ଲୋକେ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଧାରିତ ସହାୟତା ରାଶି ପାଇ ନ ଥିବାରୁ ଲୋକେ ଗାଁ ଛାଡି ପାରୁନାହାନ୍ତି କି ଗାଁରେ ରହିପାରୁନାହାନ୍ତି । ତେଣୁ କରି ଲୋକେ ରାସ୍ତାରୁ ହଟିବେ ନାହିଁ ବୋଲି ଅଡିବସିଥିଲେ । ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ ପରେ ଥଇଥାନ ଏବଂ ପୁନର୍ବାସ ଅଧିକାରୀ ଡ.ହିମାନଚଳ ମାଝି ଆନ୍ଦୋଳନସ୍ଥଳରେ ଆସି ପହଞ୍ଚିଥିଲେ । ମଞ୍ଚ ତରଫରୁ ଆନ୍ଦୋଳନକାରୀମାନେ ସେମାନଙ୍କ ଦାବିଗୁଡିକ ଉପସ୍ଥାପନ କରିଥିଲେ । ଏହା ଉପରେ ପ୍ରଶାସନ ତରଫରୁ ବିଚାର କରି କାର୍ଯ୍ୟାନୁଷ୍ଠାନ କରାଯିବ । ଏହାକୁ ନେଇ ଜିଲାପାଳ ଏବଂ ରାଜ୍ୟ ସରକାରଙ୍କ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବେ ବୋଲି ସେ କହିଥିଲେ । ଆଗାମୀ ମାସକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ କରିବେ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ । ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧରୁ ଓହରିଯାଇଥିଲେ । ଏହି ଆନ୍ଦୋଳନରେ ୧୦ଖଣ୍ଡ ସମ୍ପୂର୍ଣ୍ଣ ଏବଂ ୨୦ଖଣ୍ଡ ଆଂଶିକ ଗାଁର ଲୋକମାନେ ରୁଣ୍ଡ ହୋଇଥିଲେ । ପ୍ରଶାସନ ତରଫରୁ ଲୋକଙ୍କ ଦୁଃଖ ପ୍ରତି କୌଣସି ଦୃଷ୍ଟି ଦିଆଯାଉ ନାହିଁ । ଏହା ବିଚାର ନ କଲେ ଆଗାମୀ ଦିନରେ ନିର୍ବାଚନ ବର୍ଜନ କରିବେ ବୋଲି ଚେତାଇ ଦେଇଛନ୍ତି । ଜିଲା ପୋଲିସ ତରଫରୁ ଏସଡିପିଓ ବିଦ୍ୟୁତ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ବ୍ୟାପକ ପୋଲିସ ବ୍ୟବସ୍ଥା କରିଥିଲେ । ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିବାରୁ ଶତାଧିକ ଯାନବାହନ ଅଟକି ରହିଥିଲା ।


ଆନ୍ଦୋଳନରେ ଯୋଗଦେଇଥିବା ବୁଡି ଅଞ୍ଚଳବାସୀ ।

**ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ**
- ମାସେ ସମୟ ଦେଲେ ପ୍ରକଳ୍ପ ଅଧିକାରୀ
- ୩୦ଖଣ୍ଡ ଗାଁର ଲୋକ ଜମା ହୋଇଥିଲେ
- ଦେଢ଼ ଘଣ୍ଟା ଧରି ରାଜ୍ୟ ରାଜପଥ ଅବରୋଧ

ଛୋରିଆଗଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଘଟଣା

# ସରପଞ୍ଚଙ୍କ ଉଦ୍ୟମରେ ଅଳିଆ ଗଦା ସଫା ହେଲା

ଜୁନାଗଡ,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ଗ୍ରାମର ଚାରିଛକ ଦୀର୍ଘଦିନ ଧରି ଡଷ୍ଟବିନ ପାଲଟିଥିଲା। ଗ୍ରାମର ଲୋକେ ଏଠାରେ ନିତ୍ୟ ବ୍ୟବହାର୍ଯ୍ୟ ଅଳିଆ ଆବର୍ଜନା ଆଣି ଫିଙ୍ଗୁଥିଲେ। ଏପରି କି ମଦ୍ୟପ ବ୍ୟକ୍ତିମାନେ ମଦ ପିଇ ଏଠାରେ ପାଉଚ ଜରି ଫିଙ୍ଗୁଥିବା ବେଳେ ଆଉ କିଛି ଲୋକ ଏଠାରେ ପରିସ୍ରା ମଧ କରୁଥିଲେ। ଫଳରେ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ହେବା ଏକ ଅଳିଆଗଦା ପାଲଟିଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ଧରିତ୍ରୀ ରେ ଏକ ରିପୋର୍ଟ ମଧ ପ୍ରକାଶ ପାଇଥିଲା। ଏହା ପରେ ଉକ୍ତ ଦିନ ଛୋରିଆଗଡ ସରପଞ୍ଚ ବବିତା ଗୁରୁଙ୍କ ଉଦ୍ୟମରେ ଜେସବି ଲଗାଯାଇ ଚାରିଛକଠାରେ ହୋଇଥିବା ଅଳି ଆଗଦାକୁ ସଫା କରାଯାଇଥିଲା। ଏହା ସହ ଗ୍ରାମର ଗଣେଶ ରାମ ପାଠାଗାର ପରିସରରେ ଥିବା ଅଳିଆ ଗଦାକୁ ମଧ ସଫା କରାଯାଇଥିଲା।


ଚାରିଛକଠାରେ ଥିବା ଅଳିଆ ଗଦାକୁ ଜେସିବି ଲଗାଯାଇ ସଫା କରାଯାଉଛି।

# ବର୍ଷାରେ ସିଙ୍ଗାରୀ ଘାଟି ରାସ୍ତା ଶୋଚନୀୟ

ଭବାନୀପାଟଣା,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ଓ ଥୁଆମୂଳ ରାମପୁର ଭଳି ବଣ ପାହାଡ ଘେରା ତଥା ଆଦିବାସୀ ଅଧୁଷିତ ଅଞ୍ଚଳର ସିଙ୍ଗାରୀ ଘାଟି ରାସ୍ତା ଅବସ୍ଥା ଦିନକୁ ଦିନ ଦୟନୀୟ ହେବାରେ ଲାଗିଛି । ଏହି ରାସ୍ତା ନିର୍ମାଣ ହେଲେ ବିଶେଷ ଭାବେ ଥୁଆମୁଳ ରାମପୁର ଭଳି ଆଦିବାସୀ ଇଲାକାରେ ଅନେକ ବିକାଶ ହେବା ଆଶା କରାଯାଉଛି । ବର୍ଷା ୪ ମାସ ଏହି ରାସ୍ତା ଦେଇ ଯାତାୟାତ କରିବା ଅତ୍ୟନ୍ତ କଷ୍ଟ ଦାୟକ ଥିଲା । ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା ୨୦୧୮ ଆର୍ଥିକ ବର୍ଷ ପୂର୍ବରୁ ସବୁ ଦିନିଆ ରାସ୍ତା ନ ଥିଲା । ଚଳିତବର୍ଷ ବିଭାଗ ତରଫରୁ ପ୍ରାୟ ଏକ କୋଟି ଟଙ୍କା ବ୍ୟୟ ଅଟକଳରେ ଚଳନୀୟ ରାସ୍ତା ନିର୍ମାଣ କରାଯାଇଥିଲେ ମଧ ବିଭାଗ ତରଫରୁ କାର୍ଯ୍ୟ ସମୟରେ ଆବଶ୍ୟକ ତତ୍ୱାବଧାନ କରାଯାଇ ନ ଥିବାରୁ ରାସ୍ତାର ଅନେକ ସ୍ଥାନେ ଏବେ ଖରାପ ହୋଇପଡ଼ିଛି । ଯାହାକି ଅଳ୍ପ ଦିନ ବ୍ୟବଧାନରେ ସମ୍ପୂର୍ଣ୍ଣ ନଷ୍ଟ ହେଇଯିବାର ଆଶଙ୍କା କରାଯାଉଛି । ଏ ନେଇ କଳାହାଣ୍ଡି ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ବାବୁଙ୍କ ସହିତ ଯୋଗାଯୋଗ କରାଯାଇଥିଲା ଅଳ୍ପ ପରିମାଣର ଅନୁଦାନରେ ଚଳନୀୟ ଭାବେ ରାସ୍ତା ନିର୍ମାଣ କରାଯାଇଛି । ଆଗାମୀ ଦିନରେ ଏହି ରାସ୍ତାରେ ଅଧିକ ଅନୁଦାନ ଯୋଗାଇ ଠିକ ଭାବେ ନିର୍ମାଣ କାର୍ଯ୍ୟ କରାଯିବା ପାଇଁ ବିଭାଗ ତରଫରୁ ପ୍ରୟାଶ କରାଯାଉଛି ବୋଲି କହିଥିଲେ ।


ବର୍ଷାରେ ସିଙ୍ଗାରୀ ଘାଟି ରାସ୍ତା ଶୋଚନୀୟ ହୋଇପଡ଼ିଛି ।

# ଥୁଆମୂଳ ରାମପୁରରେ ଝାଡ଼ାବାନ୍ତି, ୩ ଆକ୍ରାନ୍ତ

ଭବାନୀପାଟଣା,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ପୁଣି ଝାଡାବାନ୍ତି ରୋଗ ବ୍ୟାପିଛି। ଏହି ରୋଗରେ ଏବେ ବ୍ଲକ୍‌ର କାଣିଗୁମା ଗାଁର କୌଶଲ୍ୟା ମାଝି (୩୦), ବାଗଡିଆଣି ପଞ୍ଚାୟତ କୁମାରକାନି ଗାଁର ହରିଶ୍ଚନ୍ଦ୍ର ଛତ୍ରିଆ (୪୦) ଓ ଗୁଣପୁର ପଞ୍ଚାୟତ ବାଲିସରା ଗ୍ରାମର ସୁରେନ୍ଦ୍ର ଚଲାନ (୧୮) ଆକ୍ରାନ୍ତ ହୋଇଛନ୍ତି । ଗୁରୁବାର ସେମାନଙ୍କୁ ଭବାନୀପାଟଣା ସଦର ମୁଖ୍ୟ ପାକ୍ତରଖାନରେ ଭର୍ତ୍ତି କରାଯାଇଛି । ପ୍ରକାଶ ଯେ, ଗତ ୧୪ ତାରିଖରେ ତେନ୍ତୁଲିପଦର ଗ୍ରାମର କାଳିଆ ମାଝି ଓ ସେମେଲପଦର ଗାଁର ବିଜୟ ମାଝିଙ୍କ ଝାଡାବାନ୍ତିରେ ମୃତ୍ୟୁ ହୋଇଥିଲା । ୧୦ରୁ ଅଧିକ ଆକ୍ରାନ୍ତ ହୋଇଥିଲେ । ଏ ନେଇ ଥୁଆମୂଳ ରାମପୁର ମୁଖ୍ୟଚିକିତ୍ସା ଅଧିକାରୀ ଡା.ଅବିନାଶ ତିର୍କୀଙ୍କୁ ପଚାରିବାରୁ ଆମର ଦୁଇଟି ମେଡିକାଲ ଟିମ ବିଭିନ୍ନ ଅଞ୍ଚଳ ଯାଇଛନ୍ତି । ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଆମର ପାଖରେ ଖବର ପହଞ୍ଚି ପାରୁନାହିଁ । ଖବର ମିଳବା ସଙ୍ଗେ ସଙ୍ଗେ ଆମେ ତୁରନ୍ତ ଯାଇ ଚିକିତ୍ସା ବ୍ୟବସ୍ଥା କରୁଛୁ ବୋଲି କହିଥିଲେ।

# ଡେଙ୍ଗୁ ରୋଗ ନେଇ ସଚେତନତା ଶୋଭାଯାତ୍ରା



ଯୁଥ ରେଡକ୍ରସ ପକ୍ଷରୁ ଆୟୋଜିତ ଡେଙ୍ଗୁ ସଚେତନତା ଶୋଭାଯାତ୍ରା ।

କୋକସରା,୨୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଲଡୁଗାଁରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୨୧ରେ ପହଞ୍ଚିଛି । ଏହି ରୋଗ ଲଡୁଗାଁ ଡେଇ ଆଖାପାଖ ଗାଁରେ ପହଞ୍ଚିଥିବାରୁ ଏକ ଅଜଣା ଭୟ ଦେଖାଦେଇଛି । ଭୟରେ ଲୋକମାନେ ଗାଁ ଛାଡି ଅନ୍ୟତ୍ର ଯାଉଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜନସାଧାରନଙ୍କୁ ସଚେତନ କରାଇବା ପାଇଁ ପଦେକ୍ଷପ ଗ୍ରହଣ କରାଯାଉଛି । ଏହି ଅବସରରେ କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଓ ଯୁକ୍ତ ଦୁଇ କଲେଜ ଛାତ୍ରୀଛାତ୍ର ଡେଙ୍ଗୁ ସଚେତନ ପାଇଁ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ଛାତ୍ରୀଛାତ୍ରମାନେ ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ଦେଇଥିଲେ। ସଚେତନତା ଶୋଭାଯାତ୍ରାକୁ ଯୁଥ ରେଡକ୍ରସ ପ୍ରଶିକ୍ଷକ ସୁବ୍ରତ କୁମାର ବେହେରା ପରିଚାଳନା କରିଥିବା ବେଳେ ୨ କଲେଜର କର୍ମଚାରୀ ସହଯୋଗ କରିଥିଲେ।

ଦିନ୍‌ଯାକ ଖାଡା ଉପାସେ ରହେଲେ ଗୋରୁ

# ବୁଲା ଗୋରୁକୁ ଏନଏସିର କଲ୍ୟାଣ ମଡ଼ପ୍‌ରେ ରଖାଗଲା

କେସିଙ୍ଗା,୨୪।୮(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

କେସିଙ୍ଗା ସହରର ମୁଖିଆ ରାସ୍ତାମାନ୍‌କେ ବୁଲା ଗାଈଗୋରୁଙ୍କର ଭିଡ୍‌ଲାଗି ଗାଡିମଟର, ଜନସାଧାରନ୍ ଯିବାର ଆଏବାର ବଡା ବସ୍‌ବିଧା ହେଉଥିଲା । ସହରର ବଲାଙ୍ଗୀର ଛକ୍‌ଠାନୁ ସିନେମା ହଲ୍ ତକ୍ ଜାତୀୟ ରାଜ୍‌ପଥ ୨୬ ଉପ୍‌ରେ ଚରାବୁଲା କର୍‌ବାର ସଂଗେ ଦିନ୍ ରାଏତ୍ ଗାଈଗୋରୁ ଶୁଇ ରହୁଥିଲେ। ଯେନ୍‌ଥିର୍‌ଲାଗି ବସ୍, ଟ୍ରକ୍ ଲେଖେନ୍ ବଡ଼ ଗାଡିମାନ୍ ଗାଈଗୋରୁକୁ ରାସ୍‌ତାରୁ ଉଠେଇ ଯିବାର ଆଏବାର କରୁଥିଲେ। ଇ ବାବ୍‌ଦେ ଶୁକୁରବାର ଧରିତ୍ରୀରେ 'ବୁଲା ଗାଈଗୋରୁଙ୍କର ଗୁହାଲ ସାଜିଛେ ଜାତୀୟ ରାଜ୍‌ପଥ' ଶୀର୍‌ଷକ୍‌ରେ ଖବର ବହାରିଥିଲା। ଖବର ବାହାରଲା ଉତାରୁ ଏନ୍‌ଏସିର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କର ନିର୍‌ଦେଶରେ ଏନ୍‌ଏସିର ୪ ଝନ୍ କରମ୍‌ଚାରୀ ସହରରେ ବୁଲୁଥିବାର ୪୦ଟା ଗାଈ, ବଲଦ୍‌କୁ ଆନି ଏନ୍‌ଏସିର କଲ୍ୟାଣ ମଡପ୍ ପରିସରରେ ରଖିଥିଲେ। ହେଲେ ଇ ଗାଈ ବଲଦ୍‌ମାନ୍‌କର ଲାଗି ସକାଲୁ ବେଲ୍‌ବୁଡା ତକ୍ ଖାଏବାର ପିଇବାର ବେବସ୍‌ତା ନାଇଁ କରାଯାଇଥିବାର ଜନାଯାଇଛେ। ଗାଈ, ବଲଦ୍‌ମାନ୍‌କର ମାଲିକ୍‌ମାନେ ଗାଈରଠାନୁ ଗୁରସ ଦୁହୁଁଛନ୍ ଆର୍ ଖର୍‌ସି ବି ଠୋଲ୍ କରି ବେଭାର କରୁଛନ୍। ହେଲେ ଗାଈଗୋରୁଙ୍କର ସେବାଯତନ୍ ନାଇଁକରି କରି ରାସ୍‌ତାରେ ଢ଼ିଲାମେଲା ଛାଡିଦେଉଛନ୍। ଯେନ୍‌ଥିର୍‌ଲାଗି ରାସ୍‌ତାଘାଟେ ଲୋକ୍ ଦୁର୍‌ଘଟନାର ଶିକାର ହେଉଥିଲା ବେଲେ କେତେବେଲେ କେନ୍‌ତା ଗାଡି ତଲେ ପଡି ଗାଈ ଦାମୁର ବି ମରୁଛନ୍। ଇଥିର୍‌ଲାଗି ବନେ ଦିନାଦୁ ହେଲା ସହରବାସୀକର ଭିତ୍‌ରେ ଗୁଟେ ଅସନ୍‌ତୁଷ୍‌ଟିଆ ଭାବ୍ ଦେଖିବାକେ ମିଲୁଥିଲା।


ବୁଲା ଗାଈଗୋରୁକୁ ଏନଏସିର କଲ୍ୟାଣ ମଡପ୍‌ରେ ରଖାଯାଇଛେ।

ରି ଆଡମିଶନ ଫି' ବୃଦ୍ଧି ସମେତ ବିଭିନ୍ନ ସମସ୍ୟାର ସମାଧାନ ଦାବି

# କଲେଜ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

ଖଡିଆଳ,୨୪।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ସ୍ୱୟଂଶାସିତ କଲେଜରେ ରିଆଡମିଶନ ଫି' ବୃଦ୍ଧି ସମେତ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଶୁକ୍ରବାର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ କଲେଜର ଗେଟ ସମ୍ମୁଖରେ ବିକ୍ଷୋଭ କରାଯାଇଛି ।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁସାରେ ଗତବର୍ଷ ଯୁକ୍ତ ୩ ବିଜ୍ଞାନର ଆଡମିଶନ ପାଇଁ ୩୦୦୦ ଟଙ୍କା ନିଆଯାଇଥିବାବେଳେ ଚଳିତବର୍ଷ ୭୦୦୦ ଟଙ୍କା ନିଆଯାଉଛି । ଏହାସହ ଯୁକ୍ତ ୩ କଳା ଓ ବାଣିଜ୍ୟରେ ରିଆଡମିଶନ ପାଇଁ ଗତବର୍ଷ ୨୫୦୦ ଟଙ୍କା ଫି' ନିଆଯାଇଥିବା ବେଳେ ଚଳିତବର୍ଷ ୫୬୦୦ ଟଙ୍କା ନିଆଯାଉଛି । ସେହିପରି କଲେଜର ଡେଭଲପମେଣ୍ଟ ନାଁରେ ଛାତ୍ରୀଛାତ୍ରଙ୍କଠୁ ନୋ ଡୋନେସନ ଫି' ମଧ୍ୟ ନିଆଯାଉଛି । ଏହା ସତ୍ତ୍ୱେ କଲେଜରେ ବହୁ ସମସ୍ୟା ଲାଗି ରହିଛି । କଲେଜରେ ଏ ପର୍ଯ୍ୟନ୍ତ ସ୍ଥାୟୀ ସାଇକେଲ ଷ୍ଟାଣ୍ଡ ନାହିଁ । ଛାତ୍ରୀଛାତ୍ରଙ୍କ ଅନୁପାତରେ ପରିଶ୍ରାଗାର ଏବଂ ଛାତ୍ରମାନଙ୍କ ପାଇଁ କମନ ରୁମର ବ୍ୟବସ୍ଥା ମଧ୍ୟ ନାହିଁ । ପିଇବା ପାଣିର ମଧ୍ୟ ସୁବିଧା ନ ଥିବାବେଳେ କ୍ଲାସରୁମଗୁଡିକରେ ଲାଗିଥିବା ପଙ୍ଖା ଚାଲୁ ନାହିଁ ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି । ଏହି ସବୁ ସମସ୍ୟାର ସମାଧାନ ସହ ଫି' ବୃଦ୍ଧିର ସମାଧାନ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି । ପରେ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ଏକ ପ୍ରତିନିଧି ଦଳ କଲେଜ ଅଧ୍ୟକ୍ଷ ହରେନ୍ଦ୍ର କୁମାର ପଣ୍ଡାଙ୍କୁ ସାକ୍ଷାତ କରିଥିଲେ । କଲେଜରେ ଲାଗି ରହିଥିବା ସମସ୍ୟାର ସମାଧାନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ରି ଆଡମିଶନ ଫି ବୃଦ୍ଧି ହୋଇନାହିଁ । ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଚିଠି ସଂଖ୍ୟା ୧୫୬୦୯ ତା ୨୬।୫।୨୦୧୮ ନିର୍ଦ୍ଦେଶ ଅନୁଯାୟୀ ରି ଆଡମିଶନ ସମୟରେ ଦୁଇ ଗୋଟି ସେମିଷ୍ଟାର ପରୀକ୍ଷା ଫି' ଏକ କାଳୀନ ନେବା ପାଇଁ ନିର୍ଦ୍ଦେଶ ରହିଛି । ସେହିଅନୁଯାୟୀ କରାଯାଉଛି ତେଣୁ ଏପରି ହେଉଥିବା କଲେଜ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।



ଛାତ୍ରୀଛାତ୍ରମାନେ କଲେଜ ଗେଟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି ।